

ସାରସ୍ୱତ ଉପାସକ କ୍ଷେତ୍ରବାସୀ

ଡକ୍ଟର ଗୋବିନ୍ଦ ଚନ୍ଦ୍ର

ଲୋଡେନା ସୁଖ କିଛି ସରଗ କଳପନା
ଦୁନିଆଁ ରାଜପଥେ ବିପୁଳ ଅରଚନା
ଉଚ୍ଛୁଳା ଅନୁରାଗ ପାଇଁ ଗୋ !
ସତତ ଅଭିଳାଷୀ ମୁହିଁ ଗୋ ।

ଓଡ଼ିଆ ଗବେଷଣା ପରିଷଦ ଗ୍ରନ୍ଥମାଳା–୨୪

ସାରସ୍ୱତ ଉପାସକ
କ୍ଷେତ୍ରବାସୀ

ଓଡ଼ିଆ ଗବେଷଣା ପରିଷଦ
(ପ୍ରତିଷ୍ଠା-୧୯୮୦)

The Institute of Odia-Studies
(Regd. No.-CTC. 290-290/1980-81)
Saraswat Nilay,
Sri Aurobindo Nagar, Madhupatna,
Cuttack- 753010

ସାରସ୍ୱତ ଉପାସକ
କ୍ଷେତ୍ରବାସୀ

ଲେଖକ :
ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ

ଓଡ଼ିଆ ଗବେଷଣା ପରିଷଦ
ସାରସ୍ୱତ ନିଳୟ, ଶ୍ରୀଅରବିନ୍ଦ ନଗର
ମଧୁପାଟଣା, କଟକ- ୭୫୩୦୧୦

ସାରସ୍ୱତ ସାଧକ କ୍ଷେତ୍ରବାସୀ

ଲେଖକ : ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ

ପ୍ରଥମ ପ୍ରକାଶ : ୨୦୧୯

ପ୍ରକାଶକ ଓଡ଼ିଆ ଗବେଷଣା ପରିଷଦ ଦ୍ୱାରା

ମୁଦ୍ରଣ : ଶାରଳା ପ୍ରିଣ୍ଟର୍ସ, ମାନସିଂହପାଟଣା, କଟକ-୮

ମୂଲ୍ୟ : ଟ. ୧୫୦/– (ଏକଶତ ପଚାଶ ଟଙ୍କା ମାତ୍ର)

Saraswata Sadhak Kshetrabasi

Written by **Dr. Gobinda Chandra Chand**

First Edition : 2019

Published by : The Institute of Odia-Studies

Printed at : Sarala Printers, Mansingpatna, Cuttack-8

Price : Rs. 150/-- (Rupees one hundred fifty only)

ଯେଉଁମାନଙ୍କ ନିଷ୍ଠା ଓ ପରିଶ୍ରମ
କ୍ଷେତ୍ରବାସୀଙ୍କ ମାନସ ସନ୍ତାନ
ଓଡ଼ିଆ ଗବେଷଣା ପରିଷଦ ଓ ଏଷଣାର
ସ୍ୱାତନ୍ତ୍ର୍ୟ ପ୍ରତିପାଦନ କରିଚାଲିଛି,
ସେହି ସାରସ୍ୱତ ସାଧକମାନଙ୍କୁ....

ସୂଚନା

ମାନବ ସଭ୍ୟତାର ଇତିହାସରେ ଉତ୍କୃଷ୍ଟ ଗ୍ରନ୍ଥର ଗୁରୁତ୍ୱ ସର୍ବଦା ସ୍ୱୀକୃତ ହୋଇଆସିଛି। କେହି କେହି ଏହାକୁ 'ମଣିଷର ଜୀବନବେଦ' କହିଥିଲା ବେଳେ ଆଉ କେହି କେହି କହିଛନ୍ତି- 'ଶୋଷିତ ସମାଜର ଅମୋଘ ଅସ୍ତ୍ର'। କିନ୍ତୁ ଉତ୍କୃଷ୍ଟ ଗ୍ରନ୍ଥର ରଚନା ଓ ପ୍ରକାଶ ପ୍ରାୟ ସର୍ବତ୍ର ସମୀବଦ୍ଧ। ସେଥିପାଇଁ ବିଭିନ୍ନ ସାଂସ୍କୃତିକ ସଂସ୍ଥା ଓ ସାରସ୍ୱତ ପ୍ରତିଷ୍ଠାନ ବହୁବିଧ କାର୍ଯ୍ୟକ୍ରମ ମଧ୍ୟରେ ଉତ୍କୃଷ୍ଟ ଗ୍ରନ୍ଥ ରଚନା ପାଇଁ ଲେଖକମାନଙ୍କୁ ଉତ୍ସାହିତ କରିବା ଏବଂ ସେହିଭଳି ଗ୍ରନ୍ଥର ପ୍ରକାଶନ ଦାୟିତ୍ୱ ଗ୍ରହଣ କରିଥାଆନ୍ତି। ଓଡ଼ିଆ ଗବେଷଣା ପରିଷଦ ମଧ୍ୟ ନିଜର ବିଭିନ୍ନ ଉଦ୍ଦେଶ୍ୟ ମଧ୍ୟରେ ''ପ୍ରକାଶଯୋଗ୍ୟ ନୂତନ/ପୁରାତନ ଓଡ଼ିଆ ଗ୍ରନ୍ଥର ସଂଗ୍ରହ ଓ ମୁଦ୍ରଣ'' ଉଦ୍ଦେଶ୍ୟ ସ୍ଥିର କରିଛି।

ପରିଷଦର ଚତୁର୍ବିଂଶତିତମ ପ୍ରକାଶନ ରୂପେ ଏହି 'ସାରସ୍ୱତ ଉପାସକ କ୍ଷେତ୍ରବାସୀ' ମନୋଗ୍ରାଫ୍‌ଟି ଆମେ ଏବେ ସୁଧୀ ସଜ୍ଜନମଣ୍ଡଳୀ ହସ୍ତରରେ ଅର୍ପଣ କରୁଛୁଁ। ପରିଷଦର ପ୍ରତିଷ୍ଠାତା ସଂପାଦକ ଡକ୍ଟର କ୍ଷେତ୍ରବାସୀ ନାୟକଙ୍କ କୃତି ଓ କୃତିତ୍ୱ ସଂପର୍କରେ ସୁଲେଖକ ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଶ୍ରମସ୍ୱୀକାର ପୂର୍ବକ ବିଜ୍ଞତାପୂର୍ଣ୍ଣ ବିଶ୍ଳେଷଣ କରିଛନ୍ତି। ସେଥିପାଇଁ ତାଙ୍କୁ ପରିଷଦ ତରଫରୁ ଆମେ ଆନ୍ତରିକ ସାଧୁବାଦ ଜ୍ଞାପନ କରୁଛୁଁ।

ଏହି ଅବସରରେ ପରିଷଦର ସଦସ୍ୟସଦସ୍ୟା ଓ ଓଡ଼ିଆ ସାହିତ୍ୟ-ସଂସ୍କୃତିପ୍ରେମୀ ସହୃଦୟମାନଙ୍କୁ ପ୍ରତିଶ୍ରୁତି ଦେଉଛୁଁ, ଏହିଭଳି ବିଭିନ୍ନ ସାରସ୍ୱତ ଉପାସକଙ୍କ ମନୋଜ୍ଞ ମନୋଗ୍ରାଫ୍ ପ୍ରଣୟନ ଓ ପ୍ରକାଶନରେ ଆମ ଅନୁଷ୍ଠାନ ବ୍ରତୀ ରହିବ। ସେଥିପାଇଁ ବୌଦ୍ଧିକ ଓ ଆର୍ଥିକ ସହଯୋଗ କମନା କରି ରହୁଛି। ଇତି।

ବିନୀତା

ଲାବଣ୍ୟ ନାୟକ

ସଂପାଦକମଣ୍ଡଳୀ ପକ୍ଷରୁ

କଟକ / ତା ୨୧ । ୦୧ । ୨୦୧୯

ପ୍ରାଗ୍‌ଭାଷ

୧୯୩୯ ଅକ୍ଟୋବର ୪ରୁ ୧୯୮୬ ଜାନୁଆରୀ ୨୫- ଜୀବନ ପାଞ୍ଚୋଟି ଦଶକ ବି ଅତିକ୍ରମ କରି ନ ଥିଲା। ଜୀବନ ଥିଲା ୪୬ବର୍ଷ ଆଉ ଅଳ୍ପ କେତୋଟି ମାସର। ମାତ୍ର ପରିବ୍ୟାପ୍ତ ଭୂମାର ଭିନ୍ନ ଭିନ୍ନ ଭୂମିକାରେ ସିଦ୍ଧି ସ୍ୱୀକୃତ ହୋଇସାରିଥିଲା। ନିଜକୁ ବାରବାର ପ୍ରତିପାଦିତ କରିଚାଲିଥିଲା ସାଧନାମୟ ଜୀବନ। ମାତ୍ର, ଭବିଷ୍ୟତର ଅନେକ ସମ୍ଭାବନାକୁ ଅସ୍ୱୀକାର କରି ମହାପ୍ରସ୍ଥାନ ପଥର ଯାତ୍ରୀ ହୋଇଥିଲେ ସେ- ଓଡ଼ିଆ ସାହିତ୍ୟ ଇତିହାସରେ ସାହିତ୍ୟ ପ୍ରତି ଗଭୀର ଅନୁରାଗର ସ୍ମୃତିଚିହ୍ନ ଆଙ୍କି ଯାଇଥିବା ସାରସ୍ୱତ ସାଧକ ଡକ୍‌ଟର କ୍ଷେତ୍ରବାସୀ ନାୟକ। ମର୍ମଦାହୀ ଅକାଳ ମୃତ୍ୟୁ ପରେ ତାଙ୍କ ଉଦ୍ଦେଶ୍ୟରେ ଦୁଇଟି ଯଥାର୍ଥ ପ୍ରଶ୍ନ ପଚାରିଛନ୍ତି ଡକ୍ଟର କୁଞ୍ଜବିହାରୀ ଦାଶ-

''ନେତ୍ର ପଥୁ ଗଲା ପରେ
କେଉଁ କ୍ଷେତ୍ରେ ବାସ
କରିଅଛ କ୍ଷେତ୍ରବାସୀ ?
କିଶୋରୀ 'ଏଷଣା'
ଯେତେ ଗବେଷଣା
ପଡ଼ଇ କି ମନେ
ବିଳପନ୍ତି ଯେଉଁମାନେ ନିଜ ନିକେତନେ ?''

ତାଙ୍କ ଅବର୍ତ୍ତମାନରେ ଆମେ ଅତିକ୍ରମ କରିଆସିଲୁଣି ତିନି ଦଶନ୍ଧି। ଏବେ ବି ଆମକୁ ଦୋହରାଇବାକୁ ହେବ ତାଙ୍କର ସେହି ଛାପ ଛାଡ଼ିଯାଇଥିବା ସୃଜନ-ଝଙ୍କାର, "ଇତିହାସେ ମିଶେ ସବୁ, / ସମୟ ଓ ମଣିଷ ଆୟୁଷ । ଅତିକ୍ରମି ସମୟର କକ୍ଷ,/ ଜୀବନେ ରଚିବା ଆମେ ନୂଆ ଇତିହାସ।" 'ଗୋଟିଏ ଯୁଗର ଶୁଭେଚ୍ଛା' ଅର୍ଥାତ୍ ୧୨ବର୍ଷର ଶୁଭେଚ୍ଛା (୧୯୭୪-୧୯୮୫) ଭିତରେ ଶେଷତମ ଏ ଶୁଭେଚ୍ଛା ଥିଲା ୧୯୮୫ର ଶୁଭେଚ୍ଛା, ଦେହାବସାନର ମାତ୍ର ଗୋଟିଏ ବର୍ଷ ପୂର୍ବେ। କ୍ରମାଗତ ଭାବେ

ବାରବର୍ଷର ଅବଧି ଭିତରେ ପ୍ରତିବର୍ଷରେ ଶୁଭେଚ୍ଛାଟିଏ ଭେଟି ଦେଉଥିବା କବି କ୍ଷେତ୍ରବାସୀ ଜୀବନ ପାଇଁ ମହାନ୍ ସତ୍ୟଟିକୁ ତ ସ୍ୱୀକାର କରିଛନ୍ତି, ତାହା ସହିତ ଜୀବନକୁ କାଳୋତୀର୍ଣ୍ଣ କରିବାର ଆହ୍ୱାନଟିଏ ମଧ୍ୟ ଦେଇଛନ୍ତି । ମହାନ୍ ସ୍ରଷ୍ଟାଙ୍କ ସୃଷ୍ଟି ସତ୍ୟକୁ ବାରବାର ସ୍ୱୀକାର କରୁଥାଏ ଏବଂ ଉତ୍ତରପିଢ଼ି ପାଇଁ ଆହ୍ୱାନଟିଏ ମଧ୍ୟ ଦେଇଯାଏ- କ୍ଷେତ୍ରବାସୀଙ୍କ ସୃଜନଶିଳ୍ପରେ ଏହି ବିଶେଷତ୍ୱକୁ ପ୍ରତ୍ୟକ୍ଷ କରିବାକୁ ହୋଇଛି । ମୌଳିକ ଚିନ୍ତନର ଗୁମ୍ଫନ ଭିତରେ ଗୁଞ୍ଜରିତ ହେଉଛି ତାଙ୍କର କେତୋଟି ଧାଡ଼ି "ସାଂସ୍କୃତିକ ଚେତନାର ବଳୟରେ ମାତନ୍ତିକତାର ସୂର୍ଯ୍ୟାସ୍ତ, ନବୀନ ଆଦର୍ଶର ଉଷା କଲ୍ୟାଣୀଙ୍କୁ ପୁଣି ଜନ୍ମ ଦେଇଛି । ମୀମାଂସାର ଇତି ନାହିଁ । ଅଛି ପୁଣି ପୁନର୍ଜନ୍ମ... ।"(ସାହିତ୍ୟର ଉଦ୍ଦେଶ୍ୟ)

ସତରେ ମୀମାଂସାର ଇତି ନାହିଁ । ସେଥିପାଇଁ ତ ଫକୀରମୋହନଙ୍କ ସାରିଆକୁ ପୁନର୍ଜନ୍ମ ଦେଇଛନ୍ତି ସ୍ରଷ୍ଟା କ୍ଷେତ୍ରବାସୀ । ତା' ମୁହଁରେ ଶବ୍ଦଟିଏ ଦେବା ପାଇଁ, ସ୍ରଷ୍ଟା ପୁରୁଷଙ୍କୁ ପ୍ରଶ୍ନଟିଏ ପୁଛିବାକୁ- "କିଆଁ ଦେଲ ମୋ ଭାଗ୍ୟରେ ଅଫଳନ୍ତି ବନ୍ଧ୍ୟା ଅପବାଦ ? / କୁଆଁତାରା ନ ଲିଭୁଣୁଁ ଶେଫାଳୀ ତ ଝରିଗଲା / ତା' ସମ ମୋତେ ଦେଲ ଅପମୃତ୍ୟୁ କିଆଁ କହ ଫକୀର ମୋହନ ?" କେବଳ ସାରିଆ ତାଙ୍କ କବିତାର ଚରିତ୍ର ହୋଇନି; 'ଛ'ମାଣ ଆଠଗୁଣ୍ଠ'ର ନେତଗାଈ ବି ହୋଇଯାଏ ତାଙ୍କ 'ଛେଉଣ୍ଡର ଶେଷଗୀତି' କବିତାର ଉପଜୀବ୍ୟ । କ୍ଷେତ୍ରବାସୀଙ୍କ ପ୍ରଥମ କବିତା ଗ୍ରନ୍ଥ 'ଉଚ୍ଚାରଣ'ରେ ବାରବାର ଉଚ୍ଚାରିତ ହୋଇଛି ଜୀବନ-ସ୍ପନ୍ଦନ । କବି ବି ସ୍ୱୀକାର କରନ୍ତି "କେତୋଟି ସ୍ପନ୍ଦନର ପ୍ରମୂର୍ତ୍ତ ଲିପି ଏଇ ମୋର କବିତାଗୁଡ଼ିକ । ଜୀବନ ଏତେ ବ୍ୟାପକ ଯେ, ମଣିଷର ଅନୁଭବ ଏତେ ଶୀଘ୍ର ପରିପକ୍ୱତା ବରଣ କରିବା ହୁଏତ କଷ୍ଟକର । ତଥାପି ହୃଦୟ ଓ ମନର ସଂବେଦନକୁ ଭାବମୂର୍ତ୍ତି ଦେବା ଲାଗି ଯତ୍ନ କରିଛି ।"(ସ୍ମରଣୀୟ ଲିପି- ଉଚ୍ଚାରଣ : ୧୯୬୯)

ସୃଜନ ବୀଣାର ଝଙ୍କାର ହୋଇଛି ଜୀବନର ଉପଲବ୍ଧି । ଶୋଭାମୟୀ ପ୍ରକୃତି ସହ ମନର ଆବେଗ ରହିଛି ଏକ ସରଳରେଖାରେ; ଯେଉଁଠି କବି ଉଲ୍ଲେଖ କରିଛନ୍ତି, "ଜହ୍ନରାତି ବୁଲୁଥିଲା ଶରତର ସରୁଆ ରାସ୍ତାରେ / କଇଁଭରା ପୋଖରୀ ତୁଠରେ ଏବଂ ଯେତେ କେରା କେରା ଘାସ ବଗିଚାରେ । / ହଠାତ୍ ଓହ୍ଲାଇ ଜହ୍ନ ନିରୁତ୍ତପ୍ତ ମନର ମନ୍ଦିରେ / ଖୋଜିଗଲା ମୁଠା ମୁଠା ଜହ୍ନିଫୁଲ ଆବେଗ ସପନ / କଅଁଳ ସେବତୀ କେତେ ମ୍ରିୟମାଣ ଇନ୍ଦ୍ରିୟ ପଠାରେ / ଖୋଜିଲା ଅନେକ କିଛି, ନିଃଶ୍ୱାସର ତରଳ ସ୍ରୋତରେ । (ଜହ୍ନରାତି – ଉଚ୍ଚାରଣ : ୧୯୬୯) ।

ଏ ସମସ୍ତ ଉପକ୍ରମଣିକାର ଉଦ୍ଦେଶ୍ୟ ସାହିତ୍ୟ-ସମାଲୋଚକ ଓ ପ୍ରାବନ୍ଧିକର ପରିଚୟକୁ ନେଇ ଆମ୍ଭମାନଙ୍କ ନିକଟରେ ଅଧିକ ପରିଚିତ ହୋଇଥିବା ଉକ୍ତର ନାୟକ କବିତା ଓ ଗଳ୍ପ କ୍ଷେତ୍ରରେ ଯେଉଁ ପଦଚିହ୍ନ ଛାଡ଼ି ଯାଇଛନ୍ତି, ତାହାକୁ କେବଳ ରେଖାଙ୍କିତ କରିବା ପାଇଁ ନୁହେଁ, ତାଙ୍କର ଆଲୋଚନା ଓ ପ୍ରବନ୍ଧ ବି ଏହାର ପ୍ରଭାବରୁ କିପରି ମୁକ୍ତ ନୁହେଁ; ତାହାର ସୂଚନାଟିଏ ଦେବା।

ସାରସ୍ୱତ ଜୀବନଯାତ୍ରାର ପ୍ରାରମ୍ଭରୁ ସୃଜନଶୀଳତାରେ ନିଜକୁ ଏକାତ୍ମ କରିଥିବା ସ୍ରଷ୍ଟା କ୍ଷେତ୍ରବାସୀ ସୃଜନ ସହ ସଂଗଠନ ଓ ସଂପାଦନାର ଏକ ଚମତ୍କାର ସମନ୍ୱୟ ଆଣିବାରେ ସଫଳ ହୋଇଥିଲେ। ଗୋଟିଏ ଦିଗରେ ନିଜର କର୍ତ୍ତୃତ୍ୱ ଓ ଅପର ପକ୍ଷେ ନିଜର ନେତୃତ୍ୱକୁ ମହିମାମଣ୍ଡିତ କରିଥିବା ଅସାଧାରଣ ବ୍ୟକ୍ତିତ୍ୱ । 'କଳିକା', 'ଛାତ୍ରମଞ୍ଜୁଷା'ଠାରୁ 'ଶତରୂପା' ପତ୍ରିକା ସଂପାଦନା ହେଉ ବା 'ଭଦ୍ରକ ଲେଖକ ସମ୍ମେଳନ'ର ଗଠନ ହେଉ; ସବୁଠି ତାଙ୍କର ପାରିବାର ପଣିଆ ଭିତରେ ସାହିତ୍ୟ ପ୍ରତି ସମର୍ପିତ ଭାବଟିକୁ ପ୍ରତ୍ୟକ୍ଷ କରିବାକୁ ହୋଇଥାଏ। ଯେଉଁ ସାହିତ୍ୟ 'ପୋତପାଳର ସଂଗୀତ' ଆଉ 'ଜହ୍ନରାତିର କାହାଣୀ'। 'ଏକ ସ୍ମୃତିର ବିସ୍ମୃତି ପାଇଁ' ଲୋଡ଼ିବାକୁ ହୋଇଛି 'ଫୁଲର କବର'। ଏ ସବୁ ପଢ଼ିଲା ବେଳେ ମନେ ହୋଇଛି, ଆମେ କ'ଣ କେବେ ସ୍ରଷ୍ଟାଙ୍କୁ ଖୋଜିଛେ ? ଝରିଯାଉଥିବା ଝରଣାର କୁଳୁଗୀତିକୁ ନିବିଷ୍ଟ ଚିତ୍ତରେ ଶୁଣିବାକୁ ପ୍ରୟାସ କରିଛୁ? ଏ ପ୍ରଶ୍ନର ଉତ୍ତର ବୋଧହୁଏ ହେବ 'ନା'। ଏହି 'ନା' ବୋଲି ଗୋଟିଏ ଶବ୍ଦ, ଯେଉଁଥିରେ ସବୁ କିଛି ସ୍ପଷ୍ଟ ହୋଇଯାଉଥିବା ଭାବଟି ରହିଛି; ତାହାକୁ ବି ଆମେ ଗ୍ରହଣ କରିବା ସ୍ଥିତିରେ ନାହୁଁ। ଅବବୋଧର ଦାରିଦ୍ର୍ୟ ସମୟର ନାଗଫାଶ ଭିତରେ ଜଡ଼ସଡ଼ ଆମର ଜୀବନ ନିକଟରୁ ଆମେ ଅଧିକ କ'ଣ ଆଶା କରିବା ଯେ ?

ପୂର୍ବେ ସୂଚିତ ସାରିଆ ଆଉ ନେତର କଥା କହିଥିବା କ୍ଷେତ୍ରବାସୀଙ୍କ କବିତା ସଂକଳନ 'ଉଚ୍ଚାରଣ'ରୁ ଉତ୍ତରିତ ହୋଇଥିବା ସୃଜନଶୀଳ ପ୍ରତିଭାଙ୍କୁ ଚିହ୍ନଟ କରିବା ପାଇଁ ଯତ୍‌ସାମାନ୍ୟ ପ୍ରୟାସ ବି ଆମ୍ଭେମାନେ କରିନାହୁଁ। କବିମନିଷୀଙ୍କ ପ୍ରଥମ କବିତା ସଂକଳନ 'ଉଚ୍ଚାରଣ'ରେ ସ୍ଥାନିତ ହୋଇଛି ୧୯୬୩ରୁ ୧୯୬୯ ପର୍ଯ୍ୟନ୍ତ ଲିଖିତ ୩୦ଟି କବିତା। ସଂକଳନର ପ୍ରଥମ କବିତାରେ ବକ୍ତବ୍ୟ ବେଶ୍ ସ୍ପଷ୍ଟ। ଉତ୍ତର ପୁରୁଷ ପାଇଁ କବିଙ୍କ ଉକ୍ତି-

"ତୁମେ ସବୁ ଆରଣ୍ୟକ
ହେ ମୋହର ଉତ୍ତର ପୁରୁଷ !
ନିଜକୁ ଭୁଲିଛ ନିଜେ

ଭୁଲିଅଛି ତୁମରି ଅରଣ୍ୟ
ଯଦୁଘରେ ପକ୍ଷୀ ଭୁଲେ
ଯେମିତି ତା ପ୍ରାଚୀନ ଜୀବନ।
ଏ ସହର ପାନ୍ଥଶାଳା
ଗୋଟିଏ ରାତିର।
ହେ ଅରଣ୍ୟ ! ଷଠିଘର
ନଗ୍ନ ମାନବର।
ତୁମେ ଆମ ଚେତନ ପୁରୁଷ
ଆରଣ୍ୟକ, ଆଦିମ ରକ୍ତର।
(ଆରଣ୍ୟକ- କ୍ଷେତ୍ରବାସୀ ନାୟକ ସର୍ଜନା ସମ୍ଭାର, ପୃ.୨୫)

ସମୟାନୁସାରୀ ଜୀବନକୁ ବିଶ୍ଳେଷଣ କରିଛନ୍ତି କବି। ଦର୍ଶନର ଭାବବୋଧ ଭିତରେ ଯେଉଁ ସିଦ୍ଧାନ୍ତରେ ପହଞ୍ଚିଛନ୍ତି, ତାହାକୁ ସେ କବିତାରେ ଉତ୍ତାରି ଦେବାକୁ ପ୍ରଯତ୍ନ କରିଛନ୍ତି। ଛିନ୍ନମୂଳ ହୋଯାଉଥିବା ଜୀବନ ପାଇଁ ଉଚ୍ଛନ୍ନ ହୋଇଛି ଅତୀତ ଆଉ ରିକ୍ତ ହୋଇଛି ଚେତନା। ମରୁଡ଼ି ନିଆଁରେ ଜଳିଯାଏ ସପନ କ୍ଷେତ। ପ୍ରିୟଜନଙ୍କ ବିସ୍ମୃତ ବେଳାରେ ହଜିଯାଏ ବିଭକ୍ତ ଏକକ। ଏ ସମସ୍ତ ସଂକଟ ଭିତରେ ମାଟି ତେଜି ମାଟି ଖୋଜିବାର ପ୍ରକ୍ରିୟା ଜାରି ରହିଛି, ମାଟିର ପ୍ରଲେପ ବୋଲି ସ୍ୱର୍ଗରେ ପହଞ୍ଚିବା ନେପଥ୍ୟରେ ମାଟି ଓ ସ୍ୱର୍ଗ ଭିତରେ ରହିଥିବା ବୃହତ୍ ବ୍ୟବଧାନ ତ ରେଖାଙ୍କିତ ହୋଇଛି ଏଥିସହ ଏ ବ୍ୟବଧାନ ଶେଷ କରିବାର ସଂକେତଟିଏ ବି ପ୍ରକାଶ ପାଉଛି। କବିତାରେ ବାସ୍ତବତାର ବାଣୀର ଉଦ୍‌ଘୋଷଣା କରୁଥିବା କବି ଗୋଟିଏ ପକ୍ଷେ ଜୀବନକୁ ତଟିନୀ ତଟର ଶିଳା ସମ କ୍ଷୟିଷ୍ଣୁ ଆଉ ଏ ସହରୀ ମିଥ୍ୟା ବିପଣୀରେ ବଞ୍ଚିବା ବାହାନା ମାତ୍ର ବୋଲି କହନ୍ତି; ଅପରପକ୍ଷେ ଧୂସର ଧରଣୀ ଜୀବନର ଦୀପରେ ଆଶାର ଇନ୍ଧନ ଭରି ଦେବାର ସାମର୍ଥକୁ ସ୍ୱୀକାର କରନ୍ତି। ସେ ‘ବର୍ଷା’ ହେଉ ବା ‘ବର୍ଷା ଶୃଙ୍ଗାର’ ହେଉ; ‘ସ୍ମୃତି’ ହେଉ ବା ‘ଏକ ସ୍ମୃତିର ବିସ୍ମୃତି ପାଇଁ’ ହେଉ- ସବୁଠି ଜୀବନଦୃଷ୍ଟି ଅତି ସମ୍ବେଦନଶୀଳ। ତାଙ୍କ କବିତାରେ ପ୍ରେମର ସବୁଜ ହ୍ରଦରେ ସନ୍ତରଣ କରିବାର ଆଶାଟିକୁ ପ୍ରତ୍ୟକ୍ଷ କରିବା ବେଳେ ଅପହଞ୍ଚ ଦୂରତାକୁ ବାମନ ବି ହାତ ବଢ଼ାଏ, ଅନନ୍ତ ପିପାସା ପାଇଁ। କ୍ଷୟିଷ୍ଣୁ ସ୍ୱର ଭିତରେ ବ୍ୟଥିତ ଜିଜ୍ଞାସାକୁ ବି ସାମ୍ନା କରିବାକୁ ପଡ଼େ। ସେଥିପାଇଁ ସଂକଳନର ପୃଷ୍ଠବନ୍ଧରେ ରାଜକିଶୋର ମିଶ୍ର ଯଥାର୍ଥରେ ଦର୍ଶାଇଛନ୍ତି ‘ଆଧାର, ଆଧେୟ ସ୍ଥିତି ଓ ପ୍ରକାଶ, ଅଗ୍ନି ଓ ଦହନ (Fire and Flame)ର ଅବିଚ୍ଛେଦ୍ୟ ସମନ୍ୱୟ

କବି ଶ୍ରୀ ନାୟକଙ୍କୁ ବିଶେଷ ଭାବେ ପ୍ରଭାବିତ କରିଛି । ତେଣୁ ଏକାନ୍ତ ଭାବରେ ସେ ଆଶାବାଦୀ ବା ନୈରାଶ୍ୟବାଦୀ ନ ହୋଇ, ଯୁଗପତ୍ ଦୁଇଟି ଦିଗନ୍ତ ଭିତରେ ମଧ୍ୟବିନ୍ଦୁର ସଂଯୋଗ ସ୍ଥାପନାରେ ଆଗ୍ରହୀ ହୋଇଉଠିଛନ୍ତି ।"

'ଶୁଭେଚ୍ଛା ଗୋଟିଏ ଯୁଗର'ରେ ମଧ୍ୟ ଜୀବନାନୁଭବ, ଜୀବନସତ୍ୟ ଓ ଜୀବନ ବ୍ୟାପ୍ତି ଓ ଦୀପ୍ତିକୁ ଲକ୍ଷ୍ୟ କରାଯାଏ । କବିଙ୍କ ଭାଷାରେ 'ଜୀବନ ଅପହଞ୍ଚ ବିସ୍ମୃତିର ଛକ' ଆଉ 'ସମୁଦ୍ରର ଶତାବ୍ଦୀ ବକ୍ଷରେ ସମୟ ଗୋଟାଏ ସେତୁ' । ସମୟର ସ୍ପନ୍ଦନକୁ ବାରିଥିବା ଏବଂ ଜୀବନ ଓ ତା'ର ଯନ୍ତ୍ରଣା ସହ ନିବିଡ଼ ଭାବେ ସଂପୃକ୍ତ ହୋଇଥିବା କାବ୍ୟପୁରୁଷ ହିଁ ଅଭୀପ୍ସା ପୂର୍ତ୍ତିର କାକୁତି ଶୁଣିପାରନ୍ତି, ସମୟ ସାଗରରେ ଆଶାର ବୋଇତ ବାହି ନବସୂର୍ଯ୍ୟଙ୍କୁ ଅଭିନନ୍ଦନ କରିବାକୁ ଅପେକ୍ଷା ରଖନ୍ତି । ଏ ପ୍ରତୀକ୍ଷା ଭିତରେ କାମନାଟି ପୋଷଣ କରନ୍ତି 'ସମୟ ଅତୀତ ହେଉ ମଣିଷକୁ ଦେଇ ତା'ର ମୂଲ / ବିଶ୍ୱାସେ ଚଳୁ ଏ ପୃଥ୍ୱୀ, ପ୍ରୀତି ହେଉ ବଞ୍ଚିବାର ସ୍ୱର ।" ଜୀବନ ଓ ସମାଜକୁ ପ୍ରାଣଭରି ପାଉଥିବା ସ୍ରଷ୍ଟା ହିଁ ଏହା ଲେଖିପାରନ୍ତି । ଜୀବନ ଓ ସମାଜ ପାଇଁ ସ୍ୱପ୍ନ ବୁଣୁଥିବା ସ୍ରଷ୍ଟା- "ଆମେ କି ବଞ୍ଚିବା ନାହିଁ, / ସମୟର ନବ ସୂର୍ଯ୍ୟାଲୋକେ ?" ଏହିପରି ପ୍ରଶ୍ନଟିଏ କରନ୍ତି । ଆଉ ନବ ସୂର୍ଯ୍ୟାଲୋକ ପାଇଁ ପ୍ରତୀକ୍ଷା ଶେଷ ହୋଇନଥିଲା ତାଙ୍କ ବ୍ୟକ୍ତିସତ୍ତାର ଅବର୍ତ୍ତମାନ ପର୍ଯ୍ୟନ୍ତ ।

'ବିଫଳତାର ସପକ୍ଷରେ'ରେ ଭେଟୁ ତେଇଶିଟି କବିତାକୁ ଯାହା ତେଇଶିଟି ସଂଧ୍ୟା ଆସରରୁ ଜନ୍ମ ନେଇଥିଲା । କବି କ୍ଷେତ୍ରବାସୀଙ୍କ ଭାଷାରେ "x x x ଏକାନ୍ତ ଭାବରେ ଯାହା କିଛି ନିଜସ୍ୱ, କେବଳ ତା'ରି ଏକ ସ୍ମାରକ ଲିପି ଏ ।" ଅନେକଙ୍କର ନିଜସ୍ୱକୁ ଗ୍ରହଣ କରି କବିତା ମୁଖର ହୋଇଛି । 'ବାସନ୍ତୀ' ବା 'ପ୍ରେମର ନିୟତି'ର ଗୋଟିଏ ଗୋଟିଏ ପରିଚ୍ଛେଦ ସିନା ଜଣେ ଜଣେ ସ୍ରଷ୍ଟା ଲେଖୁଥିଲେ, ମାତ୍ର ଏ କବିତା ସଂକଳନର ପ୍ରତିଟି କବିତାର ସ୍ରଷ୍ଟା ହେଉଛନ୍ତି ଏକାଧିକ । ପଦଟିଏ ଜଣେ ସ୍ରଷ୍ଟାଙ୍କର । ସେ ସ୍ରଷ୍ଟାମାନେ ଥିଲେ ଶ୍ରୀନିବାସ ଉଦ୍‌ଗାତା, କ୍ଷେତ୍ରବାସୀ ନାୟକ, ରାଧାମୋହନ ମିଶ୍ର, ଅକ୍ଷୟ କୁମାର ନନ୍ଦ ଓ ରାଜକିଶୋର ମିଶ୍ର । ୧୯୬୮ ମସିହା ଜାନୁଆରି ୨୯ ତାରିଖରୁ ୯ ନଭେମ୍ବର ୧୯୭୦ ପର୍ଯ୍ୟନ୍ତ ଲେଖାଯାଇଥିବା କବିତାକୁ ଏହି ଏ ସଂକଳନ । ପ୍ରତିଟି କବିତାରେ ରହିଛି କ୍ଷେ.ନା. ଅର୍ଥାତ୍ କ୍ଷେତ୍ରବାସୀ ନାୟକଙ୍କ କବିପଣର ସ୍ମାରକୀ । ଏକାଠି କେତେ ଆଗକୁ ବଢ଼ିବାକୁ ହୁଏ, ତାହା ଜୀବନରେ ବାରବାର ପ୍ରମାଣିତ କରିଆସିଥିବା କ୍ଷେତ୍ରବାସୀଙ୍କ ଜୀବନରେ ଏହା ମଧ୍ୟ ଏକ ନିଦର୍ଶନ । ବୃତ୍ତିର ଦାୟରେ ଯେଉଁଠିକୁ ସେ ଯାଇଛନ୍ତି ସେଠାରେ ନିଜର ପାଦଚିହ୍ନଟି ଛାଡ଼ିଛନ୍ତି । ପ୍ରକାଶନ ସଂସ୍ଥା 'ଆତ୍ମପ୍ରକାଶନୀ' ପରି 'ବିଫଳତାର ସପକ୍ଷରେ' ବହନ କରେ ବଲାଙ୍ଗିରରେ ଅଧ୍ୟାପନା କାଳର ସ୍ମୃତି ।

ଅନନ୍ତ ନିରାଶା ପରେ ସ୍ୱପ୍ନମୟ ସାର୍ଥକ ପ୍ରହରକୁ ପ୍ରତୀକ୍ଷା କରୁଥିବା ଜୀବନ କଥା 'ଦେବକୀର ଅଶ୍ରୁ' ହେଉ, ବା ବଞ୍ଚିବା ମିଥ୍ୟା କଥା, ସତ୍ୟ ସଖି ବାଞ୍ଛନୀୟ ବୋଲି କହୁଥିବା 'ଶାଶ୍ୱତ ଦ୍ରୌପଦୀ'ରେ ଜୀବନ ପ୍ରତି ଅନ୍ତର୍ଦୃଷ୍ଟି ରହିଛି, ରହିଛି କାମନାର ଉଚ୍ଚାରଣ। "ହେ ମୋର ଯୌବନମାନେ ଫେରିଯାଅ ଦେହେ ଘେନି କ୍ଷତର ଗୋଧୂଳି / ତନୁର ଗମ୍ବୁଜେ ବସେ କଳ୍ପନାର ସୁନାର ସରସ। / ସ୍ନାୟୁମାନେ ଖୋଜୁଛନ୍ତି ସୂର୍ଯ୍ୟାସ୍ତର ଦ୍ୱିତୀୟ ପ୍ରହରେ- / ବନ୍ଦୀ ହୋଇ ହଜିବାକୁ ତାଙ୍କଠାରୁ ବଳବାନ ସାଥୀଙ୍କ ମେଳରେ।(ବିବର)

ସେହି ବଲାଙ୍ଗିର ହିଁ ଦେଖିଥିଲା 'ପୋଷ୍ଟର କବିତା' ଲେଖିବାର ପରମ୍ପରାକୁ। ଅଳ୍ପ କେତୋଟି ଧାଡ଼ିକୁ ନେଇ ଲେଖାଯାଉଥିବା କବିତାର ଭାବସାନ୍ଦ୍ରତା ମୁଗ୍ଧ କରେ। 'ଶୋଷ' ପୋଷ୍ଟର କବିତାରେ କବି ଲେଖନ୍ତି, ସହର :/ ଗୋଟିଏ ଦୀପ / ଚାରିପାଖେ ପତଙ୍ଗର ଭିଡ଼' ଆଉ କବିଦୃଷ୍ଟିରେ ବି " ସମୁଦ୍ର : / ପୁଂଜା ପୁଂଜା ସ୍ନେହର କଣିକା / ନୀଳ ଢେଉ, ନୀଳ କଇଁଫୁଲ।" କେତେ ଗଭୀର ମନନ ନୁହେଁ ସତେ !

ତାଙ୍କ କବିତାମନସ୍କ ଜୀବନର ଛାପ ତାଙ୍କ ଗଳ୍ପ ସଂକଳନରେ ଯେପରି ପ୍ରତିବିମ୍ବିତ, ତାହା ମଧ୍ୟ ତାଙ୍କ ସାହିତ୍ୟ ଆଲୋଚନାକୁ ସେପରି ରସଘନ କରି ଗଢ଼ିତୋଳିଛି। "ଆବିଷ୍କାର ! ଲୁପ୍ତ ତା'ର ଅସ୍ତିତ୍ୱ। ଶୁଭ୍ରତା ହଜିଯାଇଛି ଅପରର ବାହୁଛାୟା ତଳେ। ତା' ଜ୍ୟୋତିର ପ୍ରତିଫଳନ ସମ୍ଭବିଛି ଅନ୍ୟ କାହାଠାରେ।" ତାଙ୍କ ଗଳ୍ପ 'କ୍ଷଣପ୍ରଭା'ର କେତୋଟି ଧାଡ଼ି କ'ଣ କବିତାର ତଲ୍ଲୀନତା ଆଣୁନି ? ଠିକ୍ ଯେପରି 'ଫୁଲର କବର'ର କେତୋଟି ଧାଡ଼ି "ଆକାଶରେ ବି ବନ୍ୟା ଆସେ- ଅନ୍ଧକାରର ବନ୍ୟା। ସେ ଅଥଳ ସମତଳ କିଛି ମାନେ ନା। ପାହାଡ଼ ଛୁଏଁ, ଗଛ ଚଢ଼େ, ନଈ ପହଁରେ। ବାଲିକଣା ଉପରେ ବି ବହଳ ଅନ୍ଧାର ଶେଜ ପାରି ଶୋଇଯାଏ।" ଏପରି ସରସତା ତାଙ୍କ ପ୍ରବନ୍ଧ ଓ ସାହିତ୍ୟ ଆଲୋଚନାରେ ମଧ୍ୟ ଉପଲବ୍ଧ। "ଲେଖକ, ବୁଢ଼ୀଆଣି ପରି ଆପଣା ଭିତରୁ ସ୍ୱର୍ଗ ଓ ମର୍ତ୍ତ୍ୟର ମୌଳିକ ଉପାଦାନ ବାହାର କରିଥାଏ। ଅପଣାକୁ ଛାଡ଼ି ଭିନ୍ନ ମାଟିରେ କିମ୍ବା ଚରାଭୂଇଁରେ ଠିଆ ହେବାର ଉଦ୍ୟମ କଲେ ସେହି ଉଦ୍ୟମର ଫଳ ସମସ୍ତଙ୍କ ଲାଗି ଭୋଗ୍ୟ ହୁଏନା।"(ଲେଖକର ସ୍ୱର୍ଗ ଓ ମର୍ତ୍ତ୍ୟ) ସର୍ବତ୍ର ସର୍ଜନଶୀଳତାର ସ୍ଫୁଲିଙ୍ଗ। ସମାଲୋଚକ ଅସିତ କବିଙ୍କ ଭାଷାରେ "ନୂଆକିଛି କହିବା ଓ ନୂତନ ରୀତିରେ କହିବା ପାଇଁ ତାଙ୍କର ସଦୁଦ୍ୟମ ନିଶ୍ଚିତଭାବେ ସ୍ମରଣୀୟ।" ତାଙ୍କର ଆଲୋଚନା ମୌଳିକ ସୃଷ୍ଟି ସମ ସୌନ୍ଦର୍ଯ୍ୟରେ ଆକର୍ଷଣୀୟ। ମନେହୁଏ ତାଙ୍କର କବିତ୍ୱ ସବୁ କ୍ଷେତ୍ରରେ ମର୍ଯ୍ୟାଦା ଲାଭ କରିଛି।

ପ୍ରବନ୍ଧ, ସାହିତ୍ୟ-ଆଲୋଚନା, ଜୀବନୀସାହିତ୍ୟ ଓ ଗ୍ରନ୍ଥ ସମ୍ପାଦନା କ୍ଷେତ୍ରରେ ଡକ୍ଟର କ୍ଷେତ୍ରବାସୀ ନାୟକଙ୍କ ନିଷ୍ଠା ତାଙ୍କୁ ଏ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ତାଙ୍କର ପ୍ରତିଟି ପ୍ରବନ୍ଧରେ ଆବିଷ୍କାର କରିହୁଏ ଜଣେ ସର୍ଜନଶୀଳ ଓ ମନନଶୀଳ ସ୍ରଷ୍ଟାଙ୍କୁ। ଏ ସମସ୍ତ ସାରସ୍ୱତ କୃତିରୁ ଯେ କେହି ତାଙ୍କର ବହୁପାଠୀ ବ୍ୟକ୍ତିତ୍ୱର ପରିଚୟ ପାଇପାରିବେ। ତାଙ୍କ ପ୍ରବନ୍ଧରେ କବିତ୍ୱର ଝଲକ ଓ ଏକ ନିଆରା ଅବେଦନ ରହିଛି। ''ଅଭିବ୍ୟକ୍ତିର ଅନ୍ୟ ନାମ ପ୍ରକାଶ ଓ ପ୍ରକାଶ ହିଁ ସୃଷ୍ଟି। ପ୍ରକାଶ ପିପାସା ପ୍ରକୃତି ଓ ବିଶ୍ୱଜୀବନରେ ଅନ୍ତରଙ୍ଗ। ମଣିଷ ମୁକ୍ତ ନୁହେଁ ପ୍ରକାଶ ଉତ୍କଣ୍ଠାର ଉଦୟନରୁ। ସେହି ଜିଜ୍ଞାସା ଓ ଅନ୍ତର୍ଦ୍ଦ୍ୱେଳରୁ ସାହିତ୍ୟ, ଚିତ୍ର ଓ କଳାର ସୃଷ୍ଟି। କାରଣ ପ୍ରକାଶ ସାହିତ୍ୟର ପ୍ରଥମ ସତ୍ୟ। ମାନବ ପ୍ରକାଶ ସାହିତ୍ୟର ଚରମ ଓ ପରମ ସତ୍ୟ।''(ସାହିତ୍ୟର ସାମାନ୍ୟ କଥନ)

'ସାହିତ୍ୟର ସାମାନ୍ୟ କଥନ'(୧୯୭୦)ରୁ 'କବିତାର କଥା'(୧୯୮୪) ପର୍ଯ୍ୟନ୍ତ ପ୍ରତିଟି ପ୍ରବନ୍ଧରେ ରହିଛି ତାଙ୍କର ସର୍ଜନଶୀଳ ଦୃଷ୍ଟିକୋଣ। ତାଙ୍କ ଗବେଷଣା ନିବନ୍ଧ 'ଆଧୁନିକ ଓଡ଼ିଆ କାବ୍ୟସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ'(୧୯୭୭) ତାଙ୍କ ଗଭୀର ଅଧ୍ୟୟନ ଓ ବିଶ୍ଳେଷଣର ପରିପ୍ରକାଶ। 'ରାଧାନାଥ ଗ୍ରନ୍ଥାବଳୀ'(୧୯୭୫), 'ଜଗନ୍ନାଥ ପଦ୍ୟାବଳୀ'(୧୯୭୭-୮୦), 'ନାରୀକବି ଅନ୍ନପୂର୍ଣ୍ଣା ରଚନାଶ୍ରୀ'(୧୯୭୮) ଓ ଶଶିଭୂଷଣ ରଚନାବଳୀ(୧୯୯୭) ପରି ଗ୍ରନ୍ଥ ସଂପାଦନା କରି ମହନୀୟ ସାରସ୍ୱତ କର୍ତ୍ତବ୍ୟ ସଂପାଦନ କରିଯାଇଛନ୍ତି। 'କବି ନୀଳକଣ୍ଠ'(୧୯୭୭), କବି ଅର୍ଜୁନ ଦାସ(୧୯୮୩), 'କବି ଚରିତ ରାଧାନାଥ'(୧୯୭୫) ଜୀବନୀ ପୁସ୍ତକ ବେଶ୍ ଭାବଧର୍ମୀ ଓ ତଥ୍ୟନିଷ୍ଠ।

ବିଶ୍ୱ ସାହିତ୍ୟ ଇତିହାସରେ ଜନ୍ କିଟ୍‌ସ ବା ଖ୍ରୀଷ୍ଟଫର ମାର୍ଲୋଓ୍ୱେ ହୁଅନ୍ତୁ ବା ଆମ ସାହିତ୍ୟର ଭଗବତୀ ଚରଣ ପାଣିଗ୍ରାହୀ, ଜୀବନ ଦୀର୍ଘାୟୁ ନଥିଲା। ମାତ୍ର ତାଙ୍କ ସାରସ୍ୱତ କର୍ମରେ ସର୍ବଦା ସ୍ମରଣୀୟ ହୋଇଛି। ଡକ୍ଟର କ୍ଷେତ୍ରବାସୀ ନାୟକଙ୍କ ଜୀବନ କେତେ ବିସ୍ତାରିତ ଥିଲା; ତାହା କଳ୍ପନାତୀତ। ସେହି ମନନଶୀଳ ସ୍ରଷ୍ଟାଙ୍କୁ ପ୍ରଣାମ କରୁଛି। ସେହି କର୍ମମୁଖର ସାରସ୍ୱତ କର୍ମୀଙ୍କୁ ସ୍ମରଣ କରୁଛି। ଯାହାଙ୍କ ସ୍ମୃତିଚିହ୍ନ ବହନ କରି ଆଗକୁ ବଢୁଛି 'ଓଡ଼ିଆ ଗବେଷଣା ପରିଷଦ' ଓ ଏହାର ମୁଖପତ୍ର ଓଡ଼ିଶାର ଅନନ୍ୟ ପ୍ରବନ୍ଧ ଓ ଆଲୋଚନା ପତ୍ରିକା 'ଏଷଣା'।

୨୩ ଜାନୁଆରୀ ୨୦୧୫ର ଶୀତସଂଧ୍ୟା। ଡକ୍ଟର କ୍ଷେତ୍ରବାସୀ ନାୟକଙ୍କ ତ୍ରିଂଶତ୍ତମ ଶ୍ରାଦ୍ଧବାସରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ତାଙ୍କ ଜୀବନ ଓ ସାରସ୍ୱତ ସାଧନା

ସଂପର୍କରେ 'ସୃଜନ-ସାମ୍ରାଜ୍ୟର ଉଦ୍‌ଭାସିତ ଦିଗ୍‌ବଳୟରେ ନାୟକ କ୍ଷେତ୍ରବାସୀ' ଶୀର୍ଷକରେ ପ୍ରବନ୍ଧ ପାଠ ପରେ ତାଙ୍କ ଜୀବନୀ(ମନୋଗ୍ରାଫ୍)ଟିଏ ପ୍ରସ୍ତୁତ କରିବା ପାଇଁ ସମ୍ମାନନୀୟା ଡକ୍ଟର ଲାବଣ୍ୟ ନାୟକ ପ୍ରସ୍ତାବ ଦେଇଥିଲେ। ସଂଧ୍ୟାରେ ଅତିଥିଭାବେ ଉପସ୍ଥିତ ଥିବା ଆପଣାର ମଣିଷ ରବି ଭାଇ (ଶୈଳଜ ରବି)ଙ୍କ ସମେତ ମୋତେ ଭଲ ପାଇଆସିଥିବା ସୁଧୀର ଚନ୍ଦ୍ର ବେହୁରା, ଡକ୍ଟର ହରେକୃଷ୍ଣ ପାତ୍ର, ଡକ୍ଟର ବନମାଳୀ ବାରିକ ପ୍ରମୁଖ ମଧ୍ୟ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟ କରିବା ପାଇଁ ଆଗ୍ରହର ସହ ସ୍ୱୀକୃତି ଦେଇଥିଲି। ଗୌରୀଶଙ୍କର ରାୟ ଓ ପଠାଣି ପଟ୍ଟନାୟକଙ୍କ ମନୋଗ୍ରାଫ୍ ପ୍ରସ୍ତୁତି କରିବା ସହ ଅନେକ ଜୀବନୀ ଲେଖିବାର ଅବକାଶ ମୋତେ ମିଳିଥିବାରୁ ଏ କାର୍ଯ୍ୟ ଯେ ମୋ ପକ୍ଷେ ସମ୍ଭବପର, ସେପରି ଏକ ଆତ୍ମବିଶ୍ୱାସ ସୃଷ୍ଟି ହୋଇଥିଲା।

ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ମନୋଗ୍ରାଫ୍ ଲେଖିବା ବିଳମ୍ବ ହେଉଥିଲା। ଦୂରଭାଷରେ ଲାବଣ୍ୟ ମାଡାମ୍‌ଙ୍କ ତାଗିଦା ମୋତେ ଅଧିକ ବିବ୍ରତ କରୁଥିଲା। ବିଭିନ୍ନ କାର୍ଯ୍ୟ କରୁଥିଲେ ବି ଏ କାର୍ଯ୍ୟ କାହିଁକି ଆଗେଇ ପାରୁନାହିଁ? ଏହି ପ୍ରଶ୍ନର ଉତ୍ତର ଅନେକ ଥର ଖୋଜି ନିରାଶ ହୋଇଛି। ହଁ, ଡକ୍ଟର କ୍ଷେତ୍ରବାସୀ ନାୟକଙ୍କ ସ୍ୱଳ୍ପକାଳର ପରିବ୍ୟାପ୍ତ ଜୀବନ ସମ୍ପର୍କରେ କିଛି ଲେଖିବା ପାଇଁ ଯାହା ଆବଶ୍ୟକ ତାହା ବୋଧହୁଏ ନିଅଣ୍ଟ ହେଉଥିଲା। ଦ୍ୱିତୀୟତଃ କବି ଅର୍ଜ୍ଜୁନ ଦାସ, କବିବର ରାଧାନାଥ ରାୟ, ପଣ୍ଡିତ ନୀଳକଣ୍ଠ ଦାସଙ୍କ ପରି ପ୍ରଖ୍ୟାତ ସାରସ୍ୱତ ପୁରୁଷଙ୍କ ମନୋଗ୍ରାଫ୍ ପ୍ରସ୍ତୁତ କରିଥିବା ଡକ୍ଟର କ୍ଷେତ୍ରବାସୀ ନାୟକ ଏ କ୍ଷେତ୍ରରେ ନିଶ୍ଚିତ ରୂପେ ଅଗ୍ରସୂରୀର ଭୂମିକା ନିର୍ବାହ କରିଛନ୍ତି। ମନୋଗ୍ରାଫ୍‌ରେ ଛତ୍ରେ ଛତ୍ରେ ଜୀବନକୁ ଦେଖିବା ସ୍ୱତନ୍ତ୍ର ଦୃଷ୍ଟିକୋଣ ଓ ସାଧନା ସଂପର୍କରେ ଗଭୀର ନିରୀକ୍ଷଣ ତଥା ପ୍ରଭାବଶାଳୀ ଉପସ୍ଥାପନା ମୋତେ ବିସ୍ମିତ କରିଛି। ଜଣେ ସଫଳ ଜୀବନୀ ସ୍ରଷ୍ଟାଙ୍କ ଜୀବନୀ ଲେଖିବା ପାଇଁ ଅଧିକରୁ ଅଧିକ ସଚେତନ ହେବାକୁ ପଡ଼ିଛି। ଅଧ୍ୟାପକ ପଠାଣି ପଟ୍ଟନାୟକଙ୍କ ମନୋଗ୍ରାଫ୍ ଲେଖିବା ବେଳେ କିଛି କିଛି ସନ୍ଦେହ ତାଙ୍କୁ ପଚାରିବାର ସୁଯୋଗ ପାଇଥିଲି। ମାତ୍ର ଡକ୍ଟର କ୍ଷେତ୍ରବାସୀ ନାୟକ ଅବର୍ତ୍ତମାନରେ ତାଙ୍କର ମନୋଗ୍ରାଫ୍‌ଟି ପ୍ରସ୍ତୁତ କରୁଥିବାରୁ ସେପରି ଅବକାଶ ମଧ୍ୟ ମିଳିନି। ଏ କାର୍ଯ୍ୟରେ ତାଙ୍କର ପୂରା ପରିବାର ଯେପରି ନିଷ୍ଠାର ସହ ସହଯୋଗ କରିଛନ୍ତି, ତାହା ମୋପାଇଁ ଭିନ୍ନ ଅନୁଭୂତି ଆଣିଦେଇଛି। ଅନେକ ବାର ଏ କ୍ଷେତ୍ରରେ ସଂଯୋଗ ସେତୁ ହୋଇଛନ୍ତି ଅଗ୍ରଜ ସୁଧୀରଚନ୍ଦ୍ର ବେହୁରା। ତେବେ ଏହି ପୁସ୍ତକ ପାଇଁ ପାଥେୟ ହୋଇଛି ଡକ୍ଟର ଲାବଣ୍ୟ ନାୟକଙ୍କର ରହିଥିବା ଆବେଗ ଓ ଅନୁରାଗ; ତାଙ୍କର ଐକାନ୍ତିକ ଇଚ୍ଛା। ସେ କିଛିଦିନ ଅସୁସ୍ଥ ହୋଇପଡ଼ିବା ସମ୍ବାଦ ଥିଲା

ମୋ ପାଇଁ ଅଧିକ ଯନ୍ତ୍ରଣାଦାୟକ। ଖୁବ୍ ଶୀଘ୍ର ତାଙ୍କ ଇଚ୍ଛା ପୂରଣ କରିବାକୁ ନିଷ୍ପତ୍ତି ନେଇଥିଲି। ମୋ ଉପରେ ରହିଥିବା ତାଙ୍କର ଅତୁଟ ଆସ୍ଥା ହିଁ ଏକ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଇଛି। ଏହି ଅବସରରେ ସମସ୍ତଙ୍କୁ କୃତଜ୍ଞତା ଜଣାଉଛି। ସେହିମାନଙ୍କୁ ସମ୍ମାନ ଜଣାଉଛି, ଯେଉଁମାନଙ୍କ ସ୍ମୃତିରେ ଡକ୍ଟର କ୍ଷେତ୍ରବାସୀ ନାୟକ ସର୍ବଦା ରହିଆସିଛନ୍ତି।

ଶ୍ରୀଅରବିନ୍ଦ ନଗରର 'ସାରସ୍ୱତ ନିଳୟ' ହୋଇଯାଇଥିଲା ଏହି ଅତନ୍ଦ୍ର ସାଧକଙ୍କ ସାଧନାପୀଠ। ଏହି ବାସଗୃହର ସମ୍ମୁଖ ଭାଗରେ ମାର୍ବଲ ଫଳକରେ ଖୋଦିତ ହୋଇଛି ପଦଟିଏ କବିତା। ସେଥିରେ ଶ୍ରଦ୍ଧାରେ ନୂଆ ଘର ଓ ସୁନ୍ଦର ସଂସାର ରଚିବାର ଆଶାଟିଏ ପୋଷଣ କରିଛନ୍ତି ପତିପତ୍ନୀ- କ୍ଷେତ୍ରବାସୀ ଓ ଲାବଣ୍ୟ ନାୟକ।

''ଆଶାର ବୋଇତ ବାହି
ଅତିକ୍ରମି ସମୟ ସାଗର
ଶ୍ରଦ୍ଧାରେ ରଚିବା ଆମେ
ନୂଆ ଘର ସୁନ୍ଦର ସଂସାର।''

-ଲାବଣ୍ୟ/କ୍ଷେତ୍ରବାସୀ

ସତରେ 'ସାରସ୍ୱତ ନିଳୟ'ର ସେହି ସାରସ୍ୱତ ସାଧକଙ୍କ ପରିବ୍ୟାପ୍ତ ସୃଜନଭୂମି ବାଗ୍‌ଦେବୀ ସରସ୍ୱତୀଙ୍କ ଆରାଧନାରେ ହୋଇଛି ପୂତପବିତ୍ର। ଛାତ୍ରଜୀବନରୁ ସାହିତ୍ୟ ପ୍ରତି ଅନୁରାଗ, ଏ କ୍ଷେତ୍ରରେ କରିଛି କର୍ତ୍ତବ୍ୟମୁଖର। ସାହିତ୍ୟ କ୍ଷେତ୍ରରେ ତାଙ୍କର ବ୍ୟବସ୍ଥିତ ଦୃଷ୍ଟିଭଙ୍ଗୀ ପ୍ରକୃତରେ ଅନନ୍ୟ ଓ ଅନତିକ୍ରମ୍ୟ। ସେଥିପାଇଁ ସେ ପାଲଟି ଯାଇଛନ୍ତି ଅନେକଙ୍କ ପାଇଁ ଦୃଷ୍ଟାନ୍ତ, ବତୀଘର। ସେହି ବତୀଘରର ଆଲୋକଶିଖା ଦୀପ୍ତିରେ ଉଦ୍‌ଭାସିତ ହୋଇଛି ସାରସ୍ୱତ ସାଧନାର ଭାବଭୂମି। 'ସାରସ୍ୱତ ଉପାସକ କ୍ଷେତ୍ରବାସୀ' ଜୀବନୀ ପୁସ୍ତକ ସେହି ପ୍ରଭାବଶାଳୀ ବ୍ୟକ୍ତିତ୍ୱଙ୍କ ସାଧନା ଓ ସିଦ୍ଧିର ପରିଚୟ ହିଁ ବହନ କରୁଛି। ଅବର୍ତ୍ତମାନରେ ବର୍ତ୍ତମାନ ହୋଇ ରହିଥିବା ସେହି ସାରସ୍ୱତ ସାଧକଙ୍କୁ ପ୍ରଣାମ କରୁଛି।

- ଗୋବିନ୍ଦ ଚନ୍ଦ୍ର ଚାନ୍ଦ

ସୂଚିପତ୍ର

ପ୍ରଥମ ଅଧ୍ୟାୟ

ଦ୍ୱିତୀୟ ଅଧ୍ୟାୟ

ତୃତୀୟ ଅଧ୍ୟାୟ

❑❑❑

ପ୍ରଥମ ଅଧ୍ୟାୟ

ଛନ୍ଦାୟିତ ଜୀବନର ଯାତ୍ରାରମ୍ଭ

ତିଥି ଗଜଷଷ୍ଠୀ ବା ଆଶ୍ୱିନ କୃଷ୍ଣ ଷଷ୍ଠୀ। ୪ ଅକ୍ଟୋବର ୧୯୩୯। ଶରତର ଶୁଭ୍ର ପ୍ରଭାତ। ଭଦ୍ରକ ସହରର ବଙ୍କ ସାହିର ଛୋଟ ଚାଳଛପର ଘରଟିରେ ଶୁଭିଛି କୁଆଁରାବ। ସେ କୁଆଁରାବ କେତେ ମନମହକ ସତେ! ମନେ ହେଉଥିଲା ଗୋଟିଏ ଖାଁ ଖାଁ ସଂସାର ପରିପୂର୍ଣ୍ଣ ହେଉଛି। ଆଶାର କିରଣ ବିଛେଇ ହୋଇ ପଡ଼ିଥିଲା ଚାରିଆଡ଼େ। ଅନ୍ଧାରୁଆ କୋଠରିର ଏନ୍ତୁଡ଼ିଶାଳରୁ ସୃଷ୍ଟି ହୋଇଥିବା ଆନନ୍ଦର ଜୁଆର ନିମିଷକେ ଏରୁଣ୍ଡି ଡେଇଁ ବ୍ୟାପୀଯାଇଥିଲା ଚାରିଆଡ଼କୁ। ସମସ୍ତେ କଥା ହେଉଥିଲେ କୃପାସିନ୍ଧୁଙ୍କର ନାତିଟେ ହୋଇଛି। ମାଗୁଣି ଚରଣ ନାୟକଙ୍କର ପୁଅଟେ ହୋଇଛି। ଅଭାବୀ ସଂସାର ଯେପରି ସଂପଦରେ ଭରପୂର ହୋଇଯାଉଥିଲା। ଓଡ଼ିଆ ସାରସ୍ୱତ ଜଗତକୁ ସମୁଜ୍ଜ୍ୱଳ କରିବା ପାଇଁ ହୋଇଥିଲା ଦେବଶିଶୁଙ୍କ ଆବିର୍ଭାବ।

ଆନନ୍ଦର ମାତ୍ର କେତୋଟି ଦିନ ପରେ ଦୁଃଖର ବଡ଼ ଝଡ଼ଟେ ସବୁ କିଛି ଓଲଟ ପାଲଟ କରିଦେଲା ସେହି ନିଷ୍ପାପ ଶିଶୁଟି ସେ ବିଷୟରେ କିଛି ବୁଝିବା ପୂର୍ବରୁ। କଳାବାଦଲଟି ଘୋଟି ଯାଇଥିଲା ଜୀବନାକାଶରେ। ମାତ୍ର ମାସେ ଅଠର ଦିନର ପିଲାଟି ବା କ'ଣ ବୁଝିପାରିବ ? ଝଡ଼ରେ ଲିଭିଗଲା ମା'ଶୁକଦେଈଙ୍କ ଜୀବନଦୀପ। ଭାଗ୍ୟରେ ବିହି ଲେଖିଥିଲା ମା' ଛେଉଣ୍ଡ ହେବାର ଦୁଃଖ ! ମା' ସ୍ନେହଶ୍ରଦ୍ଧା କ'ଣ ଜାଣିବାର ଆଉ ଅବକାଶ ନଥିଲା।

ପିଲାଟି ଥିଲେ ବାପାଙ୍କ ଦ୍ୱିତୀୟ ପକ୍ଷ ପତ୍ନୀଙ୍କ ଏକ ମାତ୍ର ସନ୍ତାନ। ୧୯ବର୍ଷ ବୟସରେ ବାପା ଯାହାଙ୍କୁ ବିବାହ କରିଥିଲେ, ବିବାହର ବର୍ଷେ ନପୂରୁଣୁ ତାଙ୍କର ଅକାଳ ହୋଇଯାଇଥିଲା। ପ୍ରଥମ ପତ୍ନୀଙ୍କ ଦେହାନ୍ତର ବର୍ଷେ ପୂରିଲା ପରେ ଦ୍ୱିତୀୟ ଦାରା ଗ୍ରହଣ କରିଥିଲେ ଏବଂ ଏବେ ପୁଅଟିଏ ଜନ୍ମ ହେବା ପରେ ସେ ବି ହେଲେ ମରଣପଥର ଯାତ୍ରୀ। ପିଲାଟି ପାଇଁ ଆଶ୍ୱାସନାର ସ୍ଥଳ ହୋଇଯାଇଥିଲେ ପିଉସୀ ମା' ପୂର୍ଣ୍ଣିମା ଦେଈ।

ପିଉସୀ ମା'ଙ୍କ ଜୀବନରେ ମଧ୍ୟ ଆସିଥିଲା ଝଡ଼। ୧୨ବର୍ଷ ବୟସରେ ବିବାହ କରିଥିଲେ ସେ ଏବଂ ମାତ୍ର ଗୋଟିଏ ବର୍ଷର ଦାମ୍ପତ୍ୟ ଜୀବନ ଭୋଗ କରି ନିଃସନ୍ତାନ ଥାଇ ତାଙ୍କୁ ବୈଧବ୍ୟର ଦୁଃଖ ଭୋଗିବାକୁ ପଡ଼ିଲା। ବଡ଼ ଭାଉଜଙ୍କ ଦେହାନ୍ତ। ପରେ ପୁଅଟିଏ ଜନ୍ମ କରି ସାନ ଭାଉଜଙ୍କ ଦେହାନ୍ତ ବାପାଙ୍କର ଏହି ଭଉଣୀଙ୍କୁ ଟାଣି ଆଣିଲା ନିଜ ପୈତୃକ ବାସଗୃହକୁ। ନିଜ ଜୀବନର ଦୁଃଖ ଭୁଲିଯିବା ପାଇଁ, ନିଆଶ୍ରୀ ପିଲାକୁ ସାହା ହେବା ପାଇଁ ସେହି ମାତୃହରା ପିଲାଟିର ଲାଳନ ପାଳନର ଦାୟିତ୍ୱ ସେ ଗ୍ରହଣ କରିନେଲେ। ଆଉ ଫେରିଲେନି ଶାଶୂଘର। ପିଲାଟି ପାଇଁ ରକ୍ତର ସଂପର୍କ ଯେଉଁଠି ଆରମ୍ଭ ହେଇଥିଲା, ସେଇଠି ପୁଣି ଯୋଡ଼ି ହୋଇଗଲା। ବିଧିର ବିଚିତ୍ର ବିଧାନ। ଦୁଃଖରେ ଭାଙ୍ଗିପଡୁଥିବା ଜୀବନ ପାଇଁ ଶିଶୁଟିଏ ହୋଇଯାଇଥିଲା ସବୁକିଛି।

ଅଳ୍ପ କେତୋଟି ଦିନରେ ମାଆକୁ ହରାଇଥିବା ପିଲାଟିକୁ ଧର୍ମପରାୟଣ ପିତାମହ କୃପାସିନ୍ଧୁ ଓ ପିତା ମାଗୁଣି ଚରଣ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସମର୍ପି ଦେଇଥିଲେ। ସହଜେ ତ ପିଲାଟି ରୋଗା। ମାତୃ ସ୍ନେହ ଓ ମାତୃ ସ୍ତନ୍ୟପାନରୁ ବଞ୍ଚିତ। ଏହି ପିଲାଟିକୁ ଶଙ୍ଖରେ ପୂରାଇ ଚକ୍ରରେ ଘୋଡ଼ାଇ ରଖିବାକୁ ପ୍ରାର୍ଥନା କରିଥିଲେ ଜଗନ୍ନାଥଙ୍କ ପ୍ରତି ଅଖଣ୍ଡ ଆସ୍ଥା ରଖିଥିବା ପରିବାର। ନାଁ ରଖିଲେ କ୍ଷେତ୍ରବାସୀ। ପରିବାରରେ ଜେଜେବାପା, ବାପା ଓ ପିଉସୀ ମା'ଙ୍କ ସ୍ନେହରେ ଜୀବନ ବିକଶିତ ହେବାରେ ଲାଗିଲା। ଅଙ୍କୁରୋଦ୍‌ଗମ ବୀଜପତ୍ର ମଥାଟେକି ଦୁନିଆକୁ ଚାହିଁବାର ପ୍ରୟାସ କରିଥିଲା। ଦେଖୁଥିଲା ତା' ପ୍ରତି ପୂରା ପରିବାରର କେତେ ନା କେତେ ଶ୍ରଦ୍ଧା ଓ ଭଲ ପାଇବା। ପ୍ରାଣଠାରୁ ଅଧିକ ହୋଇଯାଇଥିଲା ଏହି ପିଲା।

ଦୁର୍ବଳ ସ୍ୱାସ୍ଥ୍ୟ ପାଇଁ ଡାକନାମ ହୋଇଗଲା 'ଶୁକୁଟା'। ଏଇ ଶୁକୁଟା ପିଲାଟି ଅନେକ ସୁନାମ ଅର୍ଜନ କରିବ, ଏହା ତାଙ୍କ ଜାତକରେ ଗ୍ରହମାନଙ୍କ ସ୍ଥିତିକୁ ଗଣନା କରି ଜ୍ୟୋତିଷ ଭବିଷ୍ୟବାଣୀ କରିଥିଲେ। ଦୁଃଖ, ଦାରିଦ୍ର୍ୟ ଭିତରେ ବଞ୍ଚୁଥିବା ଛୋଟ ଜୀବନ ଯେ ଭବିଷ୍ୟତରେ ବଂଶର ନାଁ ରଖିବ; ଏହା ଶୁଣି ପିଲାଟି ପାଇଁ ଆଶଙ୍କାରେ ଦିନ ବିତାଉଥିବା ଜେଜେବାପା ଓ ବାପାଙ୍କ ମନରେ ଅପ୍ରକାଶ୍ୟ ଆନନ୍ଦ ଢେଉ ପିଟୁଥିଲା। ଏହା ମନକୁ ଆଶ୍ୱାସନା ଦେଇଥିଲା।

ବାପା ଥିଲେ ଭଦ୍ରକ କଲେଜର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ। ସେ ବୁଝିଥିଲେ ପାଠର ମହତ୍ତ୍ୱ କେତେ। ପରିବାରର ତିନି ସଦସ୍ୟ ଶିକ୍ଷାର ଏଗୁଣ୍ଠିବନ୍ଧ ମାଡ଼ି ନଥିଲେ ହେଁ ପିଲାଟି କିପରି ପାଠ ପଢ଼ିବ, ସେନେଇ ସଚେତନ ଥିଲେ। ଚାଟଶାଳୀରୁ ଆରମ୍ଭ ହେଲା ପ୍ରାଥମିକ ଶିକ୍ଷା। 'ଠ' ବୁଲାଠାରୁ ଅକ୍ଷର ଶିକ୍ଷା ଭିତରେ ନୂଆ ଏକ ପୃଥିବୀ ସହ

ପରିଚିତ ହେଉଥିଲା ପିଲାଟି। ପରିବାରର ପରିସରରୁ ଶିକ୍ଷାୟତନକୁ ଜୀବନର ପରିଧି ଅଧିକରୁ ଅଧିକ ପରିବ୍ୟାପ୍ତ ହେଉଥିଲା।

ବିକାଶ ପଥର ପ୍ରଥମ ପାହଚ

କ୍ଷେତ୍ରବାସୀ ଉଚ୍ଚ ମାଧ୍ୟମିକ ଶିକ୍ଷା ଲାଭ ଭଦ୍ରକ ହାଇସ୍କୁଲରେ କରିଥିଲେ। ସେ ସମୟରେ ଏହି ଶିକ୍ଷାନୁଷ୍ଠାନର ବି ଏକ ପରିଚୟ ସୃଷ୍ଟି ହୋଇସାରିଥାଏ। ହାଇସ୍କୁଲରେ ଛାତ୍ର ଥିବା ବେଳେ ସେଥିଲେ ଅତ୍ୟନ୍ତ ଶାନ୍ତଶିଷ୍ଟ। ଚାଲିଚଳଣ, ଆଚାରବ୍ୟବହାରରେ ସେ ଅନ୍ୟମାନଙ୍କଠାରୁ ଥିଲେ ନିଆରା। ନିର୍ଭୀକ ଓ ସ୍ପଷ୍ଟବାଦୀ। ସମସ୍ତଙ୍କ ସହ ସଦ୍‌ଭାବ। ଶାନ୍ତ ସୌମ୍ୟ ବ୍ୟକ୍ତିତ୍ୱ ଭିତରେ ସମସ୍ତଙ୍କୁ ଆପଣାର କରିବାର ଭାବ। ଛାତ୍ର ଜୀବନ ହିଁ ତାଙ୍କ ବ୍ୟକ୍ତିତ୍ୱର ବିକାଶ ପଥର ପ୍ରଥମ ପାହାଚ।

ସ୍କୁଲର ଛାତ୍ର ଥିବାବେଳେ ତାଙ୍କର ସାରସ୍ୱତ ଜୀବନର ଉନ୍ମେଷ ଘଟିଥିଲା। ଆର୍ଥିକ ଦୁଃସ୍ଥିତି ତାଙ୍କୁ ପଛକୁ ଟାଣି ପାରି ନଥିଲା। ନିଜର ସୁଖଦୁଃଖ ସବୁକୁ ସେ ଆତ୍ମସ୍ଥ କରିଦେଉଥିଲେ, କାହା ଆଗରେ ପ୍ରକାଶ କରି ଦୟାର ପତ୍ର ହେବାକୁ ଉଚିତ ମଣୁ ନଥିଲେ।

ଛାତ୍ର ଜୀବନରୁ ନେତୃତ୍ୱ ନେବା ଗୁଣ ହିଁ ବିକଶିତ ହୋଇଥିଲା। ସହପାଠୀମାନଙ୍କୁ ଏକାଠି କରି ବଣଭୋଜି କରିବା, ସ୍କୁଲରେ ପ୍ରଥମାଷ୍ଟମୀ ପାଳନ କରିବା ଆଦି ତାଙ୍କ ସାଂଗଠନିକ ଗୁଣର ପରିଚୟ ଦେଉଥିଲା। ଛାତ୍ର ଜୀବନରୁ ସାଂଗଠନିକ ଦିଗ ପ୍ରତି ରହିଥିବା ନିଷ୍ଠାକୁ ସାରା ଜୀବନ ସେ ନିର୍ବାହ କରିଚାଲିଥିଲେ। କ୍ଷେତ୍ରବାସୀଙ୍କ ସ୍କୁଲ ଜୀବନ ସଂପର୍କରେ ତାଙ୍କର ସହପାଠୀ ନବକିଶୋର ମହାନ୍ତି (ପରବର୍ତ୍ତୀ ସମୟର ଅଧ୍ୟାପକ)କହନ୍ତି, ''୫ମ ଶ୍ରେଣୀରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଭଦ୍ରକ ହାଇସ୍କୁଲରେ କଟିଛି। ଏ ସମୟତକ ସରଳ ନିଷ୍କପଟ ଆନନ୍ଦରେ କଟିଛି। ସେ ଓ ମୁଁ ଏପରି କି ଆମ କ୍ଲାସ୍‌ର ସମସ୍ତେ କେହି ମେଧାବୀ (ବ୍ରିଲିଆଣ୍ଟ) ପର୍ଯ୍ୟାୟଭୁକ୍ତ ନଥିଲୁ କିମ୍ବା ଗଧ ନଥିଲୁ। ପ୍ରତିଯୋଗିତା କରିବା କ'ଣ ଜାଣି ନଥିଲୁ। ଯାହା ପଢ଼ିଲେ ବା ଯେପରି ପଢ଼ିଲେ ୫୦/୫୫ ତ ରହିଯାଉଥିଲା, ତେଣୁ ଚିନ୍ତା ନ ଥିଲା। ଉଚ୍ଚାଶା କ'ଣ ଜଣା ନଥିଲା। ବଣଭୋଜି କରିବା, ସାଇକେଲରେ ବୁଲିବା, ସ୍କୁଲରେ ପ୍ରଥମଥର ପାଇଁ ପ୍ରଥମାଷ୍ଟମୀ କରି ଆମ ଶ୍ରେଣୀ ଶିକ୍ଷକ ଗୌରବାବୁଙ୍କୁ ନୂଆ ଲୁଗା ପିନ୍ଧାଇବା ଇତ୍ୟାଦି ଅନେକ ସ୍ମୃତିର ଗୁଞ୍ଜରଣରେ କ୍ଷେତ୍ରବାସୀର ଛାପ ମୋ ମନରେ ରହିଯାଇଛି। ସେ ସବୁଥିରେ ଥାଏ- ସେ ସମସ୍ତଙ୍କର ସାଥି।''

୧୯୫୬ ମସିହାରେ ସେ ହାଇସ୍କୁଲ ଶିକ୍ଷା ସମାପ୍ତ କଲେ। ସେ ଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟର ଶେଷ ବର୍ଷ ମାଟ୍ରିକ ପରୀକ୍ଷାର୍ଥୀ। ଏହା ପରେ ସେକେଣ୍ଡାରୀ ବୋର୍ଡ ଦ୍ୱାରା ମାଟ୍ରିକ ପରୀକ୍ଷା କରାଯାଇଥଲା।

ବିକାଶୋନ୍ମୁଖୀ ଜୀବନର ବିସ୍ତାରିତ ଦିଗ୍‌ବଳୟ

ଭଦ୍ରକ ହାଇସ୍କୁଲରେ ଶିକ୍ଷା ଶେଷ କରି ଭଦ୍ରକ କଲେଜରେ ପଢ଼ିବା କ୍ଷେତ୍ରବାସୀଙ୍କ ପାଇଁ ସ୍ୱାଭାବିକ ଥିଲା। ପିତାଙ୍କ କର୍ମମୟ ଜୀବନ ଏହି ଶିକ୍ଷାନୁଷ୍ଠାନରେ ଅତିବାହିତ ହୋଇଥିବା ହେତୁ ଏହିଠାରେ ସେ ଉଚ୍ଚଶିକ୍ଷା ଲାଭ କଲେ। ଏହି ମହାବିଦ୍ୟାଳୟରେ ଶିକ୍ଷାଗ୍ରହଣ ତାଙ୍କର ଉଭୟ ସାରସ୍ୱତ ସାଧନା ଓ ସାଂଗଠନିକ ପ୍ରତିଭାର ବିକାଶ କରିବା ପାଇଁ ପଥ ପ୍ରଶସ୍ତ କରିଦେଇଥିଲା। ସେତେବେଳେ ଭଦ୍ରକ କଲେଜକୁ ରାଜ୍ୟର ସର୍ବଶ୍ରେଷ୍ଠ କଲେଜ ଭାବେ ଗଢ଼ି ତୋଳିବାକୁ ନିଷ୍ଠାପର ଉଦ୍ୟମ ଆରମ୍ଭ ହୋଇଯାଇଥାଏ। ଡକ୍ଟର ହରେକୃଷ୍ଣ ମହତାବଙ୍କ ପରାମର୍ଶ, ଛକଡ଼ି ମହାନ୍ତିଙ୍କ ଆର୍ଥିକ ସହଯୋଗ, କଲେଜ ପରିଚାଳନା କମିଟିର ସଂପାଦକ ନରେନ୍ଦ୍ର ପ୍ରସାଦ ଦାସଙ୍କ ନିଷ୍ଠାପର କର୍ତ୍ତବ୍ୟ ନିର୍ବାହ ଏ ଦିଗରେ ଥିଲା ଉଲ୍ଲେଖଯୋଗ୍ୟ।

୧୯୫୬ରୁ ୧୯୬୦ ଭଦ୍ରକ କଲେଜରେ ଛାତ୍ର ଜୀବନ। ଆଇ.ଏ ଶ୍ରେଣୀର ଛାତ୍ର ଥିବା ବେଳେ ନିଜ ହାଇସ୍କୁଲକୁ ସେ ଭୁଲିନଥିଲେ। ସାଥିମାନଙ୍କୁ ନେଇ ଗଢ଼ିଥିଲେ ପୁରାତନ ଛାତ୍ର ସଂସଦ। ଏହି ଛାତ୍ର ସଂସଦ ପକ୍ଷରୁ ସ୍କୁଲର ସାଂସ୍କୃତିକ ଉତ୍ସବରେ 'ସାଧବୀ' ନାଟକ ବି ଅଭିନୀତ ହୋଇଥିଲା। ସହପାଠୀ ଭୂପେନ, ନବକିଶୋର, ଶିଶିର, ରାଜେନ୍ଦ୍ର, ଗଗନ ଓ ସେ ଏହି ନାଟକର ଅଭିନେତା ଥିଲେ। ଏଇ ଅଭିନୟ ଏତେ ମର୍ମସ୍ପର୍ଶୀ ହୋଇଥିଲା ଯେ ନାଟ୍ୟପ୍ରେମୀ ଜନତା ଏହାର ଭୂରି ଭୂରି ପ୍ରଶଂସା କରିଥିଲେ। ନାଟକାଭିନୟ ସେମାନଙ୍କୁ ମୁଗ୍ଧ କରିଥିଲା।

ବିକାଶୋନ୍ମୁଖୀ ଜୀବନ। ପରିଚିତ ପୃଥିବୀକୁ ଅଧିକରୁ ଅଧିକ ବୁଝିବାର ପର୍ବ ଆରମ୍ଭ ହୋଇଥିଲା। ପରିବାରର ଆର୍ଥିକ ସ୍ଥିତି ତ ସ୍ୱଚ୍ଛଳ ନଥିଲା। କିନ୍ତୁ ଶିକ୍ଷାଲାଭ ପାଇଁ ଥିଲା ଅଦମ୍ୟ ଇଚ୍ଛା। ପରିବାର ଉପରେ ବୋଝ ନହୋଇ କିପରି ସ୍ୱାବଲମ୍ବୀ ଭାବେ ଆଗକୁ ବଢ଼ି ହେବ ସେଥିପାଇଁ ସର୍ବଦା ଚିନ୍ତା କରୁଥିଲେ କ୍ଷେତ୍ରବାସୀ। କୌଣସି ବିଷୟରେ ବିଚଳିତ ହୋଇପଡ଼ିବା ତାଙ୍କ ବ୍ୟକ୍ତିତ୍ୱର ପରିପନ୍ଥୀ ଥିଲା। ସେ ଥିଲେ ସ୍ଥିତପ୍ରଜ୍ଞ। କଲେଜ ଜୀବନରେ ତାଙ୍କ ସହ ନିବିଡ଼ ଭାବେ ସଂପୃକ୍ତ ଥିବା ରତ୍ନାକର ବାରିକ କହନ୍ତି, ''ଡ. କ୍ଷେତ୍ରବାସୀ ଥରେ ଯେଉଁ ସିଦ୍ଧାନ୍ତ ଗ୍ରହଣ କରୁଥିଲେ, ସେଥିରୁ

ତାଙ୍କୁ ଓହରାଇବା ସମ୍ଭବ ନଥିଲା । ତେବେ ହଠାତ୍ କୌଣସି କଥା କରିବାକୁ ସେ ଆଗେଇ ଯାଉନଥିଲେ, କି ଆମକୁ ଆଗେଇ ଯିବାକୁ ଦେଉ ନଥିଲେ ।

ଔଦ୍ଧତ୍ୟ କେବେ ତାଙ୍କୁ ସ୍ପର୍ଶ କରି ନଥିଲା । ତାଙ୍କର ସହାନୁଭୂତି ଓ ସହନଶୀଳତା ଚିରଦିନ ଆମ ସ୍ମୃତିରେ ସାଇତା ହୋଇ ରହିବ ।''

ଭଦ୍ରକ କଲେଜରେ ହିଁ ଜୀବନ ଗଢ଼ା ହୋଇଥିଲା । ପରିବ୍ୟାପ୍ତ ହୋଇଥିଲା ଦୃଷ୍ଟିକୋଣ । ସାହିତ୍ୟ, ସଂଗଠନ, ସଂପାଦନା ଆଦି କ୍ଷେତ୍ର ପ୍ରତି ଅଧିକରୁ ଅଧିକ ଆକୃଷ୍ଟ ହୋଇଥିଲେ ସେ । ଏହି ଶିକ୍ଷାୟତନର ସହକାର କୁଞ୍ଜ, ସାଳନ୍ଦୀ ତଟର ଆକର୍ଷଣୀୟ ରୂପ ଓ ପ୍ରାକୃତିକ ରମଣୀୟ ଶୋଭାରାଜି କ୍ଷେତ୍ରବାସୀଙ୍କୁ ମୁଗ୍ଧ କରିଥିଲା । ତାଙ୍କ କବିର ହୃଦୟ ମନ୍ଦ୍ରିତ ହୋଇଥିଲା । ଏହିଠାରେ ବନ୍ଧୁମାନଙ୍କ ସହ ଏକତ୍ର ହେବା, ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ଓ ନିଷ୍ପତ୍ତି ଗ୍ରହଣ ଚିନ୍ତାଚେତନାକୁ ବିସ୍ତାରିତ ଏବଂ ଦୃଷ୍ଟିକୋଣକୁ ପରିମାର୍ଜିତ କରୁଥିଲା । ମହାବିଦ୍ୟାଳୟରେ କୌଣସି ସମସ୍ୟା ଉପୁଜିଲେ କ୍ଷେତ୍ରବାସୀ ଅନ୍ୟ ସହପାଠୀମାନଙ୍କ ସହ ମିଶି ନରେନ୍ଦ୍ର ପ୍ରସାଦ ଦାସ, ଛକଡ଼ି ମହାନ୍ତି ଓ ଅଧ୍ୟକ୍ଷଙ୍କୁ ସାକ୍ଷାତ୍ କରି ତାହାର ସମାଧାନ ପାଇଁ ପ୍ରୟାସ କରୁଥିଲେ । ଏହା ଏକ ସାଧାରଣ ବ୍ୟାପାର ନଥିଲା । ସମସ୍ୟାକୁ ଜାଣିବା, ବୁଝିବା ଓ ତା'ର ସମାଧାନ କରିବା ଭିତରେ ବ୍ୟକ୍ତିତ୍ୱ ବିକଶିତ ହେଉଥିଲା ।

କ୍ଷେତ୍ରବାସୀ ଏହିଠାରେ ଛାତ୍ର ଥିବା ବେଳେ ଛାତ୍ର ସଂସଦର ଉପଦେଷ୍ଟା ଥିଲେ ଅଧ୍ୟାପକ କୃଷ୍ଣ ଚରଣ ବେହେରା । ଛାତ୍ର-ଅଧ୍ୟାପକଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ସମ୍ପର୍କ ପରବର୍ତ୍ତୀ କାଳରେ ଆତ୍ମୀୟତାରେ ରୂପାନ୍ତରିତ ହୋଇଥିଲା । ଛାତ୍ର ହୋଇଯାଇଥିଲେ ଘନିଷ୍ଠ ସହଯୋଗୀ, ସହକର୍ମୀ । ସାହିତ୍ୟ କ୍ଷେତ୍ରରେ ବୃହତ୍ତର ପରିସର ସୃଷ୍ଟି କରିବାରେ ଦୁହେଁ ସମର୍ଥ ହୋଇଥିଲେ । କ୍ଷେତ୍ରବାସୀଙ୍କ ସଂପର୍କରେ ଡକ୍ଟର କୃଷ୍ଣଚରଣ ବେହେରା କହନ୍ତି, ''ଶ୍ରୀ କ୍ଷେତ୍ରବାସୀ ନାୟକ (ଜନ୍ମ-୧୯୩୯) ମୋ ପକ୍ଷରେ କେବଳ ଜଣେ ଛାତ୍ର ବା ସହକର୍ମୀ ନଥିଲେ, ଥିଲେ ଏକ ସକ୍ରିୟ ଶକ୍ତି- ଏକ ପ୍ରଚ୍ଛନ୍ନ ପ୍ରେରଣା । ଏହି ପ୍ରବଳପ୍ରାଣ ମଣିଷଟିର ସାନ୍ନିଧ ଓ ସହଯୋଗ ପାଇ ନଥିଲେ, ମୋର ଉତ୍ତର ଜୀବନ ଉତ୍ତୀର୍ଣ୍ଣ ହୋଇ ପାରି ନଥାନ୍ତା ।

ଗତ ବିଂଶ ଶତାବ୍ଦୀର ଷଷ୍ଠ ଦଶକ କଥା । କ୍ଷେତ୍ରବାସୀ, ଯୁଗଳ କିଶୋର ପଟ୍ଟନାୟକ ଓ ଅନ୍ୟ ଜଣେ ଦୁଇଜଣ ସତୀର୍ଥ କେଜାଣି କାହିଁକି ଭଦ୍ରକ କଲେଜରେ ବିଭିନ୍ନ ଅଧ୍ୟାପକ ଥାଉଁ ଥାଉଁ ମୋର ନିକଟତର ହୋଇଥିଲେ । ଷ୍ଟୁଡେଣ୍ଟସ୍ ଇଉନିୟନ୍‌ର ମୁଖପତ୍ର ପ୍ରକାଶନ ତଥା ଭଦ୍ରକରେ କିଛି ସାଂସ୍କୃତିକ କାର୍ଯ୍ୟକ୍ରମ

ପାଇଁ ମୋ ସହିତ ବିଚାର ବିମର୍ଶ କରୁଥିଲେ। ସେହି ଦିନରୁ କ୍ଷେତ୍ରବାସୀଙ୍କ ସହ ମୋର ଘନିଷ୍ଠ ସଂପର୍କ। ସେହି ସଂପର୍କ ଆମର ଆଦାନ-ପ୍ରଦାନ ସୂତ୍ରରେ ବଜାୟ ରହିଥିଲା ତାଙ୍କର ଅକାଳ ମୃତ୍ୟୁ ପର୍ଯ୍ୟନ୍ତ।''

ମହାବିଦ୍ୟାଳୟ ତ ଥିଲା ଅନେକ ଘଟଣାର ସାକ୍ଷୀ। ଏହି ଶିକ୍ଷାୟତନ ପରିସର ତିନୋଟି ଭିନ୍ନ ଭିନ୍ନ ବିଦ୍ୟାଳୟରୁ ଆସିଥିବା ତିନିଛାତ୍ରଙ୍କ ମିଳନ କ୍ଷେତ୍ର ହୋଇଯାଇଥିଲା। ଜୀବନ କିପରି ଯୋଡ଼ି ହୋଇଯାଏ ଏହା ହେଉଛି ତାର ଉଦାହରଣ। ପରସ୍ପରକୁ ଭଲ ପାଇବା ଓ ଅଭିନ୍ନ ଭାବେ କାର୍ଯ୍ୟ କରିବା ସତରେ ଏକ ଉଦାହରଣ। ଭଦ୍ରକ ହାଇସ୍କୁଲର ଛାତ୍ର କ୍ଷେତ୍ରବାସୀ ନାୟକ, ବାଗୁରାଇ ହାଇସ୍କୁଲର ଛାତ୍ର ଯୁଗଳକିଶୋର ପଟ୍ଟନାୟକ(ପରବର୍ତ୍ତୀ ସମୟର ରାଜନେତା ଓ ମନ୍ତ୍ରୀ) ଓ ନାରାୟଣ ଚନ୍ଦ୍ର ହାଇସ୍କୁଲର ଛାତ୍ର ରତ୍ନାକର ବାରିକ୍(ପରବର୍ତ୍ତୀ ସମୟର ପ୍ରଧାନଶିକ୍ଷକ) ମହାବିଦ୍ୟାଳୟରେ ଜଣାଶୁଣା ହୋଇଯାଇଥିଲେ 'ତ୍ରିନାଥ' ଭାବରେ। ତିନିହେଁ ଥିଲେ ପ୍ରଗତିବାଦୀ।

ତ୍ରିନାଥଙ୍କ ମଧ୍ୟରୁ ଅନ୍ୟତମ ଯୁଗଳକିଶୋର ସେ ସମୟର ସ୍ମୃତି ସାଉଁଟି କହନ୍ତି, ''... ପାଠପଢ଼ା ସହିତ ବିଭିନ୍ନ ପ୍ରକାର ସମାଜସେବା, ଲେଖାଲେଖି କାର୍ଯ୍ୟରେ ଆମେ ସମସ୍ତେ ଜଡ଼ିତ ହୋଇ ରହିଥିଲୁ। ପରସ୍ପର ପରସ୍ପର ପ୍ରତି ଆମେ ଏତେଦୂର ଆସକ୍ତ ଥିଲୁ ଯେ ସାମାଜିକ ବାଧାବନ୍ଧନ ଆମ କାହାରିକୁ ଆଦୌ ସ୍ପର୍ଶ କରି ପାରିନଥିଲା। ଫଳରେ ଭଦ୍ରକ ହାଇସ୍କୁଲ ପଛରେ ଥିବା କ୍ଷେତ୍ରବାସୀର ଘର, ପୁରୁଣାବଜାରଠାରେ ଥିବା ରତ୍ନାକରର ଘର ଓ ରାନ୍ଦିଆ ହାଟଠାରେ ଥିବା ମୋର ଆବାସସ୍ଥଳୀ ଓ ଭଦ୍ରକ କଲେଜ ପରିସର ଆମ ତିନିଜଣଙ୍କ କର୍ମସ୍ଥଳୀ ଥିଲା। ଆମେ ତିନିହେଁ କିଏ କେଉଁଠି କେତେବେଳେ ଥାଉ, ସେକଥା ସହଜରେ ଜାଣିବା କଷ୍ଟକର ହେଉଥିଲା।'' ଏହା ହିଁ ଥିଲା ପରସ୍ପର ମଧ୍ୟରେ ନିବିଡ଼ ସମ୍ପର୍କର ପରିଚୟ।

ଛାତ୍ର ରାଜନୀତିରେ କେତୋଟି ବର୍ଷ

ଭଦ୍ରକ କଲେଜରେ ପ୍ରଥମ ବର୍ଷ କଳାର ଛାତ୍ର ଥିବା ବେଳେ ରାଜନୀତି ପ୍ରତି ଆକୃଷ୍ଟ ହୋଇଥିଲେ କ୍ଷେତ୍ରବାସୀ। ପରିବେଶ ଏଥିପାଇଁ ମୂଳଦୂଆଟିଏ ସଜାଡ଼ି ଦେଇଥିଲା। ତାଙ୍କ ପାଇଁ ଏହା କ୍ଷମତାର ପୃଷ୍ଠଭୂମି ନ ଥିଲା, ଥିଲା ଅନେକଙ୍କୁ ଏକାଠି କରିବା ଓ ସେମାନଙ୍କୁ ସାଥିରେ ନେଇ ଆଗକୁ ବଢ଼ିବାର ଆନନ୍ଦ। ଯେଉଁ ପ୍ରୟାସର ପ୍ରାରମ୍ଭ ତାଙ୍କ ସ୍କୁଲ ଜୀବନରୁ ପରିଲକ୍ଷିତ ହୋଇଥିଲା।

ସେ ହୋଇଯାଇଥିଲେ 'ନିଖିଳ ଉତ୍କଳ ଛାତ୍ର ୟୁନିୟନ'ର ସମର୍ଥକ। ସେତେବେଳେ ଏହି ଛାତ୍ର ୟୁନିୟନ ଓ 'ନିଖିଳ ଉତ୍କଳ ଛାତ୍ର ଫେଡେରେସନ'

ଛାତ୍ର ରାଜନୀତି କ୍ଷେତ୍ରରେ ବେଶ୍ ସକ୍ରିୟ ହୋଇଉଠିଥିଲେ। ନିଖିଳ ଉତ୍କଳ ଛାତ୍ର ୟୁନିୟନର ଏକଦା ସଭାପତି ଥିଲେ ସନ୍ତୋଷ କୁମାର ସାହୁ ଓ ସାଧାରଣ ସମ୍ପାଦକ ବିଭୂତି ପଟ୍ଟନାୟକ। ଐତିହାସିକ ସୀମା ଆନ୍ଦୋଳନର ନେତୃତ୍ୱ ନେଇ ଛାତ୍ରମାନେ ଯେପରି ପରାକାଷ୍ଠା ଦେଖାଇଲେ, ତାହା ଛାତ୍ର ସଂଗଠନକୁ ଅଧିକ ଶକ୍ତିଶାଳୀ କରିବାର ଆବଶ୍ୟକତା ପଡ଼ିଥିଲା।

ଭଦ୍ରକ କଲେଜରେ ଛାତ୍ର ୟୁନିୟନ୍‌କୁ କେବଳ ସୁଦୃଢ଼ କରିବାରେ ନୁହେଁ, ଭଦ୍ରକ ସବ୍‌ଡିଭିଜନ ଓ ବାଲେଶ୍ୱର ଜିଲ୍ଲା ତଥା ଓଡ଼ିଶାର ବିଭିନ୍ନ ଶିକ୍ଷାନୁଷ୍ଠାନ ଯାଇ ଛାତ୍ର ସଂଗଠନକୁ ଅଧିକରୁ ଅଧିକ ସକ୍ରିୟ କରିବା ପାଇଁ ଅନ୍ୟ ବନ୍ଧୁମାନଙ୍କ ସହ ଲାଗିପଡ଼ିଥିଲେ କ୍ଷେତ୍ରବାସୀ। ଅନେକଙ୍କ ଦୃଷ୍ଟିରେ ସେ ୟୁନିୟନର ନିରବକର୍ମୀ। ମାତ୍ର ତାଙ୍କ ସାଂଗଠନିକ ଶକ୍ତି ଥିଲା ବେଶ୍ ପ୍ରଭାବଶାଳୀ। ଏହିଠାରୁ ତାଙ୍କ ଜୀବନର ଆଉ ଏକ ମାର୍ଗ ଉନ୍ମୋଚନ ହୋଇଥିଲା। ସଂଗଠନ କ୍ଷେତ୍ରରେ ଏହା ହିଁ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ଯାହାକି ବିଭନ୍ନ କ୍ଷେତ୍ରରେ ସାରା ଜୀବନ ତାଙ୍କ ସହଚର ହୋଇ ରହିଥିଲା। ବନ୍ଧୁମାନଙ୍କ ସହ ସାଇକେଲ, ବସ୍ ଓ ରେଳଗାଡ଼ିରେ ବିଭନ୍ନ ମହାବିଦ୍ୟାଳୟକୁ ଯାଇ ଛାତ୍ର ୟୁନିୟନର ବିକାଶ ଓ ପ୍ରତିଷ୍ଠା ପାଇଁ ସେ ଲାଗିପଡ଼ିଥିଲେ। ପ୍ରତିକୂଳ ପାଗକୁ ମଧ୍ୟ ଖାତର ନ ଥିଲା। ଛାତ୍ର ସଂଗଠନର ଗଠନମୂଳକ ସନ୍ଦେଶକୁ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚାଇବାରେ ତାଙ୍କର ଆଗ୍ରହ ଥିଲା ଉଲ୍ଲେଖଯୋଗ୍ୟ। ଯେଉଁ ସହପାଠୀମାନେ ଏ ଦିଗରେ ତାଙ୍କ ସହ ସକ୍ରିୟ ଭାବେ କାର୍ଯ୍ୟ କରୁଥିଲେ ସେମାନଙ୍କ ମଧ୍ୟରେ ଥିଲେ ଯୁଗଳ କିଶୋର, ରତ୍ନାକର, ଶୈଳେନ୍ଦ୍ର ମହାପାତ୍ର(ପରବର୍ତ୍ତୀ ସମୟର ଇଂରାଜୀ ଅଧ୍ୟାପକ), ନନ୍ଦ କିଶୋର ଅଗ୍ରଓ୍ୱାଲ ପ୍ରମୁଖ। କ୍ଷେତ୍ରବାସୀଙ୍କ ଛାତ୍ର ରାଜନୀତି ସଂପର୍କରେ ସହପାଠୀ ନବକିଶୋର ମହାନ୍ତି କହନ୍ତି, ''କଲେଜର ସମସ୍ତ ସାଂସ୍କୃତିକ ଅନୁଷ୍ଠାନ, ବିତର୍କ ସଭା; ପିକ୍‌ନିକ, ନାଟ୍ୟ ସଂସ୍ଥା ଇତ୍ୟାଦି ୧୯୫୬-୬୦ ପର୍ଯ୍ୟନ୍ତ ଏମାନଙ୍କ ଅବଦାନ। ମୁଁ ଯଦିଓ ଏ ସବୁରେ ଭାଗ ନେଉ ନଥିଲି ତଥାପି ଦୂରରୁ ଥାଇ ତା'ର ଅକ୍ଳାନ୍ତ ପରିଶ୍ରମ, ନିସ୍ୱାର୍ଥପର ସେବା ମନୋଭାବ, ସାହିତ୍ୟିକ ଅନୁରାଗ ଲକ୍ଷ୍ୟ କରିଛି। ଏ ସବୁର ନୂତନ ଆଲେଖ୍ୟ କିପରି ତା'ର ବ୍ୟକ୍ତିତ୍ୱକୁ ପରିପୁଷ୍ଟ କରୁଛି, ତାହା ବି ମୋର ଅଜଣା ନଥିଲା। ଛାତ୍ର ରାଜନୀତିରେ ତାର ଅବଦାନ ମଧ୍ୟ ଅଦ୍ଭୁତ। ଛାତ୍ରମାନଙ୍କୁ ସଂଗଠିତ କରିବାରେ ତା'ର ବ୍ୟକ୍ତିତ୍ୱର ଅବଦାନ ଅନନ୍ୟ। କିନ୍ତୁ କୌଣସି ନିର୍ବାଚନରେ କୌଣସି ପୋଷ୍ଟ ପାଇଁ ଦିନେ ସେ ଲଢ଼ିନି- ହୁଏତ କ୍ଷମତାର ଲାଳସା ତାର ନଥିଲା। ସମସ୍ତଙ୍କୁ ଏକଜୁଟ କରିବ. ସେମାନଙ୍କର ସାଥି ହେବା ଏହାହିଁ ଥିଲା ତାର ଅନ୍ତରର ବାସନା।''

ଆଇ.ଏ. ଶ୍ରେଣୀରେ ପଢ଼ିଲା ବେଳେ ନିଖିଳ ଉତ୍କଳ ଛାତ୍ର ୟୁନିୟନର ବାର୍ଷିକ ସମ୍ମିଳନୀ ଭଦ୍ରକର ନାରାୟଣ ଚନ୍ଦ୍ର ହାଇସ୍କୁଲରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ କ୍ଷେତ୍ରବାସୀଙ୍କ ସହପାଠୀ ଯୁଗଳ କିଶୋର ଉପସଭାପତି ଭାବେ ନିର୍ବାଚିତ ହୋଇଥିଲେ। ମୁଖ୍ୟ ଅତିଥି ବାରିଷ୍ଟର ଗୋବିନ୍ଦ ଦାସ ଏହି ବାର୍ଷିକ ସମ୍ମିଳନୀରେ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ସଂଗଠନର ସଭାପତି ରୂପେ ବିଭୂତି ପଟ୍ଟନାୟକ ନିର୍ବାଚିତ ହୋଇଥିଲେ। ସାଧାରଣ ସଂପାଦକ ଭାବେ ଭଦ୍ରକ କଲେଜ ୟୁନିୟନର ସଭାପତି ସନାତନ ଦେଓ ଓ ଉପସଭାପତି ଭାବେ ଯୁଗଳ କିଶୋର ପଟ୍ଟନାୟକ ନିର୍ବାଚିତ ହୋଇଥିଲେ।

ଆଇ.ଏ. ପରେ ଭଦ୍ରକ ମହାବିଦ୍ୟାଳୟରେ ବି.ଏ. ମଧ୍ୟ ପଢ଼ା ହେଲା। ଛାତ୍ର ରାଜନୀତିରେ ଅଧିକରୁ ଅଧିକ ସକ୍ରିୟ ହୋଇଥିଲେ ସେ। ତେବେ ଛାତ୍ର ସଂଗଠନ ଭିତରେ ବଢୁଥିବା ବିବାଦକୁ ସେ ସହଜରେ ଗ୍ରହଣ କରୁ ନଥିଲେ। ପ୍ରତିକ୍ରିୟାଶୀଳ ଦୃଷ୍ଟିକୋଣର ସେ ସଦା ବିରୋଧ କରୁଥିଲେ। ପରସ୍ପର ମଧ୍ୟରେ ହିଂସ୍ରତାର ସେ ଥିଲେ ଘୋର ବିରୋଧୀ। ସେଥିପାଇଁ ଭଦ୍ରକର ଲୋକନାଥ ମନ୍ଦିରରେ ଛାତ୍ର ୟୁନିୟନ ଓ ଛାତ୍ର ଫେଡେରେସନ୍‌ର ସଂଗଠକମାନଙ୍କୁ ଏକତ୍ର କରି ସେ ରାଜନୀତିରୁ ସୃଷ୍ଟ ଅଶାନ୍ତି ଓ ବିକ୍ଷୋଭ କିପରି ଦୂରେଇ ହେବ; ସେ ସଂପର୍କରେ ଦୁଇ ଦିନ ଧରି ଆଲୋଚନା-ବିତର୍କର ଆୟୋଜନ କରିଥିଲେ। ଆପୋଷ ମିଳାମିଶା ପାଇଁ କ୍ଷେତ୍ରବାସୀ ଯେଉଁ ଭୂମିକା ଗ୍ରହଣ କରିଥିଲେ ସେଥିରେ ଦୁଇ ଛାତ୍ର ସଂଗଠନ ଏକ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ଭିତରେ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ଗ୍ରହଣ କରିଲେ। ଭଦ୍ରକ ମହାବିଦ୍ୟାଳୟର ଇତିହାସରେ ଏହା ଥିଲା ଅଭିନବ ଦୃଷ୍ଟାନ୍ତ। କ୍ଷେତ୍ରବାସୀ ଓ ତାଙ୍କର ସମଧର୍ମା ବନ୍ଧୁମାନଙ୍କ ମହାନ୍ ସଫଳତା।

ସମଭାବାପନ୍ନ ବନ୍ଧୁମାନଙ୍କ ମଧ୍ୟରେ ଅନ୍ତରଙ୍ଗତା ଅତ୍ୟନ୍ତ ନିବିଡ଼ ହୋଇଥିଲା। ବନ୍ଧୁତାର ପରସର ଭିତରକୁ ଆସିଥିଲେ ସନାତନ ଦେଓ, ମନମୋହନ ଦାସ, ଡକ୍ଟର ଭାସ୍କରଚନ୍ଦ୍ର ଦାସ, ଶେଖ ମତଲୁବ୍ ଅଲ୍ଲୀ ଓ ଅନ୍ୟାନ୍ୟ ନେତୃସ୍ଥାନୀୟ ବ୍ୟକ୍ତିମାନେ।

ନେତୃତ୍ୱ ନେବାକୁ ଯେତିକି ସେ ଗୁରୁତ୍ୱ ଦେଉ ନଥିଲେ, ସଂଗଠନ ମାଧ୍ୟମରେ ନିଜର କର୍ମ ପରିସରକୁ ପରିବ୍ୟାପ୍ତ କରୁଥିଲେ। କୌଣସି ସମସ୍ୟାରେ ସେ ବିଚଳିତ ହୋଇ ପଡୁ ନଥିଲେ। ବୁଝିଥିଲେ ସମସ୍ୟାଟିଏ ସୃଷ୍ଟି ହୋଇଛି ଅର୍ଥ ତା'ର ସମାଧାନର ପଥ ମଧ୍ୟ ରହିଛି। ସମସ୍ୟାର ସମାଧାନ କ୍ଷେତ୍ରରେ ତାଙ୍କର ଦକ୍ଷତା ମଧ୍ୟ ପ୍ରତିପାଦିତ। ଜୀବନରେ ଆର୍ଥିକ ସ୍ୱଚ୍ଛଳତା ନଥିଲା, ମାତ୍ର ଥିଲା ଜୀବନ ସଂଗ୍ରାମରେ ଉତ୍ତୀର୍ଣ୍ଣ ହେବା

ପାଇଁ ନିଷ୍ଠାପର କର୍ତ୍ତବ୍ୟ । ସେଥିପାଇଁ ସେ ଯେଉଁ ଯେଉଁ କ୍ଷେତ୍ରରେ ଲୋଡ଼ା ପଡୁଥିଲେ ଏବଂ ସେହି ସେହି କ୍ଷେତ୍ରରେ ନିଜକୁ ସଫଳ ସାବ୍ୟସ୍ତ କରିଥିଲେ । ସଂଗଠନ କ୍ଷେତ୍ରରେ ତାଙ୍କର ଦକ୍ଷତା ଓ ସାହିତ୍ୟ ପ୍ରତି ଅନୁରାଗ କେବଳ ଛାତ୍ର ଜୀବନକୁ ପ୍ରଭାବିତ କରିନଥିଲା; ଜୀବନର ଶେଷ ଯାଏ ଅବ୍ୟାହତ ରହିଥିଲା ।

ବିକାଶ ପର୍ବରେ ସୃଜନ ଓ ସାଧନାର ଧାରା

ଛାତ୍ର ସଂଗଠନରେ ସକ୍ରିୟ ହେବା ତାଙ୍କ ପାଇଁ ବରଦାନ ସଦୃଶ୍ୟ ଥିଲା । ଏହା ଆଉ ଏକ ସୁଯୋଗ ଆଣି ଦେଇଥିଲା । ରାଜନୀତି ପ୍ରତି ସିନା ଆକର୍ଷଣ ଥିଲା, ମାତ୍ର ସାହିତ୍ୟ ପ୍ରତି ରହିଥିଲା ତାଙ୍କର ଅନୁରାଗ । ଛାତ୍ର ରାଜନୀତି ମଧ୍ୟ ଦେଇ ସେ ଯେଉଁ ସୁଯୋଗ ଲାଭ କରିଥିଲେ ତାହାକୁ ସଫଳତା ସହ କେବଳ ସଂପାଦନ କରିନଥିଲେ; ଏହି କର୍ମ ବି ବିଭିନ୍ନ ପର୍ଯ୍ୟାୟ ଦେଇ ଜୀବନବ୍ୟାପୀ ତାଙ୍କୁ ସକ୍ରିୟକରି ରଖିଥିଲା । ତାହା ପତ୍ରିକା ସଂପାଦନା । ଛାତ୍ର ୟୁନିୟନର ମୁଖପତ୍ର 'ରଶ୍ମି'(୧୯୬୦)ର ସଂପାଦନା ଭାର କ୍ଷେତ୍ରବାସୀଙ୍କ ଉପରେ ପଡ଼ିଥିଲା । ଭଦ୍ରକ ଶ୍ରୀପ୍ରେସ୍‌ରୁ ଏହା ପ୍ରକାଶିତ ହେଲା । ଏହାର ସମସ୍ତ ପ୍ରକାର କାର୍ଯ୍ୟ ଗ୍ରହଣ କରିଥିଲେ କ୍ଷେତ୍ରବାସୀ । ସଂପାଦନା କ୍ଷେତ୍ରରେ ତାଙ୍କର ଏହା ଥିଲା ସଫଳ ପ୍ରବେଶ ।

'ରଶ୍ମି' ପତ୍ରିକା ଓ କ୍ଷେତ୍ରବାସୀଙ୍କ ସଂପାଦନା ଦକ୍ଷତା ସଂପର୍କରେ ଡକ୍ଟର ବିଭୂତି ପଟ୍ଟନାୟକ କହନ୍ତି, ''ପୂର୍ବରୁ ଉତ୍କଳ ଛାତ୍ର ୟୁନିୟନର ସାଂସ୍କୃତିକ ମୁଖପତ୍ର, ଉଦୟଚନ୍ଦ୍ର ମହାପାତ୍ର, ଗୌରୀଶଙ୍କର ମହାପାତ୍ର ଓ ପ୍ରସନ୍ନ ଦାସଙ୍କ ଉଦ୍ୟମରେ ବ୍ରହ୍ମପୁରରୁ ପ୍ରକାଶିତ ହେଉଥିଲା । ଏହି 'ରଶ୍ମି' ହିଁ ସାରା ଓଡ଼ିଶାର ଛାତ୍ର ୟୁନିୟନ ସଭ୍ୟ-ସମର୍ଥକମାନଙ୍କ ମଧ୍ୟରେ ସେତୁବନ୍ଧନ କରିଥିଲା । ସ୍ନାତକୋତ୍ତର ଶିକ୍ଷା ପାଇଁ ଉଦୟବାବୁ ପ୍ରମୁଖ ବ୍ରହ୍ମପୁର ଛାଡ଼ି ଚାଲିଆସିଲା ପରେ 'ରଶ୍ମି' ପ୍ରକାଶନ ବନ୍ଦ ହୋଇଗଲା । ମୁଁ ୟୁନିୟନର ସଭାପତି ଦାୟିତ୍ୱ ଗ୍ରହଣ କଲାପରେ 'ରଶ୍ମି' ଭଦ୍ରକରୁ ପ୍ରକାଶ ପାଇବା ସ୍ଥିର ହେଲା । ଯୁଗଳ ଓ କ୍ଷେତ୍ରବାସୀ ତା'ର ପ୍ରକାଶକ ଓ ସଂପାଦନା ଦାୟିତ୍ୱ ଗ୍ରହଣ କଲେ ।

ନିର୍ବାଚନ ରାଜନୀତି ପ୍ରତି ବିମୁଖ, ନିରବକର୍ମୀ କ୍ଷେତ୍ରବାସୀ 'ରଶ୍ମି' ସଂପାଦନାରେ ନିଜର ମୌଳିକ ଚିନ୍ତା, ସାହିତ୍ୟିକ ପ୍ରତିଭା ଏବଂ ସଂଗଠନ ଶକ୍ତିର ପରିଚୟ ଦେଇଥିଲେ । ତାଙ୍କ ସଂପାଦିତ ରଶ୍ମିର ସେହି ସଂଖ୍ୟାଗୁଡ଼ିକ ପରିଚ୍ଛନ୍ନ ଓ ସଂଗ୍ରହଣୀୟ ହୋଇପାରିଥିଲା ।''

ଯୁବମାନସ ପାଇଁ ପ୍ରେରଣାର ଉତ୍ସ ହୋଇଥିଲା 'ରଶ୍ମି' । ଛାତ୍ର ରାଜନୀତିର ଗଠନମୂଳକ ଦିଗ ଉପରେ ଛାତ୍ର ୟୁନିୟନ ଅଧିକ ଗୁରୁତ୍ୱ ଦେଉଥିଲା, ଯାହା ଥିଲା କ୍ଷେତ୍ରବାସୀଙ୍କ ଜୀବନାଦର୍ଶ । ପରେ ଅବଶ୍ୟ ଏହା କଟକରୁ ପ୍ରକାଶିତ

ହୋଇଥିଲା । ଏଥି ସହ ସଂପୃକ୍ତ ହୋଇଥିଲେ ଅକ୍ଷୟ ପଣ୍ଡା, ରମେଶ ଧଳ, ସରୋଜ ରଂଜନ ମହାନ୍ତି ପ୍ରମୁଖ ।

ଏହି ପତ୍ରିକା ସଂପାଦନା ପୂର୍ବରୁ କ୍ଷେତ୍ରବାସୀଙ୍କ ସଂପଦନା କ୍ଷେତ୍ରକୁ ପ୍ରଥମ ପ୍ରବେଶ ଘଟିଥିଲା ଯେତେବେଳେ ସେ ସ୍କୁଲ ଛାତ୍ର ଥିଲେ । ଭଦ୍ରକ ହାଇସ୍କୁଲର ପଢୁଥିବା ବେଳେ ସାହିତ୍ୟ ଶିକ୍ଷକଙ୍କ ପ୍ରେରଣାରେ ସେ ଦୁଇଟି ହାତଲେଖା ପତ୍ରିକା 'କଳିକା' ଓ 'ଛାତ୍ରମଞ୍ଜୁସା'ର ସଂପାଦନା କାର୍ଯ୍ୟ ସେ ସଂପାଦନ କରିଥିଲେ । ଛାତ୍ରଟିର ସାହିତ୍ୟ ପ୍ରତି ଆଗ୍ରହ ନଥିଲେ କେଉଁ ଶିକ୍ଷକ ବା ପତ୍ରିକା ସଂପାଦନାର ଦାୟିତ୍ୱ ଦେଇଥାନ୍ତେ ? ଲେଖା ସଂଗ୍ରହ, ନିର୍ବାଚନ ଓ ଶିକ୍ଷକଙ୍କ ଦ୍ୱାରା ସଂଶୋଧନ କଲା ପରେ ତାହାକୁ ସାଥିମାନଙ୍କ ଦ୍ୱାରା ଉତୁରାଇ ବାଣ୍ଟିବା କାର୍ଯ୍ୟକୁ ବେଶ୍ ଆନନ୍ଦର ସହ ସେ ଗ୍ରହଣ କରିଥିଲେ । ଏହା ଥିଲା ୧୯୫୪ ମସିହାର ଘଟଣା । ପନ୍ଦର ବର୍ଷ ବୟସରୁ ପତ୍ରିକା ସଂପାଦନା ସହ ତାଙ୍କର ସଂପୃକ୍ତି କିଛି କମ୍ କଥା ନଥିଲା !

ସାହିତ୍ୟ ପ୍ରତି ଅନୁରାଗ କ୍ଷେତ୍ରବାସୀଙ୍କୁ ଅନେକ ସାରସ୍ୱତ ସାଧକଙ୍କ ସହ ତାଙ୍କୁ ପରିଚୟ କରାଇ ଦେଇଥିଲା । ବର୍ଷିୟାନ୍ ସାରସ୍ୱତ ସାଧକ ଗୋଦାବରୀଶ ମହାପାତ୍ରଙ୍କଠାରୁ ନିତ୍ୟାନନ୍ଦ ମହାପାତ୍ରଙ୍କ ପର୍ଯ୍ୟନ୍ତ ଅନେକଙ୍କୁ ସାକ୍ଷାତ୍ କରିବା ଓ ସେମାନଙ୍କ ସାଧନାକୁ ପ୍ରତ୍ୟକ୍ଷ କରିବାର ଝୁଙ୍କ୍ ଛାତ୍ର ଜୀବନରୁ ରହିଥିଲା । ସେମାନଙ୍କ ସାନିଧ ତାଙ୍କ ପାଇଁ ସାରସ୍ୱତ କ୍ଷେତ୍ରରେ ପଥ ପ୍ରଦର୍ଶକର ଭୂମିକା ନିର୍ବାହ କରିଥିଲା ।

ଭଦ୍ରକ କଲେଜର ମୁଖପତ୍ର 'ପଲ୍ଲୀଭାରତୀ', ଓଡ଼ିଆ ସାହିତ୍ୟ ସମାଜର ମୁଖପତ୍ର 'ଅର୍ଘ୍ୟ', ଛାତ୍ର ୟୁନିୟନର ମୁଖପତ୍ର 'ରଶ୍ମି'ରେ ତାଙ୍କର ଲେଖା ପ୍ରକାଶ ପାଇ ତାଙ୍କୁ ଓଡ଼ିଆ ସାହିତ୍ୟ ପ୍ରତି ଅଧିକରୁ ଅଧିକ ମୋହାବିଷ୍ଟ କରୁଥିଲା । ସେହି ଛାତ୍ରାବସ୍ଥାରେ 'ରବିବାର ପ୍ରଜାତନ୍ତ୍ର' ସାହିତ୍ୟ ପୃଷ୍ଠା ଓ 'କଳିଙ୍ଗ' ସମ୍ବାଦପତ୍ରର ସାହିତ୍ୟ ବିଭାଗରେ ଲେଖାମାନ ପ୍ରକାଶ ପାଉଥିଲା ।

ରେଭେନ୍ସା : ସାହିତ୍ୟ ଓ ଜୀବନରେ ରେନେସାଁ

୧୯୬୦ମସିହାରେ ଭଦ୍ରକ କଲେଜରେ ଶିକ୍ଷା ଶେଷ ହେଲା । ସ୍ନାତକୋତ୍ତର ଶିକ୍ଷା ପାଇଁ କଟକ ଆସିଲେ କ୍ଷେତ୍ରବାସୀ । କ୍ଷେତ୍ରବାସୀଙ୍କ ପ୍ରତିଭା ଓ ଜୀବନ ବିକାଶର କ୍ଷେତ୍ର ହେଲା ରେଭେନ୍ସା କଲେଜ । ଓଡ଼ିଶାର ଶିକ୍ଷାକ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ରେଭେନ୍ସା । ଓଡ଼ିଆ ଭାଷା ସାହିତ୍ୟରେ ସ୍ନାତକୋତ୍ତର ଶିକ୍ଷା ୧୯୪୬ ମସିହାରେ ଆରମ୍ଭ ହୋଇଥିଲା ଏଠାରେ । ପୂର୍ବରୁ କେବଳ କଲିକତା ବିଶ୍ୱବିଦ୍ୟାଳୟରେ ୧୯୧୯ରେ ଏହି ବିଭାଗ ଆରମ୍ଭ କରାଯାଇଥିଲା । ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି, ଡକ୍ଟର କରୁଣାକର କର,

ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ, ଡକ୍ଟର କୁଞ୍ଜ ବିହାରୀ ଦାଶ, ଡକ୍ଟର ଗୋଲକବିହାରୀ ଧଳ ପ୍ରମୁଖ ଏହାର ଓଡ଼ିଆ ଭାଷା-ସାହିତ୍ୟ ବିଭାଗରେ ଅଧ୍ୟାପନା କରି ଏହାକୁ ମର୍ଯ୍ୟାଦବନ୍ତ କରିଥିଲେ । ଅବଶ୍ୟ ପ୍ରାରମ୍ଭରେ ଓଡ଼ିଆ ଓ ସଂସ୍କୃତ ବିଭାଗ ଗୋଟିଏ ଥିଲା । ରେଭେନ୍ସାର ଓଡ଼ିଆ ଭାଷା ସାହିତ୍ୟ ଶିକ୍ଷାର ଏକ ଦୃଢ଼ ପରମ୍ପରା ସୃଷ୍ଟି ହୋଇସାରିଥିଲା । ଏଠାରେ ଓଡ଼ିଆ ସ୍ନାତକତ୍ତୋର ଶିକ୍ଷାଦାନର ଦୀର୍ଘ ଦୁଇ ଦଶନ୍ଧି ପରେ ସମ୍ବଲପୁର, ବ୍ରହ୍ମପୁର ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ସ୍ନାତକୋତ୍ତର ବିଭାଗ ଖୋଲିଥିଲା । ରେଭେନ୍ସାର ଛାତ୍ର ଓ ଅଧ୍ୟାପକ ଅନ୍ୟ ବିଶ୍ୱବିଦ୍ୟାଳୟର ପ୍ରଥମ ପ୍ରଫେସର ପଦବୀ ଅଳଙ୍କୃତ କରିଥିଲେ । ରେଭେନ୍ସା ସ୍ନାତକୋତ୍ତର ଓଡ଼ିଆ ବିଭାଗର ପ୍ରଥମ ବ୍ୟାଚ୍ ଛାତ୍ର ଗୋପାଳ ଚନ୍ଦ୍ର ମିଶ୍ର ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗରେ ପ୍ରଥମ ପ୍ରଫେସର ହୋଇଥିଲେ । ଦ୍ୱିତୀୟ ବ୍ୟାଚ୍ ଛାତ୍ର ବଂଶୀଧର ମହାନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଭାଷା ସାହିତ୍ୟ ବିଭାଗରେ ପ୍ରଥମ ପ୍ରଫେସର ହୋଇଥିଲେ । ଏହି କଲେଜର ଅଧ୍ୟାପକ କୁଞ୍ଜବିହାରୀ ତ୍ରିପାଠୀ ହୋଇଥିଲେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଥମ ପ୍ରଫେସର ।

ରେଭେନ୍ସାରେ ଓଡ଼ିଆ ଏମ୍.ଏ. ଶିକ୍ଷା ଆରମ୍ଭ । କୃତବିଦ୍ୟ ଅଧ୍ୟାପକଙ୍କ ଛାତ୍ର ହେବାର ସୁଯୋଗ ପାଇଲେ କ୍ଷେତ୍ରବାସୀ । ସେ ସମୟରେ ତାଙ୍କର ଶିକ୍ଷକ ଥିଲେ ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ, ଜୟକୃଷ୍ଣ ମିଶ୍ର, ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ), ଡକ୍ଟର ଗଙ୍ଗାଧର ବଳ, ଜାନକୀ ବଲ୍ଲଭ ମହାନ୍ତି(ଗୋରା), କାହ୍ନୁଚରଣ ମିଶ୍ର, ସାବିତ୍ରୀ ନନ୍ଦ, ରେଖା ମହାନ୍ତି ପ୍ରମୁଖ । ଓଡ଼ିଆ ସାହିତ୍ୟରେ ଉଚ୍ଚତର ଶିକ୍ଷା ଲାଭ ସହ ସାରସ୍ୱତ ସାଧନା ପ୍ରତି ଅଭିରୁଚି ମଧ୍ୟ ବଢୁଥିଲା । ଭଦ୍ରକ କଲେଜ ସ୍ନାତକ ଶିକ୍ଷା ଲାଭ ସମୟରେ ସୃଜନ ସାଧନା ପ୍ରତି ଅଧିକ ନିଷ୍ଠା ରଖୁଥିବା କ୍ଷେତ୍ରବାସୀ ରେଭେନ୍ସାରେ ସ୍ନାତକୋତ୍ତର ଶିକ୍ଷାଲାଭ କରିବା ସହ ଏଥି ପ୍ରତି ଅଧିକ ଧ୍ୟାନ ଦେଇଥିଲେ । ସ୍ନାତକୋତ୍ତର ଶ୍ରେଣୀରେ ତାଙ୍କର ସ୍ୱତନ୍ତ୍ର ପତ୍ର ଥିଲା ଗୀତି-କବିତା । ଏହି ସ୍ୱତନ୍ତ୍ର ପତ୍ର ଶ୍ରେଣୀରେ କ୍ଷେତ୍ରବାସୀ ହିଁ ଥିଲେ ଜଣେ ମାତ୍ର ଛାତ୍ର ।

ସ୍ନାତକୋତ୍ତର ଓଡ଼ିଆ ଭାଷା-ସାହିତ୍ୟ ବିଭାଗର ଛାତ୍ର ଥିବା ସମୟରେ ସେ ସଂପୃକ୍ତ ହୋଇଥିଲେ 'ଅଭ୍ୟୁଦୟ ସାହିତ୍ୟ ସମାଜ' ସହ । ଅଧ୍ୟାପକ ପଠାଣି ପଟ୍ଟନାୟକ ଏହାର ସଭାପତି ଥିଲେ । ସେ ସମୟର ଅନେକ ଯୁବ ଅଧ୍ୟାପକ ଓ ଛାତ୍ର ଏହି ଅନୁଷ୍ଠାନକୁ ସକ୍ରିୟ କରିଥିଲେ । ପଠାଣି ପଟ୍ଟନାୟକଙ୍କ ସହ ଶ୍ରୀନିବାସ ମିଶ୍ର, ଭୋଳାନାଥ ରାଉତ, ରବୀନ୍ଦ୍ର କୁମାର ପ୍ରହରାଜ, ନବକିଶୋର ପୃଷ୍ଟି, ନଗେନ୍ଦ୍ର ନାଥ ପ୍ରଧାନ ପ୍ରମୁଖ ଏହି ଅନୁଷ୍ଠାନରେ ସାମିଲ ହୋଇଥିଲେ । ଏହି ଅନୁଷ୍ଠାନ ପକ୍ଷରୁ ସମସ୍ତଙ୍କ ଉଦ୍ୟମରେ ପ୍ରକାଶ

ପାଇଥିଲା 'ଓଡ଼ିଆ ଉପନ୍ୟାସ ସାହିତ୍ୟର ପରିଚୟ' ଭଳି ଏକ ସଂଗ୍ରହଣୀୟ ଓ ବୃହତ୍ ଆଲୋଚନା ଗ୍ରନ୍ଥ। ଓଡ଼ିଶାର ବିଶିଷ୍ଟ ସ୍ରଷ୍ଟାମାନଙ୍କ ଓଡ଼ିଆ ଉପନ୍ୟାସ ଓ ଉପନ୍ୟାସକାରଙ୍କ ସଂପର୍କରେ ଲେଖାମାନ ପ୍ରସ୍ତୁତ କରିଥିଲେ, ଯାହା ଏହି ଆଲୋଚନା ସଂକଳନରେ ସ୍ଥାନିତ ହୋଇଥଲା। ସେହିପରି 'ଗଙ୍ଗାଧର ଶତବାର୍ଷିକ ଉତ୍ସବ' ଅବସରରେ ଏକ ସ୍ମାରକୀ ଗ୍ରନ୍ଥ ପ୍ରକାଶ କରିବା ପାଇଁ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ ସେ। ଜୀବନର ପ୍ରତିଟି ମୁହୂର୍ତ୍ତରେ ଓଡ଼ିଆ ସାହିତ୍ୟ କିଛି ନା କିଛି କରିବା ପାଇଁ ସେ ସଦାସର୍ବଦା ଲାଗିପଡ଼ିଥିଲେ। ଛାତ୍ରବସ୍ଥାରୁ ସେ ନିଜର ପ୍ରଭାଦୀପ୍ତ ପ୍ରତିଭାର ଉନ୍ମେଷ ଘଟିଛି। ତାଙ୍କର ଆନ୍ତରିକ ପ୍ରୟାସ ମଧ୍ୟ ଏଥିପାଇଁ ଥିଲା ପ୍ରଧାନ କାରଣ।

ରେଭେନ୍ସା କେବଳ ଶିକ୍ଷା ବା ସାହିତ୍ୟ ପ୍ରତି ଅନୁରକ୍ତି ଆଣି ନଥିଲା, ଏହି ପରିସରରେ ତାଙ୍କ ଜୀବନ ସହ ଆଉ ଏକ ଜୀବନ ଛନ୍ଦି ହେବାର ଅବକାଶ ସୃଷ୍ଟି ହୋଇଥିଲା। ଏଷଣା, ଦ୍ୱାଦଶ ଖଣ୍ଡ-ଜୁନ୍, ୧୯୮୬ସଂଖ୍ୟାରେ 'ସ୍ୱର୍ଗତ କ୍ଷେତ୍ରବାସୀ ସ୍ମାରକୀ ପର୍ବ'ରେ ସ୍ଥାନିତ ଡକ୍ଟର ଲାବଣ୍ୟ ନାୟକଙ୍କ 'ନିଜର ସେଇ ଲୋକଟି' ଲେଖାଟିରେ ଏ ସଂପର୍କରେ ସବିଶେଷ ସୂଚନା ରହିଛି। ସେ ଲେଖିଛନ୍ତି, ''୧୯୬୧ ମସିହା ଅଗଷ୍ଟ ମାସର ଶେଷ ସପ୍ତାହ। ଓଡ଼ିଆ ଏମ୍.ଏ. କ୍ଲାସ୍ ଆରମ୍ଭ ହେବାର ଦିନ। ରେଭେନ୍ସା କଲେଜ ନଂ.୧୨ ଶ୍ରେଣୀ କକ୍ଷରେ ପିଲାମାନଙ୍କର କୋଳାହଳ। ବାହାର ବାରଣ୍ଡାରେ ମୁଁ ଓ ଆଉ ଜଣେ ଝିଅ ଠିଆ ହୋଇ ରହିଥାଉଁ ଅଧ୍ୟାପକଙ୍କୁ ଅପେକ୍ଷା କରି। କିଛି ସମୟ ଅପେକ୍ଷା କରିବା ପରେ ସେ ଝିଅଟି ଚାଲିଗଲା। ମତେ କେମିତି ମାଡ଼ି ମାଡ଼ି ପଡୁଥାଏ। ବିଚାରୁଥାଏ ମୁଁ ବି ଚାଲିଯିବି। ପିଲାଦିନୁ କଟକ ସହରରେ ପାଠ ପଢୁଥିଲେ ମଧ୍ୟ ମୁଁ ଆସିଥାଏ ପ୍ରମୀଳା ରାଜ୍ୟରୁ। ରେଭେନ୍ସା ବାଳିକା ବିଦ୍ୟାଳୟ ଓ ଶୈଳବାଳା ମହିଳା କଲେଜର ମେଘନାଦ ପ୍ରାଚୀର ଡେଇଁ ମୋ ଦୃଷ୍ଟି ଖୁବ୍ ଦୂରକୁ ଯାଇ ନଥାଏ। ଏଇ ସମୟରେ ଲକ୍ଷ୍ୟ କଲି ଶ୍ରେଣୀ ମଧ୍ୟରେ ଚାପା ଗଳାରେ କିଛି ଆଲୋଚନା ଚାଲିଛି। ପରସ୍ପର ମଧ୍ୟରେ ଠେଲାଠେଲି ଭାବ। କଥାଟା ଠିକ୍ ଧରିପାରିଲି ନାହିଁ। କିଛି ସମୟ ପରେ ଜଣେ ଛାତ୍ର ବାହାରକୁ ଆସି କହିଲେ- ''ତମ୍ଭ ପାଖରେ ଟାଇମ୍ ଟେବୁଲଟା ଅଛି ପରା, ଟିକେ ଦିଅ, ଆମେ ଲେଖି ସାଙ୍ଗେ ସାଙ୍ଗେ ଫେରାଇ ଦେବୁ।'' ମନା କରିବାର ଉପାୟ ନାହିଁ, ଦେଲି। କିନ୍ତୁ ମୋର ରାଗ କହିଲେ ନସରେ। ଏଇ ଜଣକ ସମସ୍ତଙ୍କଠାରୁ ବେଶୀ ବଦ୍‌ମାସ ନିଶ୍ଚୟ। ପରେ ପରେ ଜାଣିଲି- ସେ ହେଉଛନ୍ତି ଶ୍ରୀ କ୍ଷେତ୍ରବାସୀ ନାୟକ।

ଦ୍ୱିତୀୟ ଦିନ କ୍ଲାସରେ ଉପସ୍ଥାନ ବେଳେ ଲକ୍ଷ୍ୟ କଲି ମୋର କ୍ରମିକ ନମ୍ବର ୬ ଓ ତାଙ୍କର ନମ୍ବର ୭ । ଟିକିଏ ଅନ୍ୟମନସ୍କ ହେଲେ ୭ ନମ୍ବର ଡକାହେଲା ବେଳକୁ ଦୁଇଜଣ ଠିଆ ହୋଇଯିବା ବଡ଼ ଲଜ୍ଜାର ବିଷୟ । ଏମିତି କେତେଥର ମୁଁ ମୋର ଉପସ୍ଥିତି ନ ଜଣାଇ ଚୁପ୍ ରହି ଯାଇଛି ।

ଏମ୍.ଏ. ପ୍ରଥମ ବର୍ଷ କଟିଗଲା ବେଳକୁ ମୁଁ ଲକ୍ଷ୍ୟ କଲି ତାଙ୍କର ପାଠ୍ୟ ବିଷୟ ପ୍ରତି ଏକାଗ୍ରତା, ସାଂଗଠନିକ ତତ୍ପରତା, ଗୁରୁଜନମାନଙ୍କ ପ୍ରତି ଶ୍ରଦ୍ଧା ଅଥଚ ନିଃସଙ୍କୋଚ ଭାବ ଏବଂ ବିଶେଷ ଭାବରେ ସାହିତ୍ୟ ପ୍ରୀତି କେବଳ ଛାତ୍ର ସମାଜରେ ନୁହେଁ, ଅଧ୍ୟାପକମାନଙ୍କ ମନରେ ମଧ୍ୟ ଶ୍ରଦ୍ଧା ଜାଗ୍ରତ କରୁଛି ଏବଂ ଏହି ଶ୍ରଦ୍ଧା ସହାଧ୍ୟାୟୀ ଭାବରେ ମୋ ମନରେ ଈର୍ଷା ଜାତ କରୁ ନଥିଲା; ବରଂ ଆକୃଷ୍ଟ କରୁଥିଲା ।...'' ରେଭେନ୍ସା ପରିସରରେ ସୃଷ୍ଟି ହୋଇଥିବା ଏହି ଆକର୍ଷଣ ପରବର୍ତ୍ତୀ କାଳରେ ଦୁଇଜଣଙ୍କୁ ଏକାଠି କରିଥିଲା । ପରବର୍ତ୍ତୀ ସମୟରେ କ୍ଷେତ୍ରବାସୀ ନାୟକଙ୍କ ସହ ଲାବଣ୍ୟ ଦାସ ଦାମ୍ପତ୍ୟ ଜୀବନ ଆରମ୍ଭ ହୋଇଥିଲା । ରେଭେନ୍ସା କ୍ଷେତ୍ରବାସୀଙ୍କ ଜୀବନରେ ହିଁ ଥିଲା ରେନେସାଁ । ଏଠି ସାହିତ୍ୟ ଚର୍ଚ୍ଚାର ବିସ୍ତୃତ ଭିତ୍ତିଭୂମି ତ ମିଳିଥିଲା, ଜୀବନ ସାଥିଟିଏ ବାଛିବାର ପ୍ରକ୍ରିୟା ମଧ୍ୟ ଏହିଠାରେ ଆରମ୍ଭ ହୋଇଥିଲା ।

ନିଜର ସହପାଠୀଙ୍କଠାରୁ ଲେଖା ଆଦାୟ କରି 'ରଶ୍ମି'ରେ ପ୍ରକାଶ କରୁଥିଲେ । ତାଙ୍କ ସବିନୟ ଅନୁରୋଧକୁ ଏଡ଼ାଇ ନପାରି ଅନେକେ ତାଙ୍କୁ ଲେଖା ଦେଉଥିଲେ । ଏପରିକି ଲାବଣ୍ୟ ଦାସଙ୍କର ପ୍ରଥମ ଲେଖା ବି ତାଙ୍କ ଦ୍ୱାରା ପ୍ରକାଶ ପାଇଥିଲା ଏହି 'ରଶ୍ମି' ପତ୍ରିକାରେ । ଓଡ଼ିଆ ସୃଜନ ଦିଗ୍‌ବଳୟକୁ ଉଦ୍‌ଭାସିତ କରିବା ପାଇଁ କ୍ଷେତ୍ରବାସୀଙ୍କ ଉଦ୍ୟମ ପ୍ରକୃତରେ ପ୍ରଶଂସନୀୟ । ଛାତ୍ର ଜୀବନରୁ ସାହିତ୍ୟ କ୍ଷେତ୍ରରେ ନେତୃତ୍ୱ ନେବାର ଦକ୍ଷତା ଲାଭ କରିଥିଲେ ସେ ।

୧୯୬୩ ମସିହା । ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ଏମ୍.ଏ.ରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ କ୍ଷେତ୍ରବାସୀ । ପାଠପଢ଼ା ସରିଲା । ସହାଧ୍ୟାୟୀ ପରସ୍ପରଠାରୁ ବିଦାୟ ନେଲେ । ସେ କିନ୍ତୁ ଗୋଟିଏ ଟିପା ଖାତା ଧରି ସମସ୍ତଙ୍କ ପାଖକୁ ଯାଇ ରେଭେନ୍ସାରେ ଏମ୍.ଏ. ପଢ଼ିଥିବା ଦୁଇ ବର୍ଷର ଅନୁଭୂତି ଓ ବିଦାୟ ବେଳର ଅନୁଭୂତି ଲେଖି ଦେବାକୁ ଅନୁରୋଧ କରିଥିଲେ । ଆବେଗ ସବୁ ଲିପିବଦ୍ଧ ହେଉ, ସେ ଏହା ଚାହୁଁଥିଲେ । ଛାତ୍ର ଜୀବନରେ ସହପାଠୀମାନଙ୍କ ସାରସ୍ୱତ କର୍ମର ବିକାଶ ପାଇଁ ସହଯୋଗ କରୁଥିଲେ । ଅନେକ ସହପାଠୀଙ୍କ ଲେଖା ସଂଗ୍ରହ କରି ପତ୍ରିକାରେ ପ୍ରକାଶ କରିବା ତାଙ୍କର ଏକ ରୁଚି ଥିଲା । ସାରସ୍ୱତ କର୍ମକୁ ପ୍ରୋତ୍ସାହିତ କରିବା ସତେ ଯେପରି ତାଙ୍କ ଜୀବନଧାରାର ଏକ ଅଙ୍ଗ ହୋଇଯାଇଥିଲା ।

ଅନ୍ୟତମ ସଫଳତା : ଭଦ୍ରକ ଲେଖକ ସମ୍ମେଳନ

ସାହିତ୍ୟ ସର୍ଜନା କେବଳ ନୁହେଁ, ସାହିତ୍ୟ ସଂଗଠନ ଉପରେ ସମପରିମାଣରେ ଗୁରୁତ୍ୱ ଦେଉଥିଲେ କ୍ଷେତ୍ରବାସୀ ନାୟକ। କଟକରେ ଅବସ୍ଥାନ କରି ରେଭେନ୍ସାରେ ଉଚ୍ଚଶିକ୍ଷା ତାଙ୍କୁ ମାଟିମୋହରୁ ଦୂରେଇ ପାରିନଥିଲା। ନିଜର ପୁରୁଣା ଶିକ୍ଷାୟତନର ପରିସରରେ ସେ ଆୟୋଜନ କରିଥିଲେ 'ଭଦ୍ରକ ଲେଖକ ସମ୍ମେଳନ'। ବରିଷ୍ଠ ଓ କନିଷ୍ଠ ସମଧର୍ମାମାନଙ୍କୁ ଏକତ୍ର କରି ସେମାନଙ୍କ ମଧ୍ୟରେ ସାହିତ୍ୟ ଅଭିରୁଚିକୁ ଅଧିକ କ୍ରିୟାଶୀଳ କରିବା ଏବଂ ପରସ୍ପର ମଧ୍ୟରେ ସାରସ୍ୱତ ସଂପର୍କ ସୁଦୃଢ଼ କରିବା ଏହି ସମ୍ମେଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏମ୍.ଏ. ପରୀକ୍ଷା ସାରିବା ପରେ ଆୟୋଜନ କରାଯାଇଥିଲା ଏହି ସମ୍ମେଳନ।

୧୯୬୩ ମସିହା ଅକ୍ଟୋବର ୧୨ ଓ ୧୩ ଦୁଇଦିନ ଧରି ଅନୁଷ୍ଠିତ ଏହି ସମ୍ମେଳନର ସଫଳ ଆୟୋଜନ ତାଙ୍କ ସାହିତ୍ୟ ସଂଗଠନର ଦକ୍ଷତାକୁ ରେଖାଙ୍କିତ କରେ। ତାଙ୍କ ସହ ଏହି ସମ୍ମେଳନରେ ସକ୍ରିୟ ଥିଲେ ଶୈଳେନ୍ଦ୍ର ମହାପାତ୍ର (ପରବର୍ତ୍ତୀ ସମୟରେ ଅଧ୍ୟାପକ), ନବକିଶୋର ମହାନ୍ତି (ପରବର୍ତ୍ତୀ ସମୟରେ ଅଧ୍ୟାପକ), ସତ୍ୟେନ୍ଦ୍ର ନାଥ ବେନାର୍ଜି (ଶିକ୍ଷକ), ରଘୁନାଥ ସାମଲ (ସମାଜସେବୀ) ପ୍ରମୁଖ। ଏପରି ଏକ ସମ୍ମେଳନ ଆୟୋଜନ ପାଇଁ ଡକ୍ଟର କୃଷ୍ଣଚରଣ ବେହେରାଙ୍କର ମଧ୍ୟ ପ୍ରେରଣା ଥିଲା। ଭଦ୍ରକ ହାଇସ୍କୁଲରେ ଏହି ସମ୍ମେଳନ ହୋଇଥିଲା। ଅନେକ ସାହିତ୍ୟ ସାଧକ ଉପସ୍ଥିତି ଏହି ସମ୍ମେଳନର ଉଦ୍ଦେଶ୍ୟକୁ ସାକାର କରିଥିଲା। ଉଭୟ ତରୁଣ ଓ ପ୍ରବୀଣ ସାରସ୍ୱତ ସାଧକମାନେ ଗୋଟିଏ ମଞ୍ଚରେ ଏକାଠି ହୋଇଥିଲେ। ଏହା ହୋଇଯାଇଥିଲା ଭାବବିନିମୟର ଏକ ଭବ୍ୟ ମଞ୍ଚ।

ଉତ୍ସବକୁ ସଫଳ କରିବା ପାଇଁ ଉଦୟ ନାରାୟଣ ମହାନ୍ତି ଅଧ୍ୟକ୍ଷତା ଓ କ୍ଷେତ୍ରବାସୀ ନାୟକଙ୍କ ସଂପାଦକତ୍ୱରେ ଏକ ପନ୍ଦର ଜଣିଆ ଅଭ୍ୟର୍ଥନା ସମିତି ଗଠନ ହୋଇଥିଲା। ଉପସଭାପତି ଥିଲେ ସାମ୍ବାଦିକ ବାବାଜୀ ଚରଣ ନାୟକ, ଯୁଗ୍ମ ସଂପାଦକ ରଘୁନାଥ ସାମଲ, କୋଷାଧ୍ୟକ୍ଷ ଡକ୍ଟର କୃଷ୍ଣ ଚରଣ ବେହେରା। ସାରା ଭଦ୍ରକ ସବ୍‌ଡିଭିଜନରୁ ସାହିତ୍ୟିକମାନେ ପହଞ୍ଚି ଆଲୋଚନା ଚର୍ଚ୍ଚାରେ ଭାଗ ନେଇଥିଲେ। ଭଦ୍ରକରେ ସିନା ଏକ ସମୃଦ୍ଧ ସାରସ୍ୱତ ବାତାବରଣ ଥିଲା, ମାତ୍ର ଏହା ପୂର୍ବରୁ ଭଦ୍ରକରେ ଏପରି ସାରସ୍ୱତ ସମ୍ମେଳନ ହୋଇନଥିଲା। ଭଦ୍ରକରେ ଏପରି ସମ୍ମିଳନୀ ଥିଲା ପ୍ରଥମ। ଏହାର ସଫଳତା ଅନେକଙ୍କୁ ଅଭିଭୂତ କରିଥିଲା। ସମ୍ମେଳନର ଏ ସମସ୍ତ ସଫଳତା ପଛରେ ଥିଲେ କ୍ଷେତ୍ରବାସୀ। ଏହାର ପ୍ରତିଟି କାର୍ଯ୍ୟରେ ତାଙ୍କର ସଂପୃକ୍ତି। ନିଷ୍ଠାପର

ଉଦ୍ୟମ। ନିରନ୍ତର ଧାଁ ଦୌଡ଼ କରି ଏହି ସମ୍ମେଳନକୁ ସଫଳ କରିଥିଲେ। କ୍ଷେତ୍ରବାସୀ ନାୟକଙ୍କ ବ୍ୟତୀତ ନବକିଶୋର ମହାନ୍ତି, ଶୈଳେନ୍ଦ୍ର ମହାପାତ୍ର, ରାମ ରାଉତ ପ୍ରମୁଖ ନିଷ୍ଠାର ସହ କାର୍ଯ୍ୟ କରିଥିଲେ।

ଏହି ସମ୍ମେଳନ ଅବସରରେ ଏକ ସଂଗ୍ରହଣୀୟ ସ୍ମରଣିକା ମଧ୍ୟ ପ୍ରକାଶ ପାଇଥିଲା। ଏହି ସ୍ମରଣିକାରେ କୃତବିଦ୍ୟ ସାରସ୍ୱତ ସ୍ରଷ୍ଟା ଡକ୍ଟର ହରେକୃଷ୍ଣ ମହତାବ, ଗୋକୁଳାନନ୍ଦ ନାୟକ, ଶତ୍ରୁଘ୍ନ ନାଥ, ନିତ୍ୟାନନ୍ଦ ମହାପାତ୍ର ପ୍ରମୁଖଙ୍କ ଉପାଦେୟ ଲେଖା କେବଳ ପ୍ରକାଶ ପାଇନଥିଲା, ଏଥିରେ ଭଦ୍ରକର ସାରସ୍ୱତ ଦିଗ୍‌ବଳୟର ଚିତ୍ରଟିଏ ଉଦ୍‌ଭାସିତ ହୋଇଥିଲା। କବିଶେଖର ଚିନ୍ତାମଣି ମହାନ୍ତି, କବି ବଂଶୀ ବଲ୍ଲଭ ଗୋସ୍ୱାମୀ, କବି ଜଗନ୍ନାଥ ପାଣି, ଚତୁର୍ଭୁଜ ପଟ୍ଟନାୟକ, ନାଟ୍ୟକାର ଭାଗିରଥି ମହାପାତ୍ର ପ୍ରମୁଖଙ୍କ ସାଧନା ଓ ସିଦ୍ଧି ସଂପର୍କରେ ଉଲ୍ଲେଖ ରହିଥିଲା। ପୂର୍ବସୂରୀମାନଙ୍କ କୃତି ଓ କୃତିତ୍ୱକୁ ଉତ୍ତରପିଢ଼ି ନିକଟରେ ପହଞ୍ଚାଇବାର ଏହା ଥିଲା ଏକ ସାଧୁଉଦ୍ୟମ। ସ୍ମରଣିକାଟିର ସଂପାଦକ ଥିଲେ କ୍ଷେତ୍ରବାସୀ ନାୟକ, ନବକିଶୋର ମହାନ୍ତି ଓ ଶୈଳେନ୍ଦ୍ର ମହାପାତ୍ର। ପ୍ରେସ ପରିଚାଳକ ତଥା ସାମ୍ବାଦିକ ବାବାଜୀ ଚରଣ ନାୟକ ଏହି ସ୍ମରଣିକାକୁ ବେଶ୍ ଶୋଭନୀୟ କରି ପ୍ରକାଶ କରିଥିଲେ। ପ୍ରକୃତରେ ଦେଖିବାକୁ ଗଲେ ଏହି ସ୍ମରଣିକା ବି ଥିଲା ଏହି ସମ୍ମେଳନର ଅନ୍ୟତମ ସଫଳତା।

ସମ୍ମେଳନର ଶେଷ ଦିନ ଉଦ୍‌ଯାପନ ଉତ୍ସବ ପୂର୍ବରୁ ଲେଖକ-ଲେଖିକାମାନଙ୍କୁ ହଦଗଡ଼ ସାଳନ୍ଦୀ ପ୍ରୋଜେକ୍ଟ ଅଞ୍ଚଳକୁ ପ୍ରମୋଦ-ଭ୍ରମଣରେ ନିଆଯାଇଥିଲା। ଲେଖକ-ଲେଖିକାମାନେ ଏଠାରେ ସାଉଁଟିଥିଲେ ଭିନ୍ନ ଅନୁଭୂତି। ଲେଖକ-ଲେଖିକାମାନଙ୍କୁ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାର ଏହା ଏକ ଅବକାଶ ଥିଲା।

ଭଦ୍ରକ ସାହିତ୍ୟ ସମ୍ମେଳନ ଯେଉଁ କେତେଜଣଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ ସଫଳ ହୋଇଥିଲା ସେଥିମଧ୍ୟରେ କ୍ଷେତ୍ରବାସୀ ଥିଲେ ଅଗ୍ରଗଣ୍ୟ। ସମ୍ମେଳନର ସଂପାଦକ ରୂପେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରି ଏ କ୍ଷେତ୍ରରେ ନିଜକୁ ପ୍ରମାଣିତ କରିଥିଲେ। କୌଣସି କାର୍ଯ୍ୟ ସେ ହାତକୁ ନେଉଥିଲେ, ତାହାକୁ ସୁଚାରୁ ରୂପେ ସଂପାଦନ ନ କରିବା ପର୍ଯ୍ୟନ୍ତ ସେ ଅନବରତ କାର୍ଯ୍ୟରେ ଲାଗିଯାଇଥିଲେ। ଭଦ୍ରକ ଲେଖକ ସମ୍ମେଳନର ସଫଳତା ତା'ର ଏକ ଉଜ୍ଜ୍ୱଳ ନମୁନା ମାତ୍ର।

ଭଦ୍ରକ ମହାବିଦ୍ୟାଳୟଠାରେ ରାଜ୍ୟସ୍ତରୀୟ ସଂଗୀତ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ମନମୋହନ ସଙ୍ଗୀତ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସମ୍ମିଳନୀ ଆୟୋଜନରେ କ୍ଷେତ୍ରବାସୀ ନାୟକ ନେଇଥିଲେ ବଡ଼ ଭୂମିକା। ତାହା ବି ତାଙ୍କ

ଉଦ୍ୟମରେ ସଫଳ ହୋଇଥିଲା । ଭଦ୍ରକର ଚିନ୍ତାମଣି ସାହିତ୍ୟ ପରିଷଦ ଓ କାନ୍ତ ସାହିତ୍ୟ ପରିଷଦର ସେ ଥିଲେ ସକ୍ରିୟ ସଦସ୍ୟ । କଟକର 'ରବିବାସରୀୟ ସାହିତ୍ୟ ସଂସଦ' ଓ 'ଅଭ୍ୟୁଦୟ ସାହିତ୍ୟ ସମାଜ' ସହ ତାଙ୍କର ମଧ୍ୟ ସଂପୃକ୍ତି ରହିଥିଲା । ବିଶେଷ କରି 'ଅଭ୍ୟୁଦୟ ସାହିତ୍ୟ ସମାଜ' ସହ ସଂପୃକ୍ତ ଅନେକ ସାରସ୍ୱତ ସାଧକଙ୍କ ସାନ୍ନିଧ ସେ ଲାଭ କରିଥିଲେ । ଏହି ଅନୁଷ୍ଠାନର ସଭାପତି ଥିଲେ ପଠାଣି ପଟ୍ଟନାୟକ । ପ୍ରଥମରୁ ତାଙ୍କୁ ସହଯୋଗ କରିଥିଲେ ଶ୍ରୀନିବାସ ମିଶ୍ର । ପରବର୍ତ୍ତୀ ସମୟରେ ଏଥିରେ ସାମିଲ୍ ହୋଇଥିଲେ ନଗେନ୍ଦ୍ର ନାଥ ପ୍ରଧାନ, କିଶୋର ମହାପାତ୍ର, ଭୋଳାନାଥ ରାଉତ, ନବକିଶୋର ପୃଷ୍ଟି, ଶ୍ୟାମାପ୍ରସନ୍ନ ମିଶ୍ର, ବିଜୟାନନ୍ଦ ଦାସ, ରବୀନ୍ଦ୍ର କୁମାର ପ୍ରହରାଜ, ବ୍ରହ୍ମାନନ୍ଦ ଦାସ, କୃଷ୍ଣଚନ୍ଦ୍ର ମହାନ୍ତି, ରାମରତ୍ନ ନନ୍ଦ, ଯତୀନ୍ଦ୍ର ମୋହନ ମହାନ୍ତି, କ୍ଷେତ୍ରବାସୀ ନାୟକ ପ୍ରମୁଖ । ସାହିତ୍ୟ ସଂଗଠନରେ ସଂପୃକ୍ତି ଓ ଏଥିପାଇଁ ମମତ୍ୱବୋଧ ସାରା ଜୀବନ ତାଙ୍କୁ ଆବେଗମୟ କରି ରଖିଥିଲା । ଏହି ସାରସ୍ୱତ ସଂଗଠନ ପକ୍ଷରୁ ଯେଉଁ ସାହିତ୍ୟ ଆଲୋଚନା ସଂକଳନମାନ ପ୍ରସ୍ତୁତ କରାଗଲା, ତାହା ସହ ସଂପୃକ୍ତ ହେବାର ସୁଯୋଗ ମିଳିଲା ଏବଂ ଏହା ତାଙ୍କର ଦୃଷ୍ଟିକୋଣକୁ ଅଧିକ ସଂପ୍ରସାରିତ କରିଥିଲା ।

ବାଗୁରାଇ ହାଇସ୍କୁଲରେ ଯୁବ ଲେଖକ ସମ୍ମେଳନର ବାର୍ଷିକ ଅଧିବେଶନକୁ ସଫଳ କରିବା ପାଇଁ ସେ ମଧ୍ୟ କାର୍ଯ୍ୟ କରିଥିଲେ । ସେତେବେଳେ ରାମନାଥ ପଣ୍ଡା ଏହାର ସଭାପତି ଓ କୈଳାସ ଲେଙ୍କା ଏହାର ସଂପାଦକ ଥିଲେ । କ୍ଷେତ୍ରବାସୀ ନାୟକଙ୍କ ପ୍ରେରଣା ଫଳରେ ଯୁଗଳ କିଶୋର ପଟ୍ଟନାୟକ ଏହି ବାର୍ଷିକ ଅଧିବେଶନପାଇଁ ଗଠିତ ଅଭ୍ୟର୍ଥନା ସମିତିର ସଂପାଦକ ପରି ଦାୟିତ୍ୱ ଗ୍ରହଣ କରିଥିଲେ । ସାହିତ୍ୟ ସଂଗଠନକୁ ଭଲ ପାଇବା ଓ ଏହାକୁ ସଫଳ କରିବା କ୍ଷେତ୍ରରେ ନିଷ୍ଠାର ସହ ସେ କାର୍ଯ୍ୟ କରିଚାଲିଥିଲେ । ସତେ ଅବା ତାହା ତାଙ୍କ ଜୀବନ ପାଇଁ ସବୁଠାରୁ ବଡ଼ କର୍ତ୍ତବ୍ୟ ।

❑❑❑

ଦ୍ୱିତୀୟ ଅଧ୍ୟାୟ

ବୃତ୍ତିଗତ ଜୀବନର ଅୟମାରମ୍ଭ

୧୯୬୩ ମସିହାରେ ରେଭେନ୍ସାରୁ ସ୍ନାତକୋତ୍ତର ଶିକ୍ଷା ସମାପ୍ତ ହୋଇଥିଲା । ପ୍ରଥମ ଶ୍ରେଣୀ ଉତ୍ତୀର୍ଣ୍ଣ କ୍ଷେତ୍ରବାସୀ ଅଧ୍ୟାପନାକୁ ନିଜ ବୃତ୍ତିଗତ ଜୀବନ ଭାବେ ଆପଣାଇ ନେବାକୁ ସ୍ଥିର କରିସାରିଥିଲେ । ମାତ୍ର ଏହି ଚାକିରି ମିଳିବା ପୂର୍ବରୁ ସେ ଚୁପ୍‌ଚାପ୍ ବସି ନଥିଲେ । ତାଙ୍କୁ ୨/୩ମାସ କିରାଣୀ ଭାବେ ସରକାରୀ ଚାକିରି କରିବାକୁ ପଡ଼ିଥିଲା । ଏହା ପରେ ଓଡ଼ିଆ ଅଧ୍ୟାପକ ହେବାର ସୁଯୋଗ ଆସିଲା । ଜୟପୁର କଲେଜରେ ମିଳିଲା ଅସ୍ଥାୟୀ ନିଯୁକ୍ତି । ଜୟପୁର କଲେଜ ସେତେବେଳେ ବେସରକାରୀ ଶିକ୍ଷାନୁଷ୍ଠାନ, ପୁଣି ଚାକିରି ଅସ୍ଥାୟୀ । ସେଠାରେ ଯୋଗ ଦେଇ ନଥିଲେ । ପୁଣି କିଛି କାଳ ଅପେକ୍ଷା କରିବାକୁ ଶ୍ରେୟସ୍କର ମଣିଲେ ସେ ।

୧୯୬୪ ମସିହାର ପ୍ରଥମ ଦିନ ଅର୍ଥାତ୍ ଜାନୁଆରୀ ୧ ତାରିଖରେ ଆରମ୍ଭ ହୋଇଥିଲା ଅଧ୍ୟାପନା ଜୀବନ । ସମ୍ବଲପୁର ଗଙ୍ଗାଧର ମେହେର ସାଂଧ୍ୟ ମହାବିଦ୍ୟାଳୟରେ ଆରମ୍ଭ ହେଲା କର୍ମମୟ ଜୀବନର ଦ୍ୱିତୀୟ ଅଧ୍ୟାୟ । ୧୯୬୫ ମସିହାରେ ସେ ଲୋକ ସେବା ଆୟୋଗ ଦ୍ୱାରା ପରିଚାଳିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସ୍ଥାୟୀ ଅଧ୍ୟାପକ ହୋଇଥିଲେ ।

ଗଙ୍ଗାଧର ମେହେର କଲେଜରେ ଅଧ୍ୟାପନା କ୍ଷେତ୍ରବାସୀଙ୍କୁ ଓଡ଼ିଆ ସାହିତ୍ୟ ଅନେକ କିଛି କରିବାର ପ୍ରତିଶ୍ରୁତି ଆଣିଥିଲା । ଜୀବନରେ ଅନ୍ୟ ଅନେକ ଚାକିରି କରିବାର ସୁଯୋଗ ଆସିଥିଲା; ମାତ୍ର ଅଧ୍ୟାପନାକୁ ସେ ନିଜର ବୃତ୍ତିଭାବେ ଗ୍ରହଣ କରିବାକୁ ଚାହିଁଥିଲେ । ସାରସ୍ୱତ ସର୍ଜନା ମାଧ୍ୟମରେ ଓଡ଼ିଆ ଭାଷା-ସାହିତ୍ୟର ସେବା କରିବା ତାଙ୍କର ଲକ୍ଷ୍ୟ ଥିଲା । ଏହି ଲକ୍ଷ୍ୟ ହାସଲ ପାଇଁ ଐକାନ୍ତିକ ନିଷ୍ଠାର ସହ ନିରବଛିନ୍ନ କାର୍ଯ୍ୟ କରିଚାଲିଥିଲେ । ଅଧ୍ୟାପନା ଜୀବନ ଏ କ୍ଷେତ୍ରରେ ତାଙ୍କ ପାଇଁ ବରଦାନ ସଦୃଶ୍ୟ ହୋଇଥିଲା ।

ସଫଳତାର କାହାଣୀଟିଏ : ଶତରୂପା (୧୯୬୪)

'ଭଦ୍ରକ ଲେଖକ ସମ୍ମେଳନ'ର ଯେଉଁ ସଫଳତା ମିଳିଥିଲା, ତାହା କ୍ଷେତ୍ରବାସୀ ନାୟକଙ୍କୁ ଅନେକ ସ୍ୱପ୍ନ ଦେଖିବାର ସୁଯୋଗ ଦେଇଥିଲା । ଆଉ ଏକ ଯୋଜନା ଆରମ୍ଭ ହୋଇଥିଲା । ସମଧର୍ମୀ ବଂଧୁଙ୍କ ସହ ଆରମ୍ଭ ହୋଇଥିଲା ଆଉ ଏକ ଅଭିଯାନ । ଅଭିଯାନ ଥିଲା ସାହିତ୍ୟ ପତ୍ରିକା ସଂପାଦନା । 'କଳିକା', 'ଛାତ୍ର ମଞ୍ଜୁଷା' (୧୯୫୪) ଓ ରଶ୍ମି (୧୯୬୦) ସଂପାଦନାରେ ଦକ୍ଷତା କ୍ଷେତ୍ରବାସୀଙ୍କୁ ଏକ ତ୍ରୈମାସିକ ସାହିତ୍ୟ ପତ୍ରିକା ସଂପାଦନା ଓ ପ୍ରକାଶନ ପାଇଁ ପ୍ରେରଣା ଯୋଗାଇଥିଲା । ମିଳିତ ସଂପାଦନାରେ ଭଦ୍ରକରୁ ପ୍ରକାଶ ପାଇଲା ସାହିତ୍ୟ ପତ୍ରିକା 'ଶତରୂପା' । ଆରମ୍ଭ ହେଲା 'ଶତରୂପା' ପ୍ରକାଶନ । ଏହି ପତ୍ରିକାର ମାତ୍ର ଚାରୋଟି ସଂଖ୍ୟା ପ୍ରକାଶ ପାଇଥିଲେ ହେଁ ତାହା ଥିଲା ଉଲ୍ଲେଖଯୋଗ୍ୟ । ସଂପାଦନା ମଣ୍ଡଳୀରେ ଥିଲେ ଅଧ୍ୟାପକ ନବକିଶୋର ମହାନ୍ତି, ଅଧ୍ୟାପକ ଶୈଳେନ୍ଦ୍ର ମହାପାତ୍ର, ଅଧ୍ୟାପକ ରାମଚନ୍ଦ୍ର ରାଉତ ଓ ଅଧ୍ୟାପକ କ୍ଷେତ୍ରବାସୀ ନାୟକ । ସମସ୍ତେ ଭିନ୍ନ ବିଭାଗ ସଂପାଦନା କରୁଥିଲେ । ଅଧ୍ୟାପକ ମହାନ୍ତି ପ୍ରବନ୍ଧ ସମାଲୋଚନା, ଅଧ୍ୟାପକ ରାଉତ କାବ୍ୟ କବିତା ଓ ଅଧ୍ୟାପକ ନାୟକ କାହାଣୀ ଓ ଏକାଙ୍କିକା ବିଭାଗର ସଂପାଦନା ଦାୟିତ୍ୱରେ ଥିଲେ ।

'ଶତରୂପା'ର ପ୍ରଥମ ସଂଖ୍ୟାରେ ଡକ୍ଟର କୃଷ୍ଣ ଚରଣ ବେହେରାଙ୍କ ଚର୍ଚ୍ଚିତ ଗଳ୍ପ 'ବେଦୀ' ପ୍ରକାଶ ପାଇଥିଲା । ଏପରି ଏକ ଗଳ୍ପ ପ୍ରକାଶ କରିବାର ସାହସ ହିଁ କ୍ଷେତ୍ରବାସୀଙ୍କ ନିର୍ଭୀକ ସଂପାଦକତ୍ୱର ପରିଚୟ ଦିଏ । ଶତରୂପା ପତ୍ରିକାରେ 'ବେଦୀ' ପ୍ରକାଶ ସଂପର୍କରେ ଡକ୍ଟର କୃଷ୍ଣ ଚରଣ ବେହେରା ଉଲ୍ଲେଖ କରିଛନ୍ତି, ''କ୍ଷେତ୍ରବାସୀ ହାତଗୋଡ଼ ବାନ୍ଧି ତୁନି ହୋଇ ବସିବାର ବ୍ୟକ୍ତି ନଥିଲେ । 'ଭଦ୍ରକ ଲେଖକ ସମ୍ମେଳନ' ପରେ ତାଙ୍କ ମଥାରେ ଆଉ ଏକ ଯୋଜନା ଉଙ୍କି ମାରିଲା । ସେ ଶୈଳେନ୍ଦ୍ର ମହାପାତ୍ର, ନବକିଶୋର ମହାନ୍ତି ପ୍ରମୁଖ ଆପଣାର କେତେକ ଯୁବବନ୍ଧୁଙ୍କୁ ନେଇ ଏକ ସାହିତ୍ୟ-ପ୍ରକାଶନ ସଂସ୍ଥା ସ୍ଥାପନ ଏବଂ ସଂସ୍ଥା ପକ୍ଷରୁ ଖଣ୍ଡିଏ ପତ୍ରିକା ପ୍ରକାଶ ପାଇଁ ଉଦ୍ୟମ କଲେ । ତାହା ହେଉଛି ୧୯୬୪ ମସିହା ଆରମ୍ଭର କଥା । ଏ ସଂପର୍କରେ ସେମାନେ ଆସି ମୋ ସହିତ ପରାମର୍ଶ କଲେ । କଲିକତାର 'ଅଗ୍ରଣୀ' ଓ 'କବିତା' ତଥା କଟକର 'ଡଗର' ପତ୍ରିକା ପ୍ରକାଶନ ସଂସ୍ଥାରେ ମୁଁ ଲାଭ କରିଥିବା ଅଭିଜ୍ଞତା ଭିତ୍ତିରେ ସେମାନଙ୍କୁ କିଛି ବାଟ ବତାଇ ଦେଲି । ଆରମ୍ଭ ହେଲା ଭଦ୍ରକର 'ଶତରୂପା' ପ୍ରକାଶନ ଏବଂ ତାହାର ମୁଖପତ୍ର 'ଶତରୂପା' । ଭଦ୍ରକ ସହର ମଧ୍ୟସ୍ଥଳରେ ଥିବା ବାବାଜୀ ବାବୁଙ୍କର ଶ୍ରୀ ପ୍ରେସ୍‌ରେ 'ଶତରୂପା' ଛପା ହେବାର ବ୍ୟବସ୍ଥା କରାଗଲା । ସାମ୍ୟାଦିକ ସୁବଳ

ଜେନା ପ୍ରକାଶନର ପ୍ରସାର ଦାୟିତ୍ୱରେ ରହିଲେ । କଚେରୀ ବଜାରରେ ଥିବା ତାଙ୍କ ପୁସ୍ତକ ପତ୍ରିକାରେ 'ଶତରୂପା'ର ବିକ୍ରିବଟା ଓ ଗ୍ରାହକମାନଙ୍କୁ ଯୋଗାଣର ବ୍ୟବସ୍ଥା ହେଲା । ପତ୍ରିକା ପ୍ରକାଶ ପାଇଁ ଅସଲ କଞ୍ଚାମାଲ ଯୋଗାଡ଼ କଲାବେଳକୁ ଦେଖାଗଲା- ଗଳ୍ପର ଘୋର ଅଭାବ । ସୁଲେଖକ ମଙ୍ଗୁଳୁ ଚରଣ ବିଶ୍ୱାଳଙ୍କଠାରୁ ଗଳ୍ପଟିଏ ମିଳିଥାଏ । ଖ୍ୟାତନାମା ଅନୁବାଦକ ଲକ୍ଷ୍ମୀନାରାୟଣ ମହାନ୍ତି ଅନୂଦିତ ଗଳ୍ପଟିଏ ଦେବାକୁ କହିଥାଆନ୍ତି । ଏହି ପରିସ୍ଥିତିରେ 'ଶତରୂପା'ର ଗଳ୍ପ ସଂପାଦନା ଦାୟିତ୍ୱରେ ଥିବା କ୍ଷେତ୍ରବାସୀ ମୋ ପାଖରେ ଯାଇ ପହଞ୍ଚିଲେ ଗଳ୍ପଟିଏ ପାଇଁ । ସେତେବେଳକୁ ଗଳ୍ପ ରଚନାରେ ମୋର ଯତ୍‌କିଞ୍ଚିତ ଖ୍ୟାତି ବୋଧହୁଏ କ୍ଷେତ୍ରବାସୀଙ୍କୁ ମୋ ପ୍ରତି ଆକୃଷ୍ଟ କରାଇଥିଲା । ପାଖରେ ଥିଲା ମୋର 'ବେଦୀ' ଗଳ୍ପ । କ୍ଷେତ୍ରବାସୀଙ୍କୁ ତାହା ପଢ଼ି ଶୁଣାଇଲି । ସେ ସଙ୍ଗେ ସଙ୍ଗେ ଗଳ୍ପଟିକୁ 'ଶତରୂପା' ପାଇଁ ଘେନିଯିବାକୁ ବାହାରିଲେ । ମୁଁ କହିଲି- ଏହି ଗଳ୍ପ ସଂପର୍କରେ କେହି କେହି ପ୍ରତିକ୍ରିୟା ପ୍ରକାଶ କରିପାରନ୍ତି, ତମେ ଯଦି ସେ ପ୍ରତିକ୍ରିୟାର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ, ଗଳ୍ପଟି ନେଇ ଛାପି ଦେଇପାର । ପୂର୍ବରୁ ମନୋଜ ଦାସଙ୍କ 'ଦିଗନ୍ତ' ପତ୍ରିକା ତଥା 'ଡଗର' ପତ୍ରିକାରେ ଏହାର ପ୍ରକାଶ ପାଇଁ ଉଦ୍ୟମ କରିଥିଲି, ମାତ୍ର ପ୍ରକାଶରେ ସଫଳ ହୋଇପାରି ନ ଥିଲି । କ୍ଷେତ୍ରବାସୀ ମୋ ମନା ମାନିଲେ ନାହିଁ । 'ବେଦୀ' ଗଳ୍ପର ପାଣ୍ଡୁଲିପି ମୋ ପାଖରୁ ଘେନିଗଲେ । 'ଶତରୂପା'ର ପ୍ରଥମ ସଂଖ୍ୟାରେ ଗଳ୍ପଟି ପ୍ରକଶ ପାଇଲା ପରେ ମୁଁ ଯାହା ଆଶଙ୍କା କରୁଥିଲି, ତାହା ହିଁ ଘଟିଥିଲା ।'' ହଁ, ବେଦୀ ଗଳ୍ପକୁ ନେଇ ବିତର୍କ ଉଠିଥିଲା । ମାତ୍ର ସଂପାଦକ ଭାବେ କ୍ଷେତ୍ରବାସୀ ନାୟକ ସାହସର ସହ ଏହାକୁ ସହଜରେ ଗ୍ରହଣ କରିଥିଲେ ।

ଯୁବମାନସର ପ୍ରତିନିଧି ଥିବା 'ଶତରୂପା' ଯୁବ ପ୍ରତିଭାଙ୍କୁ ପ୍ରତିପାଦିତ କରିଥିଲା । କ୍ଷେତ୍ରବାସୀଙ୍କ ସାରସ୍ୱତ ସାଧନା କ୍ଷେତ୍ରରେ ଏହି ପତ୍ରିକା ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା । ସୃଜନ ଓ ସମାଲୋଚନା ସାହିତ୍ୟ ରଚନା ସହ ପତ୍ରିକା ସଂପାଦନାର ବିଭିନ୍ନ ଦିଗ ସଂପର୍କରେ ବିଶେଷ ଜ୍ଞାନ ଓ ଅଭିଜ୍ଞତା ଆହରଣ କରିଥିଲେ ସେ । ଏହି ଅନୁଭୂତି ତାଙ୍କୁ ପ୍ରକାଶନ ଓ ସଂପାଦନା କ୍ଷେତ୍ରରେ ଏକନିଷ୍ଠ କରି ଗଢ଼ିତୋଳିଥିଲା । କେବଳ ପତ୍ରିକାଟି ସଂପାଦନ କରି ନିଜର ଦାୟିତ୍ୱ ଶେଷ ହୋଇଗଲା ବୋଲି ସେ ବିଚାର କରିନଥିଲେ । ସମଧର୍ମା ବନ୍ଧୁଙ୍କ ସହ ଏହା ପ୍ରସାରଣ ପାଇଁ ବିଶେଷ ଉଦ୍ୟମ କରିଥିଲେ । ପତ୍ରିକାକୁ ଧରି ବୁଲି ବୁଲି ବିକ୍ରି କରିବାରେ ସଂକୋଚ କରୁନଥିଲେ । ସେ ବୁଝିଥିଲେ, ପତ୍ରିକାର ସଂପାଦନା କରିବା ଯେପରି ଗୁରୁତ୍ୱପୂର୍ଣ୍ଣ: ତା'ର ପ୍ରସାରଣ ମଧ୍ୟ ଅନୁରୂପ ଭାବେ ଗୁରୁତ୍ୱପୂର୍ଣ୍ଣ ।

ରେଳଷ୍ଟେସନ, ବସ୍‌ଷ୍ଟାଣ୍ଡ ଓ ବଜାରରେ ପତ୍ରିକା ବିକ୍ରି କରିବାର ଭିନ୍ନ ଭିନ୍ନ ଅନୁଭୂତି ମଧ୍ୟରେ ଏପରି ଏକ ଅନୁଭୂତି ଥିଲା; ଯାହା ତାଙ୍କ ପାଇଁ ପ୍ରେରଣାପ୍ରଦ। କବି ରାଧାମୋହନ ଗଡ଼ନାୟକ ତାଙ୍କଠାରୁ ପତ୍ରିକାଟିଏ ନେଇ ଏହାର ମୂଲ୍ୟଠାରୁ ଅଧିକ ମୂଲ୍ୟ ଦେଇ ଆଶୀର୍ବାଦ କରିଥିଲେ। ସାହିତ୍ୟାନୁରାଗକୁ ସମ୍ମାନ ଜଣାଇଥିଲେ। ପରେ ଯେତେବେଳେ ଏହି ଘଟଣାଟି ତାଙ୍କର ମନେପଡ଼ିଯାଉଥିଲା; ତାହା ତାଙ୍କ ଜୀବନକୁ ଅଧିକ କର୍ମଚଞ୍ଚଳ କରି ଗଢ଼ିତୋଳୁଥିଲା।

ଅଧ୍ୟାପନା ସହ ଦାମ୍ପତ୍ୟ ଜୀବନ

ଅଧ୍ୟାପନା କ୍ଷେତ୍ରରେ ପାଦ ଦେବାର ମାତ୍ର ସାତ ମାସ ଭିତରେ ବୈବାହିକ ଜୀବନ ଆରମ୍ଭ କରିଥିଲେ ଅଧ୍ୟାପକ କ୍ଷେତ୍ରବାସୀ ନାୟକ। ରେଭେନ୍ସାରେ ଯେଉଁ ବୀଜଟି ପୋତା ହୋଇଥିଲା ଏବଂ ଅଙ୍କୁରୋଦ୍‌ଗମ ହୋଇଥିଲା, ତାହା ପୁଷ୍ପିତ ହୋଇଥିଲା। ୧୯୬୪ ଜୁଲାଇ ୪ ତାରିଖରେ ଲାବଣ୍ୟ ଦାସଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହେଲେ ସେ। ବିବାହ ହୋଇଥିଲା କଟକ ଜିଲ୍ଲାର ଅଡ଼ଙ୍ଗ-ନାଇଲୋରେ। ସଂଯୋଗବଶତଃ ଭଦ୍ରକ କଲେଜର ତ୍ରିନାଥଙ୍କ ମଧ୍ୟରୁ ଅନ୍ୟ ଦୁଇ ଜଣଙ୍କ ବିବାହ ମଧ୍ୟ ଏଇ ୧୯୬୪ ମସିହାରେ ହିଁ ହୋଇଥିଲା। ସେହି ବର୍ଷ ଭଦ୍ରକରେ ଯୁଗଳ କିଶୋର ପଟ୍ଟନାୟକ ଓ ବାରିପଦାଠାରେ ରତ୍ନାକର ବାରିକ୍‌ଙ୍କ ବିଭାଘର ହୋଇଥିଲା। ହଁ, କ୍ଷେତ୍ରବାସୀଙ୍କ ବିବାହ ପ୍ରେମ ବିବାହ ନ ଥିଲା। କ୍ଷେତ୍ରବାସୀ ଗଙ୍ଗାଧର ମେହେର ସାଂଧ୍ୟ ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିବା ବେଳେ ସେଠାରେ ଚାକିରି କରୁଥିବା ଲବଣ୍ୟ ଦେବୀଙ୍କ ଜଣେ ମାମୁପୁଅ ଭାଇ ପ୍ରଥମେ ପ୍ରସ୍ତାବ ଆଣିଥିଲେ। ଉଭୟ ସହପାଠୀ ଥିଲେ ଓ ପରସ୍ପରକୁ ଜାଣିଥିଲେ ହେଁ ଲାବଣ୍ୟ ଦେବୀଙ୍କ ମା' କ୍ଷେତ୍ରବାସୀଙ୍କ ଆଚାରବିଚାର ପ୍ରତି ବେଶ୍ ଶ୍ରଦ୍ଧାଶୀଳ ହୋଇଥିଲେ। ଜାତିଗତ ବ୍ୟବଧାନ ଉଭୟଙ୍କ ବିବାହରେ ବେଶୀଦିନ ପ୍ରତିବନ୍ଧକ ସୃଷ୍ଟି କରିପାରି ନଥିଲା। ଝିଅ କରଣ ହୋଇଥିବାରୁ କନ୍ୟାଘର ପକ୍ଷର କିଛି ସଂପର୍କୀୟ ନିଜକୁ ଉଚ୍ଚଜାତି ଦେଖାଇ ଏଇ ବିବାହକୁ ପସନ୍ଦ କରି ନଥିଲେ। ମାତ୍ର ପରିବାରରେ ଅଧିକାଂଶ ବିଶେଷ କରି ବାପାବୋଉ ଏହି ଉଚ୍ଚଜାତି ପ୍ରସଙ୍ଗକୁ ପସନ୍ଦ କରି ନଥିଲେ। ସେଥିପାଇଁ ଉଭୟଙ୍କ ବିବାହ ପାଇଁ ପଥ ପରିଷ୍କାର ହୋଇଯାଇଥିଲା। ଏ ବିଷୟରେ ଡକ୍ଟର ଲାବଣ୍ୟ ନାୟକ ଲେଖିଛନ୍ତି, ''ବୋଉ ବୟସ୍କା ବୃଦ୍ଧା ଥିଲେ ମଧ୍ୟ ରକ୍ଷଣଶୀଳ ନଥିଲା। ମୋ ମାମୁମାନେ ପଦସ୍ଥ ଅଫିସର ଥିଲେ। ବାପା ଥିଲେ ଅତିମାତ୍ରାରେ ସଂସ୍କାରବାଦୀ, ଉଚ୍ଚଶିକ୍ଷିତ, ନୀତିବାଦୀ ଜଣେ ଶିକ୍ଷକ। ସାମାନ୍ୟ ଜାତି ବୈଷମ୍ୟ ସତ୍ତ୍ୱେ ବୋଉ ଏପରି ପଦକ୍ଷେପ ନେବାରେ କୁଣ୍ଠିତ ନଥିଲା।''

ଦାମ୍ପତ୍ୟ ଜୀବନ ଆରମ୍ଭ କରିଥିଲେ କ୍ଷେତ୍ରବାସୀ। ସାଧାରଣ ସାଂସାରିକ ଜୀବନ ନୁହେଁ, ସାରସ୍ୱତ ଜୀବନ ନିର୍ବାହ କରିବା ପାଇଁ ପତ୍ନୀ ଲାବଣ୍ୟଙ୍କୁ ମଧୁଶଯ୍ୟା ରାତ୍ରିରେ କୁଳଦୀପକୁ ସମ୍ମୁଖରେ ରଖି ଶପଥ କରାଇଥିଲେ କ୍ଷେତ୍ରବାସୀ। ଏହାପରେ ଉଭୟଙ୍କ ସାରସ୍ୱତ ଯାତ୍ରା ହୋଇଯାଇଥିଲା ପ୍ରଶସ୍ତ। ଏହି ପ୍ରଶସ୍ତ ମାର୍ଗର ପ୍ରଥମ ପ୍ରତିଶ୍ରୁତି ଥିଲା 'ପ୍ରବନ୍ଧ ଓ ପ୍ରାବନ୍ଧିକ'। ଉଭୟଙ୍କ ପ୍ରଚେଷ୍ଟାରେ ଏହା ପ୍ରକାଶିତ ହୋଇଥିଲା। ଏହି ପୁସ୍ତକ ପରବର୍ତ୍ତୀ ସମୟରେ ପାଠ୍ୟପୁସ୍ତକ ରୂପେ ନିର୍ବାଚିତ ହୋଇଥିଲା। ଆଗାମୀ ସାରସ୍ୱତ ଯାତ୍ରା ପାଇଁ ଉଭୟେ ପ୍ରସ୍ତୁତ ହୋଇଥିଲେ।

ବିବାହ ପରେ ପରେ ବଲାଙ୍ଗିର ମହିଳା ମହାବିଦ୍ୟାଳୟରେ ଅଧ୍ୟାପିକା ରୂପେ ଲାବଣ୍ୟ ନାୟକଙ୍କର ନିଯୁକ୍ତି ଆଦେଶ ଆସିଥିଲା। ବଲାଙ୍ଗିରରେ ଆରମ୍ଭ ହେଲା ତାଙ୍କର ବୃତ୍ତିଗତ ଜୀବନ୍। ଏହାପରେ ଜେଜେବାପାଙ୍କ ଦେହାନ୍ତ ହେଲା। ପିଲାଟି ଦିନରୁ ଯିଏ କ୍ଷେତ୍ରବାସୀଙ୍କ ଜୀବନର ଉତ୍‌ଥାନ ଦେଖିଆସିଥିଲେ, ତାଙ୍କର ବିଦାୟର କ୍ଷଣ ଥିଲା ପରିବାର ପାଇଁ ଦୁଃଖଦ ମୁହୂର୍ତ୍ତ।

୧୯୬୬ ମସିହା ଏପ୍ରିଲ ମାସରେ ଗଙ୍ଗାଧର ମେହେର ସାଂଧ ମହାବିଦ୍ୟାଳୟରୁ ରାଜେନ୍ଦ୍ର ମହାବିଦ୍ୟାଳୟ, ବଲାଙ୍ଗିରକୁ ବଦଳି ହୋଇଆସିଲେ କ୍ଷେତ୍ରବାସୀ।

ବଲାଙ୍ଗିର : ସମ୍ଭାବନା ଓ ସାଧନା

ବଲାଙ୍ଗିରରେ ଅବସ୍ଥାନ କ୍ଷେତ୍ରବାସୀଙ୍କ ଜୀବନରେ ଥିଲା ଉଲ୍ଲେଖନୀୟ ଅଧ୍ୟାୟ। ୧୯୬୬ରୁ ୧୯୭୧- ଏହି ପାଞ୍ଚ ବର୍ଷ ଯେପରି ତାଙ୍କ ପାଇଁ ହୋଇଯାଇଥିଲା ସମ୍ଭାବନା ଓ ସାଧନାର ପର୍ବ। ପୂର୍ବରୁ ପତ୍ନୀ ଲାବଣ୍ୟ ତ ବଲାଙ୍ଗୀରରେ ଥିଲେ। କ୍ଷେତ୍ରବାସୀ ଆସିବା ପରେ ଉଭୟଙ୍କର ପୂର୍ବ ଯୋଜନାର ରୂପାୟନ ଆରମ୍ଭ ହୋଇଥିଲା। ବଲାଙ୍ଗିର ସାରସ୍ୱତ ବାତାବରଣ ବି ଥିଲା ଏଥିପାଇଁ ନିର୍ଣ୍ଣାୟକ। କ୍ଷେତ୍ରବାସୀ ଯେଉଁଠି ରହନ୍ତି ସେଠି ସାରସ୍ୱତ ପରିବେଶ ଅଧିକ ଚଳଚଞ୍ଚଳ ହୋଇଉଠେ। ସାରସ୍ୱତ ଅନୁଷ୍ଠାନ 'ଆତ୍ମପ୍ରକାଶନୀ' ଥିଲା ସମଧର୍ମାମାନଙ୍କ ମାନସସନ୍ତାନ। ଶ୍ରୀନିବାସ ଉଦ୍‌ଗାତା ଓ ରାଜକିଶୋର ମିଶ୍ରଙ୍କ ସହ ଏକାଠି ହୋଇ କ୍ଷେତ୍ରବାସୀ ଗଢ଼ିଥିଲେ ଏହି ଅନୁଷ୍ଠାନ। ଏହି ସଂସ୍ଥା ଗଠନ ସଂପର୍କରେ ବର୍ଷୀୟାନ ସାରସ୍ୱତ ସାଧକ ଶ୍ରୀନିବାସ ଉଦ୍‌ଗାତା କହନ୍ତି, ''ଆତ୍ମପ୍ରକାଶନୀ' ଆମର ପ୍ରିୟତମ ସଂସ୍ଥା। ଏକାନ୍ତ ଆମର। ତାହା କ୍ଷେତ୍ରବାସୀଙ୍କ ମାନସପୁତ୍ରୀ। ସେହି ହିଁ ତା'ର ମଙ୍ଗୁଆଳ, ସବୁକିଛି। ଆମର ଅନ୍ତରାତ୍ମାରେ ଏହି

ଅନୁଷ୍ଠାନ ବିଜୟାଦଶମୀ ୧୯୬୭ ଦିନ ପ୍ରତିଷ୍ଠାତ ହେଲା। ଦଶହରା ଛୁଟି ଆରମ୍ଭ ହେବାର ଠିକ୍ ପୂର୍ବ ଦିନ। ଆମେ ଦୁହେଁ ତାମ୍ବୁଳପ୍ରିୟ, ସାଙ୍ଗରେ ସାନଭାଇ ଅଧ୍ୟାପକ ରାଜକିଶୋର ମିଶ୍ର, ସେ ବି। ମୁଁ ପାନ ଦୋକାନ ଠେଇଁ ଥାଏ ସେମାନେ ଦୁହେଁ ଆସି ସାଇକେଲରୁ ଓହ୍ଲେଇ ପଡ଼ିଲେ। ମୋ ଆଗକୁ ଆସି ପ୍ରଣାମ କଲେ। ସେ ଦୁହିଁଙ୍କ ସହିତ ମୋର ଆଦୌଁ ପରିଚୟ ନଥାଏ। କ୍ଷେତ୍ରବାସୀବାବୁ ଆଗ ଆସି ପରିଚୟ ଦେଲେ ଓ ବିନା ଭୂମିକାରେ କହିଲେ- ''ଆମେ ଗୋଟିଏ ସଂସ୍ଥା କରିବା।'' ମୁଁ ତାଙ୍କୁ ଅନେଇଲି ତାଙ୍କର ଭାବମୁଦ୍ରାରେ କି ଅପୂର୍ବ ଆକର୍ଷଣ ଥିଲା କେଜାଣି ମୁଁ ମଧ୍ୟ କିଛି ନକହି କହିଲି- 'ହଁ'। କାହିଁକି କରିବା, କି ସଂସ୍ଥା, କେମିତି କରିବା ଆଦି କୌଣସି କଥାର ବିଚାର ନକରି, କଥାଟି ପ୍ରାୟ ଯେମିତି ଆଗେଇଲା, କହୁଛି। ସେ କହିଲେ- 'ଏଇ ବିଜୟା ଦଶମୀ ଦିନ ତା'ର ଅନୁକୂଳ ହବ। ଗୋଟିଏ ଛୋଟ ବହି ଛାପିବା।'' ମୁଁ ତାଙ୍କୁ ବିସ୍ମିତ ଆଖିରେ ଅନେଇ ପଚାରିଲି- ''ସେ କ'ଣ ସମ୍ଭବ! ଆଜି ଓ ଦଶମୀକୁ ଦିନକୁ ଛାଡ଼ିଦେଲେ ମଝିରେ ମାତ୍ର ତିନୋଟି ଦିନ। ବଲାଙ୍ଗିର ଭଳି ଜାଗାରେ ଏତେ ଅଳ୍ପ ସମୟରେ, ପାଣ୍ଡୁଲିପି ବି ଯେତେବେଳେ ପ୍ରସ୍ତୁତ ହୋଇନାହିଁ, ବହିଟିଏ ଛାପି ଦେବା କ'ଣ ସମ୍ଭବ !''

''ମୁଁ କେଡ଼େ ବହି କଥା କହୁଛି ଯେ! ପ୍ରାୟ ଅଠଚାଳିଶ ପୃଷ୍ଠାର କବିତା ବହି।''

ହଁ, ପ୍ରସ୍ତାବଟି କେବଳ ପ୍ରସ୍ତାବ ହୋଇ ରହିନଥିଲା। କାର୍ଯ୍ୟକାରୀ ହୋଇଥିଲା। ଏ କ୍ଷେତ୍ରରେ ଆଗ୍ରହ ଦେଖାଇଥିଲେ ପ୍ରସାଦ ପ୍ରିଣ୍ଟର୍ସର ସତ୍ୱାଧିକାରୀ ପ୍ରକାଶ ରାଓ। ସେହି ପାନ ଦୋକାନକୁ ବିଡ଼ି ପାଇଁ ଆସିଥିବା ପ୍ରକାଶ ରାଓ କହିଥିଲେ- ''କାହିଁ ହେବ ନାଇଁ ଆଜ୍ଞା, ଆପଣ କାଲି କବିତା ନେଇ ଆସନ୍ତୁ, ବାସ୍ତରୀ ଘଣ୍ଟାରେ ଅଠଚାଳିଶ ପୃଷ୍ଠା କରି ଦେଇ ପାରିବ ନାଇଁ ନା ? ଦେଖନ୍ତୁ, ଆପଣମାନେ ସେଇଠି ମୋ ପାଖରେ ଥିବେ, ପ୍ରୁଫ୍ ଦେଖି ଦେଉଥିବେ, ଚାରି ଚାରି ପୃଷ୍ଠା ହୋଇ ଛପା ହେବ ତ। ମୋ ଘର ଆଉ ପ୍ରେସ ତ ଗୋଟେ, ମଝିରେ ମଝିରେ କଫି କି ଟିକିଏ କ'ଣ ଚାଲିଥିବ।... କାମ ହୋଇଯିବ।''

ଆରମ୍ଭ ହେଲା 'ଆତ୍ମପ୍ରକାଶନୀ'। ଅଧ୍ୟାପକ କ୍ଷେତ୍ରବାସୀ ନାୟକଙ୍କ ସହ ଶ୍ରୀନିବାସ ଉଦ୍‌ଗାତା ଓ ଅଧ୍ୟାପକ ରାଜକିଶୋର ମିଶ୍ରଙ୍କ ଏକନିଷ୍ଠ ଉଦ୍ୟମରେ ପ୍ରକାଶ ପାଇଲା ଏହି ସଂସ୍ଥା ଆଦ୍ୟପୁସ୍ତକ 'ମୁକ୍ତଦଶକ'। ବିଜୟା ଦଶମୀରେ ଅଧ୍ୟାପକ ନାୟକଙ୍କ ଗୁରୁଡ଼ିପଡ଼ା ଭଡ଼ାଘରେ କୋଡ଼ିଏପଚିଶ ଜଣ ଆମନ୍ତ୍ରିତ ଅତିଥିଙ୍କ ଗହଣରେ ଶ୍ରୀଦୁର୍ଗାଙ୍କ ପୂଜାର୍ଚ୍ଚନା ସହ ଉନ୍ମୋଚିତ ହୋଇଥିଲା 'ମୁକ୍ତଦଶକ'। ସାରା ପରିବେଶ ଆନନ୍ଦ ଓ ଉନ୍ମାଦନାଭରା।

ଏହି କବିତା ସଂକଳନରେ ଯେଉଁ ଦଶ ଜଣ କବିଙ୍କ କବିତା ସ୍ଥାନ ପାଇଥିଲା ସେମାନେ ହେଉଛନ୍ତି- ଶ୍ରୀମତୀ ଆଶାଲତା ଉଦ୍‌ଗାତା, ଶ୍ରୀ ଚିନ୍ତାମଣି ବେହେରା, ଶ୍ରୀ ନିତ୍ୟାନନ୍ଦ ଆଚାର୍ଯ୍ୟ, ଶ୍ରୀମତୀ ରାଜେଶ୍ୱରୀ ପୁରୋହିତ, ଶ୍ରୀରାମପ୍ରାସାଦ ପୁରୋହିତ, ଶ୍ରୀ ରାମ କୁମାର ଆଗ୍ରୱାଲା, ଶ୍ରୀମତୀ ଲାବଣ୍ୟ ନାୟକ, ଶ୍ରୀ ଶ୍ୟାମସୁନ୍ଦର ଦାସ, ଶ୍ରୀନିବାସ ଉଦ୍‌ଗାତା ଓ ଶ୍ରୀ କ୍ଷେତ୍ରବାସୀ ନାୟକ। ଏଇଠୁ ଆରମ୍ଭ ହୋଇଥିଲା ଏକାଠି ସାରସ୍ୱତ ଯାତ୍ରାର ଆଉ ଏକ ପର୍ବ। ପରସ୍ପର ସାକ୍ଷାତ, ଆଲୋଚନା, ପ୍ରସ୍ତାବ ଓ ଯୋଜନା ଭିତରେ ସର୍ଜନ ପ୍ରକ୍ରିୟା ସ୍ରୋତସ୍ୱିନୀର ରୂପେ ନେଉଥିଲା।

ସର୍ବଦା ନୂତନତ୍ୱର ସନ୍ଧାନୀ ଥିଲେ ଆଧାପକ କ୍ଷେତ୍ରବାସୀ ନାୟକ। 'ମୁକ୍ତ ଦଶକ' ପରେ ଅଭିନବ କଳ୍ପନାର ଫଳଶ୍ରୁତି ଥିଲା 'ବିଫଳତାର ସପକ୍ଷରେ'। ଏହା ଏକ ଯୌଥ କବିତା ସଂକଳନ ଥିଲା। ଅଧ୍ୟାପକ ନାୟକ ଯେଉଁ ବିଚିତ୍ର କଳ୍ପନାରୁ ଏପରି ଏକ କବିତା ସଂକଳନ ପ୍ରସ୍ତୁତ ହେଲା ତାହା ଥିଲା- ଯେଉଁ କେତେଜଣ ଏକାଠି ହେବେ ସେମାନଙ୍କ ମଧ୍ୟରୁ ଜଣେ କେହି ତାଙ୍କର ମନର କବିତାର ଗୋଟିଏ ଧାଡ଼ି କହିବେ ଓ ତାହା ଲିପିବଦ୍ଧ ହେବ। ତାଙ୍କ ପାଖରେ ଥିବା ଜଣକ ସେହି ଧାଡ଼ିକ ପୂରଣ କରିବେ ଏବଂ ଏହି କ୍ରମରେ କବିତା ରଚନା ହେବ। ଅଧ୍ୟାପକ ନାୟକଙ୍କ ଘରେ, ଶ୍ରୀନିବାସ ଉଦ୍‌ଗାତାଙ୍କ ଘରେ; ଏପରିକି ପାର୍କରେ ସମସ୍ତେ ଏକାଠି ହୋଇଥିଲେ ତେଇଶିଟି ସଂଧ୍ୟା ଏବଂ ପ୍ରସ୍ତୁତ ହୋଇଥିଲା ତେଇଶିଟି କବିତା। ଏହି ଆସରରେ ନିୟମିତ ଭାବେ ଯୋଗ ଦେଉଥିଲେ ଶ୍ରୀନିବାସ ଉଦ୍‌ଗାତା, ଶ୍ରୀ ଅକ୍ଷୟ କୁମାର ନନ୍ଦ, ଶ୍ରୀ ରାଜକିଶୋର ମିଶ୍ର, ଶ୍ରୀ ରାମକୁମାର ଅଗ୍ରୱାଲ ଓ କ୍ଷେତ୍ରବାସୀ ନାୟକ। ସମସ୍ତଙ୍କ ପୂରାନାମ ଦେବା ସମ୍ଭବପର ହେବ ନାହିଁ ବୋଲି ଶ୍ରୀ.ଉ, ଅ.ନ., ରା.ମି., ରା.ଅ. ଓ କ୍ଷେ.ନା. ନାମ କବିତାର ଶେଷରେ ଉଲ୍ଲେଖ କରାଯାଇଥିଲା। ଯେଉଁ ଆସରରେ ଏହି ପାଞ୍ଚ ଜଣ ଏକାଠି ହୋଇପାରିନାହାଁନ୍ତି, ଯେଉଁ କେତେଜଣ ଉପସ୍ଥିତ ଅଛନ୍ତି ସେମାନେ ଏହିପରି ଧାରାରେ କବିତାଟିଏ ଲେଖିଛନ୍ତି। କେତେକ ଆସରରେ ଏକାଠି ହୋଇଛନ୍ତି ଶ୍ରୀ ପ୍ରସନ୍ନ କୁମାର ମିଶ୍ର ଓ ଶ୍ରୀ ସରୋଜ ରଞ୍ଜନ ମହାନ୍ତି। ଏହି ଦୁଇ କବିଙ୍କ ଉପସ୍ଥିତି ମଧ୍ୟ ଏହି ସାରସ୍ୱତ କର୍ମ ପାଇଁ ପ୍ରେରଣା ଦେଇଛି। ଏହିପରି ଭାବେ କବିତା ଲେଖିବାର ପ୍ରୟାସ ଓଡ଼ିଆ କବିତା ରଚନା ପରମ୍ପରାରେ ନୂତନ। ଏପରି ପ୍ରୟାସକୁ ମଧ୍ୟ ପ୍ରଶଂସା କରାଯାଇଛି।

'ଦେବକୀର ଅଶ୍ରୁ', 'ଯୋଗ୍ୟକର ମୋତେ ଅନୁଗ୍ରହ', 'ନୁହେଁ ପ୍ରୀତିମୟ ?', 'ବଶିଷ୍ଠର ଜ୍ୱାଳା', 'ସୌମିତ୍ରୀର ତୃଷ୍ଣା', 'ବିଫଳତାର ସପକ୍ଷରେ', 'ରୋଦସୀ', 'ଧନ୍ୟ

ମୃତ୍ୟୁ ସାଇଁ', 'କାମବତୀ', 'ସ୍ମୃତି ଏକ ପରିତ୍ୟକ୍ତ ସହରର', 'ବିବର', 'ଶାଶ୍ୱତ ଚୌପଦୀ, 'ଆଖିର କବିତା', 'ଜଗତେ ହଜେ ନା କିଛି', 'ସତ୍ୟ ଶିବ ସୁନ୍ଦର', 'ସୂର୍ଯ୍ୟସ୍ତବ', 'ଏକ ଉଜାଗରୀ ମନର କବିତା', 'ବିପୁଳାଣ୍ଟ ପୃଥ୍ୱୀ' ଆଦି କବିତା ଏହି ସଂକଳନରେ ପ୍ରକାଶ ପାଇଥିଲା ଏବଂ ଏହାର ନାମକରଣ କରିଥିଲେ ଅଧ୍ୟାପକ ଚିନ୍ତାମଣି ବେହେରା। ସାହିତ୍ୟ ପତ୍ରିକା 'ନବପତ୍ର' ରେ ବି 'ସୌମିତ୍ରୀର ତୃଷ୍ଣା' କବିତା ପ୍ରକାଶ ପାଇଥିଲା। ଏହି 'ବିଫଳତାର ସପକ୍ଷରେ' କବିତା ସଂକଳନର ମୁଖବନ୍ଧ 'କହିରଖୁ'ରେ ଏଥିରେ ସ୍ଥାନିତ କବିତା ଓ ସ୍ରଷ୍ଟା-ଦୃଷ୍ଟିକୋଣ ସଂପର୍କରେ ଯେଉଁ ସୂଚନା ରହିଛି ତାହା କେବଳ ଉଲ୍ଲେଖନୀୟ; ତହିଁରେ ପ୍ରକାଶ ପାଇଛି ସ୍ରଷ୍ଟାଙ୍କ ହୃଦୟ ଭାବୋଚ୍ଛ୍ୱାସ।

''ଏ କାହାଣୀରେ ବିସ୍ମୟକର ଆବେଗ ନାହିଁ, ଅଂଗେ ନିଭେଇବାର ଯେଉଁ କିଛି ସ୍ମୃତି, ଏକାଂତ ଭାବରେ ଯାହା କିଛି ନିଜସ୍ୱ, କେବଳ ତା'ରି ଏକ ସ୍ମାରକ ଲିପି ଏ। ସାହିତ୍ୟ ବା କବିତାର ପାଣିପାଗରେ କୌଣସି ବିବର୍ତ୍ତନ ସୃଷ୍ଟି କରିବାର ଆସ୍ଫାଳନ ନ ରଖି ଆଜିର ଏକ ଉନ୍ମୁକ୍ତ ଜୈତ୍ରୀର ପୁଲକିତ ମର୍ମର ତଳେ 'ବିଫଳତା ସପକ୍ଷରେ' ରାହା ତୋଳି ପୁଣି ମ୍ଳାନ ଗୋଧୂଳିରେ ହଜେଇ ଦେବାର ସ୍ୱପ୍ନ ମାତ୍ର ଦେଖିଛୁ ଆମେ।

ସନ୍ନିବେଶିତ ତେଇଶଟି କବିତା, ତେଇଶଟି ସଂଧ୍ୟା ଆସରରୁ ଜନ୍ମ ନେଇଛି। ପଂଚୁପାଂଡ଼ବଂକର ପାଂଚାଳୀ ବିବାହ କରି, ବିଫଳତା ଆମ ପାଂଚ ଜଣଂକର ବାଗ୍‌ଦତ୍ତା ତା'ର ପ୍ରତ୍ୟେକ ଅବୟବରେ ମିଳିତ କଂଠର ଆବେଗ ରହିଛି, ପ୍ରଥମ ପଂକ୍ତି ଜଣକର ହେଲେ ସେହି ଉତ୍‌ଥିତ ଭାବନାକୁ ସ୍ପଂଦନାତୁର କରିବାକୁ ଅନ୍ୟ କଂଠରେ ଦରଦ ଆସିଛି, ତୃତୀୟ ଉଚ୍ଛ୍ୱାସରେ ସେ ହୁଏତ ଛଳଛଳ ହୋଇ ଉଠିଛି। ବିକ୍ଷିପ୍ତ ଓ ବିଭିନ୍ନ ଭାବନା ଏବଂ ମାନସିକ ଉତ୍ତେଜନାକୁ ଏକତ୍ର ସଂଯୋଜିତ କରି ତା'ର ସାମଗ୍ରିକ ସଂହତି ଆଣିବାକୁ ପ୍ରଚେଷ୍ଟା କରାଯାଇଛି, ଅବଶ୍ୟ କୌଣସି ଏକ ନିର୍ଦ୍ଧାରିତ ଭାଗକେଂଦ୍ରକୁ ଆଶ୍ରୟ କରି ନୁହେଁ, ଜଗତ ଅନୁଭୂତିରୁ ଏ ରୂପ ନେଇନି, ନିଛକ ବାସ୍ତବତା କି ବାରହାତ ବେଣୀର ରୂପକଥା କିଂବା ଉଦାତ୍ତବୌଦ୍ଧିକ ଅନୁଚିଂତାର ପ୍ରଲେପ ଏଥିରେ ନାହିଁ। ତଂଦ୍ରାତୁର ପ୍ରବଣତା, ସ୍ପର୍ଶକାତର ନିରୀହ ଭାବୋଚ୍ଛ୍ୱାସ ଓ ସାମୟିକ ପ୍ରଜ୍ଞାନୁଶୀଳନର ଅବିନ୍ୟସ୍ତ ସଂଗୁଂଫନର ପ୍ରତିଧ୍ୱନି ପ୍ରତି କବିତାରେ ଭରି ରହିଛି।'' ଅଧ୍ୟାପକ ନାୟକ ଓ ତାଙ୍କର ସମଧର୍ମା ବନ୍ଧୁମାନେ ସାହିତ୍ୟ ପ୍ରତି କେତେ ମନସ୍କ ହେଇ ପଡ଼ିଥିଲେ; ତାହା ଏହି କେତୋଟି ଧାଡ଼ିରୁ ବୁଝା ହୋଇଯାଏ। ସଂକଳନର ପ୍ରାରମ୍ଭରେ ପ୍ରାକ୍‌ଭାଷେ ରୂପେ ଏକ କବିତା ପଂକ୍ତି ବି ସ୍ଥାନ ପାଇଥିଲା। ତହିଁରେ ବି ସ୍ରଷ୍ଟାମାନଙ୍କ ସର୍ଜନାତ୍ମକ ଦୃଷ୍ଟିକୋଣ ପରିପ୍ରକାଶ ଲାଭ କରିଛି-

'' ଜଡ଼ର ଦେହେ ପରାଣ ଦେଇ-
ନିର୍ଜୀବନେ ପୁଲକ ଦେଇ
ଅହଲ୍ୟା ଯେ ଗଢ଼ିଗଲି ମୁଁ
ବ୍ରହ୍ମା ମୁହିଁ, ମାଧୁରୀ ଦେଇ, ଚାତୁରୀ ଦେଇ
ସରସ ରସେ ରସାଳ କରି ଆଂକିଗଲି
ପରାଣ ଭରି ଭରାଇ ଦେଲି ଆକାଶ ପରି
ଛବି ତା'
ଗୌତମ ହେ ସାଦରେ ଘେନ... କାଂତଦାନେ
ନମ୍ର ଏଇ ବନିତା।''

ବଲାଙ୍ଗିରରେ ଅବସ୍ଥାନ କାଳରେ ଅଧ୍ୟାପକ ନାୟକଙ୍କ ଗଳ୍ପ ସଂକଳନ 'ଫୁଲର କବର'(୧୯୬୭) ଓ କବିତା ସଂକଳନ 'ଉଚ୍ଚାରଣ'(୧୯୬୯) ପ୍ରକାଶ ପାଇଥିଲା। ଏଥିରେ ସ୍ରଷ୍ଟାଙ୍କ ସର୍ଜନଶୀଳ ପ୍ରତିଭାର ପରିଚୟ ମିଳେ। 'ଫୁଲର କବର'ରେ ସ୍ଥାନିତ ଗଳ୍ପ ୧୯୬୦ ଓ ତା' ପରବର୍ତ୍ତୀ ସମୟର ରଚନା। 'ଉଚ୍ଚାରଣ' କବିତା ସଂକଳନରେ ସ୍ଥାନିତ କବିତା ୧୯୬୩ରୁ ୧୯୬୯ ମଧ୍ୟରେ ଲେଖା। 'ଫୁଲର କବର'ରେ ସେ ଗୋଟିଏ କଥା ସ୍ୱୀକାର କରିଛନ୍ତି, ତାହା ହେଲା-''ଭଦ୍ରକରୁ କଟକ ବାଟ ଦେଇ ସଂବଲପୁର ଓ ସଂବଲପୁରରୁ ବଲାଂଗିର ମାଇଲ ମାଇଲ ଲମ୍ବ ପଥ ଅତିକ୍ରମ କରି ମୋ ସୃଷ୍ଟିର ରଥଚକ୍ର ଆସି ଏଠି ପହଂଚି ଥଲେ ବି ବୋଧହୁଏ ଆଉ କିଛିଦିନ ପର୍ଯ୍ୟନ୍ତ ପ୍ରକାଶର ଆଲୋକ ଦେଖି ନଥାନ୍ତା, ଯଦି ଆତ୍ମପ୍ରକାଶନୀ ଏହାର ଦାୟିତ୍ୱ ନେଇ ନ ଥାନ୍ତେ।'' କବିତା କ୍ଷେତ୍ରରେ ସ୍ରଷ୍ଟାମାନସର ପ୍ରଥମ ଉଚ୍ଚାରଣ 'ଉଚ୍ଚାରଣ' କବିତା ସଂକଳନ ନିଜର ଉତ୍ତରପିଢ଼ିକୁ ଉତ୍ସର୍ଗ କରିଛନ୍ତି ଅଧ୍ୟାପକ ନାୟକ। ଏହି କବିତାର ଭାବଭୂମି ସଂପର୍କରେ ସେ 'ସ୍ମରଣୀୟ ଲିପି' ଶୀର୍ଷକ ମୁଖବନ୍ଧରେ ଉଲ୍ଲେଖ କରିଛନ୍ତି, ''ଉଚ୍ଚାରଣ' ମୋର ପ୍ରଥମ କବିତା ଗ୍ରନ୍ଥ। ଗଳ୍ପ ନିର୍ମାଣଶାଳାରୁ କାବ୍ୟମନ୍ଦିର ଦର୍ଶନ ପାଇଁ ଯାଇ ମୁଖଶାଳାରେ ପହଞ୍ଚିଛି ମାତ୍ର। କେତୋଟି ସ୍ପନ୍ଦନର ପ୍ରମୂର୍ତ୍ତ ଲିପି ଏଇ ମୋର କବିତାଗୁଡ଼ିକ। ଜୀବନ ଏତେ ବ୍ୟାପକ ଯେ, ମଣିଷ ଅନୁଭବ ଏତେ ଶୀଘ୍ର ପରିପକ୍ୱତା ବରଣ କରିବା ହୁଏତ କଷ୍ଟକର। ତଥାପି ହୃଦୟ ଓ ମନର ସଂବେଦନକୁ ଭାବମୂର୍ତ୍ତ ଦେବା ଲାଗି ଯତ୍ନ କରିଛି।''

କବିତା ସଂକଳନ 'ଉଚ୍ଚାରଣ'ରେ ପ୍ରସ୍ତୁତି ସମୟରୁ ତାଙ୍କର ଅନନ୍ୟ ଓ ଅସାମାନ୍ୟ ଦୃଷ୍ଟିକୋଣକୁ ଲକ୍ଷ୍ୟ କରିବାର କଥା। ସ୍ଥାନିତ କବିତାଗୁଡ଼ିକୁ ନିର୍ବାଚନ କରିଥିଲେ

ବୁଦ୍ଧିଜୀବୀ ପାଠକ ଓ କବିତାକୁ ଭଲ ଭାବରେ ବୁଝୁଥିବା ବ୍ୟକ୍ତିତ୍ୱ। କ୍ରମାନ୍ୱୟରେ କବିତା ଫାଇଲ୍ ଜଣକ ପରେ ଜଣେଙ୍କ ନିକଟକୁ ଯାଉଥିଲା। ପ୍ରଥମ ବ୍ୟକ୍ତି ଯେଉଁ ପାଞ୍ଚୋଟି କବିତା ବାଛୁଥିଲେ ତାହା ନିର୍ବାଚିତ ହେଉଥିଲା ପରେ ଅବଶିଷ୍ଟ କବିତା ଦ୍ୱିତୀୟ ବ୍ୟକ୍ତିଙ୍କ ନିକଟକୁ ଯାଉଥିଲା ଓ ସେ ଅବଶିଷ୍ଟ କବିତା ମଧ୍ୟରୁ ସେ ବାଛୁଥିଲେ ପାଞ୍ଚୋଟି କବିତା। ଏହିପରି ୩୦ଟି କବିତାକୁ ନେଇ ପ୍ରସ୍ତୁତ ହୋଇଥିଲା ସଂକଳନ 'ଉଚ୍ଚାରଣ'। ଏ ସଂପର୍କରେ ଏହି ଗ୍ରନ୍ଥର ସଂପାଦିକା ଲାବଣ୍ୟ ନାୟକ କହନ୍ତି, ''ଉଚ୍ଚାରଣ' ସଂପାଦନା ଦାୟିତ୍ୱ ଶ୍ରୀ ନାୟକ ମୋ ହସ୍ତରେ ଅର୍ପଣ କଲା ପରେ ମୁଁ ତାଙ୍କର ବିଭିନ୍ନ ପ୍ରକାଶିତ ଅପ୍ରକାଶିତ କବିତାର ଏକ ପାଣ୍ଡୁଲିପି ପ୍ରସ୍ତୁତ କଲି। ମାତ୍ର ସେଗୁଡ଼ିକ ମଧ୍ୟରୁ କେତୋଟି ରୁଚିକର ସଂକଳନ ପାଇଁ, ନିଜେ ନିର୍ବାଚନ ନକରି, 'ପାଣ୍ଡୁଲିପି ପର୍ଯ୍ୟଟନ' ଏପରି ଏକ ଅଦଭୁତ କୌଶଳ କଳ୍ପନା କଲି। ସେହି କଳ୍ପନା ବଳରେ କ୍ରମାନ୍ୱୟରେ କେତେଜଣ ବୁଦ୍ଧିଜୀବୀ ପାଠକଙ୍କ ନିକଟରେ, ଅବଶ୍ୟ ଭିନ୍ନ ଭିନ୍ନ ରୁଚି; ଏହି ପାଣ୍ଡୁଲିପି ପହଞ୍ଚିଲା। ସେମାନେ ଯେଉଁ କେତୋଟିକୁ ନିର୍ବାଚିତ କରି ମୋ ନିକଟକୁ ଫେରସ୍ତ ଦେଲେ ସେ ସବୁକୁ ସାଧାରଣରେ ଏକତ୍ରିତ କରିଛି।'' ଯେଉଁ ଛଅଜଣ ଏହି କବିତାମାନ ଚୟନ କରିଥିଲେ; ସେମାନେ ହେଲେ ଡାକ୍ତର ଶାନ୍ତିଲତା କାନୁନ୍‌ଗୋ, ଅଧ୍ୟାପକ ନାରାୟଣ ପୃଷ୍ଟେଠ, ରାଜକିଶୋର ଆଗ୍ରୱାଲା, ଶ୍ରୀନିବାସ ଉଦ୍‌ଗାତା ଓ ରାଜକିଶୋର ମିଶ୍ର। ଶ୍ରୀ ମିଶ୍ର ଏହି କବିତା ସଂକଳନରେ ପୃଷ୍ଠବନ୍ଧ ମଧ୍ୟ ଲେଖିଛନ୍ତି।

୨୦ ଜାନୁଆରୀ ୧୯୬୯ରେ ବଲାଙ୍ଗିରଠାରେ ଆୟୋଜିତ ପଞ୍ଚମ ଓଡ଼ିଆ ଯୁବ ଲେଖକ ସମ୍ମେଳନ ଅବସରରେ ଏହି କବିତା ସଂକଳନଟି ପ୍ରକାଶ ପାଇଥିଲା ଏବଂ ଏହାର ପ୍ରକାଶକ ମଧ୍ୟ ଥିଲେ 'ଆତ୍ମପ୍ରକାଶନୀ'। ଲେଖକ ସମ୍ମେନଳର ଅଭ୍ୟର୍ଥନା ସମିତି ସଂପାଦନା ଦାୟିତ୍ୱରେ ଥାଇ କର୍ମବ୍ୟସ୍ତତା ଭିତରେ ସେ ଏହି କବିତା ସଂକଳନ ପ୍ରକାଶ କରିବା ମଧ୍ୟ ଉଲ୍ଲେଖଯୋଗ୍ୟ। ତେବେ ଗୋଟିଏ ଅନୁଷ୍ଠାନ ବ୍ୟକ୍ତିକୁ କେତେ ଉତ୍ସାହିତ କରେ, ତାହାର ଏହା ଏକ ଦୃଷ୍ଟାନ୍ତ। ଅଧ୍ୟାପକ କ୍ଷେତ୍ରବାସୀ ଯେଉଁ ଅନୁଷ୍ଠାନ ଗଢ଼ିଥିଲେ, ସେହି ଅନୁଷ୍ଠାନ ତାଙ୍କ ସାରସ୍ୱତ ଯାତ୍ରାପଥକୁ କେତେ ପ୍ରଶସ୍ତ କଲା, ତାହା ଏଇଥିରୁ ହିଁ ସ୍ପଷ୍ଟ ହୋଇଯାଏ।

ବଲାଙ୍ଗିରରେ ଅବସ୍ଥାନ କାଳରେ ଅଧ୍ୟାପକ କ୍ଷେତ୍ରବାସୀ ସାରସ୍ୱତ ସାଧନା କ୍ଷେତ୍ରରେ ଅଧିକ ସକ୍ରିୟ ହୋଇଉଠିଥିଲେ। ଏଠାକାର ସାରସ୍ୱତ ବାତାବରଣ ତାଙ୍କୁ ଏ ଦିଗରେ ଅନେକ କାର୍ଯ୍ୟ କରିବାର ସୁଯୋଗ ସୃଷ୍ଟି କରିଥିଲା। ବଲାଙ୍ଗିର ତାଙ୍କ ପାଇଁ କେବଳ ସାଧନାର ଭୂମି ନଥିଲା ସଫଳତାର ଭୂମି ମଧ୍ୟ ଥିଲା। ୧୯୬୬ରୁ

୧୯୭୧ ପର୍ଯ୍ୟନ୍ତ ରାଜେନ୍ଦ୍ର କଲେଜ ତାଙ୍କର ଅଧ୍ୟାପନା କାଳରେ ଧର୍ମପତ୍ନୀ ଲାବଣ୍ୟ ନାୟକଙ୍କ ସହ 'ପ୍ରବନ୍ଧ ଓ ପ୍ରାବନ୍ଧିକ'(୧୯୬୮) ଏବଂ 'ଅଳଙ୍କାର ଓ ଅଳଙ୍କାର ତତ୍ତ୍ୱ'(୧୯୬୮) ପୁସ୍ତକ ରଚନା କରିଥିଲେ। ଏହି ପୁସ୍ତକ ଦୁଇଟିର ପ୍ରକାଶ ଥିଲେ ବିଶ୍ୱବିଦ୍ୟା ପ୍ରକାଶ, କଟକ ଓ ଭାରତୀ ଟ୍ରେଡିଂ କମ୍ପାନୀ, ଟିଟିଲାଗଡ଼। ଅଧ୍ୟାପକ ନାୟକଙ୍କ ଦୁଇଟି ପ୍ରବନ୍ଧ ଓ ସାମଲୋଚନା ପୁସ୍ତକ 'ସାହିତ୍ୟର ସାମାନ୍ୟ କଥନ'(୧୯୭୦) ଓ 'ସାହିତ୍ୟିକ ବୀକ୍ଷା ଓ ନିରୀକ୍ଷା'(୧୯୭୦) ଯଥାକ୍ରମେ ସାଥୀମହଲ ଓ ଫ୍ରେଣ୍ଡ୍ସ ପବ୍ଲିଶର୍ସ ପ୍ରକାଶ କରିଥିଲେ।

ଏହି ସମୟରେ ପ୍ରକାଶିତ 'ପୋଷ୍ଟର କବିତା' ମଧ୍ୟ ତାଙ୍କର ଏହା ନୂତନ ଦୃଷ୍ଟିକୋଣର ପରିଚୟ ଦିଏ। 'ବିଫଳତା ସପକ୍ଷରେ' କବିତା ଯେପରି ଓଡ଼ିଆ ସାହିତ୍ୟରେ ନୂତନ ପ୍ରୟୋଗ ଥିଲା, ଠିକ୍ ସେହିପରି 'ପୋଷ୍ଟର କବିତା' ମଧ୍ୟ ଥିଲା ଏକ ଆନ୍ଦୋଳନ। କ୍ଷେତ୍ରବାସୀ ନାୟକଙ୍କ ସଂପାଦନାରେ ଏହି କବିତାଗୁଡ଼ିକ ଆତ୍ମପ୍ରକାଶନୀ ଦ୍ୱାରା ପ୍ରକାଶ ପାଉଥିଲା। ମହିଳା ବିଦ୍ୟାଳୟ, ମହିଳା କଲେଜର ପ୍ରାଚୀରରେ ଲଗାଇଯାଇଥିବା ଅଶ୍ଳୀଳ ପୋଷ୍ଟର ଉପରେ ମରାଗଲା ନାନା ରଙ୍ଗରେ ଛପା ହୋଇଥିବା ଏହି ପୋଷ୍ଟର କବିତା। ସବୁ ବର୍ଗର ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସମର୍ଥ ହୋଇଥିଲା। କେବଳ କିଛି ସ୍ରଷ୍ଟାଙ୍କ ସାରସ୍ୱତ ସାଧନା ହୋଇରହିନଥିଲା; ସରସ୍ୱତ ସାଧନା ମାଧ୍ୟମରେ ସମାଜରେ ପରିବର୍ତ୍ତନ ଆଣିବାର ଏକ ଆଭିମୁଖ୍ୟକୁ ମଧ୍ୟ ଏହା ପ୍ରତିପାଦନ କରିଥିଲା। ଅଶ୍ଳୀଳତା ବିରୋଧରେ କବିତା ବି ଆୟୁଧ ହୋଇପାରେ ତାହା ଏହା ଦ୍ୱାରା ପ୍ରମାଣିତ କରିଥିଲେ ଅଧ୍ୟାପକ କ୍ଷେତ୍ରବାସୀ ନାୟକ। ସମଧର୍ମାମାନଙ୍କୁ ଏହି ଆନ୍ଦୋଳନରେ ସେ ସାମିଲ୍ କରିଥିଲେ। ଆଧୁନିକ ଓଡ଼ିଆ କବିତାର ଏହା ଥିଲା ଅଭିନବ ପ୍ରୟୋଗ। ସାହିତ୍ୟ ଯେ ଚାରିକାନ୍ଥ ଭିତରେ ସୀମିତ ରହି କତିପୟଙ୍କ ଚିନ୍ତାଚେତନା କଥା କହିବ ଓ ମନୋରଞ୍ଜନ କରିବ; ତାହାକୁ ଅସ୍ୱୀକାର କରିଥିଲା ଏହି ଆନ୍ଦୋଳନ।

୯ ନଭେମ୍ବର ୧୯୭୦ ମସିହାରେ ପ୍ରଥମ ପୋଷ୍ଟର କବିତା ପ୍ରକାଶ ପାଇଥିଲା। ଏହି କବିତାଟି ଥିଲା 'ଶୋଷ'। ସମସାମୟିକ ସମାଜର ଚମତ୍କାର ଚିତ୍ରମାନ ସେ ଆଙ୍କିଥିଲେ ଏହି ପୋଷ୍ଟର କବିତାରେ। ସୁନ୍ଦର ଚିତ୍ରକଳ୍ପ ମାଧ୍ୟମରେ ନିଜର ଦୃଷ୍ଟିକୋଣକୁ ଏଥିରେ ପ୍ରକାଶ କରାଯାଉଥିଲା।

ଶୋଷ

ସହର :

ଗୋଟିଏ ଦୀପ

ଚାରିପାଖେ ପତଙ୍ଗର ଭିଡ଼।
ଜାଳୁଚନ୍ତି ଶୋଷ ଶବାଧାର
ଚିତାନଳେ, ବଣିକ ଦାଣ୍ଡରେ-
ଆଖିର ମଣିଷମାନେ
ପତଙ୍ଗ ଭେକରେ ॥
ସମୁଦ୍ର :
ଫୁଂଜା ଫୁଂଜା ସ୍ୱେଦର କଣିକା
ନୀଳଢେଉ, ନୀଳ କଇଁଫୁଲ।
ଦେହୀର ସିକତା କୂଳେ
ଲହାଡ଼ା ଭାଙ୍ଗନ୍ତି।
ନୋଳି ଡଙ୍ଗା ବୁଡ଼ିଯାଏ
ନୋଳିଆ ଆହୁଲା ଛୁଏଁ
ସ୍ଥିରଗର୍ଭା ଉତ୍ତାନ ଦ୍ୱୀପରେ।
ସହର ସମୁଦ୍ର ଏକ
ଉପକୂଳ ଶୋଷ ସିକ୍ରାରର।

ଚମତ୍କାର ଚିତ୍ରକଳ୍ପ ଭିତରେ କବି କହିଛନ୍ତି ଜୀବନ ଓ ଜଗତର କଥା। ବାସ୍ତବତାର କଳାତ୍ମକ ଅଭିବ୍ୟକ୍ତିରେ 'ପୋଷ୍ଟର କବିତା'ର ଆବେଦନ ଥିଲା ଅନନ୍ୟ।

ରାଜେନ୍ଦ୍ର କଲେଜରେ ଅଧ୍ୟାପନା କାଳରେ ବହୁ ସାରସ୍ୱତ ସ୍ରଷ୍ଟା ତାଙ୍କର ସହକର୍ମୀ ଥିଲେ। ଚିନ୍ତାମଣି ବେହେରା, ରାଜକିଶୋର ମିଶ୍ର, ପ୍ରସନ୍ନ କୁମାର ମିଶ୍ର, ରତ୍ନାକର ଚଇନି, ସନତ୍ ଦାସ ପଟ୍ଟନାୟକ ସେମାନଙ୍କ ମଧ୍ୟରେ ଅନ୍ୟତମ। ଅଧ୍ୟାପନା କାଳରେ ଓଡ଼ିଆ ବିଭାଗ ପାଇଁ ନୂଆ ପରିବେଶ ଗଢ଼ିବାରେ ତାଙ୍କର ଭୂମିକା ଥିଲା ଅନସ୍ୱୀକାର୍ଯ୍ୟ। ଏ ସଂପର୍କରେ ସହକର୍ମୀ ଅଧ୍ୟାପକ କବି ଡକ୍ଟର ପ୍ରସନ୍ନ କୁମାର ମିଶ୍ର କହନ୍ତି, ''ସପ୍ତମ ଦଶକରେ ଓଡ଼ିଆ ସାହିତ୍ୟ ଏକ ମୋଡ଼ ନେଉଥିଲା। ବହୁ ପରୀକ୍ଷା ଓ ପ୍ରୟୋଗରେ ସାହିତ୍ୟର ବାତାବରଣ ଥିଲା ମୁଖର। କିନ୍ତୁ ସାଧାରଣ ଓଡ଼ିଆ ପାଠ୍ୟକ୍ରମ ରହିଥିଲା ଅପରିବର୍ତ୍ତିତ। ଆଧୁନିକ ସାହିତ୍ୟ ପାଇଁ କଲେଜୀୟ ପରିସରରେ ଥିଲା ଏକ ପ୍ରତିକୂଳ ମନୋଭାବ। ଯୁବଗୋଷ୍ଠୀର କାମ ଥିଲା ଏଇ ସ୍ଥିତାବସ୍ଥାକୁ ଭାଙ୍ଗିବା, ନେଗେସନ୍‌କୁ ଦୂର କରିବା ଓ ସମସାମୟିକ ସୃଷ୍ଟି ପ୍ରତି ଏକ 'ସମାଦର ଭାବ' ସୃଷ୍ଟି କରିବା। ଏଇ ଦୃଷ୍ଟିରୁ ବଲାଙ୍ଗିରରେ ଓଡ଼ିଆ ବିଭାଗରେ ଆମେ ଯେଉଁ କେତେଜଣ ତରୁଣ ଥିଲୁ,

ଆମର କର୍ତ୍ତବ୍ୟ ଥିଲା ସ୍ଥିତାବସ୍ଥାକୁ ଦୋହଲେଇ ଦୋହଲେଇ ନୂତନ ପରିବେଶ ଓ ପାଠ ପ୍ରସ୍ତୁତ କରିବା। ସମଧର୍ମା କ୍ଷେତ୍ରବାସୀଙ୍କ ମଧ୍ୟରେ ସେ ପ୍ରକାର ସାହିତ୍ୟିକ କର୍ତ୍ତବ୍ୟବୋଧ ରହିଥିବାରୁ କଲେଜ ପରିସରରେ କବିତା ଆବୃତ୍ତିର ଉତ୍ସବ, ସଂପାନ ଓ ସାହିତ୍ୟିକ କାର୍ଯ୍ୟକ୍ରମମାନ ରୂପାୟିତ କରିବାରେ ଆମକୁ ବହୁତ ସୁବିଧା ହେଉଥିଲା।'' ୧୯୬୯-୭୦ ବେଳକୁ ଓଡ଼ିଶାରେ ଆରମ୍ଭ ହୋଇଥିଲା ମିନି ସାହିତ୍ୟର ପରମ୍ପରା। ପରବର୍ତ୍ତୀ ସମୟରେ ଏହା ଏକ ଆନ୍ଦୋଳନରେ ରୂପ ନେଇଥିଲା। ବଲାଙ୍ଗିରରେ ମଧ୍ୟ ଏହାର ପ୍ରତିଫଳନ ଦେଖିବାକୁ ମିଳିଲା। ସେଥିରେ ମଧ୍ୟ ନେତୃତ୍ୱ ନେଲେ ଶ୍ରୀ ନାୟକ। ପ୍ରକାଶ ପାଇଲା ସାହିତ୍ୟ ପତ୍ରିକା 'ଉତ୍ତେଜନା'। ଏହାର ପ୍ରକାଶନ ଦାୟିତ୍ୱରେ ରହିଲେ ଅଧ୍ୟାପକ ରତ୍ନାକର ଚଇନି ଓ ସଂପାଦକ ହେଲେ ଅଧ୍ୟାପକ ପ୍ରସନ୍ନ କୁମାର ମିଶ୍ର। କ୍ଷେତ୍ରବାସୀ ନାୟକଙ୍କ ବସାରେ ବସିଥିବା ସାହିତ୍ୟ ଆସରରେ 'ଉତ୍ତେଜନା' ପ୍ରକାଶ ପାଇବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ପତ୍ରିକା ମାତ୍ର ୪ଟି ସଂଖ୍ୟା ପ୍ରକାଶ ପାଇଥିଲେ ହେଁ ମିନି ସାହିତ୍ୟ ଆନ୍ଦୋଳନରେ ଏହାର ଏକ ଭୂମିକା ନିଶ୍ଚିତ ରୂପେ ସ୍ୱୀକୃତ।

ବଲାଙ୍ଗିର ରାଜେନ୍ଦ୍ର କଲେଜରେ ଶ୍ରୀ ନାୟକ ଓଡ଼ିଆ ଅଧ୍ୟାପକ ବା ସାହିତ୍ୟ ସ୍ରଷ୍ଟା ଭାବେ ନିଆରା ପରିଚୟ ସୃଷ୍ଟି କରି ନଥିଲେ; ବରଂ ବଲାଙ୍ଗିରରେ ଏକ ସାରସ୍ୱତ ବାତାବରଣ ସୃଷ୍ଟିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏ ସମ୍ପର୍କରେ ଦୟାନିଧି ଆଚାର୍ଯ୍ୟ କହନ୍ତି, ''ସମ୍ଭବତଃ ଶ୍ରୀଯୁକ୍ତ ନାୟକଙ୍କ ପାଇଁ ବଲାଙ୍ଗିର ସାହିତ୍ୟିକ ଜୀବନର, ଏକ ଅନୁକୂଳ ବାତାବରଣ ସୃଷ୍ଟି କରିପାରିଥିଲା। ଦରଦୀ ଓ ବିଦଗ୍ଧ ବନ୍ଧୁ ଗହଣରେ ନିଜର ଅବ୍ୟକ୍ତ ବିପ୍ଳବର ସେ ଥିଲେ ଜଣେ ବିଦ୍ରୋହୀ। ଫଳରେ ସୁଚିନ୍ତିତ ଓ ଯୋଜନାଧର୍ମୀ 'ପୋଷ୍ଟର୍ କବିତା', ମିନି ସାହିତ୍ୟ ଆନ୍ଦୋଳନ ପର୍ଯ୍ୟାୟରେ 'ଉତ୍ତେଜନା' ପତ୍ରିକା ଓ ଭାବବିନିମୟ ପାଇଁ 'ଅନ୍ୱେଷା ସଂସଦ' ଗଠନ ଇତ୍ୟାଦ ତାଙ୍କ ମାନସ ପ୍ରସୂତ କାର୍ଯ୍ୟକ୍ରମର ଅଂଶବିଶେଷ ଥିଲା। x x x

ପାଞ୍ଚବର୍ଷର ରହଣି ଭିତରେ ଶ୍ରୀଯୁକ୍ତ ନାୟକ ବଲାଙ୍ଗିରର ଜନଜୀବନ ସହିତ ଜଡ଼ିତ ହୋଇ ଅନୁଭବ କରିଥିଲେ- ଅନେକ ସୁପ୍ତ ସାହିତ୍ୟ ଅନୁଷ୍ଠାନ, ଯୋଗ୍ୟ ଅଥଚ ସୁଯୋଗରହିତ କବି ଓ କଳାକାରମାନଙ୍କୁ ନେଇ ଯେ କୌଣସି ଅସାଧ୍ୟ କାର୍ଯ୍ୟ ସୁଚାରୁ ରୂପେ ସଂପାଦନା କରାଯାଇପାରେ। ଏଣୁ 'ସୃଷ୍ଟି ନିରର୍ଥକ ନୁହେଁ'ରେ ବିଶ୍ୱାସୀ ଶ୍ରୀଯୁକ୍ତ କ୍ଷେତ୍ରବାସୀ ନାୟକ ନିଷ୍ଠାପର ଭାବେ ଅକ୍ଲାନ୍ତ ପରିଶ୍ରମ କରି ଶ୍ରୀଯୁକ୍ତ ରାଧାମୋହନ ମିଶ୍ର, ଶ୍ରୀନିବାସ ଉଦ୍‌ଗାତା, ନାରାୟଣ ପୃଷ୍ଟେଠ୍ ପ୍ରମୁଖଙ୍କ ସାହଚର୍ଯ୍ୟରେ ଜଣେ

ସଂଗଠକର ଭୂମିକାରେ ଯେଉଁ ଐତିହାସିକ 'ଓଡ଼ିଆ ଯୁବଲେଖକ ସମ୍ମେଳନ' ବଲାଙ୍ଗିରରେ ଆହୂତ କରିଥିଲେ, ତା'ର ପଟାନ୍ତର ନାହିଁ।''

୧୯୬୯ରେ 'ଓଡ଼ିଆ ଯୁବ ଲେଖକ ସମ୍ମେଳନ'ର ବଲାଙ୍ଗିର ଅଧିବେଶନର ସଫଳତା ପଛରେ ତ ତାଙ୍କର ଭୂମିକା ଥିଲା, ଏହି ଅନୁଷ୍ଠାନର ସମ୍ବଲପୁର ଅଧିବେଶନ(୧୯୬୮) କିପରି ସଫଳ ହେବ, ସେ ନେଇ ମଧ୍ୟ ସେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଡକ୍ଟର ନାୟକଙ୍କ ସାଂଗଠନିକ ଦକ୍ଷତା ସଂପର୍କରେ ଚମତ୍କାର ଚିତ୍ରଟିଏ ଉପସ୍ଥାପନ କରନ୍ତି ରାୟଶ୍ରୀ ଉପେନ୍ଦ୍ର ପ୍ରସାଦ ନାୟକ- ''...୧୯୬୩ରେ ଭଦ୍ରକ ଲେଖକ ସମ୍ମେଳନ ଅବସରରେ ସଂଗଠନ କ୍ଷେତ୍ରବାସୀଙ୍କୁ ମୁଁ ଯେଉଁଭଳି ଭାବେ ଦେଖିଥିଲି, ପ୍ରାୟ ଛଅବର୍ଷ ପରେ ବଲାଙ୍ଗୀରରେ ସାହିତ୍ୟ ସଂଗଠନର ଅଗ୍ରଣୀ ସଂଗଠକ ଭାବେ ଭେଟିଲାବେଳକୁ ତାଙ୍କ ବ୍ୟକ୍ତିତ୍ୱର ବହୁ ବିକାଶ ଘଟିସାରିଥିଲା।

ଭଦ୍ରକ ଲେଖକ ସମ୍ମେଳନ ବେଳକୁ ସେ ଥିଲେ ଜଣେ ସଦ୍ୟ କଲେଜ ପାସ୍‌କରା କଅଁଳ ବୟସର ଯୁବକ। ବଲଙ୍ଗୀର ଯୁବ ଲେଖକ ସମ୍ମେଳନ ବେଳକୁ ଜଣେ ପ୍ରତିଷ୍ଠିତ ଅଧ୍ୟାପକ। ମାତ୍ର ଛଅ ବର୍ଷ ତଳର ସେହି କଅଁଳ ଛନ ଛନ ମନ ତେବେ ବି ସେମିତି ତଳ ତଳ ଛଳ ଛଳ ହେଉଥାଏ, ତାଙ୍କ ଅନ୍ତର ଭିତରେ। କବି ମନଟିଏ, ବାହାରେ ବୟସ ବଢ଼ିଲେ ବି, ଭିତରେ ବୟସ ସେମିତି ରହିଥାଏ। କ୍ଷେତ୍ରବାସୀଙ୍କ ସାରା ଜୀବନରେ ସେହି କବିଭାବ, ମୁଗ୍ଧ ସୁନ୍ଦର ମାନବିକ ଦୃଷ୍ଟିକୋଣ, ସ୍ନେହ ଆଦରବୋଳା କଥାବାର୍ତ୍ତା ଖାଲି ଭଦ୍ରକ କିମ୍ବା ବଲାଙ୍ଗୀର ନୁହେଁ ଜୀବନରେ ଯେତେ ଛକରେ ଭେଟ ହୋଇଛନ୍ତି ସବୁଠି ତାଙ୍କ ପାଇଁ ମୋ ମନରେ ଗଭୀର ପ୍ରଣୟବୋଧ ସୃଷ୍ଟି କରିଛି। ହଁ, ବଲାଙ୍ଗିର କଥା କହୁଥିଲି। ସମ୍ମେଳନର ସେହି କେତେଦିନ ମୁଁ ଭାବୁଥିଲି ସେ ମୋର ଥିଲେ ଅନ୍ତରଙ୍ଗ, କେବଳ ମୋହରି ଯତ୍ନ ନେଇଥିଲେ। କିନ୍ତୁ ନା, ସମସ୍ତଙ୍କ ସହିତ ବ୍ୟକ୍ତିଗତ ଭାବେ ସେ ନିବିଡ଼ ସଂପର୍କ ରଖୁଥିଲେ, ସମସ୍ତଙ୍କ ଯତ୍ନ ନେଉଥିଲେ ଆତ୍ମୀୟତା ସହକାରେ। ସେଭଳି ସୁଦୂର ସ୍ଥାନରେ କ୍ଷେତ୍ରବାସୀ ଖାଲି ଜଣେ ନିରୁତା ସଂଗଠକର ଭୂମିକା ନିର୍ବାହ କରୁନଥିଲେ, ଆନ୍ତରିକ ପ୍ରୀତି ଓ ସହୃଦୟତାରେ ସେ ଉପସ୍ଥିତ ସମସ୍ତ ସାହିତ୍ୟପ୍ରେମୀଙ୍କ ମନ ଛୁଇଁଥିଲେ।''

ଓଡ଼ିଆ ଯୁବ ଲେଖକ ସମ୍ମେଳନର ଇତିହାସରେ ବଲାଙ୍ଗିରର ଅଧିବେଶନ ଉଲ୍ଲେଖଯୋଗ୍ୟ। ରାଜ୍ୟର ପ୍ରତ୍ୟେକ ପ୍ରାନ୍ତରୁ ଯୁବ ଓ ପ୍ରତିଷ୍ଠିତ ସାହିତ୍ୟିକଙ୍କ ସମବେତ ହୋଇଥିଲେ ଏହି ଉତ୍ସବରେ। କମଲେଶ୍ୱରଙ୍କ ପରି ଖ୍ୟାତିସଂପନ୍ନ ସାରସ୍ୱତ ସାଧକ, ଡକ୍ଟର ହରେକୃଷ୍ଣ ମହତାବ, ଓଡ଼ିଶାର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ

ସିଂହଦେଓ ପ୍ରମୁଖ ଏହି ସଭାରେ ଉଦ୍‌ବୋଧନ ଦେଇଥିଲେ । ଉତ୍ସବର ସଫଳତା ଡକ୍ଟର ନାୟକଙ୍କ ଦାୟିତ୍ୱସଂପନ୍ନ ନେତୃତ୍ୱ ପାଇଁ ହିଁ ସମ୍ଭବପର ହୋଇଥିଲା । ବଲାଙ୍ଗିର ସହର ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ଏକ ମହାସ୍ରୋତରେ ସାମିଲ୍ କରିପାରିଥିଲେ ସେ ।

ବଲଙ୍ଗିର ସାରସ୍ୱତ ପରିବେଶକୁ ଅଧିକ ଉଷ୍ଣ କରିଗଢ଼ିଥିଲେ ଅଧ୍ୟାପକ ଶ୍ରୀ ନାୟକ । ତାଙ୍କ ପ୍ରତ୍ୟକ୍ଷ ସହଯୋଗରେ ସହରର ମ୍ୟୁନିସିପାଲିଟି ହଲ୍‌ରେ ପ୍ରଥମ ଫକୀରମୋହନ ଜୟନ୍ତୀ ପାଳିତ ହୋଇଥିଲା । ଏହି ଜୟନ୍ତୀ ପାଳନ ସହ ଯୋଡ଼ା ହୋଇଥିଲା 'ମନୋରମ କବିତା ପାଠୋତ୍ସବ' । ଏଥିପାଇଁ ଅନୁରୋଧ କରିଥିଲେ କବି ପ୍ରସନ୍ନ କୁମାର ମିଶ୍ର । ଜାନୁଆରୀ ୧୪ର ଶୀତରେ ଜଡ଼ସଡ଼ ସଂଧ୍ୟାରେ ବି ଅନେକ ଶ୍ରୋତା ଏହି ମନୋରମ ଉତ୍ସବରେ ଯୋଗ ଦେଇଥିଲେ ।

ଓଡ଼ିଆ ଯୁବ ଲେଖକ ସମ୍ମେଳନର ସମ୍ବଲପୁର ଅଧିବେଶନ ସମୟରେ ଡକ୍‌ଟର କୃଷ୍ଣଚରଣ ବେହେରା ତାଙ୍କୁ ଗବେଷଣା କରିବା ପାଇଁ ପରାମର୍ଶ ଦେଇଥିଲେ । 'ଆଧୁନିକ ଓଡ଼ିଆ କାବ୍ୟସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ' ବିଷୟରେ ଗବେଷଣା କରିବାକୁ ସେ ନିଷ୍ପତ୍ତି ଗ୍ରହଣ କରିଥିଲେ ଏବଂ ନୂଆ କରି ସ୍ଥାପିତ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଗବେଷକ ଭାବେ ନିଜର ନାମ ପଞ୍ଜିକରଣ କରିଥିଲେ ।

ରାଜେନ୍ଦ୍ର କଲେଜରୁ ଖଲ୍ଲିକୋଟ କଲେଜ

୧୯୭୧ ମସିହାରେ ରାଜେନ୍ଦ୍ର କଲେଜ ବଲାଙ୍ଗିରରୁ ଖଲ୍ଲିକୋଟ କଲେଜ, ବ୍ରହ୍ମପୁରକୁ ଆସନ୍ତି ଅଧ୍ୟାପକ କ୍ଷେତ୍ରବାସୀ ନାୟକ । ତାଙ୍କ ପାଇଁ ଉଭୟ କର୍ମ ଓ ରୁଚିର ଭୂମି ଥିଲା ବଲାଙ୍ଗିର । ସେଠାରେ ସାହିତ୍ୟ ପ୍ରତି ସେ ଯେପରି ଅନୁରକ୍ତ ହୋଇପଡ଼ିଥିଲେ, ସାହିତ୍ୟ ସାଧନା ପ୍ରତି ଯେତେ ପ୍ରତିବଦ୍ଧ ହୋଇଥିଲେ, ତାହା ପରବର୍ତ୍ତୀ ସମୟରେ ଅବାରିତ ରହିଥିଲା । ତେବେ ଏପରି ଆତ୍ମୀୟ ପରିବେଶ, ଆପଣାର ମଣିଷ ଓ ସାହିତ୍ୟମନସ୍କ ପରିବେଶକୁ ଛାଡ଼ି ଖଲ୍ଲିକୋଟ କଲେଜ ଆସିବାକୁ ସେ ଚାହୁଁନଥିଲେ । ସରକାରୀ ଚାକିରିରେ ଏହାକୁ ତ ଗ୍ରହଣ କରିବାକୁ ପଡ଼ିବ !

ଅଧ୍ୟାପକ ନାୟକ ଯେଉଁଠାକୁ ଯାଇଛନ୍ତି ସେଠାରେ ସାହିତ୍ୟିକ ବାତାବରଣ ସୃଷ୍ଟି କରିଛନ୍ତି । ଖଲ୍ଲିକୋଟ କଲେଜରେ ସାରସ୍ୱତ ପରିବେଶ ବି ସୃଷ୍ଟି କଲେ ଏବଂ ଅନ୍ୟ ଅନେକଙ୍କୁ ଏଥିରେ ସଂପୃକ୍ତ କଲେ । ଖଲ୍ଲିକୋଟରେ ଆରମ୍ଭ ହୁଏ ସାରସ୍ୱତ ସଂଗଠନ 'ସମୀକ୍ଷା ସଂସଦ' । ଏହି ଅନୁଷ୍ଠାନ ସହ ଜଡ଼ିତ ହୋଇଥିଲେ କ୍ଷେତ୍ରବାସୀ ନାୟକଙ୍କ ସମେତ ଅପନ୍ନା ପ୍ରଧାନ, ସୁଦର୍ଶନ ଆଚାର୍ଯ୍ୟ, ବ୍ରହ୍ମାନନ୍ଦ ସିଂହ, ଲାବଣ୍ୟ ନାୟକ ଓ

ଭାସ୍କର ଚନ୍ଦ୍ର ପାତ୍ର। କବିତା କ୍ଷେତ୍ରରେ ପରୀକ୍ଷାନିରୀକ୍ଷା କରୁଥିବା ଓ ଗାଳ୍ପିକ ଭାବେ ନିଜର ସର୍ଜନଶୀଳ ଜୀବନରେ ପ୍ରଥମ ସ୍ୱାକ୍ଷର ରଖିଥିବା କ୍ଷେତ୍ରବାସୀଙ୍କ ବିଧିବଦ୍ଧ ଭାବେ ପ୍ରବେଶ ହୁଏ ସମାଲୋଚନା ଜଗତରେ। 'ସମୀକ୍ଷା ସଂସଦ'ର ଭୂମିକା ଏକ୍ଷେତ୍ରରେ ସ୍ମରଣୀୟ। ଏହି ଅନୁଷ୍ଠାନରେ ସଂପୃକ୍ତ ସାରସ୍ୱତ ବନ୍ଧୁମାନଙ୍କ ପ୍ରୋତ୍ସାହନରେ ଲେଖନ୍ତି ଉଲ୍ଲେଖଯୋଗ୍ୟ ସମାଲୋଚନା ପୁସ୍ତକ 'କବି ନୀଳକଣ୍ଠ'(୧୯୭୭)। ଏହି ପୁସ୍ତକର ପ୍ରକାଶକ ବିଜୟ ବୁକ୍ ଷ୍ଟୋର, ବ୍ରହ୍ମପୁର। 'କବି ନୀଳକଣ୍ଠ'ର ପ୍ରାରମ୍ଭରେ 'ସମୀକ୍ଷା ସଂସଦର ଭାଷା' ଶୀର୍ଷକ ଯେଉଁ ଲେଖା ସ୍ଥାନିତ ହୋଇଛି ସେଥିରେ ସାହିତ୍ୟ-ଦୃଷ୍ଟି ଏବଂ ଏହି ସଂସଦ ସମ୍ପର୍କରେ ସୂଚନା ମିଳେ। ''ବିଂଶ ଶତାବ୍ଦୀର ଚତୁର୍ଥ ଦଶକଠାରୁ ଏ ଯାବତ୍ ଆମ ସମାଲୋଚନା ସାହିତ୍ୟ ନିଷ୍ଠାପର ଭାବେ କୌଣସି ନିର୍ଦ୍ଦିଷ୍ଟ ଯୋଜନାବଦ୍ଧ ଧାରାର ଅନୁଗାମୀ ହୋଇଛି ବୋଲି କହିହେବ ନାହିଁ। ଖୁବ୍ କ୍ୱଚିତ୍ କ୍ଷେତ୍ରରେ ବିଧିବଦ୍ଧ ଭାବେ ଏକକ ବିଷୟ-ଭିତ୍ତିକ ଆଲୋଚନା ଗ୍ରନ୍ଥ ପ୍ରକାଶ ପାଇଛି। ଆମର ସମୀକ୍ଷା-ସଂପଦ ଏପରି ଯେ, ଆଗ୍ରହୀ ଅଧ୍ୟାୟୀମାନେ ଜଣେ କବି, ସାହିତ୍ୟିକ ବା ସାହିତ୍ୟର କୌଣସି ବିଭବକୁ ନିଧାର୍ଯ୍ୟ ଭାବେ ଜାଣିବାକୁ ଚାହିଲାବେଳେ ଏକାଧିକ ରେଫେରେନ୍ସ ପୁସ୍ତକ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। କାରଣ ପ୍ରକାଶିତ ବହୁ ସମାଲୋଚନା ଗ୍ରନ୍ଥର ବିଷୟସଜ୍ଜା ଇତଃସ୍ତତ। ତେଣୁ ସାଧାରଣ ଅନୁସନ୍ଧିତ୍ସୁ ଚତୁର୍ଦ୍ଦିଗ ବୁଲି କୌଣସି ବିଷୟରେ ପ୍ରାଥମିକ ତଥ୍ୟ ଜାଣିପାକୁ ଚାହୁଁ ନାହିଁ କିଂବା ସେତିକି ତାର ଧୈର୍ଯ୍ୟ ସହୁ ନାହିଁ। ପରିକଳ୍ପନାଗତ ତ୍ରୁଟି ଏଥିପାଇଁ ଦାୟୀ। ବହୁ ସାହିତ୍ୟ-ପୁରୁଷ ଏବଂ ସାହିତ୍ୟିକ ବିଭବ ଏବେ ବି ଅନାଲୋଚିତ ହୋଇ ରହିଛନ୍ତି।

x x x x x x x

ଏଥିପ୍ରତି ସଚେତନ ହୋଇ ସମାଲୋଚନ ସାହିତ୍ୟ ପାଇଁ ଏକ ପ୍ରଶସ୍ତ କ୍ଷେତ୍ର ପ୍ରସ୍ତୁତ କରିବା ଆଶାରେ 'ସମୀକ୍ଷା ସଂସଦ' ଜନ୍ମ ନେଇଛି। ଏହାର ପ୍ରଥମ (୧୬-୧-୧୯୭୨) ଓ ପରବର୍ତ୍ତୀ ଅଧିବେଶନଗୁଡ଼ିକ ଅଧ୍ୟାପକ ଶ୍ରୀ ନାୟକଙ୍କର ବାସଭବନରେ ଅନୁଷ୍ଠିତ ହୋଇ ଏ ସଂକ୍ରାନ୍ତୀୟ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛି। ଏହି କାର୍ଯ୍ୟକ୍ରମ ଅନୁଯାୟୀ ଓଡ଼ିଆ କାବ୍ୟ ସାହିତ୍ୟ, କଥା ସାହିତ୍ୟ, ନିବନ୍ଧ ସାହିତ୍ୟ ଓ ସାହିତ୍ୟ-ସାଧକଙ୍କ ଉପରେ କ୍ରମାନ୍ୱୟରେ ଉତ୍କୃଷ୍ଟ ମନୋଗ୍ରାଫ ପ୍ରକାଶ ପାଇବ।''

ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଗଢ଼ାଯାଇଥିଲା 'ସମୀକ୍ଷା ସଂସଦ'। 'କ୍ରିଟିକ୍ ୱାର୍କସପ୍'ର ପ୍ରାଣଶକ୍ତି ନେଇ ଗଠିତ ଏହି ଅନୁଷ୍ଠାନ ସାରସ୍ୱତ କର୍ମକୁ ମୁଖର କରିଥିଲା। ବିଶେଷ କରି କ୍ଷେତ୍ରବାସୀ ନାୟକ ଅଧିକ ସକ୍ରିୟ ହୋଇ ଏହି ଅନୁଷ୍ଠାନକୁ ସ୍ୱତନ୍ତ୍ର ସିଦ୍ଧି

ଦେଇଛନ୍ତି । 'ସମୀକ୍ଷା ସଂସଦ' ଏହି ପରିକଳ୍ପନାଟିର ପ୍ରସ୍ତୁତି-ଉସ୍ତ ବୋଲି ଅଧ୍ୟାପକ କ୍ଷେତ୍ରବାସୀ ନାୟକ ସ୍ୱୀକାର କରିନ୍ତି ।

'କବି ନୀଳକଣ୍ଠ' ପ୍ରକାଶ ପୂର୍ବରୁ ଶ୍ରୀନିବାସ ଉଦ୍‌ଗାତା ଓ ଅଧ୍ୟାପକ କ୍ଷେତ୍ରବାସୀ ନାୟକଙ୍କ ପୁସ୍ତକ 'ସାଂପ୍ରତିକ ଓଡ଼ିଆ ସାହିତ୍ୟ ସଂପର୍କରେ'(୧୯୭୩), 'କବି ଚରିତ : ରାଧାନାଥ' ଏବଂ ଅଧ୍ୟାପକ କ୍ଷେତ୍ରବାସୀ ନାୟକ ଓ ଅଧ୍ୟାପିକା ଲାବଣ୍ୟ ନାୟକଙ୍କ ପୁସ୍ତକ 'ପ୍ରବନ୍ଧ ବିଚିତ୍ରା'(୧୯୭୬) ପୁସ୍ତକ ପ୍ରକାଶ କରିଥିଲେ ପୁସ୍ତକ ଭଣ୍ଡାର, ବ୍ରହ୍ମପୁର । ଖଲ୍ଲିକୋଟ କଲେଜରେ ଅଧ୍ୟାପନା କରୁଥିବା ସମୟରେ ବି ତାଙ୍କର ପିଏଚ୍‌.ଡି. ସନ୍ଦର୍ଭ 'ଆଧୁନିକ କାବ୍ୟସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ'(୧୯୭୭) ପୁସ୍ତକ ରୂପ ନେଲା । ୧୯୭୬ ମସିହାରେ ଏହି ସନ୍ଦର୍ଭ ପାଇଁ ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ପିଏଚ୍‌.ଡି ଲାଭ କରିଥିଲେ । କଲିକତା ବିଶ୍ୱବିଦ୍ୟାଳୟରେ ଏହାର ମୌଖିକ ପରୀକ୍ଷା ହୋଇଥିଲା । ଅନ୍ୟତମ ପରୀକ୍ଷକ ଥିଲେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ସୁକୁମାର ସେନ୍ । କ୍ଷେତ୍ରବାସୀ ନାୟକ ହୋଇଥିଲେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଥମ ଡିଗ୍ରୀଧାରୀ ସ୍କଲାର୍ । ଏ ସମ୍ପର୍କରେ ଗବେଷଣା ଦିଗ୍‌ଦର୍ଶକ ଡକ୍ଟର କୃଷ୍ଣଚରଣ ବେହେରା କହନ୍ତି, ''କର୍ମଠ କ୍ଷେତ୍ରବାସୀ ଠିକ୍ ସମୟରେ ଗବେଷଣା-ପ୍ରବନ୍ଧର ସ୍ୱଷ୍ଟାକ୍ଷର ନକଲ ପ୍ରସ୍ତୁତ କରି ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଦାଖଲ କରିଦେଲେ । ପ୍ରବନ୍ଧ ଉପରେ ମୌଖିକ ପରୀକ୍ଷା ହେଲା କଲିକତାଠାରେ- ଅନ୍ୟତମ ପରୀକ୍ଷକ ପ୍ରଫେସର ସୁକୁମାର ସେନଙ୍କ ବାସଭବନରେ । ଇତି ମଧ୍ୟରେ କ୍ଷେତ୍ରବାସୀ ପଶ୍ଚିମ ଓଡ଼ିଶାରୁ ଆସି ଦକ୍ଷିଣ ଓଡ଼ିଶାରେ ଅବସ୍ଥାପିତ ହୋଇଥାନ୍ତି, ଏବଂ ମୁଁ ଥାଏ କଟକ ରେଭେନ୍ସା କଲେଜରେ । ଥେସିସ୍ ଦାଖଲ ହେଲା ପଶ୍ଚିମ ଓଡ଼ିଶାରେ, ଗବେଷକ ରହିଲେ ଦକ୍ଷିଣ ଓଡ଼ିଶାରେ ଓ ତାଙ୍କର ଗାଇଡ୍ ଉତ୍ତର ଓଡ଼ିଶାରେ । ଏହି ପରିସ୍ଥିତିରେ କ୍ଷେତ୍ରବାସୀଙ୍କ ପରୀକ୍ଷାଫଳ ପ୍ରକାଶ ପାଇବାରେ କିଛି ବିଳମ୍ବ ଘଟିଲା । ଯାହାହେଉ, କ୍ଷେତ୍ରବାସୀ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଥମ ଡକ୍ଟରେଟ୍ ଡିଗ୍ରୀଧାରୀ ସ୍କଲାର ଭାବରେ ଉତ୍ତୀର୍ଣ୍ଣ ହୋଇଗଲେ । ପରେ ପରେ ୧୯୭୭ ମସିହା ଆଦ୍ୟଭାଗରେ ତାଙ୍କର ଗବେଷଣା ପ୍ରବନ୍ଧଟି ମୁଦ୍ରିତାକାରରେ ପ୍ରକାଶ ପାଇଗଲା ।''

ଅଧ୍ୟାପକ କ୍ଷେତ୍ରବାସୀ ନାୟକଙ୍କ ସଂପାଦିତ 'ରାଧାନାଥ ଗ୍ରନ୍ଥାବଳୀ'(୧୯୭୫) ଓ 'ଜଗନ୍ନାଥ ପଦ୍ୟାବଳୀ'(୧ମ ଭାଗ) ପ୍ରକାଶ କରିଥିଲେ ପୁସ୍ତକ ଭଣ୍ଡାର । ଉଭୟ ପୁସ୍ତକ ଥିଲା ସଂଗ୍ରହଣୀୟ । ଐତିହାସିକ ସମୟକ୍ରମରେ ଜଗନ୍ନାଥଙ୍କୁ ନେଇ ଲେଖାଯାଇଥିବା ପଦ୍ୟଗୁଡ଼ିକୁ 'ଜଗନ୍ନାଥ ପଦ୍ୟାବଳୀ'ରେ ସ୍ଥାନିତ କରାଯାଇଛି ।

'ରାଧାନାଥ ଗ୍ରନ୍ଥାବଳୀ'ରେ ସ୍ଥାନିତ ମନୋଗ୍ରାଫ୍ ସମ୍ପାଦକୀୟଟି ଥିଲା 'କବିଚରିତ ରାଧାନାଥ'। ଏହି ସମୟରେ ସେ 'ଫକୀର ମୋହନ କଥା ସାହିତ୍ୟ' ପୁସ୍ତକ ମଧ୍ୟ ସଂପାଦନା କରିଛନ୍ତି। 'କବି ଚରିତ : ରାଧାନାଥ' ପୁସ୍ତକର 'ଭୂମିକା'ରେ ତାଙ୍କର ସୃଷ୍ଟିର ବିଶେଷତ୍ୱକୁ ବେଶ୍ ସ୍ପଷ୍ଟ ଭାବେ ପ୍ରକାଶ କରିଛନ୍ତି, ''ମୋର ଏହି ଗ୍ରନ୍ଥଟି ଏକ ନୂତନ ସଂଯୋଗ; ଆପଣମାନଙ୍କର ମାନସିକ ପ୍ରୀତି ନିମନ୍ତେ ନିବେଦିତ। ଏତାକୁ ନୂତନ ବୋଲି କହିବା ମୂଳରେ ଏଇ ଧାରଣା ନିହିତ ଯେ, ମୋର ଅନୁଶୀଳନ ରାଧାନାଥଙ୍କର ବ୍ୟକ୍ତିତ୍ୱ ଓ ସାରସ୍ୱତ-କୃତିକୁ ଟିକିନିଖି ଚର୍ଚ୍ଚା କରିଛି। କବିଙ୍କ ବ୍ୟକ୍ତିଗତ ଜୀବନର ଆବେଗ-ଅନୁରାଗ ଯେଉଁ ପରିମାଣରେ କବି-ପୁରୁଷକୁ ପ୍ରଭାବିତ କରିଛି କିମ୍ବା କବି-ଶକ୍ତିର ଉନ୍ମେଷ-ଉତ୍ତରଣରେ ଏହା ଯେପରି ସହାୟକ ହୋଇଛି ତାହାର ବିସ୍ତୃତ ମୂଲ୍ୟାୟନ ଏଥିରେ କରାଯାଇଛି।'' କବିଙ୍କ ବ୍ୟକ୍ତିଗତ ଜୀବନର ଆବେଗ-ଅନୁରାଗକୁ ନିଟୋଳଭାବେ ପ୍ରକାଶ କରିଛନ୍ତି ସ୍ରଷ୍ଟା। ସେଥିପାଇଁ ଏହି ମନୋଗ୍ରାଫ୍ ଉଲ୍ଲେଖଯୋଗ୍ୟ।

୧୯୭୪ ମସିହାଠାରୁ ୧୯୮୫ ମସିହା ପର୍ଯ୍ୟନ୍ତ ପ୍ରତିବର୍ଷ ନୂଆବର୍ଷର ଶୁଭେଚ୍ଛା ଜଣାଇବା ପାଇଁ ଏକ ନିଆରା ଢଙ୍ଗକୁ ଆପଣାଇ ନେଇଥିଲେ ସେ। ଅଳ୍ପ କେତୋଟି ଧାଡ଼ିର କବିତା ଭିତରେ ନିଜ ହୃଦୟକୁ ତରଙ୍ଗାୟିତ କରିଥିବା ଆବେଗ ଓ ମନର କଥାକୁ କହିଥିଲେ ସେ। ଜୀବନଦର୍ଶନର ସ୍ୱରଟି ମଧ୍ୟ ଏଥିରେ ମୁଦ୍ରିତ। ବାରବର୍ଷରେ ଲେଖାଯାଇଥିବା କବିତା ଥିଲା 'ଶୁଭେଚ୍ଛା ଗୋଟିଏ ଯୁଗର'। ଖଲ୍ଲିକୋଟରେ ଅବସ୍ଥାନ କାଳରେ ଆରମ୍ଭ ହୋଇଥିବା ଏହି କବିତା-ଶୁଭେଚ୍ଛା ଲେଖିବା କଟକରେ ମଧ୍ୟ ଲେଖାଯାଇଥିଲା। ଅସୁସ୍ଥତା କାରଣରୁ ଜୀବନର ଶେଷ ଶୁଭେଚ୍ଛା ସେ ଦେଇପାରିନଥିଲେ। ୧୯୭୪ମସିହାରେ ଲେଖାଯାଇଥିବା ପ୍ରଥମ ଶୁଭେଚ୍ଛାଟି ଥିଲା ଏହିପରି-

''ଏ ଜୀବନ ଛବିଘର; ଆନନ୍ଦ ଓ ଅଶ୍ରୁ ନିକେତନ।
ସମୟ ନିହାତି କ୍ରୂର ଆମକୁ ଯେ କରେ ପୁରାତନ
ତହିଁରେ ମଜ୍ଜିବା ଭାରି ନୂଆଖୋଜେ, ଘେନେ ନିତିପ୍ରତି
ଆମରି ଇଚ୍ଛାକୁ । ପୁରୁଣାରୁ ନୂଆ ହେବା କେତେ ଯେ ଆକୁତି।
ଆମେ କି ହେଉଛେଁ ନୂଆ ଏ ଜୀବନ ଓଲଟ ପାଦପେ
ସପର୍ଣ୍ଣ-ସଯୁଜା ପକ୍ଷୀ, ଆମେ କିବା ଜୀବନର ପୁରାତନ ଛବି ।।''

ସୃଜନ ଓ ସଂଗଠନ କ୍ଷେତ୍ରରେ ଯେଉଁ ପ୍ରବହମାନ ଧାରାଟି ବେଶ୍ ବ୍ୟବସ୍ଥିତ

ଭାବେ ବଲାଙ୍ଗିର ଆରମ୍ଭ ହେଇଥିଲା; ତାହା ଖଲ୍ଲିକୋଟରେ ମଧ୍ୟ ବଳବତ୍ତର ରହିଥିଲା। ସାହିତ୍ୟର ଉନ୍ନତି କଳ୍ପେ ତାଙ୍କ ଉଦ୍ୟମ ଅବ୍ୟାହତ ଥିଲା। ଯେଉଁମାନଙ୍କଠାରେ ସାରସ୍ୱତ ସାଧନା ପାଇଁ ସାମର୍ଥ୍ୟ ରହିଛି ବୋଲି ସେ ଦୃଢ଼ ନିଶ୍ଚୟ; ସେମାନଙ୍କୁ ସେ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ଅନୁରୋଧ ଓ ବାଧ୍ୟ କରନ୍ତି। ଏ ସଂପର୍କରେ ଡକ୍ଟର ଗଗନେନ୍ଦ୍ର ନାଥ ଦାଶ କହନ୍ତି, ''...୧୯୭୬ ଶେଷ ଆଡ଼କୁ ଶାନ୍ତିନିକେତନ ଛାଡ଼ି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଯୋଗ ଦେଲି। ସେତେବେଳକୁ କ୍ଷେତ୍ରବାସୀବାବୁ ବ୍ରହ୍ମପୁର ଖଲ୍ଲିକୋଟ ମହାବିଦ୍ୟାଳୟରେ ଅଧ୍ୟାପନା କରୁଥାନ୍ତି। ମୁଁ ବ୍ରହ୍ମପୁରରେ ରହିଲି- କ୍ଷେତ୍ରବାସୀବାବୁଙ୍କ ଘରଠାରୁ ବିଶେଷ ଦୂରରେ ନୁହେଁ।

ମୁଁ ସବୁବେଳେ କାହା ସହ ଏତେ ମିଶେ ନାହିଁ; ମିଶି ପାରେନାହିଁ। କିନ୍ତୁ କ୍ଷେତ୍ରବାସୀବାବୁଙ୍କ ଆଗ୍ରହରେ ତାଙ୍କ ଖଟିରେ ବେଳେ ବେଳେ ବସେ। ସେ ଥିଲେ ଧର୍ମାତ୍ମା ଲୋକ, ଭକ୍ତଲୋକ। ମୁଁ ନାସ୍ତିକ ସ୍ୱଭାବର। ଠାକୁର, ଦେବତା, ବିଧି, ବିଧାନ ପ୍ରଥା ଆଦି ମାନେ ନାହିଁ। ମୁଁ ଜାଣେ ଭକ୍ତମାନେ ଅଧିକାଂଶ ସମୟରେ ଏକେଶ୍ୱରବାଦରେ ତନ୍ମୟ ହୋଇ ଶେଷକୁ ଅସହିଷ୍ଣୁ ହୁଅନ୍ତି; ଅଭକ୍ତମାନଙ୍କୁ ନିମ୍ନସ୍ତରର ଲୋକ ବୋଲି ଧରି ନେଇ ଉପରେ ପଡ଼ି ଉପଦେଶ ଦିଅନ୍ତି; ଗୁରୁଗିରି କରନ୍ତି। ତେଣୁ ମୁଁ ପ୍ରାୟ ଭକ୍ତମାନଙ୍କଠାରୁ ଦୂରରେ ଦୂରରେ ରହେ। ତେବେ କ୍ଷେତ୍ରବାସୀବାବୁଙ୍କଠାରେ ମୁଁ କେବେ ଅସହିଷ୍ଣୁତା ଦେଖି ନାହିଁ। ସେ କେବେ ମୋ ଉପରେ ଗୁରୁଗିରି କରିବା ପାଇଁ ଚେଷ୍ଟା କରିନାହାନ୍ତି। ତା'ର ସାମାନ୍ୟ ସୂଚନା ପାଇଥିଲେ ମୁଁ ବୋଧେ ତାଙ୍କଠାରୁ ଦୂରେଇ ଦୂରେଇ ରହିଥାନ୍ତି। ତେଣୁ ସେ ଯେତେବେଳେ ମତେ ତାଙ୍କ ଖଟିରେ ବସାଇ ଆସ୍ତେ ଆସ୍ତେ ନିଶା ଧରାଇଲେ, ମୁଁ କିଛିଟା ଭିଡ଼ି ମୋଡ଼ି ହୋଇ, ନାହିଁ ନାହିଁ କରି ଆସ୍ତେ ଆସ୍ତେ ନିଶା ଧରିଲି। ଏହାର ଫଳ ମୋର 'ଜନଶ୍ରୁତି କାଞ୍ଚିକାବେରୀ' ଓ 'ଓଡ଼ିଆ ଭାଷା-ଚର୍ଚ୍ଚାର ପରମ୍ପରା' ବହି ଦୁଇଟି। ଏହି ବହି ଦୁଇଟି ଲେଖିବା ମୂଳରେ ତାଙ୍କରି ପ୍ରତ୍ୟକ୍ଷ ପ୍ରେରଣା, ଉତ୍ସାହ, ଉଦ୍ଦୀପନା ଏପରିକି ଜୋର୍ ଜବରଦସ୍ତି ମଧ୍ୟ ରହିଛି। ମୁଁ ବେଳେ ବେଳେ ରାଗି ତାଙ୍କୁ ଗାଳି ଦେଇଛି; ତାଙ୍କ ଉପରେ ଚିଡ଼ିଛି। ସେସବୁ ସେ କେବେ ଧରିନାହାନ୍ତି। ଦେଖା ହେଲେ ସବୁବେଳେ ସେଇ ହସ ହସ ମୁହଁ।

ତାଙ୍କରି ସାଙ୍ଗରେ ମୁଁ ନିଶା ଧରିଲି। ମୋପରି ଅନେକଙ୍କୁ ସେ ଖଟିରେ ବସାଇ ନିଶାଗ୍ରସ୍ତ କରାଇବା ମୁଁ ଜାଣେ।'' ସାହିତ୍ୟ ପାଣିପାଗକୁ ଅନୁକୂଳ କରିବା କ୍ଷେତ୍ରରେ କ୍ଷେତ୍ରବାସୀଙ୍କ ଭୂମିକାକୁ ଏହି ଦୃଷ୍ଟିରୁ ବିଚାର କରାଯାଇପାରେ। ଏପରି କାର୍ଯ୍ୟ ଓଡ଼ିଆ

ଭାଷା-ସାହିତ୍ୟ ପାଇଁ କେତେ ମହତାକାଂକ୍ଷୀ ସାବ୍ୟସ୍ତ ହୋଇଛି, ତାହା ବିଚାର କରିବାର କଥା। ନିଜ ଜୀବନକାଳ ମଧ୍ୟରେ ଏହିପରି କାର୍ଯ୍ୟ ବାରବାର କରିଛନ୍ତି ଏବଂ ଓଡ଼ିଆ ସାହିତ୍ୟକୁ ଅନେକଙ୍କ ଅବଦାନ ପାଇଁ ତାଙ୍କର ପ୍ରତ୍ୟକ୍ଷ ପ୍ରେରଣା ସତରେ ପ୍ରଶଂସନୀୟ।

ରେଭେନ୍ସା : କର୍ମମୟ ଜୀବନର ଅଧୁରା ଅଧ୍ୟାୟ

୧୯୭୮ ମସିହାରୁ ରେଭେନ୍ସାରେ ଆରମ୍ଭ ହେଲା ଅଧ୍ୟାପନା ଜୀବନ। କଟକରେ ଲେଖା ହୋଇଥିଲା ଡକ୍ଟର କ୍ଷେତ୍ରବାସୀ ନାୟକଙ୍କ ଜୀବନର ଅଧୁରା ଅଧ୍ୟାୟ। ଜୀବନ ଯେତେ ସଂକ୍ଷିପ୍ତ ହୋଇଆସୁଥିଲା; ସେ ତାହାଠାରୁ ଅଧିକ ଗୁଣରେ ଚଳଚଞ୍ଚଳ ହୋଇଉଠୁଥିଲେ। ୧୯୭୮ ମସିହାରୁ ୧୯୮୬ ମସିହା- ଜୀବନକାଳ ଗୋଟିଏ ଦଶକରୁ ମଧ କମ୍, ମାତ୍ର ଏହି ସମୟ ମଧ୍ୟରେ ଅନେକ ଉଲ୍ଲେଖନୀୟ କାର୍ଯ୍ୟ ସଂପାଦନ କରିଥିଲେ। ରେଭେନ୍ସାରେ ଏହି ସମୟରେ ଅଧ୍ୟାପନା କରିବାବେଳେ ଅନେକ କାର୍ଯ୍ୟ ହାତକୁ ନେଇ ସଫଳତାର ସହ ସଂପାଦନା କରିଛନ୍ତି। ୧୯୭୯ ନୂଆବର୍ଷ ଶୁଭେଚ୍ଛା ଜଣାଇ ସେ ଯେଉଁ କବିତାଟି ଲେଖିଥିଲେ ସେଥିରେ ଜୀବନର ଦୃଷ୍ଟି ଓ ଦର୍ଶନ ପ୍ରତିବିମ୍ବିତ। ''ସମୟ ଅତୀତ ହେଉ ମଣିଷକୁ ଦେଇ ତା'ର ମୂଲ / ବିଶ୍ୱାସେ ଚଳୁ ଏ ପୃଥ୍ୱୀ, ପ୍ରୀତି ହେଉ ବଞ୍ଚିବାର ସ୍ୱର। / ଆମେ ଯେତେ ନାଁବାଳକ, ସମୟର ଅନନ୍ତ ସାମ୍ରାଜ୍ୟେ / ବିବେକର ପୂଜାଫୁଲେ ଗଢ଼ୁଁ ନିତି କାଳଜୟୀ ମାନସ ମନ୍ଦିର।'' ନିଜ କର୍ମରେ ବ୍ରତୀ ଥିବା ମଣିଷକୁ ହିଁ ମୂଲ ଦେଇ ସମୟ ଅତୀତ ହୋଇଥାଏ। ସମର୍ଥ ପୁରୁଷ ହିଁ କାଳଜୟୀ ମାନସ ମନ୍ଦିର ଗଢ଼ିଥାଏ। ସେହିପରି ସମର୍ଥ ପୁରୁଷ ଥିଲେ କ୍ଷେତ୍ରବାସୀ ନାୟକ। ସାରା ଜୀବନ କାଳଜୟୀ ମାନସ ମନ୍ଦିର ଗଢ଼ିବାରେ ପ୍ରୟାସ ଜାରି ରଖିଥିଲେ। ଏହି ସମୟରେ 'ଆଲୋଚନା ପତ୍ର'(୧୯୭୯), 'କବି ଅନ୍ନପୂର୍ଣ୍ଣା କବି ଚରିତ ଓ କାବ୍ୟଚର୍ଚ୍ଚା',(୧୯୭୯), 'ଭାରତୀୟ କାବ୍ୟତତ୍ତ୍ୱ'(୧୯୮୧), 'ସାହିତ୍ୟ ଚର୍ଚ୍ଚା'(୧୯୮୧), 'କବି ଓ କାମିନୀ'(୧୯୮୨), 'କବି ଅର୍ଜୁନ ଦାସ'(୧୯୮୩) ଓ 'କବିତାର କଥା'(୧୯୮୪) ରଚନା ଓ ପ୍ରକାଶ ହୋଇଥଲା। ପରବର୍ତ୍ତୀ ସମୟରେ ପ୍ରକାଶିତ 'କାବ୍ୟପୁରୁଷର କଥା'(୨୦୦୩) ମଧ ତାଙ୍କର ଥିଲା ଉଲ୍ଲେଖଯୋଗ୍ୟ କୃତି। 'ନାରୀକବି ଅନ୍ନପୂର୍ଣ୍ଣା ରଚନାଶ୍ରୀ','ଫକୀରମୋହନ କଥା ସାହିତ୍ୟ', 'ଶଶିଭୂଷଣ ରଚନାବଳୀ' ସଂପାଦନା କରିବା ସହ ଡକ୍ଟର କୃଷ୍ଣଚରଣ ବେହେରାଙ୍କ ସହ 'ଚୟନିକା' ପୁସ୍ତକ ବି ପ୍ରସ୍ତୁତ କରିଥିଲେ। ରେଭେନ୍ସା ତଥା କଟକର ସାରସ୍ୱତ ପରିବେଶ ତାଙ୍କୁ ଏ କ୍ଷେତ୍ରରେ ଅଧିକ ମୁଖର କରିଥିଲା। ରେଭେନ୍ସା କଲେଜରେ ଡକ୍ଟର ନାୟକ ଅଧ୍ୟାପନା

କରୁଥିବା ସମୟର କଥା ସଂପର୍କରେ ଡକ୍ଟର ଧନେଶ୍ୱର ମହାପାତ୍ର କହନ୍ତି, ''କ୍ଷେତ୍ରବାସୀବାବୁ ଥିଲେ କର୍ତ୍ତବ୍ୟନିଷ୍ଠ, ଦକ୍ଷ ଅଧ୍ୟାପକ। ଅଧ୍ୟାପନା ଥିଲା ତାଙ୍କର ଆନନ୍ଦ। ମୁଁ ଅତୀତ ପ୍ରତି କେବଳ ମୋହବଶତଃ କହୁନାହିଁ, ପ୍ରକୃତରେ ସେ ସମୟରେ ଅଧ୍ୟାପନା ଓ ଅଧ୍ୟୟନ ଥିଲା ଆନନ୍ଦମୟ। x x x

କ୍ଷେତ୍ରବାସୀ କେବଳ ଅଧ୍ୟାପକ ଭାବେ ନୁହନ୍ତି, ଓଡ଼ିଆ ସାହିତ୍ୟର ଲେଖକ, ବିଶେଷତଃ ଆଲୋଚକ-ସମାଲୋଚକ ଭାବେ ଖ୍ୟାତି ଅର୍ଜନ କରିଥିଲେ। ମୋର ଯାହା ମନେ ଅଛି, ସାହିତ୍ୟତତ୍ତ୍ୱ ବିଷୟରେ ତାଙ୍କର ବିଶେଷ ଅଭିରୁଚି ଥିଲା। ସେ ପ୍ରାଚ୍ୟ ଓ ପାଶ୍ଚାତ୍ୟ, ଉଭୟ ଧାରାର ସାହିତ୍ୟତତ୍ତ୍ୱ ବିଷୟରେ ଅନୁଶୀଳନ କରୁଥିଲେ ଏବଂ ଉଭୟ ବିଷୟରେ ଲେଖୁଥିଲେ। ମୁଁ ମୂଳତଃ ସଂସ୍କୃତଜ୍ଞ ଲୋକ ହୋଇଥିବାରୁ ସଂସ୍କୃତ ସାହିତ୍ୟର ସାହିତ୍ୟତତ୍ତ୍ୱ ବିଷୟରେ ସେ ମୋତେ ପଚାରୁଥିଲେ ଏବଂ ଅନେକ ସଂସ୍କୃତ ଶ୍ଳୋକର ଅର୍ଥ ବୁଝୁଥିଲେ। ସବୁଥିରେ ଥିଲା ତାଙ୍କର ଜିଜ୍ଞାସା ଓ ନମ୍ରତା।'' ଜିଜ୍ଞାସା ଓ ନମ୍ରତା ଗୁଣ ତାଙ୍କୁ ସମସ୍ତଙ୍କର ପ୍ରିୟପାତ୍ର କରିପାରିଥିଲା ଏବଂ ଜାଣିବାର ଇଚ୍ଛା ତାଙ୍କୁ ସାହିତ୍ୟ କ୍ଷେତ୍ରରେ ଅଧିକ ମନନଶୀଳ କରିଥିଲା।

ଡକ୍ଟର ନାୟକ ସୃଜନାତ୍ମକ ଦୃଷ୍ଟିକୋଣର ଛାପ ତାଙ୍କର ରମ୍ୟ ପ୍ରବନ୍ଧରେ ମଧ୍ୟ ପ୍ରତିବିମ୍ବିତ। 'ପ୍ରତିବିମ୍ବ', 'କଳା-ଏକ ବିଚାର', 'ତୂଳୀ ଓ ଶିକୁଳି' ଆଦି ଏ କ୍ଷେତ୍ରରେ ବିଶେଷ ଉଲ୍ଲେଖଯୋଗ୍ୟ।

ପୁସ୍ତକ ଭଣ୍ଡାର, ବ୍ରହ୍ମପୁରଠାରୁ ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ; ବୁକ୍ସ ଆଣ୍ଡ ବୁକ୍ସ, କଟକଠାରୁ ଉତ୍କଳିକା ପର୍ଯ୍ୟନ୍ତ ଅନେକ ପୁସ୍ତକ ପ୍ରକାଶନ ତାଙ୍କର ପୁସ୍ତକ ପ୍ରକାଶ କରିଥିଲେ। ଏହା ବ୍ୟତୀତ ସେ ମଧ୍ୟ ନିଜ ପୁସ୍ତକର ପ୍ରକାଶନ ପାଇଁ ଆରମ୍ଭ କରିଥିଲେ 'ସାରସ୍ୱତ ପ୍ରକାଶନୀ' ଏବଂ ତାଙ୍କର କେତୋଟି ଉଲ୍ଲେଖଯୋଗ୍ୟ ପୁସ୍ତକ ବି ଏହି ପ୍ରକାଶନ ସଂସ୍ଥା ତରଫରୁ ପ୍ରକାଶିତ ହୋଇଥିଲା। ଓଡ଼ିଆ ସାହିତ୍ୟର ନିଷ୍ଠାପର ସାଧକ ଭାବେ ତାଙ୍କର କାର୍ଯ୍ୟଧାରା ଏହିପରି ଥିଲା ବହୁମୁଖୀ। କାର୍ଯ୍ୟ ପାଇଁ ମନ ଭିତରେ ରହିଥିବା ଆବେଗ, ତାଙ୍କୁ ନୂଆ ନୂଆ କାର୍ଯ୍ୟ କରିବାର ପ୍ରେରଣା ଯୋଗାଇଥିଲା। ଅନେକ କ୍ଷେତ୍ରରେ ସେ ହିସାବକିତାବଠାରୁ ଦୂରେ ରହି ସେହି କାର୍ଯ୍ୟର କିଭଳି ଯଥାଯଥ ରୂପାୟନ ହୋଇପାରିବ; ସେଥିପାଇଁ ତତ୍‌ପର ହୋଇଉଠୁଥିଲେ। ସାହିତ୍ୟ, ସଂପାଦନା ଓ ସଂଗଠନକୁ ନେଇ ତାଙ୍କର ସାରସ୍ୱତ ଦିଗନ୍ତ ଯେତେ ବ୍ୟାପକ, ସେତିକି ମଧ୍ୟ ବୈଚିତ୍ର୍ୟମଣ୍ଡିତ।

ରେଭେନ୍ସାରେ ଥିବା ବେଳେ ସେ ନିର୍ମାଣ କରିଥିଲେ କଟକ ବାସଭବନ 'ସାରସ୍ୱତ ନିଳୟ'। ସାରସ୍ୱତ ସାଧନାର ସ୍ଥଳ ଏହି 'ସାରସ୍ୱତ ନିଳୟ'। ଏହାର ପରିସରରେ ସାହିତ୍ୟ ଚର୍ଚ୍ଚାରେ ବିତିଛି ଅନେକ ସଂଧ୍ୟା। ଏହା ଡକ୍ଟର ନାୟକଙ୍କ ସାଧନା ଓ ଦୁଃଖସୁଖ ଜୀବନର ସାକ୍ଷୀ ହୋଇ ଏହା ଠିଆ ହୋଇରହିଛି।

ରେଭେନ୍ସାରେ ଅଧ୍ୟାପନା କାଳରେ ହିଁ ପରଲୋକଗାମୀ ହୋଇଥିଲେ ଡକ୍ଟର କ୍ଷେତ୍ରବାସୀ ନାୟକ। ସାହିତ୍ୟ ପାଇଁ କେତେ ନା କେତେ ସ୍ୱପ୍ନ ଦେଖୁଥିବା ଏବଂ କେତେନା କେତେ ଯୋଜନା ପ୍ରସ୍ତୁତ କରିଥିବା ଡକ୍ଟର ନାୟକଙ୍କ ଅନେକ ସ୍ୱପ୍ନ ଅଧୁରା ରହିଯାଇଥିଲା।

ସ୍ୱପ୍ନର ସଫଳ ବାସ୍ତବାୟନ : 'ଓଡ଼ିଆ ଗବେଷଣା ପରିଷଦ' ଓ 'ଏଷଣା'

ରେଭେନ୍ସା ମହାବିଦ୍ୟାଳୟର ଅଧ୍ୟାପକ ଥିବାବେଳେ ଡକ୍ଟର କ୍ଷେତ୍ରବାସୀ ନାୟକ ନିଜର ସମସ୍ତ ସାମର୍ଥ୍ୟକୁ ନେଇ ଗଢ଼ିଲେ 'ଓଡ଼ିଆ ଗବେଷଣା ପରିଷଦ' ବା 'The Institute of Oriya Studies'। ଏହି ଅନୁଷ୍ଠାନ ଗଠନର ଆବଶ୍ୟକତା ସଂପର୍କରେ ଡକ୍ଟର ପ୍ରସନ୍ନ କୁମାର ମିଶ୍ର କହନ୍ତି, ''କି ପ୍ରାଚୀନ କି ଆଧୁନିକ, ଅଧିକାଂଶ ବିଷୟରେ ମାତ୍ର ଖଣ୍ଡେ ଦୁଇଖଣ୍ଡ ନିର୍ଭରଯୋଗ୍ୟ ପୁସ୍ତକକୁ ସମ୍ବଳ କରି ଅଧ୍ୟାପକଙ୍କୁ କ୍ଲାସ୍‌କୁ ଯିବାକୁ ହେଉଥିଲା ଓ ସ୍ନାତକୋତ୍ତର ଛାତ୍ରଙ୍କୁ ପରୀକ୍ଷା ଦେବାକୁ ପଡୁଥିଲା। (ଏବର ପରି ନୋଟ୍ ବହିର ଯୁଗ ସେତେବେଳେ ଆରମ୍ଭ ହୋଇ ନଥିଲା, ଅନର୍ସ ଓ ଏମ୍.ଏ. ଶ୍ରେଣୀ ପାଇଁ)। ଏହି ଅଭାବ ସମସ୍ତ ଲେଖକ ଓ ଅଧ୍ୟାପକ ଅନୁଭବ କରୁଥିଲେ। ପତ୍ର-ପତ୍ରିକାର ପୃଷ୍ଠାରେ ଯେତିକି ସାହିତ୍ୟାଲୋଚନାର ପ୍ରକାଶ ଘଟୁଥିଲା ତା' ଯଥେଷ୍ଟ ନଥିଲା। ପୁଣି ସେ ସବୁ ନିଷ୍କର୍ଷଧର୍ମୀ ନଥିଲା, ଥିଲା ବ୍ୟକ୍ତିବିଶେଷଙ୍କ ରୁଚି ଓ ମୂଲ୍ୟବୋଧର ଅନୁରାଗ। ଏହି ଅବସ୍ଥାର ପରିବର୍ତ୍ତନ ଯେ 'ସଂପାନ' ଦ୍ୱାରା ହୋଇପାରିବ- ଏହା କ୍ଷେତ୍ରବାସୀ ସ୍ୱୀୟ ଅଭିଜ୍ଞତାରୁ ଜାଣିଥିଲେ। ଏହି ଅଭାବ ମେଣ୍ଟାଇବା ପାଇଁ ତାଙ୍କ ଭିତରେ ଯେଉଁ ପ୍ରଚ୍ଛନ୍ନ ପିପାସା ରହିଥିଲା, ତା'ର ଏକ ପରିପ୍ରକାଶକ 'ଓଡ଼ିଆ ଗବେଷଣା ପରିଷଦ'। ମୋତେ ତ ଏହି ସଂପୂର୍ଣ୍ଣ କାମଟି ଏକ ରୋମାଣ୍ଟିକ୍ ମନର ପରିପ୍ରକାଶ ପରି ଲାଗେ।''

ଛତ୍ରବଜାରସ୍ଥିତ ଡକ୍ଟର ନାୟକଙ୍କ ବାସଭବନରେ ଆରମ୍ଭ ହେଲା ଏହି ଅନୁଷ୍ଠାନ। ସେ ଏହାର ହେଲେ ପ୍ରତିଷ୍ଠାତା ସଂପାଦକ। ତାଙ୍କର ଉଦ୍ୟମ ଫଳରେ ୧୯୮୦ ମସିହାରେ ସ୍ଥାପିତ ଏହି ଅନୁଷ୍ଠାନ ୧୯୮୬ ବେଳକୁ ବେଶ୍ ପ୍ରତିଶ୍ରୁତିସଂପନ୍ନ ହୋଇପାରିଥିଲା। ଗବେଷଣା ପାଇଁ କ୍ଷେତ୍ର ପ୍ରସ୍ତୁତି କରିବାର ଲକ୍ଷ୍ୟକୁ ଜନ୍ମଲଗ୍ନରୁ ଗ୍ରହଣ କରିନେଇଥିଲା ଏହି ଅନୁଷ୍ଠାନ। ଏହାର ମୁଖପତ୍ର 'ଏଷଣା' ମଧ୍ୟ ଉଚ୍ଚକୋଟିର ପତ୍ରିକାର

ମାନ୍ୟତା ଲାଭ କଲା । 'ଓଡ଼ିଆ ଗବେଷଣା ପରିଷଦ' ଆରମ୍ଭ ଦିନ ସଂପର୍କରେ ଡକ୍ଟର ମନୀନ୍ଦ୍ର ମହାନ୍ତି କହନ୍ତି, " ୧୯୮୦ ମସିହା ଅକ୍ଟୋବର ୨୫ ତାରିଖ । ସେହି ଦିନ ସକାଳେ ଆପଣ ଓ ମୁଁ ଦୁହେଁ ସ୍କୁଟର ଚଢ଼ି ବାହାରିଲେ ଧୂପ, ନଡ଼ିଆ, ଫୁଲମାଳଆଦି ସଂଗ୍ରହ କରିବା ପାଇଁ । ସେ ଦିନ କି ଉତ୍‌କୂଳ- ଉତ୍‌କୂଳ ଭାବ । ସବୁବେଳେ ଆପଣ କହୁଥାନ୍ତି- "ମନୀନ୍ଦ୍ର, ଆଉ କ'ଣ ବାକି ରହିଲା ? ମନେ ପକାଅ । କିଛି ଯେମିତି ଅଭାବ ରହି ନଯାଏ ।" ତାଙ୍କ ଛତ୍ରବଜାରସ୍ଥିତ ସାରସ୍ୱତ ନିଳୟର ଭିତର ପାଖ ବାରଣ୍ଡାରେ ସତରଞ୍ଜି ପଡ଼ିଲା । ନିମନ୍ତିତ ସଦସ୍ୟମାନେ ଜଣକ ପରେ ଜଣେ ପହଞ୍ଚିଲେ । ଅପଣଙ୍କ ଘରର ସମସ୍ତେ ତ ତତ୍ପର ହୋଇ ଉଠିଲେ । ଲାବଣ୍ୟ ଭାଉଜ, ଆପଣଙ୍କ ଝିଅ ଲିପି, କୁନିମାମା ଓ ପୁଅ ବାବୁନୁ ସମସ୍ତେ । ମୁଁ ଅନୁଭବ କଲି, ସତରେ ସେହି ପରିବାରରେ ଯେମିତି ଆଜି ଗୋଟେ ଏକୋଇଶିଆ ପର୍ବ । କିଏ ଫୁଲ ଆଣୁଛି । କିଏ ସଳିତା ତିଆରି କରୁଛି । କିଏ କଳସ ବସାଉଛି ଇତ୍ୟାଦି ଇତ୍ୟାଦି ।

ଲୋକରତ୍ନ ଡକ୍ଟର କୁଞ୍ଜବିହାରୀ ଦାଶଙ୍କ ଆଶୀର୍ବାଦ ବାଣୀ, ଆନ୍ତରିକତା, ଉତ୍ସାହ ଆମକୁ ଆଉ ପାଦେ ଆଗକୁ ଠେଲି ନେଇଥିଲା ।"

ହଁ, ଡକ୍ଟର ମନୀନ୍ଦ୍ର ମହାନ୍ତି 'ଓଡ଼ିଆ ଗବେଷଣା ପରିଷଦ'ର Crest ଟିଏ ପ୍ରସ୍ତୁତ କରିଥିଲେ । ପଦ୍ମଫୁଲ । ତା' ସମ୍ମୁଖ ଭାଗରେ ଦୀପଟିଏ ଶିଖା ମେଲାଇ ଜଳୁଛି । ଏହି ଶିଖା ଓ ପଦ୍ମଫୁଲର ମଝି ପାଖୁଡ଼ା ପ୍ରାୟ ଏକ ହୋଇଯାଇଛି, ଏହି ଶିଖା ଓ ପାଖୁଡ଼ା ଏକ ଦୃଷ୍ଟିପାତ୍‌ର ଭୂମିକା ନେଇ ତୃତୀୟ ନୟନର ଆଭାସ ଦେଉଛି । ପଦ୍ମଫୁଲ- ସାହିତ୍ୟର ପ୍ରତୀକ । ଦୀପ-ଜ୍ଞାନ ଓ ଆଲୋକର ପ୍ରତୀକ, ପୁଣି ତୃତୀୟ ନୟନ ଅନିସନ୍ଧିତ୍ସୁ ଦୃଷ୍ଟିକୋଣର ପ୍ରତୀକ ।

'ଓଡ଼ିଆ ଗବେଷଣା ପରିଷଦ' ଓ ଏହାର ଗବେଷଣାଧର୍ମୀ ମୁଖପତ୍ର 'ଏଷଣା' ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା । ଓଡ଼ିଆ ସାହିତ୍ୟର ଗବେଷଣା ପ୍ରତି ସୃଷ୍ଟି ହୋଇଥିବା ଜଡ଼ତା ଭାଙ୍ଗିବାକୁ ଏହା ପ୍ରଯତ୍ନଶୀଳ ହୋଇଉଠିଥିଲା । ଆଧୁନିକ ସାହିତ୍ୟର ବିଭିନ୍ନ ଧାରା ଓ ଧାରଣା ସଂପର୍କରେ ସ୍ୱଚ୍ଛ ଅବବୋଧ ସୃଷ୍ଟି କରିବାର ସଚେତନ ପ୍ରୟାସ ଆରମ୍ଭ କରିଥିଲା ଏହି ଅନୁଷ୍ଠାନ । ବିଭିନ୍ନ ସଂପାନ ମାଧ୍ୟମରେ ଆଲୋଚକଙ୍କୁ ବହୁପାଠୀ କରିବାର ଅବକାଶ ପାଇଁ ଅବସର ଦେଇଥିବା ବେଳେ ବିଭନ୍ନ ବିଷୟର ଯଥାର୍ଥ ଅର୍ଥବୋଧ ପାଇଁ ମଧ୍ୟ କ୍ଷେତ୍ର ପ୍ରସ୍ତୁତ କରିଥିଲା 'ଓଡ଼ିଆ ଗବେଷଣା ପରିଷଦ' ।

ଛାତ୍ରଜୀବନରେ 'ରଶ୍ମି' ସଂପାଦନା କାଳରେ ଡକ୍ଟର କ୍ଷେତ୍ରବାସୀ ଯେପରି ଲେଖକ ସୃଷ୍ଟି କରିବାର ଏକ ଝୁଙ୍କ୍ ନେଇ କାର୍ଯ୍ୟ କରିଚାଲିଥିଲେ; 'ଏଷଣା' ସଂପାଦନା କରିବା

ସମୟରେ ସେହିପରି ଅନ୍ୟ ଅନେକଙ୍କୁ ସାହିତ୍ୟ ପ୍ରତି ଅଧିକ ଦାୟବଦ୍ଧ ହେବାର ଅବକାଶ ସୃଷ୍ଟି କରିଥିଲେ । ଗବେଷକ ବା ଆଲୋଚକଙ୍କଠାରୁ ତଥ୍ୟ ଓ ତତ୍ତ୍ୱନିଷ୍ଠ ପ୍ରବନ୍ଧ-ଆଲୋଚନାକୁ ସଂଗ୍ରହ କରି ଏଷଣାକୁ ସମୃଦ୍ଧ କରିଚାଲିଥିଲେ ସେ । ଏ ପରିପ୍ରେକ୍ଷୀରେ ପ୍ରଫେସର ଡକ୍ଟର ନରେନ୍ଦ୍ର ନାଥ ମିଶ୍ର ଲେଖିଥିଲେ, ''୧୯୮୪ ମସିହା ଫେବୃଆରୀ ମାସରେ ଶେଷଥର ପାଇଁ କ୍ଷେତ୍ରବାସୀ ଓ ଲାବଣ୍ୟ ଶାନ୍ତିନିକେତନ ଆସିଥିଲେ । ବିଶ୍ୱଭାରତୀ ଓଡ଼ିଆ ବିଭାଗରେ ମୋ ଟେବୁଲ୍‌ରେ ବସି କଥା ପ୍ରସଙ୍ଗରେ ଗବେଷଣା ପରିଷଦର ଜର୍ଣ୍ଣାଲ 'ଏଷଣା'ରେ ମୁଁ ଅନେକ ଦିନ ହେଲା କାହିଁକି ଲେଖୁନାହିଁ ବୋଲି ସେ ଅଭିଯୋଗ କରୁଥିଲେ । ସେ ସମୟରେ ମୁଁ 'ସବୁଜତ୍ରୟୀ' ବୋଲି ଏକ ପ୍ରବନ୍ଧ ପରିକଳ୍ପନା କରି ଅନ୍ନଦାଶଙ୍କର ଓ କାଳିନ୍ଦୀ ଚରଣଙ୍କ ଉପରେ କିଛି ଲେଖିଥିଲି । ବସ୍ତୁତଃ ମୁଁ ମୁଖେ ମୁଖେ ଡାକିଥିବା ଏହି ପ୍ରବନ୍ଧକୁ ଜଣେ ଗବେଷକ ଛାତ୍ର ଲେଖି ନେଇଥିଲେ । କ୍ଷେତ୍ରବାସୀଙ୍କ ହାତରେ ସେ ଖାତାଟି ପଡ଼ିବା ପରେ ତାହା ଆଉ ମୁଁ ଫେରାଇ ନେଇପାରିଲି ନାହିଁ । ସେ ନିଜେ ଏହି ଲେଖାର ସ୍ୱହସ୍ତାକ୍ଷର ନକଲ କରି 'ଏଷଣା'ରେ ଛାପିବା ପାଇଁ ନେଇଯାଇଥିଲେ ଓ ଅନ୍ନଦାଶଙ୍କରଙ୍କ ପ୍ରସଙ୍ଗରେ ମୋର ଲେଖାଟି ଛାପିଥିଲେ । ପ୍ରାୟ ନିର୍ଭୁଲ ଛପା ଦେଖି ମୁଁ ବଡ଼ଖୁସି ହେଇଥିଲି ।''

ଏହିପରି ଅନେକ ସ୍ରଷ୍ଟାଙ୍କୁ 'ଏଷଣା'ରେ ସ୍ଥାନିତ କରି ଏହି ପତ୍ରିକାର ଗୌରବମୟ ଇତିହାସ ସୃଷ୍ଟି କରିଥିଲେ । ୧୯୮୦ ମସିହାରୁ ଷାଣ୍ମାସିକ ସାହିତ୍ୟ ପତ୍ରିକା 'ଏଷଣା' ପ୍ରକାଶ ପାଇଲା । ଏହି ସାହିତ୍ୟ ପତ୍ରିକା ଓଡ଼ିଆ ସାହିତ୍ୟର ବିଜ୍ଞ ଗବେଷକ, ଆଲୋଚକ, ତତ୍ତ୍ୱବିଶାରଦ ଓ ସମାଲୋଚକଙ୍କ ଲେଖାରେ ସମୃଦ୍ଧ ହୋଇଥିଲା । ବିଶ୍ୱ-ସାହିତ୍ୟ କ୍ଷେତ୍ରରେ ପରିଲକ୍ଷିତ ନୂଆ ନୂଆ ବିଚାରକୁ ଓଡ଼ିଶାର ମନନଶୀଳ ପାଠକଙ୍କ ନିକଟରେ ପହଞ୍ଚାଇବାର ଅନନ୍ୟ ଭୂମିକା ଗ୍ରହଣ କରିଥିଲା ଏହି ପତ୍ରିକା । ଏହି ପତ୍ରିକାରେ ପ୍ରକାଶିତ ସଂପାଦକୀୟ ସାହିତ୍ୟର ସୂକ୍ଷ୍ମ ସ୍ୱରୂପକୁ ପ୍ରକଟିତ କରିବାର ଏକ ଉଦ୍ୟମ କହିଲେ ଅତ୍ୟୁକ୍ତି ହେବ ନାହିଁ । ସାହିତ୍ୟର ଏକ ପରିବ୍ୟାପ୍ତ ଦିଗନ୍ତକୁ ସେ ବାରବାର ଆଲୋକିତ କରିଛନ୍ତି । ସାହିତ୍ୟ-ସମାଲୋଚନା ସଂପର୍କରେ ସେ ଏହି ପତ୍ରିକାର ପ୍ରଥମ ଖଣ୍ଡ ସଂପାଦକୀୟରେ ଉଲ୍ଲେଖ କରିଛନ୍ତି,''...ଶୁଦ୍ଧ ସମାଲୋଚକର ଲକ୍ଷ୍ୟ, ପାଠକ ନୁହନ୍ତି, ଲକ୍ଷ୍ୟ ହେଉଛି ସାହିତ୍ୟ-ବସ୍ତୁ; ତାହାର ଉତ୍କର୍ଷ ଅପକର୍ଷ ଅନ୍ୱେଷଣ । ମୂଲ୍ୟ ଦୃଷ୍ଟିରୁ କୌଣସି ରଚନା ବିଶେଷକୁ ଅନ୍ୟ ମୂଲ୍ୟବାନ ସାହିତ୍ୟବସ୍ତୁ ସଙ୍ଗେ ମିଳେଇ ଦେଖିବା, ମାନବ ସଂସ୍କୃତି ଓ ଐତିହ୍ୟର ଭୂମିକା ନିର୍ଣ୍ଣୟ କରିବା, ତତାତ୍ମ୍ୟବିଧି (Introspective Method) ବଳରେ

ସାହିତ୍ୟ ବସ୍ତୁରୁ ସ୍ରଷ୍ଟା ମାନସ ପ୍ରତ୍ୟକ୍ଷ କରିବା, ଶିଳ୍ପ ଧର୍ମର ସୌନ୍ଦର୍ଯ୍ୟ ଖୋଜିବା, ଇତ୍ୟାଦି ହେଉଛି ଏଇ ସମାଲୋଚନାର ଲକ୍ଷ୍ୟ; ଏହାକୁ କୁହାଯାଏ ଶୁଦ୍ଧ ସମାଲୋଚନା।'' ନିଜର ସଂପାଦକୀୟରେ ସ୍ୱଚ୍ଛ ଓ ଗଭୀର ଦୃଷ୍ଟିକୋଣର ପରିଚୟ ମିଳିଥାଏ। 'ଏଷଣା'ର ୧୧ଟି ସଂଖ୍ୟାର ସଂପାଦକ ରୂପେ ସେ ଦାୟିତ୍ୱ ନିର୍ବାହ କରିଥିଲେ।

'ଓଡ଼ିଆ ଗବେଷଣା ପରିଷଦ' ଓ 'ଏଷଣା' ବିକାଶ କ୍ଷେତ୍ରରେ ତାଙ୍କର ଭୂମିକାକୁ ରେଖାଙ୍କିତ କରନ୍ତି ଡକ୍ଟର କୃଷ୍ଣଚରଣ ବେହେରା, ''କ୍ଷେତ୍ରବାସୀ ଯେତେବେଳେ ଦକ୍ଷିଣ ଓଡ଼ିଶାରୁ କଟକ ବଦଳି ହୋଇ ଆସିଲେ, ସେତେବେଳେ ତାଙ୍କ ଜୀବନରେ ଏକ ନୂତନ ପର୍ବ ଆରମ୍ଭ ହେଲା। ପ୍ରତିଷ୍ଠିତ ହେଲା 'ଓଡ଼ିଆ ଗବେଷଣା ପରିଷଦ' ବା The Institute of Oriya Studies। ସେ ହେଲେ ଏହାର ପ୍ରତିଷ୍ଠାତା-ସଂପାଦକ। ୧୯୮୦ରୁ ୮୬ ଏହି ସ୍ୱଳ୍ପ ସମୟ ମଧ୍ୟରେ ସେ ନିଜର ସମସ୍ତ ଶକ୍ତି ସାମର୍ଥ୍ୟ ଦେଇ ପ୍ରତିଷ୍ଠାନ ଗଢ଼ି ତୋଳିଲେ। ପରିଷଦର ମୁଖପତ୍ର 'ଏଷଣା' ନିୟମିତ ପ୍ରକାଶ ପାଇଲା, କିଛି ଆଲୋଚନା ଗ୍ରନ୍ଥ ଓ ପ୍ରାଚୀନ ସାହିତ୍ୟର ପୁସ୍ତକ ମଧ୍ୟ ପ୍ରକାଶିତ ହେଲା। ଏ ଦିଗରେ ତାଙ୍କର ଅକ୍ଳାନ୍ତ ପରିଶ୍ରମ ଓ ନବ ନବ ଉଦ୍ୟମ ଲକ୍ଷ୍ୟ କରି ବିସ୍ମିତ ହେଉଥିଲି। ଗବେଷଣା ପରିଷଦ ପ୍ରତିଷ୍ଠିତ ହେବାର ପ୍ରାୟ ବର୍ଷକ ପରେ ମୋର କଟକରୁ କନ୍ଧମାଳ ଫୁଲବାଣୀ କଲେଜକୁ ବଦଳି ହୋଇଗଲା। ଫୁଲବାଣୀରେ ମୁଁ ଯେଉଁ ପାଞ୍ଚ ବର୍ଷକାଳ ରହିଲି, କ୍ଷେତ୍ରବାସୀ ପରିଷଦର କାର୍ଯ୍ୟକାରୀ ସମିତି ସଭ୍ୟଙ୍କୁ ଘେନି ସବୁକାର୍ଯ୍ୟ କରୁଥିଲେ। ଏହା ସହିତ କଟକ ଶ୍ରୀଅରବିନ୍ଦ ନଗରରେ ନିଜର ଏକ ବାସଭବନ କାର୍ଯ୍ୟ ନିର୍ମାଣ କାର୍ଯ୍ୟ ଚଳାଇଥିଲେ।''

ଏଷଣାରେ ପ୍ରକାଶ ପାଉଥିବା ଗୁରୁତ୍ୱପୂର୍ଣ୍ଣ ରଚନାକୁ ପୁସ୍ତକ ଆକାରରେ ପ୍ରକାଶ କରିବାରେ ସେ ବ୍ରତୀ ହୋଇଥିଲେ। 'ଓଡ଼ିଆ ସାହିତ୍ୟ ଗବେଷଣା ପରିଷଦ ଗ୍ରନ୍ଥମାଳା' ପ୍ରସ୍ତୁତି ପାଇଁ ସେ କୃଷ୍ଣଚରଣ ବେହେରା ଓ ଚିତ୍ତରଂଜନ ଦାସଙ୍କ ସହଯୋଗ ନେଇଥିଲେ। ଏହି ଦୁଇ ସାରସ୍ୱତ ସାଧକଙ୍କ ସହ ସେ ସଂପାଦନା କରିଥିବା 'ଓଡ଼ିଆ ଗବେଷଣା ପରିଷଦ ଗ୍ରନ୍ଥମାଳା (୧୯୮୦-୮୫) ପ୍ରକାଶିତ ହୋଇଥିଲା। କଟକରେ ସାରସ୍ୱତ ସାଧନା, ସଂଗଠନ ଓ ସଂପାଦନା କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା ଏହି ସମୟରେ ଡକ୍ଟର ନାୟକ ମଧ୍ୟ ଏକ ତ୍ରୈମାସିକ ପତ୍ରିକା 'କୈବଲ୍ୟ' (୧୯୮୧-୮୩) ସଂପାଦନା ସହ ସଂପୃକ୍ତ ହୋଇଥିଲେ।

ଛାତ୍ରବତ୍ସଳ ଅଧ୍ୟାପକ ଭାବରେ ଡକ୍ଟର ନାୟକଙ୍କର ଥିଲା ସ୍ୱତନ୍ତ୍ର ପରିଚିତି। ଜିଜ୍ଞାସୁ ଛାତ୍ରକୁ ଖୁବ୍ ଶ୍ରଦ୍ଧା କରୁଥିଲେ ସେ। ଛାତ୍ର ଓ ସାହିତ୍ୟ ଗବେଷକଙ୍କ ସଂଶୟ

ଦୂର କରି ଉପଯୁକ୍ତ ଦିଗ୍‌ଦର୍ଶନ ଦେବାରେ ସେ ନିଷ୍ଠାପର ଭାବେ ଚେଷ୍ଟା କରୁଥିଲେ। ଏ ପରିପ୍ରେକ୍ଷୀରେ ଗୋଟିଏ ଘଟଣାର ଅବତାରଣ କରନ୍ତି ଡକ୍ଟର ଲାବଣ୍ୟ ନାୟକ, ''ଶ୍ରେଣୀ ଗୃହ ଛଡ଼ା ବାଟ ମଝିରେ କୌଣସି ଛାତ୍ର କିଛି ପଚାରିଲେ, ସେମାନଙ୍କୁ ସେ ନିରାଶ କରୁନଥିଲେ। ବଡ଼ ଛାତ୍ରବତ୍ସଳ ଥିଲେ। ଏଇଥିପାଇଁ ସେ ଥରେ ଖୁବ୍ ଆଘାତ ପାଇଥିଲେ। କେହି ଜଣେ ବିଭାଗୀୟ ଅଧ୍ୟାପକ ଛୁଟିରେ ଥିବାରୁ ଛାତ୍ରମାନେ ଆସି ଡାକି ନେଲେ। ପିଲାମାନଙ୍କର କଥା ଭାଙ୍ଗି ନପାରି କ୍ଲାସ୍‌କୁ ଯାଇ ପଢ଼ାଇଲେ। ଛାତ୍ରମାନେ ସନ୍ତୁଷ୍ଟ ହୋଇ ବରାବର ଏ କ୍ଲାସ୍‌ଟି ନେବା ପାଇଁ ଅନୁରୋଧ କଲେ। ସେ କିନ୍ତୁ ସେଥିରେ ସମ୍ମତ ନ ହୋଇ କ୍ଲାସ ଶେଷ କରି ଚାଲିଆସିଲେ। ଏ ଭିତରେ କି ରହସ୍ୟ ସୃଷ୍ଟି ହେଲା କେଜାଣି, ବିଭାଗୀୟ ମୁଖ୍ୟ ଏଥିପାଇଁ ତାଙ୍କ ଉପରେ ଦୋଷାରୋପ କଲେ। ଏ କଥାକୁ ଘେନି ଖୁବ୍ ତର୍କ ମଧ୍ୟ ହେଲା। ସେ କେବେ କୌଣସି ବିଷୟରେ ବିଚଳିତ ହୁଅନ୍ତି ନାହିଁ। କିନ୍ତୁ ମୁଁ ଲକ୍ଷ୍ୟ କଲି ଏଥିପାଇଁ କେତେଦିନ ପର୍ଯ୍ୟନ୍ତ ତାଙ୍କୁ ନିଦ ହେଲା ନାହିଁ, ଭଲରେ ମଧ୍ୟ ଖାଇଲେ ନାହିଁ, କହିଲେ- '' ମୁଁ ଆତ୍ମଜୀବନୀ ଲେଖିବା ବେଳେ ଏହା ନିଶ୍ଚୟ ଉଲ୍ଲେଖ କରିବି। ମୁଁ କ'ଣ ବାହାଦୁରୀ ନେବାକୁ କ୍ଲାସକୁ ଯାଇଥିଲି।''

କେବଳ ଛାତ୍ରଙ୍କୁ ନୁହେଁ, ମଣିଷକୁ ହିଁ ସେ ଭଲ ପାଉଥିଲେ। କେହି ବର୍ଷାରେ ଓଦା ହୋଇଥାଉ ବା ଝାଳରେ ଭିଜି ଯାଇଥାଉ, ପାଖରେ ପହଞ୍ଚିଗଲେ ସାଂଗେ ସାଂଗେ ନିଜ ତଉଲିଆ ଖଣ୍ଡକ ଦେଇଦେବେ ପୋଛି ହେବାକୁ। ଟିକିଏ ବୋଲି ବିକାର ନଥାଏ। କହନ୍ତି- ମଣିଷ ହୋଇ ମଣିଷକୁ ଘୃଣା ?'' ମଣିଷପଣିଆର ଏପରି ଅନେକ ଉଦାହରଣ ସୃଷ୍ଟି କରିଯାଇଛନ୍ତି ଡକ୍ଟର ନାୟକ।

ସଫା ଧୋତି ଓ ସିଲ୍‌କ ପଞ୍ଜାବୀ ପୋଷାକ, ହସ ହସ ମୁଖମଣ୍ଡଳ ଓ ଚଷମା ତଳେ ଅନେକଙ୍କୁ ଆପଣାର କରିନେବାର ଭାବ ଭିତରେ ଫୁଟି ଉଠୁଥିଲା ଡକ୍ଟର ନାୟକଙ୍କ ବ୍ୟକ୍ତିତ୍ୱ। ସେଥିପାଇଁ ସଂସ୍କୃତିସଂପନ୍ନ ସ୍ୱାଭିମାନୀ ମଣିଷ ସବୁବେଳେ ଲାଗନ୍ତି ରୋମାଣ୍ଟିକ୍।

❑❑❑

ତୃତୀୟ ଅଧ୍ୟାୟ

ବର୍ଣ୍ଣମୟ ସାରସ୍ୱତ ଦିଗ୍‌ବଳୟ

ଗଳ୍ପ, କବିତା, ପ୍ରବନ୍ଧ, ସାହିତ୍ୟ ଆଲୋଚନା, ରମ୍ୟକଥନ ଭିତରେ ଓଡ଼ିଆ ସାରସ୍ୱତ ଦିଗ୍‌ବଳୟକୁ ଭାସ୍ୱର କରିଥିବା ଡକ୍ଟର କ୍ଷେତ୍ରବାସୀ ନାୟକ କୈଶୋର କାଳରୁ ସାହିତ୍ୟ ମନସ୍କ, ସ୍କୁଲ ଜୀବନରୁ ହାତଲେଖା ପତ୍ରିକା ସଂପାଦନା ଏବଂ ପରବର୍ତ୍ତୀ ସମୟର ସାହିତ୍ୟକୁ ଜୀବନସାଥୀ କରି ଆଗକୁ ବଢ଼ିଥିଲେ। ଜୀବନ ଦୀର୍ଘ ନଥିଲା, ସାଧନାର ବ୍ୟାପ୍ତି ଥିଲା ସୁବିସ୍ତୃତ, ସାରସ୍ୱତ ସୃଷ୍ଟି କଲୋତ୍ତୀର୍ଣ୍ଣ। ନାନାବିଧ ପରୀକ୍ଷାନିରୀକ୍ଷାରେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବାରେ ବ୍ରତୀ ଏହି କର୍ମନିଷ୍ଠ ବ୍ୟକ୍ତିତ୍ୱ ଅନେକ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ଅନତିକ୍ରମଣୀୟ ଭୂମିକାରେ ତାଙ୍କୁ ବହୁବାର ଭେଟିବାକୁ ହୋଇଛି। ସାହିତ୍ୟର ପ୍ରତିଟି ବିଭାଗରେ ନୂତନ ଚିନ୍ତନ ଓ ସ୍ପନ୍ଦନ ବାରି ହୋଇପଡ଼େ। 'ଫୁଲର କବର'(୧୯୬୭) ସଂକଳନର ପ୍ରତିଟି ଗଳ୍ପରେ ସମକାଳୀନ ଚେତନାର ଆବେଗମୟ ଓ ଅନୁଭୂତିଜଡ଼ିତ ରୂପଚିତ୍ର, 'ଉଚ୍ଚାରଣ'(୧୯୬୯)ର ପ୍ରତିଟି କବିତାରେ ଭାବମୟତାର ଚିନ୍ମୟ ଧାରା, 'କବି ନୀଳକଣ୍ଠ'(୧୯୭୭), 'କବି ଅର୍ଜୁନ ଦାସ'(୧୯୮୩), 'କବି ଚରିତ : ରାଧାନାଥ' ଓ ନାରୀକବି ଅନ୍ନପୂର୍ଣ୍ଣା : କବି ଚରିତ ଓ କାବ୍ୟଚର୍ଚ୍ଚା'ରେ ଜୀବନକୁ ସାହିତ୍ୟ ଦୃଷ୍ଟିରୁ ନୂତନ ଭାବେ ବିଚାର କରିବାର ସାମର୍ଥ୍ୟ, 'ସାହିତ୍ୟର ସାମାନ୍ୟକଥନ'(୧୯୭୦), 'ସାହିତ୍ୟିକ ବୀକ୍ଷା ଓ ନିରୀକ୍ଷା'(୧୯୭୦) ଠାରୁ ଆରମ୍ଭ କରି ସମଗ୍ର ସମାଲୋଚନା-ପ୍ରବନ୍ଧର ପରିଚ୍ଛନ୍ନ ଶୈଳୀ ଓ ତଥ୍ୟନିଷ୍ଠ ତଥା ବୁଦ୍ଧିଦୀପ୍ତ ବିଚାରବିମର୍ଶ ଭିତରେ ଡକ୍ଟର କ୍ଷେତ୍ରବାସୀ ନାୟକଙ୍କ ସାରସ୍ୱତ ପ୍ରତିଭାର ପରିଚୟ ସୁସ୍ପଷ୍ଟ। ସୁଧୀରଚନ୍ଦ୍ର ବେହୁରା ଯଥାର୍ଥରେ କହନ୍ତି, ''ସେ କେବଳ ସଂଗୃହୀତ ଓ ସଂଚିତ ଜ୍ଞାନ ବିତରଣରେ ସମସ୍ତ ଶକ୍ତି ନିୟୋଜିତ କରି ନଥିଲେ। ସଫଳ ଏକାଡେମିସିଆନ୍ ଭଳି ସଞ୍ଚିତ ଜ୍ଞାନ ପରିସରକୁ ଆପଣା ଗବେଷଣା ମାଧ୍ୟମରେ ପ୍ରସାରିତ ଓ ପରିବର୍ଦ୍ଧିତ କରିବାକୁ କ୍ଷମ ହୋଇଥିଲେ। ସେଥିପାଇଁ ସେ ସାହିତ୍ୟାନୁରାଗୀ, ସଂଗଠନ ସମର୍ଥ, ସଂପାଦକ ହୋଇ ନଥିଲେ କେବଳ; କବିତା, ଗଳ୍ପ, ମୌଳିକ ପ୍ରବନ୍ଧ ଆଦି

ସର୍ଜନାତ୍ମକ ସାହିତ୍ୟ ସୃଷ୍ଟିରେ ମଧ୍ୟ ନିୟୋଜିତ ଥିଲେ।'' ଯୌଥ ଭାବରେ ଓଡ଼ିଆ ସାହିତ୍ୟର ଉନ୍ନତି ସମ୍ଭବପର; ଏହି ନୂତନ ଚିନ୍ତାଧାରାକୁ ସେ କେବଳ ବିଶ୍ୱାସ କରି ନଥିଲେ, ଏହାକୁ ମଧ୍ୟ କାର୍ଯ୍ୟରେ ରୂପାୟନ କରିଥିଲେ। ସେଥିପାଇଁ ସାହିତ୍ୟକୁ ପଢ଼ାଘରରୁ ସେ ରାଜରାସ୍ତାକୁ ଓହ୍ଲାଇ ନେଇଥିଲେ। ସାହିତ୍ୟ ତାଙ୍କ ପାଇଁ ଆରାଧ୍ୟ ନଥିଲା, ସାହିତ୍ୟ ଥିଲା ମଧ୍ୟ ଆୟୁଧ। ତାଙ୍କ ସମଗ୍ର ସାହିତ୍ୟ ବି ଗାଇ ଚାଲିଥିଲା କବିତାର କୁଳୁଗୀତି। ପ୍ରକୃତିର ଅପରୂପ ଶୋଭା ଭିତରେ ସେ ଆଙ୍କିଦିଅନ୍ତି ବାସ୍ତବତାର ବହୁବର୍ଣ୍ଣ ଚିତ୍ର। ସାହିତ୍ୟ ମାଧ୍ୟମରେ ଅନେକ କଥା କହୁଥିଲେ, କୁହାଉଥିଲେ ଓ ଏ ସଂପର୍କରେ ଭାବିବାର ଅବକାଶ ମଧ୍ୟ ସୃଷ୍ଟି କରିଥିଲେ।

ଗଳ୍ପ : କଳାତ୍ମକ ଅଭିବ୍ୟକ୍ତି

ଗଳ୍ପ ସଂକଳନର 'ଫୁଲର କବର'(୧୯୬୭, ଆତ୍ମପ୍ରକାଶନୀ, ବଲାଙ୍ଗିର) କ୍ଷେତ୍ରବାସୀ ନାୟକଙ୍କ ପ୍ରଥମ ପ୍ରକାଶିତ ପୁସ୍ତକ। ଏହାର ମୁଖବନ୍ଧ 'କଥାକାରର କଥା'ରେ କଥାକାର ଶ୍ରୀ ନାୟକ ଏହି ଗଳ୍ପର ପୃଷ୍ଠଭୂମି ଓ ଭାବଭୂମି ସଂପର୍କରେ ଉଲ୍ଲେଖ କରିଛନ୍ତି, ''ଗତିବାନ ସମୟର ଛଇଳି ନଈ ସୁଅରେ ଭାସି ଭାସି ଏବଂ ଅଥଳ ଅତଟ ଗଭୀର ଗଣ୍ଡରେ ବୁଡ଼ି ବୁଡ଼ି ମୁକ୍ତା ଖୋଜାଳି ଭଳି ଜୀବନର ସଂଜ୍ଞା ଖୋଜୁଁ ଖୋଜୁଁ ମୁଁ ଯାହା ଯେଉଁଠି ପାଇଲି, ତାକୁ ଅନ୍ୟତ୍ର ଉଝେଇଁ ନଦେଇ ଅନେକ ଦିନ ଧରି ସାଇତି ରଖିଥିଲି ନିଜ ଭିତରେ। ସେତେବେଳେ ବସ୍ତୁ-ଅବସ୍ଥାର ତୁଳନୀୟ ବିଚାର ମୋ ମନରେ ଆଦୌ ଜନ୍ମି ନଥିଲା।

ବହୁରୂପୀ ଜୀବନ ଓ ଅତନ୍ଦ୍ର ସମୟର ସମଗ୍ର ବର୍ଣ୍ଣବିଭାକୁ ଅଗସ୍ତି ପରି ଚଳୁ କରି ନପାରି ଯେଉଁ ସବୁ ଖଣ୍ଡିତ ରୂପରେ ମୁଁ ଅନୁଭବ କରିଥିଲି ଜୀବନର ଅନ୍ତର୍ସ୍ପନ୍ଦନ କିଂବା ଆଂଶିକ ଜୀବନବୋଧର ମୁହୂର୍ତ୍ତାନ୍ତିକ ଭାବରସ ପାନ କରି ମୁଁ ଯେପରି ମୁଗ୍ଧ ହୋଇଥିଲି ତା'ର ପ୍ରତିଲିପି ଅଂକନ କଲି ମୋର ଏହି 'ଫୁଲର କବର' ଗଳ୍ପ ସଂକଳନରେ।''

ଏହି ସଂକଳନରେ ସ୍ଥାନିତ ଗଳ୍ପ ୧୯୬୦ ଓ ତା'ର ପରବର୍ତ୍ତୀ ସମୟରେ ରଚନା ହୋଇଥିଲା। ଏହି ଗଳ୍ପ ମଧ୍ୟରୁ କେତୋଟି ଆସନ୍ତାକାଲି, ସମାବେଶ, ରଶ୍ମି, ଯୁଗଯାତ୍ରୀ, ରବିବାର ପ୍ରଜାତନ୍ତ୍ର, ରବିବାର କଳିଙ୍ଗ ଆଦି ପତ୍ରପତ୍ରିକାରେ ପ୍ରକାଶ ପାଇଥିଲା। ଶେଷ ଗଳ୍ପର ନାମ ଅନୁସାରେ ସଂକଳନର ନାମକରଣ। ଏହି ସଂକଳନରେ 'ମରୁବଲ୍ଲବୀର ପୁଲକ', 'କ୍ଷଣପ୍ରଭା', 'ଅନ୍ଧକାରର ମୋହ', 'ଅପୂର୍ଣ୍ଣାର ଆତ୍ମଗୀତି', 'ଦୁଇଟି କାହାଣୀ', 'ସେ ଏକ ଅସ୍ଥିର ବିନ୍ଦୁ', 'ସୀମାନ୍ତ', 'ଅତୀତ ବର୍ତ୍ତମାନ ଭବିଷ୍ୟତ', 'ସଂକେତ', 'ଅଙ୍ଗାର', 'ମରୁ ଓ ମୌସୁମୀ', 'ସଯୁଜା ସଖାୟା', 'ନିଦ', 'ଆକାଶ କୟାଁ... ଚିଲିକା

ମାଛ' ଓ 'ଫୁଲର କବର' ସ୍ଥାନ ପାଇଛି। ସଂକଳନର ସମସ୍ତ ଷୋହଳଟି ଗଳ୍ପ ନିଜ ନିଜ ସ୍ୱତନ୍ତ୍ର ଆବେଦନରେ ସମ୍ବେଦନା ସୃଷ୍ଟି କରିବାରେ ସମର୍ଥ ହୋଇଛନ୍ତି।

ଗଳ୍ପ ସଂକଳନର ଶେଷ ଗଳ୍ପଟି 'ଫୁଲର କବର'। ବ୍ୟଞ୍ଜନାମୟ ଅଭିବ୍ୟକ୍ତି ଭିତରେ ଦାର୍ଶନିକ ଦୃଷ୍ଟିକୋଣଟି ସଂରକ୍ଷିତ। ସେଥିରେ ଆଦର୍ଶର ନାନ୍ଦୀଗାନ। ଗଳ୍ପରେ ସ୍ରଷ୍ଟାଙ୍କ ସିଦ୍ଧାନ୍ତ ହେଉଛି; ''କିନ୍ତୁ କାମାଗ୍ନି ତା'ର ଯେତେ ବହ୍ନିମାନ ହେଲେବି ସେ ନାରୀ, ଅନୂଢ଼ା ଓ ଅବିବାହିତା- ଫୁଲ କଅଁଳ ତା'ର ବୟସ। ଲୁଣ୍ଠନ କାମ୍ୟ ନୁହେଁ, ସଂରକ୍ଷଣ ହିଁ ବିଧେୟ।'' ସଂକେତ ମଧ୍ୟରେ ସନ୍ଦେଶକୁ ଚମତ୍କାର ଭାବେ ସଂଯୋଜିତ କରିଛନ୍ତି ଗାଳ୍ପିକ। ଅଳ୍ପ କେତୋଟି ମୁହୂର୍ତ୍ତର ଭିନ୍ନ ଉପଲବ୍ଧି, ବର୍ଣ୍ଣନାର କଳାତ୍ମକ ପରିପାଟୀ, ମହାନତାର ଜୟଗାନ ଭିତରେ ଗଳ୍ପଟିର ସଂଚରଣଶୀଳତା ବେଶ୍ ପ୍ରଭାବଶାଳୀ। ଗଳ୍ପ ନାୟିକା ମାଳିକନ୍ୟା ତାନିକୁ ସ୍ରଷ୍ଟା ପୁରୁଷ କହିଥିବା ଶେଷ ବାକ୍ୟ 'ହଁ, ତୁମେ ସୁନ୍ଦରୀ, ଉତ୍ତମା ବି କିନ୍ତୁ ସୁତୀର୍ଥା ହେବାକୁ ଚେଷ୍ଟାକର ତାନି'। ପ୍ରଶ୍ନ ଉଠେ ତାନି ଚରିତ୍ର ଯେଉଁ ପରିବେଶର ସେ କ'ଣ ଏହି ବ୍ୟଞ୍ଜନାଭରା ବାକ୍ୟର ଭାବକୁ ବୁଝି ନିଜକୁ ସାନ ମଣୁଥିଲା ? 'ଆଚ୍ଛା ! ତାନି, ତୁମେ ବିଲ୍ୱମଙ୍ଗଳର ନାମ ଶୁଣିଛ ?'- ଯିଏ ଏପରି ଏକ ପ୍ରଶ୍ନ ଭିତରେ ରହିଥିବା ଇଙ୍ଗିତକୁ ବୁଝିଛି, ସେ ଯେ ବିଦୂଷୀ ତାହା ସୁସ୍ପଷ୍ଟ। କେବଳ 'ଫୁଲର କବର' ଗଳ୍ପଟି ନୁହେଁ, ଏହି ସଂକଳନର ଅଧିକାଂଶ ଗଳ୍ପରେ ବୈଦ୍ଧିକତାର ଆଟୋପ ଭିତରେ ସାହିତ୍ୟର କଳାପକ୍ଷ ବେଶ୍ ପ୍ରଭାବଶାଳୀ। ଏ ସମସ୍ତ ଗଳ୍ପ ଅନ୍ତର୍ମୁଖୀ। ଯୁଗାନୁସାରୀ। ଏହି ସଂକଳନର ପୃଷ୍ଠବନ୍ଧରେ ଲାବଣ୍ୟ ନାୟକ ଯଥାର୍ଥରେ ଉଲ୍ଲେଖ କରିଛନ୍ତି, ''ଫୁଲର କବର' ଏବର ଶତାବ୍ଦୀର ପ୍ରାଣସ୍ପନ୍ଦନ ଦ୍ୱାରା ଅନୁପ୍ରାଣିତ ତରୁଣ ଲେଖକଙ୍କର ଗଳ୍ପ ସଂକଳନ। ମାନବର ବ୍ୟାପକ ଜୀବନବୋଧର ଆଂଶିକ ପ୍ରକାଶ ହିଁ ଆଧୁନିକ କ୍ଷୁଦ୍ରଗଳ୍ପର ପ୍ରାଣଧାରା। ଏକ ଆଂଶିକ ଜୀବନସତ୍ତା ବା ଖଣ୍ଡିତ ଭାବ ଜୀବନର ଏକ ରସଘନ ମୁହୂର୍ତ୍ତରୁ ଜନ୍ମଲାଭ କରି ସୀମିତ ଓ ସୁସଂଘତ କଳେବର ମଧ୍ୟରେ କୌଣସି ନିର୍ଦ୍ଦିଷ୍ଟ ମର୍ମଧ୍ୱନିର କଳାକୁଶଳ ଓ ସୂଚନାତ୍ମକ ଅଭିବ୍ୟକ୍ତିରେ ପରିଣତ ହୁଏ।''

ବିବର୍ତ୍ତିତ ସାମାଜିକ ଧାରା ଓ ପରିବର୍ତ୍ତିତ ଜୀବନକୁ ଗଳ୍ପ ପରିସରକୁ ଆଣିବାରେ ସଫଳ ହୋଇଛନ୍ତି ଗାଳ୍ପିକ କ୍ଷେତ୍ରବାସୀ। ଗଳ୍ପ ସଂକଳନର ପ୍ରଥମ ଗଳ୍ପ 'ମରୁବଲ୍ଲରୀର ପୁଲକ'ରେ ନାରୀପୁରୁଷର ଆଦିମ ଇଚ୍ଛାକୁ ସାକାର କରିବାର ଏକ ପରିବେଶ ସୃଷ୍ଟି କରିଛନ୍ତି ସ୍ରଷ୍ଟା। ନିଦାରୁଣ କୁଷ୍ଠରୋଗ କେବଳ ଗୋବରୀର ଶରୀର ଉପରେ ରାଜୁତି କରୁନି ତାକୁ ବଞ୍ଚିତ କରିଛି ପାରିବାରିକ ସୁଖରୁ। ସେଥିପାଇଁ ବି ସେ ତଡ଼ା ଖାଇଚି

ଗାଁ'ରୁ। ପେଟ ଚାଖଣ୍ଡକ ପାଇଁ ହାତ ପତାଇବା ପାଇଁ ବାଧ ହୋଇଛି ଗୋବରୀ। ଶରୀର ରୋଗାକ୍ରାନ୍ତ ହେଲେ ମନଗହନରେ ଅସହାୟ ଯୌବନ ବେଳେ ବେଳେ ବିଳପି ଉଠେ। ନବବଧୂଟିକୁ ଦେଖି ମନରେ ତା'ର ଭାବାନ୍ତର ସୃଷ୍ଟିହୁଏ। ଅବଚେତନ ମନରେ ଝଡ଼ ଉଠେ। ଅସହାୟ କରେ ପ୍ରଖର ନିଃଶ୍ୱାସ। ଜୀବନକୁ ରାହା ଦିଏ ଜଲିଲ୍। ଉଭୟଙ୍କ ଭିତରେ ଭଲପାଇବା ଥାଉ, ହୃଦୟ ବିନିମୟ ହେଉ ମାତ୍ର ଦେହ ବିନିମୟ ନହେଉ। ଏହା ହିଁ ଚାହେଁ ଗୋବରୀ। ଦୁଇଟି ଦେହରୁ ତୃତୀୟ ସମ୍ଭବନା ରୋଗାକ୍ରାନ୍ତ ହେବାର ଆଶଂକା ! ସେ ତ ପଙ୍ଗୁ ହୋଇଯାଉଛି, ଅନ୍ୟ କାହାକୁ ସେପରି କରିବ ! ହେଲେ ନୀଡ଼ ଫେରନ୍ତା ରାସ୍ତାରେ ଅନ୍ଧାର ବର୍ଷା ରାତିରେ ଗୋବରୀ ଆଉ ଜଲିଲ୍ ! ଚାରୋଟି ବାହୁବନ୍ଧନ ଭିତରେ ଦୁଇଟି ଆତ୍ମା - ଦୁଇଟି ଖର ନିଃଶ୍ୱାସ; ଗୋଟିଏ ଉଷ୍ମ ଆନନ୍ଦ। ଠିକ୍ ସେହିପରି 'ଅପୂର୍ଣ୍ଣାର ଆତ୍ମଗୀତି' ଗଳ୍ପ ଶେଷ ହୋଇଛି ଏପରି ଘନ ଆଶ୍ଳେଷ ଓ ଉଷ୍ମ ଆନନ୍ଦରେ। ଅପୂର୍ଣ୍ଣାର ପୂର୍ଣ୍ଣତା ପାଇଁ ମଧ୍ୟ ଅବକାଶ ସୃଷ୍ଟି କରିଛନ୍ତି ସ୍ରଷ୍ଟା। ପ୍ରଶମିତ ହୋଇଛି ଆଦିମ କ୍ଷୁଧା। ''ଏଁ ! ଅବଚେତନା ଧୀରାର ହାତ ରତନର ଡାହାଣ ବାହୁଟାକୁ ଜାବୁଡ଼ି ଧରିଛି। ଟାଣି ନେଇଛି ନିଜ ପାଖକୁ। କିଟିକିଟା ଅନ୍ଧାର। ଘନ ଆଶ୍ଳେଷର ବିରାମ ନାଇଁ ଘନଘନ ଉଷ୍ମ ଶ୍ୱାସ। ଆଗ୍ନେୟଗିରିର ଅଗ୍ନି ସ୍ଫୁଲିଙ୍ଗର ଭଳି।

ଚତୁଃପାର୍ଶ୍ୱରେ ଲାଭ ବୃଷ୍ଟି। ଆଉ ଉଦ୍‌ଗୀରଣ ନାଇଁ। ଅମାବାସ୍ୟାର ଝଡ଼ ପରେ ଆକାଶଟା ଶାନ୍ତ ହେଇଯାଇଛି।''

'କ୍ଷଣପ୍ରଭା' ଗଳ୍ପର କେତୋଟି ଧାଡ଼ି ଭିତରେ ମୁହୂର୍ତ୍ତକ ଭାବନାର ପରିପ୍ରକାଶ। ପ୍ରକୃତିର ଗତିଧାରାରେ ଜୀବନର ସ୍ପନ୍ଦନକୁ ତୋଳିଧରିଛନ୍ତି ସ୍ରଷ୍ଟା। ଏଠି ଚରିତ୍ର କାହିଁ ? ସୁବ୍ୟବସ୍ଥିତ ଘଟଣା ପ୍ରବାହଟିଏ କାହିଁ ? ମାତ୍ର ତା'ଭିତରେ ରହିଛି ଅନାହତ ଜୀବନପ୍ରବାହରେ ନିଶ୍ଚିତ ଉପଲବ୍ଧି। ଏହି ଉପଲବ୍ଧି କେବଳ ଆବିଷ୍କାରଙ୍କ ଉପଲବ୍ଧି ନୁହେଁ, ଏହି ଉପଲବ୍ଧି ଚିରନ୍ତନ ସତ୍ୟ। ସେହି ସତ୍ୟ ହିଁ ଆବିଷ୍କୃତ ହୋଇଛି 'କ୍ଷଣପ୍ରଭା'ରେ। ଜୀବନ ଜ୍ୱଳନ ଭିତରେ ତୀବ୍ର ଆଶ୍ୱସ୍ତିର ପ୍ରତୀକ୍ଷା, ନୈରାଶ୍ୟ ଭିତରେ ଉଜ୍ଜ୍ୱଳ ଆଶାର ଦୀପ ଏହି ସତ୍ୟର ପ୍ରତିଭୂ। ବିରାଟ ଆଶା ନେଇ ଗତପଥ ସଜାଡ଼ି ନେଉଥିବା ପଥିକ ପାଇଁ ବି ଆସିପାରେ ଅନ୍ଧକାର।

'ଅନ୍ଧକାରର ମୋହ' ଗଳ୍ପରେ ଗାଛିକ ମଧ୍ୟ ମହାନ୍ ସତ୍ୟର ଅବତାରଣା କରିଛନ୍ତି; ''...କାଲି ହୁଏତ ମାଟି ଦାଣ୍ଡରେ ପଙ୍କର ଲହଡ଼ି ଖେଳୁଥିଲା; କିଂତୁ ଆଜି ସେଠି ସିମେଣ୍ଟ ଓ କଂକ୍ରିଟ୍‌ର ଶେଯ ପରା ହେଇଛି। ମାଟିର କାଦୁଅ ରୂପକୁ କଂକ୍ରିଟ୍ ଦେଇ

ଲୁଚେଇ ଦିଆଯାଇଛି । ମାତ୍ର ମଣିଷର ମନ ? ? ପରଦା ଦେଇ ଘୋଡ଼େଇ ହେଉନି, କଂକ୍ରିଟ୍ ଢାଳି ଚକ୍‌କଣ ବି କରିହେଉନି ।''

ପରିବର୍ତ୍ତିତ ସମାଜର ଚିତ୍ର, ଦୁଇ ପିଢ଼ି ଭିତରେ ଦେଖାଯାଇଥିବା ପାର୍ଥକ୍ୟ କେବଳ ନାହିଁ, ରହିଛି ବଦଳି ଯିବା ଭିତରେ କିଛି ନ ବଦଳିଯିବାର ଚିତ୍ର । ନୀଳାଦ୍ରି, ତାଙ୍କ ପତ୍ନୀ ମମତା ଓ ବୋଉ- ଏଇ ତିନୋଟି ଚରିତ୍ରକୁ ନେଇ ଚଳଚଞ୍ଚଳ ଗଳ୍ପରେ ଆନ୍ଧକାର ପ୍ରତି ରହିଥିବା ମୋହ ବେଶ୍ ସୁସ୍ପଷ୍ଟ ।

କ୍ଷେତ୍ରବାସୀଙ୍କ ଅଧିକାଂଶ ଗଳ୍ପରେ ଜୀବନ ସହ ପ୍ରକୃତି ଯୋଡ଼ି ହୋଇରହିଛି । ପ୍ରକୃତିର କ୍ରିୟାପ୍ରତିକ୍ରିୟା ଜୀବନ ଉପରେ ପ୍ରଭାବ ପକାଉଛି । 'ଜହ୍ନରାତିର କାହାଣୀ'ରେ ତାହା ଲକ୍ଷ୍ୟ କରାଯାଉଥିଲେ ହେଁ ସାମାଜିକ ବାସ୍ତବତା ନିକଟରେ ପ୍ରକୃତିର ସୌନ୍ଦର୍ଯ୍ୟ ଫିକାପଡ଼ିଛି, ଜୀବନ ବି ହାରିଯାଇଛି । ଚମତ୍କାର ସେ ବର୍ଣ୍ଣନା । ''ଜହ୍ନଟା ଆହୁରି ସଫା ହୋଇ ଉଠୁଥାଏ । ପବନଟା ଏ ଜଳନ୍ତା ପିଣ୍ଡର ପ୍ରଲେପ ହୋଇଥାଏ । କେତେବେଳୁ ଝରକାର ଗୋଟିଏ ରେଲିଂକୁ ଧରି, ହାତପାପୁଲି ଉପରେ ମଥାଟାକୁ ଥୋଇ ନୀରବ ରହିଯାଇଥାନ୍ତି ଉତ୍ପଳବାବୁ । ବାହାରପଟୁ ଉଡ଼ନ୍ତା ପକ୍ଷୀର ଚିତ୍କାର ତାଙ୍କ ନୀରବତା ଭଙ୍ଗକଲା ।

ଧେତ୍- ଏ ଘରଟା ପୁଣି କେତେ ଉଜ୍ଜ୍ୱଳ ହୋଇଉଠିଲାଣି- ଜହ୍ନଟା ଖୁବ୍ ନିର୍ମଳ ଦିଶିଲାଣି । ଝରକାଗୁଡ଼ିକ ବନ୍ଦକରି ଦିଆଯାଇଥାଏ । ନିବୁଜ ଅନ୍ଧାରରେ ଧୀରେ ଧୀରେ ପଦଚାରଣ କରୁଥାନ୍ତି ଉତ୍ପଳ ସେନ !''

ପତ୍ନୀ ବିପଥରେ, ଆକାଶରେ ଚନ୍ଦ୍ର ଉପହାସ କରୁଛି । ମଧ୍ୟବିତ୍ତ ପରିବାର ଦୁଃଖ ତା'ର ସୀମା ଲଙ୍ଘି ଯାଇଥିବା ବେଳେ ନିରୁପାୟ ଉତ୍ପଳ ବାବୁ ନିଜକୁ ଗୁଳି କରି ଆତ୍ମହତ୍ୟା କରନ୍ତି ।

'ଦୁଇଟି କାହାଣୀ' ଗଳ୍ପରେ ରହିଛି 'ସୃଷ୍ଟି' ଓ 'ସୌନ୍ଦର୍ଯ୍ୟ' । ଦର୍ଶନର କେତୋଟି ଫର୍ଦ୍ଦମାତ୍ର ଖୋଲି ଖୋଲି ଯାଇଛି ଏହି ଗଳ୍ପରେ । ଗଳ୍ପର ପ୍ରଥମ କାହାଣୀ 'ସୃଷ୍ଟି'ରେ ପ୍ରଥମରୁ ରହିଛି ପ୍ରଶ୍ନଟିଏ- ''ଆପଣ କେବେ କୌଣସି ଚିତ୍କାର ଶୁଣିଛନ୍ତି ?'' ଦୁହିଁଙ୍କ ସୁଖ ସଂସାରରେ ତୃତୀୟର ଆଗମକୁ ସହଜରେ ଗ୍ରହଣ କରୁନାହାନ୍ତି ଦମ୍ପତି । କାରଣ ତା'ର ଚିତ୍କାରରେ ଦୁହେଁ ଯନ୍ତ୍ରଣା ପାଇବେ । କେତୋଟି ଧାଡ଼ିର ଏହି ଗଳ୍ପରେ ଶେଷ ଦୁଇଟି ଧାଡ଼ି- ''ଖୁବ୍ ସୁନ୍ଦର । ଏ ଆଲୋକ ଆମର, ଏ ପୃଥିବୀ ଆମର- ଏଥିରେ ପୁଣି ଅନ୍ୟର ହସ୍ତକ୍ଷେପ କାହିଁକି ?'' 'ସୌନ୍ଦର୍ଯ୍ୟ'ର ଆରମ୍ଭରେ ମଧ୍ୟ ରହିଛି ବିସ୍ମୟ ଓ ପ୍ରଶ୍ନର ମିଳିତ ମୂର୍ଚ୍ଛନା । ''ଏଁ ! ତୁମେ କ'ଣ କହିଲ ? ମୁଁ ବୃଦ୍ଧ ? ପରିପକ୍ୱ ! ମୋ ଜୀବନରେ

ସୁଇଚ୍ ଅଫ୍ ହେବାକୁ କମ୍ ସମୟ ବାକି ?'' ଫର୍ଦ୍ଦ ଫର୍ଦ୍ଦ ନୂତନତ୍ୱର ଆବିଷ୍କାର ପାଇଁ ଏ ସବୁକୁ ମିଛ ମଣୁଥିବା ମଣିଷ ଯେଉଁ ନିଷ୍କର୍ଷରେ ପହଞ୍ଚିଛି ତାହା ହେଉଛି, ''ସେ ସୁନ୍ଦର; ସୃଷ୍ଟିର ବିକାଶରେ, ବିନାଶରେ ନୁହେଁ। କିନ୍ତୁ ତୁମର !!!'' ସୃଷ୍ଟିକୁ ବିନାଶ ନ କରିବାର ବାର୍ତ୍ତା ଭିତରେ ତୃତୀୟ ଆଗମକୁ ଯେପରି ସ୍ୱୀକାର କରାଯାଉଛି।

'ନାରୀ କେବଳ ଉଲ୍ଲାସମୟୀ ନୁହେଁ, ବିଚାରବତୀ'– ଏମିତି ଏକ ସନ୍ଦେଶ ମିଳେ 'ସେ ଏକ ଅସ୍ଥିର ବିନ୍ଦୁ' ଗଳ୍ପରୁ। ଅବନୀ, ଭବାନୀ ଓ ବାନନୀକୁ ନେଇ ଯେଉଁ ତ୍ରିଭୁଜଟି ଗଳ୍ପରେ ଅଙ୍କା ଯାଇଛି ସେଥିରେ ବିକାଶ ବି ହୋଇଯାଇଛି ଏକ ବିନ୍ଦୁ। 'ବନ୍ଧୁ ପ୍ରିୟା ନୁହେଁ'– ବନାନୀ ମୁହଁରେ ଏହି ସ୍ୱଗତୋକ୍ତି ଏବଂ ଏହି ସ୍ୱଗତୋକ୍ତି ପରେ ନିଜର ଠିକ୍ ଉତ୍ତର ପାଇଁ ଆତ୍ମତୃପ୍ତି ଭିତରେ ବର୍ଣ୍ଣିଳ ଜୀବନ ଓ ମାନସିକ ସ୍ଥିତିକୁ ଗାଳ୍ପିକ ଗଳ୍ପରେ ଚମତ୍କାର ଭାବେ ରୂପାୟିତ କରିଛନ୍ତି।

'ସୀମାନ୍ତ'ରେ ଜୀବନ ଯନ୍ତ୍ରଣା ଭିତରେ ସତ୍ୟର ଆତ୍ମପ୍ରକାଶ ନାୟକ ସଂଗ୍ରାମଙ୍କ ମନରେ ଯେଉଁ ଭାବାନ୍ତର ସୃଷ୍ଟି କରୁଛି ତାହା ପ୍ରଭାବଶାଳୀ। ପରିବର୍ତ୍ତନର ସ୍ୱର ରହିଛି 'ଅତୀତ, ବର୍ତ୍ତମାନ, ଭବିଷ୍ୟତ'ଗଳ୍ପରେ। ଜୀବନକୁ ତା'ର ସ୍ୱାଭାବିକ ରାସ୍ତାରେ ଯିବାକୁ ଦେବା ନେଇ ଦ୍ୱନ୍ଦ୍ୱ ଏବଂ ତାହାର ଏକ ପରିଣତି ଗଳ୍ପରେ ପରିଲକ୍ଷିତ। 'ସଂକେତ'ରେ ବାସ୍ତବବାଦ ଓ ଆଦର୍ଶ ମଧ୍ୟରେ ଏକ ସମନ୍ୱୟକୁ ଲକ୍ଷ୍ୟ କରାଯାଏ। 'କାମନୀ ଗଛର ଝରାଫୁଲ କେଇଟି ଶୋଇଯାଇଛନ୍ତି। ଘାସ ଜଙ୍ଗଲର ସବୁଜିମା ଭିତରେ ସଜଫୁଟା ତାରାର ରୂପ ନେଇ କାମିନୀ ଗଛ ଅଶ୍ରୁ ଝରାଉଛି, ଶିଶିର ବିନ୍ଦୁର ଟୋପା ଟୋପା ଅଶ୍ରୁ।'' ପ୍ରକୃତିର ବର୍ଣ୍ଣନା ସହ ଚରିତ୍ରାୟନ ଅନେକ ଗଳ୍ପ ପରି ଏହି ଗଳ୍ପରେ ମଧ୍ୟ ପରିଲକ୍ଷିତ। ଏହା କ୍ଷେତ୍ରବାସୀଙ୍କ ଶୈଳୀର ସ୍ୱାତନ୍ତ୍ର୍ୟ। ମର୍ମଦହନର କଥାକୁ ଚମତ୍କାର ଭାବେ ତୋଳିଧରିଛନ୍ତି ଗାଳ୍ପିକ। 'ଅଙ୍ଗାର'ରେ ଜୀବନ ପ୍ରବାହରେ ଆସୁଥିବା ଘଟଣାର ମନ ଉପରେ ପ୍ରଭାବକୁ ଦର୍ଶାଯାଇଛି। ଉର୍ବଶୀର ସ୍ୱେଚ୍ଛାଚାରିତା ଏବଂ ଏଥିପାଇଁ ତା'ର ଅନୁତାପ ହୋଇଛି 'ମରୁ ଓ ମୌସୁମୀ'ର ମୂଳସ୍ୱର। 'ଈଶାବାସ୍ୟୋପନିଷଦ' ଓ 'ମୁଣ୍ଡକୋପନିଷଦ'ର ଭାବଧାରାକୁ ନେଇ 'ସଯୁଜା ସଖାୟା' ଗଳ୍ପ ଲେଖାଯାଇଛି। ଦର୍ଶନକୁ ଗଳ୍ପରେ ରୂପାୟିତ କରିଛନ୍ତି ଗାଳ୍ପିକ। କହିଛନ୍ତି ପାରିବାରିକ ଶାନ୍ତିସୌଭାଗ୍ୟ ଓ ପ୍ରାଚୁର୍ଯ୍ୟପୂର୍ଣ୍ଣତାର କଥା। 'ନିଦ'ଓ 'ଆକାଶ କୟାଁ ଚିଲିକା ମାଛ'ରେ ସମୟର ସ୍ୱର ଓ ଭାବଭାବାନ୍ତର ପ୍ରକାଶ ପାଇଛି।

'ଫୁଲର କବର' ଗଳ୍ପ ସଂକଳନରେ ସ୍ଥାନିତ ଗଳ୍ପଗୁଡ଼ିକର ବିଶେଷତ୍ୱ ସଂପର୍କରେ ବିଶ୍ଳେଷଣ କରି ଡକ୍ଟର ଲାବଣ୍ୟ ନାୟକ ଏହି ସଂକଳନର ପୃଷ୍ଠବନ୍ଧରେ ଯଥାର୍ଥରେ

ଉଲ୍ଲେଖ କରିଛନ୍ତି, ''ଫୁଲର କବର'ସ୍ଥ ପ୍ରତ୍ୟେକ ଗଳ୍ପ ବିଶେଷ ଏକ ମୁହୂର୍ତ୍ତ ଘଟଣାର ଚିତ୍ର ପ୍ରଦାନ କରିଛି ଏବଂ ମୁହୂର୍ତ୍ତାନ୍ତିକ ମାନସିକତାର ପ୍ରତିକ୍ରିୟା ସୂଚିତ କରିଛନ୍ତି ଭାବକୈନ୍ଦ୍ରିକ ଏକ ମର୍ମଧ୍ୱନିର ଗୁଞ୍ଜରଣ ଲକ୍ଷ୍ୟରେ।''

ଅଧିକାଂଶ ଗଳ୍ପରେ ମୂଲ୍ୟବୋଧ ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି ଗାଳ୍ପିକ। ଏହି ଅନ୍ତର୍ମୁଖୀ ଗଳ୍ପ ଅବଚେତନ ମନର କଥା କେଉଁଠି ପ୍ରତ୍ୟକ୍ଷ ବର୍ଣ୍ଣନା ଭଙ୍ଗିରେ ରୂପ ପାଇଛି ତ କେଉଁଠି ଭିନ୍ନ ଢଙ୍ଗରେ ପରୋକ୍ଷ ଅଥଚ ଅତ୍ୟନ୍ତ ତୀବ୍ରଭାବରେ କୁହାଯାଇଛି। ଅନେକ ଗଳ୍ପରେ କାହାଣୀ ଦିଗକୁ ଖୋଜି ପାଠକ ହତାଶ ହୋଇପାରେ, ମାତ୍ର ସେଠି ମନସ୍ତାତ୍ତ୍ୱିକ ଦିଗମାନ ଉନ୍ମୋଚନ ହୋଇଛି। ନିଜସ୍ୱ ଶୈଳୀରେ କ୍ଷେତ୍ରବାସୀଙ୍କ ଗଳ୍ପଗୁଡ଼ିକ ହୋଇଛି ଅନନ୍ୟ। ଗଳ୍ପର ଆଙ୍ଗିକ ଯେପରି ଅଭିନବ, ତା'ର ବିଷୟବିଭା ଅନୁରୂପ ଭାବେ ଚିନ୍ତାଦ୍ୟୋତକ। ବହୁବର୍ଣ୍ଣି ଜୀବନ ପ୍ରତି ସଂକଳନସ୍ଥ ପ୍ରତିଟି ଗଳ୍ପ ସର୍ବୋତ୍ତ ଭାବେ ବିଶ୍ୱସ୍ତ। ବର୍ତ୍ତମାନ ପରିପ୍ରେକ୍ଷୀରେ ଜୀବନର ବିଶ୍ଳେଷଣ ଏକ ପରିବ୍ୟାପ୍ତ ଭୂମିରେ କରାଯାଉଥିବା ବେଳେ କ୍ଷେତ୍ରବାସୀଙ୍କ ଗଳ୍ପ ଏହାର ଯଥାର୍ଥ ବାହାକ ହୋଇଛି। ମୁହୂର୍ତ୍ତଟିଏ ହୋଇଛି ଗଳ୍ପର ପୃଷ୍ଠଭୂମି, ମାତ୍ର ଏହି ମୁହୂର୍ତ୍ତ ଭିତରେ କେତେ ନା କେତେ ସ୍ମୃତି ଓ ସମ୍ଭାବନା ରୂପାୟିତ ହୋଇଛି।

କ୍ଷେତ୍ରବାସୀଙ୍କ ଗଳ୍ପ କୌଣସି ନିର୍ଦ୍ଦିଷ୍ଟ ସଂଜ୍ଞାକୁ ଗ୍ରହଣ କରିନାହିଁ। ସେଥିପାଇଁ ଏହାର ସ୍ୱରୂପ, ବିଷୟବସ୍ତୁ ଭିନ୍ନ ଭିନ୍ନ ହେଇଛି। ତାଙ୍କ ଗଳ୍ପରେ ବିନ୍ଦୁରେ ସିନ୍ଧୁ ଦର୍ଶନକୁ ହିଁ ଗ୍ରହଣ କରିଛି। ଅଳ୍ପ କେତୋଟି ଧାଡ଼ି ବା ପଂକ୍ତି ଭିତରେ ରହିଛି ଜୀବନ ଜିଜ୍ଞାସା ଓ ଜୀବନ ଦର୍ଶନର ବିସ୍ତୃତ ରୂପଚିତ୍ର। ଏଠି ରହିଛି ଜୀବନ ଓ ଜଗତ ସମ୍ପର୍କରେ ଭିନ୍ନ ତଥା ଅଭିନବ ଅବବୋଧ। 'ସାହିତ୍ୟରେ ବାସ୍ତବ ପ୍ରସଙ୍ଗ' ଶୀର୍ଷକ ପ୍ରବନ୍ଧରେ ଡକ୍ଟର ନାୟକ ଉଲ୍ଲେଖ କରିଛନ୍ତି, ''ବାସ୍ତବ ସଚେତନ ଶିଳ୍ପୀର କଳାକର୍ମ ବିଷୟବସ୍ତୁର କ୍ଷୁଦ୍ରତା ଅଥବା ବିଶାଳତା ଉପରେ ନିର୍ଭର କରେନାହିଁ। ସାଧାରଣ ବିଷୟବସ୍ତୁକୁ ସ୍ୱାଭାବିକ ରୂପ ଓ ଆଲୋକରେ ପ୍ରଦର୍ଶିତ କରାଇବା ପରେ ହିଁ ତାହାର ବିଜୟ।''

'ଫୁଲର କବର' ଗଳ୍ପ ସଂକଳନରେ ସ୍ଥାନିତ ଗଳ୍ପ ଭିନ୍ନ ଅନ୍ୟ ଏକ ଗଳ୍ପ 'ରାସ୍ତା' ସଂଯୋଜିତ ହୋଇଛି ସୁଧୀରଚନ୍ଦ୍ର ବେହୁରାଙ୍କ ସଂପାଦିତ 'କ୍ଷେତ୍ରବାସୀ ନାୟକ ସର୍ଜନାସମ୍ଭାର' ଗ୍ରନ୍ଥରେ। ଏହି ଗଳ୍ପଟି 'ନବରବି' ୧ମବର୍ଷ ୩ୟ ସଂଖ୍ୟା (ସେପ୍ଟେମ୍ବର ୧୯୭୦) ସଂଖ୍ୟାରେ ପ୍ରକାଶ ପାଇଥିଲା। ବର୍ଣ୍ଣନାର ପାଟବତା ଭିତରେ ଜୀବନର ଆତ୍ମତୃପ୍ତି, ଆଶଙ୍କା, ଭାବଭାବାନ୍ତରକୁ ଦର୍ଶାଯାଇଛି। ଅସଂଲଗ୍ନ ଭାବନା ଭିତରେ ନୂତନ ମାନସିକତାକୁ ସ୍ୱାଗତ କରାଯାଇଛି ଏହି ସାଂକେତିକ ଗଳ୍ପରେ।

ଡକ୍ଟର ନାୟକଙ୍କ ପ୍ରତିଟି ଗଳ୍ପର ସ୍ୱାତନ୍ତ୍ର୍ୟ ଭିତରେ ଯେଉଁ ସମ୍ଭାବନାକୁ ଲକ୍ଷ୍ୟ କରାଯାଏ, ତାହା ଆଉ ବିକାଶିତ ହୋଇପାରିନାହିଁ। 'ଫୁଲର କବର' ତାଙ୍କର ଏକମାତ୍ର ଗଳ୍ପ ସଂକଳନ ହୋଇ ରହିଯାଇଛି। ତେବେ ଜୀବନ ଏବଂ ମାନବୀୟ କ୍ରିୟାକଳାପକୁ ବିଚାର କରିବା ଯେଉଁ ସୂକ୍ଷ୍ମ ଦୃଷ୍ଟିକୋଣକୁ ସେ ଆପଣାଇ ନେଇଛନ୍ତି, ତାହା ପ୍ରକୃତରେ ଉଲ୍ଲେଖନୀୟ। ନାରୀ ଚରିତ୍ର ପ୍ରତି ଯେତିକି ନ୍ୟାୟ ତାଙ୍କ ଗଳ୍ପରେ ମିଳିବା କଥା ତାହା ମିଳିନାହିଁ ବୋଲି କେହି କେହି ସମାଲୋଚକ ପ୍ରକାଶ କରିଥିଲେ ହେଁ ବାସ୍ତବତାଠାରୁ ସେ ଦୂରକୁ ଯାଇନାହାନ୍ତି। ଆତ୍ମମଗ୍ନତା ଭିତରେ ସେ ଅନ୍ୱେଷଣ କରିଛନ୍ତି ସେହି ବାସ୍ତବତାକୁ। ତାଙ୍କ ଗଳ୍ପର ପ୍ରତିଟି ଚରିତ୍ର ଆମ ସମାଜର। ଗଳ୍ପର କାହାଣୀ ଭାଗରେ କ୍ଷେତ୍ରବାସୀଙ୍କ କଳାକାରିଗରୀକୁ ଲକ୍ଷ୍ୟ କରାଗଲେ ମଧ୍ୟ ଏହାର ମୂଳଭୂମିଟି ଆମ ସମୟର। ଗୋଟିଏ ଗୋଟିଏ ମୁହୂର୍ତ୍ତର ଆତ୍ମଚିନ୍ତନ ଯେଉଁ ଅବକାଶ ସୃଷ୍ଟି କରିଛି, ତାହାରି ଉପରେ ଗଢ଼ି ହେଇଯାଇଛି ଗଳ୍ପର କଥାବସ୍ତୁ। ଗଳ୍ପର ଶୈଳୀ, ବର୍ଣ୍ଣନା ଓ ବିଷୟଚୟନ ଦୃଷ୍ଟିରୁ ଅନନ୍ୟ ଓ ଅସାଧାରଣ ମନେ ହୁଅନ୍ତି ଗାଳ୍ପିକ କ୍ଷେତ୍ରବାସୀ। ଗାଳ୍ପିକ କ୍ଷେତ୍ରବାସୀଙ୍କ ଗଳ୍ପ 'ଫୁଲର କବର' ସଂପର୍କରେ ସାହିତ୍ୟ ସମାଲୋଚକ ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ କହନ୍ତି, ''କୁହାଯାଏ; ବାସ୍ତବବାଦୀ ଲେଖକ ଓ ରୋମାଣ୍ଟିକ୍ ଲେଖକ- ଉଭୟଙ୍କର ସମାନ ପ୍ରକୃତି ଓ ଅନୁସନ୍ଧାନ ପ୍ରବୃତ୍ତି ଥାଏ। କିନ୍ତୁ ତଫାତ୍ ହେଉଛି; ବାସ୍ତବବାଦୀ ଲେଖକ ଦୈନନ୍ଦିନ ଜୀବନରୁ ପ୍ଲଟ୍ ସଂଗ୍ରହ କଲାବେଳେ ରୋମାଣ୍ଟିକ୍ ଲେଖକ ଅତୀତର କ୍ରମପ୍ରବାହୀ ଜୀବନ ଅଥବା ଆଦର୍ଶ ପରିମଣ୍ଡଳରୁ ପ୍ଲଟ୍ ସଂଗ୍ରହ କରେ। କିନ୍ତୁ ବେଳେ ବେଳେ ବାସ୍ତବବାଦୀ ଘଟଣାକୁ ଆଦର୍ଶବାଦୀ ବକ୍ତବ୍ୟରେ ଉପସ୍ଥାପନ କରିବାକୁ ଯାଇ ସ୍ରଷ୍ଟା କବିତ୍ୱ ରୀତିର ଅଥବା ଚିତ୍ର-ଚେତନା ଉଦ୍‌ବୋଧକ ରୋମାଣ୍ଟିକ୍ ଅଭିବ୍ୟକ୍ତି ଉପଯୋଗ କରିଥାନ୍ତି। ଖାସ୍ ଏଇଥିପାଇଁ ବିଶ୍ୱର ଶ୍ରେଷ୍ଠ ଲେଖକମାନଙ୍କୁ ବାସ୍ତବବାଦୀ ତଥା ରୋମାଣ୍ଟିକ୍ କୁହାଯାଇଥାଏ। 'ଫୁଲର କବର' ଗଳ୍ପର ଅଭିବ୍ୟକ୍ତି ରୀତିରୁ ଅଧାପକ ନାୟକଙ୍କୁ ବାସ୍ତବବାଦୀ-ରୋମାଣ୍ଟିକ୍ (Realist-romantic) କୁହାଯାଇପାରିବ।'' 'ଫୁଲର କବର' କ୍ଷେତ୍ରବାସୀଙ୍କ ଏକମାତ୍ର ଗଳ୍ପ ସଂକଳନ। ତହିଁରେ ସୁସ୍ପଷ୍ଟ ସମ୍ଭାବନାର ସ୍ୱର ଓ ସ୍ୱାକ୍ଷର। ଉପଲବ୍‌ଧିର କଳାତ୍ମକ ଅଭିବ୍ୟକ୍ତି। ଜୀବନ ଓ ଜଗତର ଚମତ୍କାର ବିଶ୍ଳେଷଣ। ମାତ୍ର ପରବର୍ତ୍ତୀ ସମୟରେ ଏହି ସର୍ଜନାତ୍ମକ ଧାରା ପ୍ରତି ଅଧିକ ଧ୍ୟାନ ଦେଇନାହାଁନ୍ତି ଗାଳ୍ପିକ। ସେଥିଯୋଗୁଁ ଓଡ଼ିଆ ଗଳ୍ପ ସାହିତ୍ୟରେ ଏକ ସବୁଜ ସମ୍ଭାବନା ସାକାର ହୋଇପାରିନାହିଁ।

କବିତା : ଜୀବନ ଓ ସ୍ପନ୍ଦନ

ଗଳ୍ପ ସଂକଳନ 'ଫୁଲର କବର'(୧୯୬୭) ପରି କବିତା ସଂକଳନ 'ଉଚ୍ଚାରଣ'(୧୯୬୯)ର ପ୍ରକାଶକ ଆତ୍ମପ୍ରକାଶନୀ, ବଲାଙ୍ଗିର। ପୂର୍ବରୁ ଉଲ୍ଲେଖ କରାଯାଇଛି ଯେ ବଲାଙ୍ଗିରଠାରେ ଆୟୋଜିତ ପଞ୍ଚମ ଯୁବଲେଖକ ସମ୍ମେଳନ ଅବକାଶରେ ଏହି କବିତା ସଂକଳନ ପ୍ରକାଶିତ। ତେବେ ୧୯୬୩ରୁ ୧୯୬୯ ପ୍ରାୟ ସାତବର୍ଷ ଭିତରେ ବିଭିନ୍ନ ସମୟରେ ଲେଖାଯାଇଥିବା କବିତାଗୁଡ଼ିକ ଏଥିରେ ସ୍ଥାନିତ। ସଂକଳନସ୍ଥ କବିତା ସଂପର୍କରେ ସ୍ରଷ୍ଟାଙ୍କ ବିଚାର ହେଉଛି ''ଉଚ୍ଚାରଣ' ମୋର ପ୍ରଥମ କବିତା ଗ୍ରନ୍ଥ। ଗଳ୍ପ ନିର୍ମାଣଶାଳାରୁ କାବ୍ୟମନ୍ଦିର ଦର୍ଶନ ପାଇଁ ଯାଇ ମୁଖଶାଳାରେ ପହଞ୍ଚିଛି ମାତ୍ର। କେତୋଟି ସ୍ପନ୍ଦନର ମୂର୍ତ୍ତିଲିପି ଏଇ ମୋର କବିତାଗୁଡ଼ିକ। ଜୀବନ ଏତେ ବ୍ୟାପକ ଯେ, ମଣିଷର ଅନୁଭବ ଏତେ ଶୀଘ୍ର ପରିପକ୍ୱତା ବରଣ କରିବା ହୁଏତ କଷ୍ଟକର। ତଥାପି ହୃଦୟ ଓ ମନର ସଂବେଦନକୁ ଭାବମୂର୍ତ୍ତି ଦେବାଲାଗି ଯତ୍ନ କରିଛି।''(ସ୍ମରଣୀୟ ଲିପି- ଉଚ୍ଚାରଣ)

ବୁଦ୍ଧିଜୀବୀ ପାଠକମାନଙ୍କ ବିଚାରକୁ ଆଧାର କରି କବି କ୍ଷେତ୍ରବାସୀଙ୍କ କବିତାଗୁଡ଼ିକ ମଧ୍ୟରୁ ସଂକଳନ ପାଇଁ କବିତା ଚୟନ କରାଯାଇଛି। ଏହି କବିତା ସଂକଳନର ସଂପାଦନା କରିଥିବା କବିଙ୍କ ସହଧର୍ମିଣୀ ଲାବଣ୍ୟ ନାୟକ କହନ୍ତି ଯେ ଆଧୁନିକ ସାହିତ୍ୟ ବା ଆଧୁନିକ କବିତାକୁ ସର୍ବବୋଧ କରିବା ଉଦ୍ଦେଶ୍ୟରେ ଏପରି କରାଯାଇଛି। ଅର୍ଥାତ୍ ପାଠକର ବିଚାରଦଣ୍ଡରେ କବିତାର ସଂକଳନ ଯୋଗ୍ୟତାକୁ ଆକଳନ କରାଯାଇଛି। 'ପାଣ୍ଡୁଲିପି ପର୍ଯ୍ୟଟନ' ପରି ସକାରାତ୍ମକ ଦୃଷ୍ଟିକୋଣ ପ୍ରକୃତରେ ପ୍ରଶଂସନୀୟ। ଏପରି ସ୍ୱତନ୍ତ୍ର ସାରସ୍ୱତ-କର୍ମ ପଛରେ ରହିଥିବା ମହତ୍ ଉଦ୍ଦେଶ୍ୟ ମଧ୍ୟ ଉଲ୍ଲେଖଯୋଗ୍ୟ। ସାହିତ୍ୟର ସଂଚରଣଶୀଳତାକୁ ପ୍ରାଥମିକତା ଦେବା ଓ ଏହାକୁ ସ୍ୱୀକାର କରିବା ଉଦ୍ଦେଶ୍ୟରେ ଏହା ଏକ ମହନୀୟ ଉଦ୍ୟମ। ଏହି ମହନୀୟ ଉଦ୍ୟମ ପଛରେ କବିଙ୍କ ଚିନ୍ତନଟି ରହିଥିବା ଏହାର 'ସମର୍ପଣ'ରୁ ହିଁ ସ୍ପଷ୍ଟ ହେଉଛି। ଏହି ପୁସ୍ତକକୁ ସେ 'ଆଗାମୀ ସମୟର ସାହିତ୍ୟିକ ଦାୟାଦ ଶ୍ରଦ୍ଧାସ୍ପଦ ଶ୍ରୀମାନ୍ ଅନୁରକ୍ତ ଓ କଲ୍ୟାଣୀୟା ଲୋପାମୁଦ୍ରା(ଲିପି)ଙ୍କୁ' ସମର୍ପଣ କରିଛନ୍ତି। ସଂକଳନର ପ୍ରଥମ କବିତା 'ଆରଣ୍ୟକ'ରେ 'ହେ ମୋର ଦାୟଦମାନେ' ଓ 'କଲ୍ୟାଣୀୟାଷୁ' କବିତାରେ 'ହେ ମୋର କନକ କନ୍ୟା', 'ଲୋପାମୁଦ୍ରା' କବିତାରେ 'ଶତାବ୍ଦୀର ସୁତା ତୁମେ !' ପରି ସମ୍ବୋଧନ ଭିତରେ ପରପିଢ଼ି ପାଇଁ ସନ୍ଦେଶ ଦେବାର ଅବକାଶ ସୃଷ୍ଟି କରିଛନ୍ତି। ପରପିଢ଼ି ଉପରେ

ଆସ୍ଥା ଅଛି, ସଂଶୟ ବି ରହିଛି- 'ମୁଁ କରୁଚି ତୁମକୁ ସଂଶୟ / ମୋତେ ଦିଅ ଏତିକି ପ୍ରତ୍ୟୟ,/ ସଂସ୍କୃତି ସାଇତି ତୁମେ ପାରିବ କି / ତୁମ ଯୁଗ ବାର୍ତ୍ତାକୁ ବିସ୍ତାରି ?/ ଯାଯାବରୀ, ଏ ଜାତିର ଶ୍ରୁତିର ଦିଗନ୍ତେ / ପ୍ରତି କଣ୍ଠେ ଆଗତ ବା ଅନାଗତ ଜୀବନ ସଂକଟେ।'' ପରପିଢ଼ିଠାରୁ କି ପ୍ରତ୍ୟୟ ଆଶା କରୁଛନ୍ତି ସ୍ରଷ୍ଟା, ତାହା ହିଁ ତ ଯୁଗର ଆହ୍ୱାନ। ସଂକଟ ଓ ସଂଶୟ ଭିତରେ ଆସ୍ଥାଟି ବି ଅତୁଟ ରହିଛି, ତାହା ହିଁ ଅଧିକ ଗୁରୁତ୍ୱପୂର୍ଣ୍ଣ।

'ପାଣ୍ଡୁଲିପି ପର୍ଯ୍ୟଟନ' ଦ୍ୱାରା ତ ୩୦ଟି କବିତା 'ଉଚ୍ଚାରଣ' ସଂକଳନରେ ପ୍ରକାଶ ପାଇଲା, ମାତ୍ର ଏହା ଭିନ୍ନ ଅନ୍ୟ କବିତା ? ସେସବୁ କବିତା ସଂକଳିତ ହୋଇନପାରିବା ହେତୁ କ୍ଷେତ୍ରବାସୀଙ୍କ କବିକର୍ମର ପୂର୍ଣ୍ଣ ଚିତ୍ର ମିଳିବା ସମ୍ଭବପର ହୋଇପାରୁନାହିଁ। ତେବେ କବିତ୍ୱର ଛଟା ସ୍ରଷ୍ଟାଙ୍କ ଗଳ୍ପ, ସାହିତ୍ୟ ଆଲୋଚନା ଓ ଚରିତ-ସାହିତ୍ୟରେ ମଧ ପରିଲକ୍ଷିତ। ସବୁଠି ସେହି କବି-ମଣିଷଙ୍କ ଆତ୍ମିକ ସ୍ୱର ଗୁଞ୍ଜରିଉଠେ; ସେ ଶବ୍ଦବିନ୍ୟାସରେ ହେଉ ବା ଭାବଗୁମ୍ଫନରେ ହେଉ।

'ଉଚ୍ଚାରଣ' କବିତା ସଂକଳନରେ ସ୍ଥାନିତ ସମସ୍ତ କବିତା ଲେଖାଯାଇଛି କବିଙ୍କର ୨୩ରୁ ୨୮ ବୟସ ମଧରେ। ଏଥିରେ କବିଙ୍କ ଭାବନାର ବିସ୍ତାରିତ ଦିଗନ୍ତ ଓ ବହୁଧା ବିଭକ୍ତ ଦୃଷ୍ଟିଭଙ୍ଗୀକୁ ଲକ୍ଷ୍ୟ କରାଯାଇପାରେ। ଅଧିକାଂଶ କବିତାରେ ପ୍ରେମର ଭାବୋଚ୍ଛ୍ୱାସକୁ ଲକ୍ଷ୍ୟ କରାଗଲେ ମଧ କେଉଁଠି କେଉଁଠି ଜୀବନର ସଂଗ୍ରାମ ଓ ସଂଘାତର ସ୍ୱର ବେଶ୍ ସ୍ପଷ୍ଟ ତ କେଉଁଠି କେଉଁଠି ହଜି ଯାଇଥିବା ସଂସ୍କୃତି ପ୍ରତି ସମ୍ମୋହନ ବି ପରିଲକ୍ଷିତ। ସ୍ରଷ୍ଟା ଅତୀତକୁ ଫେରିଚାହିଁଛନ୍ତି। ଈଶ୍ୱର-ପ୍ରକୃତି ଅନୁରାଗର ସ୍ପନ୍ଦନକୁ ବାରିଛନ୍ତି।

'ଉଚ୍ଚାରଣ'ରେ ସ୍ଥାନିତ ୩୦ଟି କବିତାରେ କବିଙ୍କ ଜୀବନ-ଦୃଷ୍ଟି ଓ ଜୀବନ-ସ୍ପନ୍ଦନର ରମଣୀୟ ଯୁଗଳବନ୍ଦୀକୁ ଅନୁଭବ କରିହୁଏ। କବିତାର ସ୍ଥାନେ ସ୍ଥାନେ ସେ ଉଚ୍ଚାରିତ ପୁଣି କେବେ କେବେ ସେ ଅନୁଚ୍ଚାରିତ। ଅନୁଭବ ଓ ଜୀବନବୋଧ ଭିତରେ ଏକ ଚମତ୍କାର ସହାବସ୍ଥାନ କବି ଶ୍ରୀ ନାୟକ କାବ୍ୟଧାରାର ଅନ୍ୟତମ ପ୍ରମୁଖ ଦିଗ। ସଂକଳନର ପ୍ରଥମ କବିତା 'ଆରଣ୍ୟକ' ଚେତନା ଦୀପ୍ତ। ଅତୀତକୁ ଫେରିଚାହିଁବାର ଏକ ଅବକାଶ। କାବ୍ୟପୁରୁଷ କହନ୍ତି, ''ହେ ମୋହର ଉତ୍ତର ପୁରୁଷ ! / ନିଜକୁ ଭୁଲିଛ ନିଜେ / ଭୁଲିଅଛ ତୁମରି ଅରଣ୍ୟ / ଯାଦୁଘରେ ପକ୍ଷୀ ଭୁଲେ / ଯେମିତି ତା ପ୍ରାଚୀନ ଜୀବନ !'' ନଗ୍ନମାନବର ଷଠିଘର ଯେ ଅରଣ୍ୟ, ଏହି ସତ୍ୟର ଉଦ୍‌ଘୋଷଣା କବି କେବଳ କରିନାହାଁନ୍ତି; ଆଦିମ ପ୍ରବୃତ୍ତିରେ ଜଡ଼ିରହିଥିବା ଜୀବନ ଭିତରେ ଚେତନ ପୁରୁଷର ସଂଧାନ କରିଛନ୍ତି। କ୍ଷୟିଷ୍ଣୁ ଭିତ୍ତିଭୂମିର ସ୍ୱରୂପକୁ ଦର୍ଶାଇଛନ୍ତି ସେ। ଠିକ୍

ସେହିପରି ଅତୀତ ଓ ଚେତନାର କଥା କୁହାଯାଇଛି ସଂକଳନର ଦ୍ୱିତୀୟ କବିତା 'ଅଭାଗୀର ଆତ୍ମଲିପି' କବିତାରେ। ତେବେ ଏଠି ଜୀବନର ବ୍ୟଥାତୁର ଅନୁଭବ ଭିତରେ ନିଜକୁ ସମର୍ପି ଦେବାର ଭାବ ସହ ପ୍ରାପ୍ୟ ଦାବି ମଧ୍ୟ ଏକ ବିନ୍ଦୁରେ ସଂଯୋଜିତ ହୋଇଛି। ଜୀବନ ସଂଗ୍ରାମର ଚିତ୍ରଟିଏ ଆଙ୍କିବାରେ ଖୁବ୍ ସଫଳ ହୋଇଛନ୍ତି କବି ଶ୍ରୀ ନାୟକ। ରିକ୍ତ ଚେତନା, ନିର୍ଲକ୍ଷ୍ୟ ଭୂମି, ଅଭାବ ଜଠ, ଅଭୁକ୍ତ କାମନା, ଈର୍ଷୁକ ଚେତନା ଭିତରେ ଅନୁଭବର ସାନ୍ଦ୍ରତା ବେଶ୍ ମାର୍ମିକ।

'ଅକ୍ଷର' କବିତାରେ ପ୍ରେମିକର ହୃଦୟ ସ୍ପନ୍ଦନ ପରିପ୍ରକାଶ ଯେପରି ସ୍ୱଚ୍ଛ, ସେପରି ସରଳ। ଏଠି ଅକ୍ଷରେ ଅକ୍ଷରେ ଆବେଗ ଓ ଅନୁରାଗ ମଧ୍ୟ ଉପଲବ୍ଧ। ଏଠି ନାହିଁ 'ଦେହ ଓ ଦେହୀ' କବିତାର ଅତୃପ୍ତ କାମନା ଆଉ ପ୍ରୀତିର ନାୟକର ସନ୍ଧାନ। ଏଠି ଅଛି ସହଜ ଜୀବନର ସ୍ନିଗ୍ଧ ପରିପ୍ରକାଶ।

''ମାନମୟୀ ଚମ୍ପାବତୀ ଫେରୁଥିବ ପୋଖରୀ ତୁଠରୁ
ଭାଉଜୋ'ଉ ଖୋଜୁଥିବ ଭାଇଙ୍କ ଖବର
ଆଗରେ ସାବିତ୍ରୀ ବ୍ରତ ଭାଇ କି ଆସିବେ ସତେ ଉଆଁସ ଅନ୍ଧାରୁ!
ଗାଡ଼ି ତ ପହଞ୍ଚେ ଏଠି ଭୋ'ରୁ ଭୋ'ରୁ।''

ଅନେକ କବିତାରେ ପ୍ରେମ ଓ ପ୍ରଣୟର ଚମତ୍କାର ପରିପ୍ରକାଶ ସ୍ରଷ୍ଟାଙ୍କ ସର୍ଜନ-ସିଦ୍ଧିକୁ ସ୍ପଷ୍ଟ କରୁଛି। 'ଶାଶ୍ୱତିକା' କବିତାରେ ସେ କହନ୍ତି 'ପ୍ରେମ ଯେଣୁ ଅନୃତ ଶାଶ୍ୱତ / ଆଉ ସବୁ ମୃଣ୍ମୟ କ୍ଷଣିକା।'' ଏହି ଅନୃତ ଶାଶ୍ୱତ ପ୍ରେମର ଫଲ୍‌ଗୁ ଭିତରେ ଦହନ ପ୍ରତ୍ୟକ୍ଷ କରିବାକୁ ହୁଏ 'ଜହ୍ନରାତି' କବିତାରେ। ଶରତର ସରୁଆ ରାସ୍ତାରେ, କଇଁଭରା ପୋଖରୀ ତୁଠରେ ଏବଂ କେରା କେରା ଘାସ ବଗିଚାରେ ବୁଲୁଥିବା ଜହ୍ନରାତି ମନର ନିରୁତ୍ତପ୍ତ ମନ୍ଦିରକୁ ଓହ୍ଲାଇ ଯାଏ। ଖୋଜେ ଆବେଗ ସପନ, ସ୍ପନ୍ଦନର ଫୁଲ। ମାତ୍ର ଯନ୍ତ୍ରଣାର ଆଘାତରେ ପରାଜିତ ହୁଏ ଜହ୍ନ। ଏବଂ କବି ଶେଷରେ ଦେଖନ୍ତି ତା'ର ଶବଯାତ୍ରା ଯନ୍ତ୍ରଣା ନଗରେ। ସ୍ୱପ୍ନଭଙ୍ଗ ଓ ଆଶାନୈରାଶ୍ୟର ରୂପଚିତ୍ର ବେଶ୍ ମନୋଜ୍ଞ। କବି ଭାଷାରେ ''ଜହ୍ନ ଓ ଜହ୍ନ ଯେ ତୁମେ ଜୁଇ ଫୁଲ ସସ୍ର ଜୀବନର / ଜରତାର ଋଷ୍ୟଶୃଙ୍ଗ। ଅଗଣିତ ଇଚ୍ଛାର କୁମୁଦ / ତୁମରି ଏ ଶବଯାତ୍ରା ଅଚାନକ ଯନ୍ତ୍ରଣା ନଗରେ / ଶୋକରେ ଜାଳିଛି ତନୁ ରାତି ଏବଂ ରତିର ଅଗ୍ନିରେ।''

'ସମର୍ପଣ','ସ୍ପନ୍ଦନ' ଓ 'ସ୍ମୃତି' କବିତା ତ୍ରୟୀରେ ଅନ୍ତରର ଅଭିବ୍ୟକ୍ତି ଓ ବାହ୍ୟ ବାସ୍ତବତାର କଳାତ୍ମକ ପରିପ୍ରକାଶ ବେଶ୍ ଚମତ୍କାର।

କ) ଲୋଡେନା ସୁଖ କିଛି ସରଗ କଳପନା
ଦୁନିଆଁ ରାଜପଥେ ବିପୁଳ ଅରଚନା
ଉଛୁଳା ଅନୁରାଗ ପାଇଁ ଗୋ !
ସତତ ଅଭିଳାଷୀ ମୁହିଁ ଗୋ । (ସମର୍ପଣ)

ଖ) ମାଛଖୋଜା ନ ସରୁଣୁଁ ବହିଗଲା ସ୍ୱେଦର ଝରଣା
ହଜିଲା ଅନେକ ଚିଜ ସେ ଦୀଘିର ନିଷ୍ଚଳ ଜଳରେ
ଆଜି ମୁଁ ଖୋଜୁଛି ତାକୁ ଏ ମନର ଶୀତ ମୁହୂର୍ତ୍ତରେ। (ସ୍ପନ୍ଦନ)

ଗ) ଦେଖିବା ଲୋକର ଆଖି ଖୁବ୍ ଛୋଟ।
ଖୁବ୍ ଛୋଟ କଳନା ଓ ଦୃଷ୍ଟିର ଚେତନା
ବୟସ ଚେତାଏ ତାକୁ ସତକଥା, ଆତ୍ମସତର୍କତା
ତଥାପି ସାଉଁଟେ କିଛି ହଜିଗଲା ସ୍ୱର ବା କାକଳି
ମୁହୂର୍ତ୍ତ ନ ମାନି ନିଜେ ଡେଇଁଯାଏ ଦେହର ଦେହଳି
ସ୍ମୃତିରେ ସଜୀବ ମନ ଭେଦିପାରେ ବୟସର ଶୀତୁଆ କୁହୁଡ଼ି। (ସ୍ମୃତି)

ପୁସ୍ତକର ପୃଷ୍ଠବନ୍ଧରେ ଅଧ୍ୟାପକ ରାଜକିଶୋର ମିଶ୍ର କହନ୍ତି, ''ଆଧାର ଓ ଆଧେୟ ସ୍ଥିତି ଓ ପ୍ରକାଶ, ଅଗ୍ନି ଓ ଦହନ (Fire and Flame)ର ଅବିଚ୍ଛେଦ୍ୟ ସମନ୍ୱୟ କବି ଶ୍ରୀ ନାୟକଙ୍କୁ ବିଶେଷ ଭାବରେ ପ୍ରଭାବିତ କରିଛି। ତେଣୁ ଏକାନ୍ତଭାବେ ସେ ଆଶାବାଦୀ ବା ନୈରାଶ୍ୟବାଦୀ ନ ହୋଇ, ଯୁଗପତ ଦୁଇଟି ଦିଗନ୍ତର ଭିତରେ ମଧ୍ୟବିନ୍ଦୁର ସଂଯୋଗ ସ୍ଥାପନାରେ ଆଗ୍ରହୀ ହୋଇଉଠିଛନ୍ତି।'' ଏହା ଭିତରେ ବି ଜୀବନ ପ୍ରତି କିଛି ନା କିଛି ଆହ୍ୱାନ ସେ ଶୁଣାଛନ୍ତି, ''ଆକାଶେ ଅନାଇଦେଖ ତା' ଦେହର ଅଖଣ୍ଡ ନୀଳିମା / ଝାଉଁବଣ ଗୀତ ଶୁଣ ବାଲିର ଉତ୍ତାପ ନିଅ / ତୁମେ ଯେତେ ନିରନ୍ନ ସ୍ୱାଧୀନ /କଙ୍କାଳ ନିର୍ବଳ ଯେତେ, ଜୀବହୀନ।''

ସଂକଳନର ଦୁଇଟି କବିତା 'ଛେଉଣ୍ଡର ଶେଷଗୀତି' ଓ 'ସାରିଆ'ରେ ବାସ୍ତବତାର ସ୍ୱରଲିପି ବେଶ୍ ହୃଦ୍ୟ। ଫକୀରମୋହନ ସେନାପତିଙ୍କ 'ଛମାଣ ଆଠଗୁଣ୍ଠ' ଉପନ୍ୟାସର ଦୁଇ ଚରିତ୍ର 'ନେତ' ଓ 'ସାରିଆ'କୁ ଆଧାର କରି ଏହି କବିତାଦ୍ୱୟ ଲିଖିତ। ଗୋଟିଏ ଚରିତ୍ର ମାନବେତର ଓ ଅନ୍ୟଟି ମାନବ। ଏ ଦୁଇ ଚରିତ୍ର ଚିତ୍ରଣ କରିବା ଭିତରେ ଯେଉଁ ଭାବନାକୁ ସ୍ରଷ୍ଟା ପରିପ୍ରକାଶ କରିଛନ୍ତି, ତାହା ତାଙ୍କର ଜୀବନଦୃଷ୍ଟିକୁ ହିଁ ଦର୍ଶାଏ। ନେତ ଗାଇ କହେ, ''ନେତ ଆଉ କ୍ଷେତ ଲାଗି ଯେ ଲୁଟିଲା ଜୀବନ ତୋ'ରି / ଦୋଷର ଜୁଆଳି କାନ୍ଧେ ବାନ୍ଧିଦେଲା ନ ଶୁଣି ଗୁହାରି /

ତା' ପାଇଁ ଆସୁଚି ଖରା, ବଇଶାଖୀ ତତଲା ପବନ / ବିପଦର ପଙ୍ଗପାଳ ଅନାହାରୀ ପ୍ରେତଙ୍କ କଙ୍କାଳ / ମଶାଣିର ଜୁଇ ତଳୁ ବାନ୍ଧିଲେଣି ମେଳ।'' ତା' ଖାଉନ୍ଦାଣି ସାରିଆର ସ୍ୱର ମଧ୍ୟ ଅନୁରୂପ ମାର୍ମିକ, ''ପୋଡାମୁହୀ ଡାହାଣୀ ମୁଁ କିଆଁ ଗଲି ମଙ୍ଗରାଜ ଅସୁରଦୀଘିକୁ / ଅଥଳ ଗହୀର ତଳ ଜାଣି କିଆଁ ଗୋଡ଼ ବଢ଼େଇଲି / ବାହାବେଦୀ ଉଜେଇଲା ଦିନୁଁ ହାତେ ମାପି ଚାଖଣ୍ଡେ ଚାଲିଲି। / ଚମ୍ପା କୁହା ଭରସାରେ, ସପନର ସମୁଦ୍ରରେ ନ ହେଜି ଭାସିଲି / ହାୟ ମୋର! ମହତ ସାରିଲି।''

'କୋତପାଳର ସଂଗୀତ'ରେ କବି ଗୌରବମୟ ଅତୀତକୁ ଖୋଜିଛନ୍ତି। ଗତାୟୁ ସଭ୍ୟତା ମୃତ ବନ୍ଦରର ରୂପ ନେଇଛି ଏହି କବିତାରେ। ମୃତ ବନ୍ଦରରେ ଖାଲି ଶାମୁକାଙ୍କ ଗହଳି ଚହଳି ଦେଖିଛନ୍ତି। ଦେଖିଛନ୍ତି ପରିତ୍ୟକ୍ତ ଜୀବଙ୍କ କଙ୍କାଳ। ବୃଦ୍ଧ କୋତପାଳର ସଂଗୀତ ଭିତରେ ରହିଚି ଏ ଜାତିର ପରିଚୟ ଆଉ ସତ୍ତା।

ଦୁଇଟି 'ବର୍ଷା' ଓ 'ବର୍ଷା-ଶୃଙ୍ଗାର' କେବଳ ବର୍ଷାର କଥା କହିନି, କହିଛି ବି ଜୀବନର କଥା। ଦୁଇଟି କବିତାରେ ବି ରହିଛି ଦେହଦାହର କଥା। ବର୍ଷା ବି ଦିଏ ''ବୁଭୁକ୍ଷିତ କୋଟି କୋଟି ନିରନ୍ନ ମନରେ- / ସଞ୍ଚିଯାଏ ଧାରେ ଧାରେ ଜୀବନର ଅଖଣ୍ଡ ପ୍ରତ୍ୟୟ।'' ଆଉ ବି ମନରେ ଆଣେ ଆଶନ୍ତ ସ୍ପନ୍ଦନ।

'ଉଚ୍ଚାରଣ' କବିତା ସଂକଳନ ସଂପର୍କରେ କବି ଶୈଳଜ ରବି କହନ୍ତି, ''ଉଚ୍ଚାରଣ'ରେ ସଂକଳିତ କବିତା ମୁଖ୍ୟତଃ ପ୍ରେମ କବିତା ହୋଇଥିଲେ ମଧ୍ୟ ସନ୍ନିବିଷ୍ଟ ଆଉ କିଛି କବିତାରେ ରହିଛି ଈଶ୍ୱରଙ୍କୁ ଅବାହନ ବା ଆହ୍ୱାନ, କନ୍ୟାକୁ ହିତୋପଦେଶ, ଛମାଣ ଆଠଗୁଣ୍ଠର ନେତ ଗାଈ ଅଥବା ସାରିଆ ଭଗିଆଙ୍କୁ ଉପଜୀବ୍ୟ କରି ଶୋଷଣ ନିଷ୍ପେଷଣର ପ୍ରତିବାଦ ଅଥଚ ସଂସ୍କୃତିର ଭଙ୍ଗା କେଉଁ ପୋତାଶ୍ରୟରେ ପୋତପାଳର ଐକତାନ। ଆଧୁନିକତା ଓ ଆଧୁନିକ କବିତା ସଂପର୍କରେ କ୍ଷେତ୍ରବାସୀ ତାଙ୍କର ଅନେକ ନିବନ୍ଧରେ ଆଲୋଚନା କରିଛନ୍ତି, ବ୍ୟକ୍ତିସତ୍ତାର ଉନ୍ମୋଚନ ଏବଂ ତା'ର ନିଜକୁ ଜାହିର କରିବାର ସଚେତନତା ତଥା ଶକ୍ତି 'ସର୍ଜନାତ୍ମକ ଆଧୁନିକତା'ର ଏକ ବିଶେଷ ଲକ୍ଷଣ ବୋଲି କ୍ଷେତ୍ରବାସୀ ଠାଏ କହିଛନ୍ତି। ତାଙ୍କ ମତରେ ବ୍ୟକ୍ତିର ବିଶ୍ୱାସବୋଧ ଓ ବ୍ୟକ୍ତିର ଶକ୍ତିକୁ ନେଇ ତା'ର ବ୍ୟକ୍ତି-ସତ୍ତା ନିର୍ମିତ। ଯଦି ଆମେ ତାଙ୍କ କବିତାକୁ ଏହି ମାନଦଣ୍ଡରେ ମାପୁ ତେବେ ଦେଖିପାରିବୁ ଏହି ତରୁଣ କବି ବାସ୍ତବରେ ଚିନ୍ତା ଏବଂ ଚେତନାରେ କେତେ ଆଧୁନିକ ଥିଲେ।''

'ଉଚ୍ଚାରଣ'ରେ ସ୍ଥାନିତ 'ଏକ ସ୍ମୃତିର ବିସ୍ମୃତି ପାଇଁ', 'ଚଉଦୁଆର', 'ଜରାୟୁ', 'ତଥାପି ଅକ୍ଷତ', 'ତୋରଣ', 'ବାମନର ହଳଦୀ ବସନ୍ତ', 'ମୃଗ ଏକ ବିନ୍ଦୁଏ

ସ୍ୱପ୍ନର','ଶ୍ମଶାନ ସ୍ରଷ୍ଟା', 'ଶିଳା ଓ ସଂଗୀତ', 'ସହର ଓ କଙ୍କାଳକୁ' ଆଦି କବିତାରେ ରହିଛି ସୂକ୍ଷ୍ମ ଅନୁଭବ, ସ୍ୱଷ୍ଟ ଦୃଷ୍ଟିକୋଣ ଓ ମାନସିକ ଆଲୋଡ଼କାରୀ ପ୍ରସଙ୍ଗର କଳାତ୍ମକ ଅଭିବ୍ୟକ୍ତି। ଅନେକତ୍ର କବିତା ଗୀତି ପରି ସାବଲୀଳ ଛନ୍ଦମୁଖୀ। ନିଜର ପ୍ରିୟ ପରିବେଶ ଓ ପ୍ରିୟ ମଣିଷ ବି କବିତାକୁ ଆସିଛନ୍ତି। ସେମାନେ କହିଛନ୍ତି କବିଙ୍କ ପରିବେଶ ଓ ଜୀବନ ମନସ୍କତାର କଥା।

'ବିଫଳତା ସପକ୍ଷ'(୧୯୬୮) କବିତା ସଂକଳନରେ ସ୍ଥାନିତ ସମସ୍ତ କବିତା ଯୌଥ ପ୍ରୟାସର ଫଳଶ୍ରୁତି। ଏବେ ଏହି ଯୌଥ ପ୍ରୟାସର ପ୍ରମୁଖ ବିନ୍ଧାଣି କ୍ଷେତ୍ରବାସୀ ନାୟକ। ଏହି ସଂକଳନରେ ସ୍ଥାନିତ 'ଦେବୀର ଅଶ୍ରୁ', 'ଯୋଗ୍ୟକର ମୋତେ ଅନୁଗ୍ରହେ', 'ନୁହେଁ ପ୍ରୀତିମୟ ?', 'ବଶିଷ୍ଠର ଜ୍ୱାଳା', 'ସୌମିତ୍ରୀ ତୃଷ୍ଣା', 'ବିଫଳତା ସପକ୍ଷରେ', 'ରୋଦସୀ', 'ଧନ୍ୟ ମୃତ୍ୟୁ ପାଇଁ', 'କାମବତୀ', 'ସ୍ମୃତି ଏକ ପରିତ୍ୟକ୍ତ ସହରର','ବିବର', 'ଶାଶ୍ୱତ ଚୌପଦୀ', 'ଆଖିର କବିତା', 'ଜଗତେ ହଜେ ନା କିଛି', 'ସତ୍ୟ ଶିବ ସୁନ୍ଦର','ସୂର୍ଯ୍ୟସ୍ତବ', 'ଏକ ଉଜାଗରୀ ମନର କବିତା' ଓ 'ବିପୁଳାଶ୍ଚ ପୃଥ୍ୱୀ' କବିତାରେ କ୍ଷେତ୍ରବାସୀଙ୍କ ଚିନ୍ତନର ପରିପ୍ରକାଶ ରହିଛି। ନିଜର ସମଧର୍ମୀଙ୍କ ସହ ମିଶି ସେ ଯୌଥ କବିତାକୁ ଦୃଷ୍ଟାନ୍ତର ସ୍ତରକୁ ନେଇପାରିଛନ୍ତି। ତେବେ ସଂକଳନର ତେଇଶିଟି ସଂଧ୍ୟାରେ ସୃଷ୍ଟି ହୋଇଥିବା ତେଇଶିଟି କବିତାର ଶେଷରେ ରହିଛି ସ୍ରଷ୍ଟା ସଂକେତ। କେଉଁ କବିତାରେ ପାଞ୍ଚଜଣ ବନ୍ଧୁ ମିଶି ଲେଖିଛନ୍ତି ତ କେଉଁ କବିତା ଦୁଇଜଣ ବନ୍ଧୁ ଲେଖିଛନ୍ତି। ମାତ୍ର ପ୍ରତିଟି କବିତାରେ କ୍ଷେତ୍ରବାସୀଙ୍କ ସଂପୃକ୍ତି ହିଁ ସ୍ୱଷ୍ଟ କରୁଛି ଏହିପରି ଏକ କବିତା ଆନ୍ଦୋଳନରେ ତାଙ୍କ ଭୂମିକାଟି କ'ଣ ରହିଥିଲା। ୨୯ ଜାନୁଆରୀ ୬୮ରେ ପ୍ରଥମ କବିତାଟି ରଚନା କରାଯାଇଥିବା ବେଳେ ଶେଷ କବିତାଟିର ରଚନା କଳା ଥିଲା ୨୯ ଫେବୃଆରୀ ୧୯୬୮। ଅନୁଭବ ଓ ଚିନ୍ତନର ପରିପ୍ରକାଶ 'ବିଫଳତା ସପକ୍ଷରେ'ର ପ୍ରତଟି କବିତାରେ ଲକ୍ଷ୍ୟ କରାଯାଏ ଏବଂ ଏହା ମଧରେ କ୍ଷେତ୍ରବାସୀଙ୍କ କବିତା ପ୍ରତି ରହିଥିବା ନିବିଡ଼ ଆକର୍ଷଣ ବି ପରିଲକ୍ଷିତ ହୁଏ। ସେଥିପାଇଁ ତ କୁହାଯାଇଛି,''ସ୍ରଷ୍ଟା ଯେଣୁ ! ସୃଷ୍ଟି ମୋର ତୁମରି ସଂବଳ / ନିଜକୁ ବିଭକ୍ତ କରି ହେବା ପାଇଁ ସୃଜନେ ବିହ୍ୱଳ !''(ବିପୁଳାଚ ପୃଥ୍ୱୀ)

'କ୍ଷେତ୍ରବାସୀ ନାୟକ ସର୍ଜନାସମ୍ଭାର'ରେ ମଧ ସ୍ଥାନିତ ହୋଇଛି ଶ୍ରୀ ନାୟକଙ୍କର 'ସ୍ୱକୀୟା' କବିତା। ଏହି କବିତାଟି ଆତ୍ମପ୍ରକାଶନୀ ପକ୍ଷରୁ ପ୍ରକାଶିତ 'ମୁକ୍ତ ଦଶକ' କବିତା ସଂକଳନରେ ସ୍ଥାନିତ। ଏକ ଚମତ୍କାର ରୋମାଣ୍ଟିକ୍ କବିତା 'ସ୍ୱକୀୟା'ରେ ବ୍ୟକ୍ତିଗତ ଉପଲବ୍ଧି ନୈର୍ବ୍ୟକ୍ତିକ ରୂପ ପରିଗ୍ରହ କରିଛି। ତରୁଣ ପ୍ରାଣ ଯେପରି ମୁକୁଳି

ଯାଇଛି କବିତାର ପଂକ୍ତିରେ ପଂକ୍ତିରେ। ଠିକ୍ ସେହିପରି ବାସ୍ତବତାର ସ୍ୱର ବି ରହିଛି ଏଥିରେ। ବର୍ଣ୍ଣନାର ବିଳାସ ମଧ୍ୟରେ ଜୀବନର କଥାକଳିକା ପ୍ରସ୍ଫୁଟିତ ହୋଇଛି। ସମକାଳୀନ ଓଡ଼ିଆ କବିତାର ସ୍ୱର ଏଥିରେ ମନ୍ଦ୍ରିତ।

''ବ୍ୟସ୍ତତା-ବିପୁଳ ଏଇ ଆମରି ଯେ ଗୃହୀତ ଦୁନିଆ
ସେଠା ବା ସମୟ କାହିଁ ପାଳିବାକୁ କୁମାର ପୂର୍ଣ୍ଣିମା ?
କୁମାରୀ କନ୍ୟାଙ୍କ ମେଳେ ଖେଳିବାକୁ ରଂଗ ପିଚିକାରୀ,
ଫଗୁଣ ପୂନେଇଁ କୋଳେ ଅବା କେଉଁ ସହକାର ତଳେ
ସୁଯୋଗ ବା କାହିଁ ? ନିର୍ଝଂଜାଳେ ବାହିବାକୁ ସପନର ତରୀ।
ବାସ୍ତବିକ ଆମେ ପାଇଁ ଆକାଶଟା ନିହାତି ଉଦାସ
ଗୋଲାପର ଉପବନ, ବଙ୍କାଜହ୍ନ, ଅଗସ୍ତି କାନନ-
ଅନୁରକ୍ତ ପ୍ରୀତି ପର୍ଯ୍ୟଟନ, ଅବା ଏଇ ଉର୍ବଶୀର ମନ
ମନ୍ଦ ନୁହେଁ ଅଭିରାମ ଥିଲେ କିନ୍ତୁ ଶୁଭ ପରିବେଶ
ଅନ୍ୟପକ୍ଷେ ମିଛି ସବୁ ସତ୍ୟ ଏକା ଆମରି ବୟସ।''

ଏକାନ୍ତ ନିଜସ୍ୱ ସ୍ମୃତିକୁ ନେଇ ଲେଖାଯାଇଥିବା କବିତାକୁ ନେଇ କବିତା ସଂକଳନ 'ବିଫଳତା ସପକ୍ଷରେ' ଯେପରି ଏକ ନୂତନ ଆଙ୍ଗିକକୁ ନେଇ ତା'ର ନିଆରାପଣରେ ଯୌଥ ପ୍ରୟାସର ନାନ୍ଦିଗାନ କରେ, ଠିକ୍ ସେହିପରି କ୍ଷେତ୍ରବାସୀଙ୍କ ଅନ୍ୟ ଏକ ପ୍ରୟାସ ଥିଲା 'ପୋଷ୍ଟର କବିତା'। ସଚେତନତା ପାଇଁ କବିତାକୁ ମାଧ୍ୟମ କରିବା ପ୍ରକୃତ ପକ୍ଷେ ସାହିତ୍ୟର ସମାଜ ସୁଧାରକ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରେ। 'ଆତ୍ମ ପ୍ରକାଶନୀ' ପକ୍ଷରୁ ପ୍ରକାଶ ପାଉଥିବା ଏହି ପୋଷ୍ଟର କବିତା ସବୁ ଅଶ୍ଳୀଳ ପୋଷ୍ଟର ଉପରେ ଲଗାଇ ଦିଆଯାଇ ସମାଜ ପାଇଁ ଏକ ସଚେତନତାର ବାର୍ତ୍ତା ହିଁ ପ୍ରଦାନ କରଯାଇଥିଲା। କବିତାକୁ ରାଜପଥ ଉପରକୁ ଓହ୍ଲାଇ ଦେଇଥିବା କ୍ଷେତ୍ରବାସୀ କିନ୍ତୁ ଏହାକୁ ତା'ର ମାନରୁ ନ୍ୟୂନ କରିଦେଇନଥିଲେ। ସହର ତାଙ୍କ ଦୃଷ୍ଟିରେ ହୋଇଛି ଏକ ଦୀପ, ଯାହା ଚାରିପଟେ ପତଙ୍ଗଙ୍କ ଭିଡ଼। ଠିକ୍ ସେହିପରି ସମୁଦ୍ର ପୁଞ୍ଜା ପୁଞ୍ଜା ସ୍ୱେଦର କଣିକା।

୧୯୭୪ ମସିହାଠାରୁ ୧୯୮୫ ମସିହା ପର୍ଯ୍ୟନ୍ତ ନୂଆବର୍ଷର ଶୁଭେଚ୍ଛା ବାର୍ତ୍ତାର ସଂକଳନ 'ଶୁଭେଚ୍ଛା ଗୋଟିଏ ଯୁଗର'। ଏହି କବିତାର ବାର୍ତ୍ତା ଆଲୋଚକ ସୁଧୀରଚନ୍ଦ୍ର ବେହୁରାଙ୍କ ଦୃଷ୍ଟିରେ ''ଗୋଟିଏ ଦୁଇଟି ପଦରେ ପ୍ରକାଶିତ କାବ୍ୟିକ ବକ୍ତବ୍ୟ ଶ୍ରଦ୍ଧାବନତ, ଶୁଭେଚ୍ଛୁ, ସତୀର୍ଥର ସାରସ୍ୱତ ସମ୍ଭାଷଣ। ସମ୍ବତ୍ସର ଅନ୍ତ ଓ ଆରମ୍ଭ ବେଳର ପଳିତ ପତ୍ରଝରା ନୁହେଁ; ମନ୍ୱନ୍ତରକୁ ମୋହୁଥିବା କବି ମନ-ଉପବନର

ସଜ ସୁମନ ଗୋଟିଏ ଗୋଟିଏ।'' କବି ଜୀବନ ଓ ସମୟକୁ ଯେପରି ବୁଝିଛନ୍ତି, ତାହାର କଳାତ୍ମକ ରୂପ ହିଁ ଏ ସମସ୍ତ କବିତା। କ୍ଷୁଦ୍ର ଭିତରେ ବୃହତ୍‌ର ପରିପ୍ରକାଶ ଏହି କବିତାର ବିଶେଷତ୍ୱ। ଉପନିଷଦୀୟ ପ୍ରସଙ୍ଗଠାରୁ ସମକାଳୀନ ଜୀବନଦୃଷ୍ଟି ରହିଛି ଏଥିରେ। ୧୯୭୪ ମସିହାର ନୂଆବର୍ଷ ବାର୍ତ୍ତାଟି ଥିଲା-

''ଏ ଜୀବନ ଛବିଘର; ଆନନ୍ଦ ଓ ଅଶ୍ରୁ ନିକେତନ
ସମୟ ନିହାତି କ୍ରୂର ଆମକୁ ଯେ କରେ ପୁରାତନ !
ତହିଁରେ ମଜ୍ଜିବା ଲାଗି ନୂଆ ଖୋଜେ, ଘେନେ ନିତିପ୍ରତି
ଆମରି ଇଚ୍ଛାକୁ। ପୁରୁଣାରୁ ନୂଆ ହେବା କେତେ ଯେ ଆକୁତି !
ଆମେ କି ହେଉଛେଁ ନୂଆ ଏ ଜୀବନ ଓଲଟ ପାଦପେ
ସପର୍ଣ୍ଣା – ସଯୁଜା ପକ୍ଷୀ, ଆମେ କିବା ଜୀବନର ପୁରାତନ ଛବି !!''

ଜୀବନ ଓ ସମୟ କଥା କହୁଥିବା କାବ୍ୟନାୟକଙ୍କର ମୁଗ୍ଧ ଅନୁଭବ ଏହି କବିତାକୁ ଅଧିକ ପ୍ରାଣସ୍ପର୍ଶୀ କରିଛି। ଠିକ୍ ସେହିପରି ମହତ୍ତର ଇଚ୍ଛା ବି ବର୍ଣ୍ଣମୟ ହୋଇଛି ଏଥିରେ। 'ମଣିଷ ଯେ ବୁଝୁ ମଣିଷକୁ', 'ସମୟ ଅତୀତ ହେଉ ମଣିଷକୁ ଦେଇ ତାର ମୂଲ', 'ମମତା ମନ୍ତ୍ରରେ ରଚ ଅଭିଷେକ ମଣିଷ ଓ ମାନବତା ପାଇଁ', 'ମଣିଷ ନ ହଜୁ ଏଠି, ମିଛ ଛାଇ ଲୀଳା ଅଭିସାରେ'- ଏହିପରି ଅନେକ ପଂକ୍ତିରେ ମଣିଷ ପ୍ରତି ତାଙ୍କର ସମ୍ବେଦଶୀଳ ଦୃଷ୍ଟିକୋଣ ହିଁ ପରିଲକ୍ଷିତ। ଠିକ୍ ସେହିପରି 'ଆମରି ଭାବନା ପରି ନଈ ସୁଅ ବଡ଼ ଅବିଶ୍ୱାସୀ','ଅଚିହ୍ନା ମଣିଷ ଆମେ ଏକତ୍ରିତ ସମୟ ଘାଟ' ଆଦିରେ ମହାନ୍ ସତ୍ୟ ସବୁ ଉତୁରିଆସିଛନ୍ତି। ୧୯୮୫ରେ ତାଙ୍କର ଶେଷ ଶୁଭେଚ୍ଛା ବାର୍ତ୍ତା ଥିଲା ''ଇତିହାସେ ମିଶେ ସବୁ,/ ସମୟ ଓ ମଣିଷ ଆୟୁଷ।/ ଅତିକ୍ରମି ସମୟର କକ୍ଷ, / ଜୀବନେ ରଚିବା ଆମେ ନୂଆ ଇତିହାସ।'' କାବ୍ୟପୁରୁଷ କ୍ଷେତ୍ରବାସୀଙ୍କ ନୂଆବର୍ଷ ଶୁଭେଚ୍ଛାର ସ୍ୱର ଏକ ପ୍ରୀତିମୟ ସକାଳର ପ୍ରତୀକ୍ଷା କରୁଛି। କବିଙ୍କ ଭାଷାରେ 'ପ୍ରୀତି ହେଉ ବଞ୍ଚିବାର ସ୍ୱର' ବା 'ପ୍ରୀତି ହେଉ ଯାତ୍ରାର ସଂଗୀତ'।

ପ୍ରବନ୍ଧ ଓ ସାହିତ୍ୟ ଆଲୋଚନା : ଚିନ୍ତାଚେତନାର ଚିନ୍ମୟ ରୂପଚିତ୍ର

ଗଳ୍ପ, କବିତା ଓ ଜୀବନୀ ସାହିତ୍ୟର ବେଳାଭୂମିରେ ନିଜର ପାଦଚିହ୍ନଟି ଆଙ୍କିଥିବା କ୍ଷେତ୍ରବାସୀ ନାୟକ ପ୍ରବନ୍ଧ ଓ ସାହିତ୍ୟ-ଆଲୋଚନା ପାଇଁ ଅଧିକ ପରିଚୟ ପାଇଛନ୍ତି। ୧୯୭୦ମସିହାରେ 'ସାହିତ୍ୟର ସାମାନ୍ୟକଥନ' ପୁସ୍ତକ ପ୍ରକାଶିତ ହୋଇ ଏ କ୍ଷେତ୍ରରେ ଯେଉଁ ଶୁଭାରମ୍ଭ ହୋଇଥିଲା, ସାରା ଜୀବନ ତାହା ତାଙ୍କ ସାରସ୍ୱତ ପରିଧିକୁ ପରିବ୍ୟାପ୍ତ କରିଚାଲିଥିଲା। 'ସାହିତ୍ୟର ସମାନ୍ୟକଥନ'(୧୯୭୦), 'ସାହିତ୍ୟର ବୀକ୍ଷା ଓ

ନିରୀକ୍ଷା'(୧୯୭୦), 'ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ'(୧୯୭୭), 'ଆଲୋଚନା ପତ୍ର'(୧୯୭୯), 'ଭାରତୀୟ କାବ୍ୟତତ୍ତ୍ୱ'(୧୯୮୧), 'ସାହିତ୍ୟ ଚର୍ଚ୍ଚା'(୧୯୮୧) ଓ 'କାବ୍ୟପୁରୁଷର କଥା' (୨୦୦୩) ତାଙ୍କ ସର୍ଜନାତ୍ମକ ଓ ସାମାଲୋଚନାତ୍ମକ ଦୃଷ୍ଟିକୋଣର ପରିଚୟ ମିଳେ। ଡକ୍ଟର ନାୟକଙ୍କ ପ୍ରବନ୍ଧ ଓ ସାମାଲୋଚନା ସାହିତ୍ୟର ବିଶେଷତ୍ୱ ସଂପର୍କରେ ଡକ୍ଟର ବିଜୟାନନ୍ଦ ସିଂହ କହନ୍ତି, ''କ୍ଷେତ୍ରବାସୀଙ୍କ ବିଚାର କେମିତି ଟିକେ ଭିନ୍ନ ବୋଲି ମନେହୁଏ। ସବୁ କଥାକୁ ସେ ଅଲଗା ବାଗରେ ଦେଖନ୍ତି। ତାହା କେତେବେଳେ ଦାର୍ଶନିକ ଚିନ୍ତାରେ ପରିପୂର୍ଣ୍ଣ ତ କେତେବେଳେ ତାହା ସାଧାରଣ ପ୍ରତୀୟମାନ ହେଉଥିଲେ ମଧ୍ୟ ଅସାଧାରଣ।''(ପ୍ରାବନ୍ଧିକ କ୍ଷେତ୍ରବାସୀ)

'ସାହିତ୍ୟର ସାମାନ୍ୟକଥନ'(୧୯୭୦) ପ୍ରବନ୍ଧ ସଂକଳନ ସାହିତ୍ୟ ସଂପର୍କରେ ବିଶ୍ଳେଷଣାତ୍ମକ ବିଚାରରେ ଋଦ୍ଧିମନ୍ତ। ଏହି ସଂକଳନରେ ସ୍ଥାନିତ 'ସାହିତ୍ୟର ସାମାନ୍ୟ କଥନ', 'ସାହିତ୍ୟର ସାମଗ୍ରୀ', 'ସାହିତ୍ୟର ଉଦ୍ଦେଶ୍ୟ', 'କାବ୍ୟର ସଂଜ୍ଞାର୍ଥ ପ୍ରସଙ୍ଗ', 'ଭାବ ପାଇଁ ଭାଷା', 'ପ୍ରତିବିମ୍ବ', 'ସାହିତ୍ୟରେ ବିନୋଦ', 'ସାହିତ୍ୟରେ ବାସ୍ତବତା ପ୍ରସଙ୍ଗ', 'କଳା ଏକ ବିଚାର', 'ପ୍ରଜ୍ଞା, ପ୍ରତିଭା ଓ ପ୍ରଗଲ୍ଭତା', 'ଚରିତ୍ର-ଚର୍ଚ୍ଚା', 'ତୂଳୀ ଓ ଶିକୁଳୀ', ବିଶ୍ୱସାହିତ୍ୟ' ଓ 'ସଂସ୍କୃତି ଓ ସାହିତ୍ୟ' ଶୀର୍ଷକ ଚଉଦଗୋଟି ଲେଖାରେ ଡକ୍ଟର ନାୟକଙ୍କ ସୃଜନାତ୍ମକ ଓ ମୌଳିକ ଦୃଷ୍ଟିକୋଣକୁ ଲକ୍ଷ୍ୟ କରାଯାଏ। ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ଏପରି ରଚନା ପ୍ରକୃତରେ ଅନନ୍ୟ। କଳା-ସାହିତ୍ୟ-ସଂସ୍କୃତିକୁ କେତେ ନିବିଡ଼ ଭାବରେ ମନନ ଓ ତର୍ଜମା କରାଯାଇପାରେ; ତାହା ପରିଲକ୍ଷିତ ହୋଇଛି 'ସାହିତ୍ୟର ସାମନ୍ୟକଥନ' ପୁସ୍ତକରେ। ଏହାହିଁ ତରୁଣ ଅଧ୍ୟାପକ ଡକ୍ଟର ନାୟକଙ୍କ ଜୀବନର ବଡ଼ ସିଦ୍ଧି। ସଂକଳନର ପ୍ରଥମ ପ୍ରବନ୍ଧ 'ସାହିତ୍ୟର ସାମାନ୍ୟକଥନ'ର ପ୍ରଥମ ପଂକ୍ତିରୁ ବୁଝି ହୋଇଯାଏ ତାଙ୍କ ତର୍ଜମାର ଭୂମି ଓ ଭୂମାକୁ- ''ଢେଉ ଢେଉକା ସମୁଦ୍ରର ପୁଞ୍ଜାପୁଞ୍ଜା ଢେଉ ବେଳାଭୂମିର ଚରଣ ଛୁଇଁ ଅଶାନ୍ତ ନିର୍ଘୋଷରେ ଫେରିଗଲା ପରି ମଣିଷ ଥରେ ବହିର୍ଜଗତର ବିପୁଳ ଚିତ୍ରାଳୟରେ ନିଜକୁ ନିମଜ୍ଜିତ କରି ଆଉ ଫେରିବାର ଆଶା ରଖି ନଥାଏ। ବେଳାଭୂଇଁ ପ୍ରତି ତରଙ୍ଗର ଆକର୍ଷଣ ଓ ଜୀବ ଜଗତ ପ୍ରତି ମାନବୀୟ ଆଗ୍ରହର ହେତୁ କୌଣସି ଯୁକ୍ତିଦ୍ୱାରା ସ୍ଥିର କରାଯାଇ ପାରେନା। ତରଙ୍ଗ କହୁଥାଏ ତା'ର ଆତ୍ମକଥା, ଆତ୍ମାନୁଭୂତିର ଅକ୍ଷୟ କବିତା। ବେଳାକନ୍ୟାର ଅନ୍ତରକୁ ସ୍ପର୍ଶ କରୁ କି ନକରୁ ସେ ବି ସିକ୍ତ ହୁଏ ତା'ର ରସଧାରାରେ, ହଜିଯାଏ ବାରିବିନ୍ଦୁ ଉପଳ କଣିକାର ଅନ୍ତଃସତ୍ତାରେ। ସମୀରର ମର୍ମର, କୋଳିଳର କାକଳି କିମ୍ବା ସାଗରର ଉଚ୍ଛ୍ୱାସ ଯେଉଁ

ଆତ୍ମସଂଗୀତର ମୂର୍ଚ୍ଛନା ତୋଳି ନିଜକୁ ଅନ୍ୟ ମଧ୍ୟରେ ପ୍ରସାରିତ କରିବାର ପ୍ରୟାସ ପୋଷଣ କରିଥାଏ, ଠିକ୍ ସେହି ପ୍ରବୃତ୍ତି ପ୍ରବଣତାର ଅନୁରୋଧରେ ମଣିଷ ଚାହେଁ ମଣିଷ ନିକଟରେ ଆତ୍ମପ୍ରକାଶ ଓ ଆତ୍ମପ୍ରସାର କରିବାକୁ।'' କବିତା ଭଳି କୋମଳ ଆଉ ରସଘନ, ଗଳ୍ପ ଭଳି କାହାଣୀର କୁହୁରେ ଡକ୍ଟର କ୍ଷେତ୍ରବାସୀଙ୍କ ପ୍ରବନ୍ଧ କେତେ ହୃଦ୍ୟ; ଏହା ତାହାର ଏକମାତ୍ର ଉଦାହରଣ ନୁହେଁ। ପ୍ରତିଟି ପ୍ରବନ୍ଧରେ ତାଙ୍କର ଏହିପରି ପ୍ରବହମାନ ଧାରାଟିକୁ ଲକ୍ଷ୍ୟ କରାଯାଏ। ପ୍ରବନ୍ଧର ମୌଳିକପଣ ଏଥିରେ କେତେ ସଂରକ୍ଷିତ, ତାହା ମଧ୍ୟ ବିଚାର କରିବା କଥା। ପ୍ରାଣବନ୍ତ ଓ ପ୍ରଜ୍ଞାଦୀପ୍ତ ଅଭିବ୍ୟକ୍ତି ଜଣେ ସାହିତ୍ୟମନସ୍କ ବ୍ୟକ୍ତିକୁ କେବଳ ଧରି ରଖିବାରେ ସମର୍ଥ ହୁଏ ନାହିଁ, ଏ ସଂପର୍କରେ ବାର ବାର ଭାବିବାକୁ ମଧ୍ୟ ବାଧ କରିଥାଏ। ସାହିତ୍ୟର ଅଲୌକିକ ପ୍ରକୃତିକୁ ସେ ଏଥିରେ ପରିପ୍ରକାଶ କରିଛନ୍ତି।

ସାହିତ୍ୟ ଆଲୋଚନା ସଂକଳନ 'ସାହିତ୍ୟିକ ବୀକ୍ଷା ଓ ନିରୀକ୍ଷା'(୧୯୭୦)ରେ 'ଗୀତିକବିତାର କଥା', 'ଗାଥା କବିତା : ଗୀତିକବିତା', 'ମେହେର ସାହିତ୍ୟ : ଏକ ସମୀକ୍ଷା', 'ଏ ସୃଷ୍ଟି ଅମୃତମୟ ହେ', 'ପ୍ରମୋଦଶିଳ୍ପୀ ବ୍ରଜନାଥଙ୍କ ପ୍ରଜ୍ଞା ଓ ପ୍ରତିଭା', 'କବି ଫକୀରମୋହନ', 'ସାହିତ୍ୟ ଓ ସଂଗଠନ', 'ଲଳିତ କବି : କବିସୂର୍ଯ୍ୟ ବଳଦେବ ରଥ', 'ପ୍ରଣୟ ତାପସ କବି ଓ କବିପ୍ରିୟା', 'ଆଧୁନିକ କବି ଓ ତା'ର ନୂତନ ପୃଥିବୀ' ଓ 'ଗୀତିକବିତାର ବିକାଶଧାରା' ଶୀର୍ଷକ ଲେଖା ସ୍ଥାନିତ। ଏହି ଆଲୋଚନା ସଂକଳନରେ ଓଡ଼ିଆ ସାହିତ୍ୟର ଗୀତିମୟ ଧାରା ସଂପର୍କରେ ବିଶ୍ଳେଷଣ କରିବା ସହ ଡକ୍ଟର ନାୟକ ଫକୀରମୋହନ ସେନାପତି, ଗଙ୍ଗାଧର ମେହେର, କବିସୂର୍ଯ୍ୟ ବଳଦେବ ରଥ, ରାଧାନାଥ ରାୟଙ୍କ କାବ୍ୟ ଓ କବିତାରେ ରହିଥିବା ଆବେଦନ ସଂପର୍କରେ ବିଚାର କରିଛନ୍ତି। କବି ଓ କବିତା ସଂପର୍କରେ ସମସ୍ତ ଆଲୋଚନା ଭିତରେ 'ସାହିତ୍ୟ ଓ ସଂଗଠନ' ପରି ଭିନ୍ନ ଲେଖା ଏହି ସଂକଳନରେ କାହିଁକି ଯେ ସ୍ଥାନିତ କଲେ ବୁଝାପଡ଼େ ନାହିଁ। ଏହି ପୁସ୍ତକର ମୁଖବନ୍ଧ 'ସାମାନ୍ୟକଥନ'ରେ ଲେଖକ ଅବଶ୍ୟ ସ୍ପଷ୍ଟ କରିଛନ୍ତି ଯେ ପତ୍ରପତ୍ରିକା ବା ସଂକଳନରେ ସ୍ଥାନିତ ଲେଖାଗୁଡ଼ିକୁ ଏଥିରେ ଏକତ୍ର କରାଯାଇଛି।

'ସାହିତ୍ୟିକ ବୀକ୍ଷା ଓ ନିରୀକ୍ଷା' ସଂକଳନରେ ଡକ୍ଟର ନାୟକ ସାହିତ୍ୟିକମାନଙ୍କ ମୌଳିକ ଦୃଷ୍ଟି ଓ ସୃଷ୍ଟିର ଦର୍ଶନ ସଂପର୍କରେ ଆଲୋଚନା କରିଛନ୍ତି। ଯେଉଁ ସମୟରେ ଅଧିକରୁ ଅଧିକ ସାହିତ୍ୟ ଆଲୋଚନା ପାଇଁ ଅବକାଶ ସୃଷ୍ଟି ହେଉଥିଲା, ସେତେବେଳେ ଡକ୍ଟର ନାୟକଙ୍କ ଏହିପରି ଏକ ଆଲୋଚନା ପୁସ୍ତକ ପ୍ରକାଶିତ ହୋଇଛି। କେତେକ

ନୂତନ ତଥ୍ୟକୁ ମଧ୍ୟ ଏହା ଆଲୋକକୁ ଆଣିଛି । ଓଡ଼ିଆ ଆଲୋଚନା କ୍ଷେତ୍ରରେ ତାଙ୍କର ମୌଳିକ ବିଶ୍ଳେଷଣ ସ୍ୱୀକୃତ । ଫକୀରମୋହନଙ୍କ 'ଅବସର-ବାସରେ' ସଂପର୍କରେ ଲେଖକ ଉଲ୍ଲେଖ କରନ୍ତି, ''ଜୀବନ ଓ ଜଗତର ବିଚିତ୍ର ଅନୁଭୂତିରେ ସେ ଯେତେବେଳେ ଅଭିଜ୍ଞ, ପ୍ରଜ୍ଞାନର ବିକାଶ ଓ ବିସ୍ତୃତି ପ୍ରତି ସେ ଯେତେବେଳେ ସଜ୍ଞାନ ଓ ବୟସର ପରିପକ୍ୱତାରେ ସେ ଯେତେବେଳେ ସଚେତନ, ସେତେବେଳେ 'ଅବସର-ବାସରେ'ର ସଂଯୋଜନା । ତେଣୁ ସେଠି ଯୌବନର ଜୀବନ ନାହିଁ, ତାରୁଣ୍ୟର ତନିମା ନାହିଁ, ଆବେଗଉଚ୍ଛ୍ୱାସର ବିଳାସ ନାହିଁ- ଅଛି ଶିଥିଳ ଜୀବନର ଏକ ମାର୍ମିକ ପ୍ରକାଶ ଓ ଦାର୍ଶନିକ ଦୃଷ୍ଟିଭଙ୍ଗୀ ।''(କବି ଫକୀରମୋହନ)

ଡକ୍ଟର କ୍ଷେତ୍ରବାସୀ ନାୟକଙ୍କ ଗବେଷଣା ଗ୍ରନ୍ଥ 'ଆଧୁନିକ କାବ୍ୟ-ସାହିତ୍ୟରେ ପାଶ୍ଚାତ୍ତ୍ୟ ପ୍ରଭାବ- ୧୮୦୩-୧୯୨୦'(୧୯୭୭)ରେ 'ଓଡ଼ିଶାରେ ପାଶ୍ଚାତ୍ୟ ସଂସର୍ଗର ଭିତ୍ତି', 'ରେନାସାଁସ୍ : ନବଅଭ୍ୟୁଦୟ', 'କାବ୍ୟବସ୍ତୁରେ ପାଶ୍ଚାତ୍ତ୍ୟ ପ୍ରଭାବ', 'କାବ୍ୟଚେତନାରେ ପାଶ୍ଚାତ୍ତ୍ୟ ପ୍ରଭାବ' ଓ 'କାବ୍ୟଶୈଳୀରେ ପାଶ୍ଚାତ୍ତ୍ୟ ପ୍ରଭାବ' ଶୀର୍ଷକ ଅଧ୍ୟାୟରେ ଆଲୋଚନା କରିଛନ୍ତି । ଏହି ଗବେଷଣା ନିବନ୍ଧ କେତୋଟି ନୂତନ ଦୃଷ୍ଟିକୋଣକୁ ପ୍ରତିପାଦିତ କରାଯାଇଛି, ତାହା ହେଉଛି- (କ) ନିର୍ଦ୍ଦିଷ୍ଟ ସମୟ-ସୀମା ଭିତରେ ପାଶ୍ଚାତ୍ୟ ଶିକ୍ଷା ଓ ସଂସ୍କାର ପ୍ରଭାବିତ ଆଧୁନିକ କାବ୍ୟସ୍ରଷ୍ଟାଙ୍କର କାବ୍ୟ ପ୍ରେରଣାର ଉତ୍ସ ସର୍ବପ୍ରଥମେ ଏଠାରେ ସନ୍ଧାନ କରାଯାଇଛି । (ଖ) ଭାବ ଓ କର୍ମ ଉଭୟ ଭୂମିରେ ରେନାସାଁସ୍ ସଂଘଟନର ସାଦୃଶ୍ୟ ସହ ଚିହ୍ନିତ କରାଯାଇଛି । (ଗ) କବିତାବଳୀରେ ପରିଲକ୍ଷିତ ପାଶ୍ଚାତ୍ୟ ପ୍ରଭାବକୁ ଆଲୋଚନା କରାଯାଇଛି । (ଘ) ଅନେକ ଗୌଣ କବିଙ୍କ ସୃଷ୍ଟିକୁ ମଧ୍ୟ ଆଲୋଚନା ପରିସରଭୁକ୍ତ କରାଯାଇଛି । (ଙ) ପ୍ରେମ, ପ୍ରକୃତି, ଦେଶାତ୍ମବୋଧ ଆଦିର ଆଲୋଚନା କାଳରେ ତାହିଁରେ ନିହିତ ପାଶ୍ଚାତ୍ୟ ଆହରଣ ଅଂଶକୁ ଉଲ୍ଲେଖ କରାଯାଇଛି । (ଚ) ଓଡ଼ିଆ କାବ୍ୟକବିତାରେ ପାଶ୍ଚାତ୍ୟ କାବ୍ୟଶୈଳୀ ଓ ଛନ୍ଦର ଅନୁକରଣକୁ ଦର୍ଶାଯାଇଛି ।

ଆଧୁନିକ କାବ୍ୟ-ସାହିତ୍ୟର ପାଶ୍ଚାତ୍ୟ ପ୍ରଭାବ ସଂପର୍କରେ ଆଲୋଚନା କଲାବେଳେ ଗବେଷକ କ୍ଷେତ୍ରବାସୀ ଫକୀରମୋହନ ସେନାପତି, ମଧୁସୂଦନ ରାଓଙ୍କଠାରୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପର୍ଯ୍ୟନ୍ତ ସ୍ରଷ୍ଟାଙ୍କ କୃତିକୁ ଆଲୋଚନା କରିଛନ୍ତି ଏବଂ ମଣିଚରଣ ମହାପାତ୍ର, ବଡ଼କୁମାର ବଳଭଦ୍ର ଦେବ, ଅଜୟ ଚନ୍ଦ୍ର ଦାସ, ନାରାୟଣ ମୋହନ ଦେ, ସଚ୍ଚିଦ୍ରନାଥ ଦାଶ, ତାରିଣୀ ଚରଣ ରଥ, ଚନ୍ଦ୍ରମଣି ଦାସଙ୍କ କବିତାକୁ

ମଧ୍ୟ ଆଲୋଚନା ପରିସରଭୁକ୍ତ କରିଛନ୍ତି। ଗବେଷଣାର ଏହା ହିଁ ବିଶେଷତ୍ୱ। ଏଠି କ୍ଷେତ୍ରବାସୀଙ୍କ ଅନ୍ୱେଷା ଓ ସାହିତ୍ୟ ତର୍ଜମାକୁ ଲକ୍ଷ୍ୟ କରିବାର କଥା। ଏ ସଂପର୍କର ଗ୍ରନ୍ଥର ଉପକ୍ରମଣିକାରେ ସ୍ରଷ୍ଟା ଯଥାର୍ଥରେ ଉଲ୍ଲେଖ କରିଛନ୍ତି, ''ମଣିଷର ସତର୍କ ଓ ଅନୁସନ୍ଧିତ୍ସୁ ମନ ସାଧାରଣତଃ ଆପଣା ଦେଶର ବେଢ଼ା ଡେଇଁ ଭିନ୍ନ ଦେଶର ମନ ସହିତ ସଂପର୍କ ସ୍ଥାପନ କରିବାପାଇଁ ଆଗ୍ରହୀ ହୋଇଥାଏ। ମନୋରାଜ୍ୟ ଓ ଭାବଜଗତ୍‌ରେ ଭିନ୍ନ ଭିନ୍ନ ଜାତିର ପରସ୍ପର ସହିତ ସଂପର୍କ ସ୍ଥାପନ ତଥା ଆଦାନପ୍ରଦାନ ସାଂସ୍କୃତିକ ସମୃଦ୍ଧିର ପରିଚାୟକ। ପ୍ରତ୍ୟେକ ଦେଶର ସାରସ୍ୱତ ଇତିହାସରେ ଏଇ ପ୍ରକ୍ରିୟାର ପରିମାଣରୁ ପରିବର୍ତ୍ତନ ଘଟିଥିବା ଲକ୍ଷ୍ୟ କରାଯାଏ। ଏପରି ପରିବର୍ତ୍ତନ ସାହିତ୍ୟ ପକ୍ଷରେ ପ୍ରାୟ ସବୁ ସମୟରେ ଲାଭଜନକ ହୋଇଥାଏ। ଆମର ସାରସ୍ୱତ ଇତିହାସରେ ଅନୁରୂପ ଘଟଣା ଘଟିଛି। ବହୁକାଳ ହେଲା ଆମେ ପାଶ୍ଚାତ୍ତ୍ୟ ସହିତ ଇଂରେଜ ଭାଷା ଓ ଶିକ୍ଷା ମାଧ୍ୟମରେ ସମ୍ବନ୍ଧାନ୍ୱିତ ହୋଇଛୁଁ। ଏହା ଫଳରେ ଆମ ସାରସ୍ୱତ ଦିଗନ୍ତ କିପରି ନବ ନବ ରୂପରାଗରେ ମଣ୍ଡିତ ହୋଇଛି ତାହା ବୁଝିବା ଆବଶ୍ୟକ।'' ଏହିପରି ଜିଜ୍ଞାସା କ୍ଷେତ୍ରବାସୀଙ୍କୁ ଏ କ୍ଷେତ୍ରରେ ଗବେଷଣା କରିବାକୁ ପ୍ରେରଣା ଦେଇଥିଲା। ପରବର୍ତ୍ତୀ ପିଢ଼ିର ଦୃଷ୍ଟିକୋଣକୁ ସଂପ୍ରସାରିତ କରିବା ପାଇଁ ତାଙ୍କର ଏହି ଗବେଷଣା ନିବନ୍ଧ ଏକ ମାଧ୍ୟମ ହୋଇଛି ନିଶ୍ଚୟ।

କ୍ଷେତ୍ରବାସୀଙ୍କ ଗବେଷଣା ସଂପର୍କରେ ଡକ୍ଟର ବିଭୂତି ପଟ୍ଟନାୟକ କହନ୍ତି, ''କ୍ଷେତ୍ରବାସୀ ଆଧୁନିକ ଓଡ଼ିଆ କାବ୍ୟ କିପରି ପାଶ୍ଚାତ୍ୟ ସାହିତ୍ୟ ଦ୍ୱାରା ପ୍ରଭାବିତ ଓ ଅନୁପ୍ରାଣିତ, ସେ ସଂପର୍କରେ ସନ୍ଦର୍ଭ ରଚନା କରି ଓଡ଼ିଆ ସମାଲୋଚନା କ୍ଷେତ୍ରରେ ଏକ ପଥିକୃତ ଉଦ୍ୟମ କରିଥିଲେ। ତାଙ୍କର ଏହି ଆଲୋଚନା ଉପର ଠାଉରିଆ ନୁହେଁ, ପ୍ରଭାବିତ ହୋଇଥିବା ଓଡ଼ିଆ କାବ୍ୟ ଓ କବିତା ଏବଂ ପ୍ରଭାବିତ କରିଥିବା ୟୁରୋପୀୟ, ବିଶେଷତଃ ଇଂରେଜୀ କବି ଓ କାବ୍ୟ ସଂପର୍କରେ ତାଙ୍କର ପ୍ରାଞ୍ଜଳ ପରିଚ୍ଛନ୍ନ ଅବବୋଧ ଏ ଗବେଷଣା ନିବନ୍ଧକୁ ଏକ ଅବଶ୍ୟ ପାଠ୍ୟ ଗ୍ରନ୍ଥରେ ପରିଚିତ କରିଛି। ଆଧୁନିକ ଓଡ଼ିଆ ସାହିତ୍ୟର କେବଳ ପ୍ରମୁଖ କବି ନୁହନ୍ତି, ବହୁ ସ୍ୱଳ୍ପଜ୍ଞାତ, ଅବହେଳିତ କବିଙ୍କର କାବ୍ୟକୃତି କିପରି ପାଶ୍ଚାତ୍ୟ ଭାବବସ୍ତୁ ଓ ଆଙ୍ଗିକ ଦ୍ୱାରା ପ୍ରଭାବିତ ହୋଇଛି, ତାହା ଏହି ଗ୍ରନ୍ଥରେ ଆଲୋଚନା କରି ସେମାନଙ୍କୁ ଆଲୋକକୁ ସେ ଆଣିପାରିଛନ୍ତି।''(କ୍ଷେତ୍ରବାସୀ: ସ୍ମୃତି, ଶୋକ, ଶ୍ରଦ୍ଧାଞ୍ଜଳି – ଡକ୍ଟର ବିଭୂତି ପଟ୍ଟନାୟକ) ।

ଏହି ନିବନ୍ଧର ଶେଷରେ ଗବେଷକ କ୍ଷେତ୍ରବାସୀ ଯେଉଁ ଆସ୍ତିବାଚକ ପ୍ରଶ୍ନଟି ଉଠାଇଛନ୍ତି ତାହା ମଧ୍ୟ ଉଲ୍ଲେଖନୀୟ। ସେ କହିଛନ୍ତି, ''... ପାଶ୍ଚାତ୍ତ୍ୟ ପ୍ରଭାବ ହେତୁ

ଆମ ସାରସ୍ୱତ ସୃଷ୍ଟିର ବିଭନ୍ନ ବିଭାଗରେ ନୂତନତାର ଉନ୍ମେଷ ଘଟିଛି; ଏହା ମଧ୍ୟ ପରବର୍ତ୍ତୀ କାଳର ସାରସ୍ୱତ ଉତ୍ତରଣରେ ସହାୟକ ହୋଇଛି। କ୍ରମଶଃ କବିର ଦୃଷ୍ଟି ଦେଶର ଭୌଗୋଳିକ ସଂକୀର୍ଣ୍ଣତା ଅତିକ୍ରମ କରି ବିଶ୍ୱବ୍ୟାପୀ ହେବାକୁ ଶ୍ରଦ୍ଧା ବଳାଇଛି।

ଅତଏବ ପାଶ୍ଚାତ୍ତ୍ୟ ପ୍ରଭାବରେ ଏହି ଫଳଶ୍ରୁତି ଉତ୍କଳୀୟ ଭଳି ଏକ ସାଂସ୍କୃତିକ ଐତିହ୍ୟମଣ୍ଡିତ ଜାତି ପକ୍ଷରେ କଲ୍ୟାଣକର ହୋଇ ନାହିଁକି ?''

'ଆଲୋଚନା ପତ୍ର'(୧୯୭୯) ସ୍ଥାନିତ ଲେଖା ବିଭିନ୍ନ ସଭାସମିତିରେ ଡକ୍‌ଟର ନାୟକଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ପ୍ରବନ୍ଧଗୁଡ଼ିକର ଏକ ସଂକଳନ। ଏଥିରେ 'ଆଧୁନିକ ଦର୍ଶନ', 'କବି ବାଞ୍ଛାନିଧି', 'ସାହିତ୍ୟର ଭାଷ୍ୟ', 'ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ଇତିହାସକୁ ଝଙ୍କାରର ଅବଦାନ', 'କବିସୂର୍ଯ୍ୟଙ୍କ ଭକ୍ତି-କବିତା', 'ଭଞ୍ଜଙ୍କ କାବ୍ୟ କବିତାରେ ମାନବର ରୂପ', 'ଜାତୀୟ ସଂହତି ପାଇଁ ଭାଷା', 'ଗଙ୍ଗାଧର :କବି ଓ ମଣିଷ', 'ସାଂପ୍ରତିକ ଜୀବନ ଓ ସାହିତ୍ୟ', 'କବିତା ପାଇଁ ସପ୍ତମ ଦଶକର ଘୋଷଣା', 'କବିତାର ଚର୍ଚ୍ଚାର କଳା', 'ଭାଷାନ୍ତରର ଭାଷ୍ୟ', 'ଆଧୁନିକ ଓଡ଼ିଆ କବିତାରେ ବ୍ୟକ୍ତି-ବିଶ୍ୱ ଓ ବହିର୍ବିଶ୍ୱର ଅଭିବ୍ୟକ୍ତି', 'କବି ଉପେନ୍ଦ୍ର ପ୍ରସାଦ' ଓ 'ଓଡ଼ିଆ ସାହିତ୍ୟ ଓ ସଂଗଠନ' ଶୀର୍ଷକ ପନ୍ଦରଟି ଆଲୋଚନା ସ୍ଥାନ ପାଇଛି। ଉଭୟ ଆଧୁନିକ ଓ ମଧ୍ୟଯୁଗୀୟ ସାହିତ୍ୟ ସହ ସାହିତ୍ୟର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କରାଯାଇଛି। ସାହିତ୍ୟର ଅନେକ ନୂଆ ଦିଗନ୍ତ ସଂପର୍କରେ ସ୍ରଷ୍ଟା ଆଲୋକପାତ କରିଛନ୍ତି ଅର୍ଥାତ୍ ଓଡ଼ିଆରେ ଏ ସଂପର୍କରେ ଅଧିକରୁ ଅଧିକ ଆଲୋଚନା କରିବା ପାଇଁ ଭିତ୍ତିଭୂମିଟି କେବଳ ପ୍ରସ୍ତୁତ କରିନାହାଁନ୍ତି, ସାହିତ୍ୟ ସଂପର୍କରେ ପାଠକଙ୍କ ପାଇଁ ହେଉ ବା ଆକାଶବାଣୀ ପାଇଁ ବକ୍ତୃତା ଓ ଆଲେଖ୍ୟ ପ୍ରସ୍ତୁତ କରିବା ଭିତରେ ଏହାର ପରିବ୍ୟାପ୍ତ ପୃଷ୍ଠଭୂମି ସଂପର୍କରେ ସ୍ୱଚ୍ଛ ଧାରଣାଟି ଦେଇଛନ୍ତି। ପୁସ୍ତକର ପ୍ରତିଟି ଲେଖାରେ ଲେଖକଙ୍କ ବିଶ୍ଲେଷଣାତ୍ମକ ଦୃଷ୍ଟିକୋଣ ସହ ନିର୍ଣ୍ଣୟାତ୍ମକ ବକ୍ତବ୍ୟକୁ ଲକ୍ଷ୍ୟ କରିବାର କଥା। ଏ ପରିପ୍ରେକ୍ଷୀରେ ଦୁଇତିନୋଟି ଉଦାହରଣ ମଧ୍ୟ ଦିଆଯିବାର ପ୍ରାସଙ୍ଗିକତା ରହିଛି।

(କ) ଆଧୁନିକତା ହେଉଛି ସେହିପରି ଏକ ଚେତନା। ମଣିଷର ମାନସବୃତ୍ତିକୁ ଅଧ୍ୟୟନ କଲେ ଏଇ ଚେତନାକୁ ଚିହ୍ନିହୁଏ। ଏହି ଚେତନାର ଶକ୍ତିଶିଖା ସମସ୍ତଙ୍କର ଆଚରଣରେ ପ୍ରବେଶ କରି ସେମାନଙ୍କୁ ଅତୀତଠାରୁ ଯଦି ଭିନ୍ନ କରିଦିଏ ତାହା ହେଲେ ମଣିଷ ଇତିହାସର ସେହି ପର୍ଯ୍ୟାୟକୁ ଆମେ କହୁ ଆଧୁନିକ। ଅତଏବ ସମୟର ନୂତନ ପ୍ରଣାଳୀ ଉପରେ ଯେଉଁ ମୂଲ୍ୟବୋଧ ବା ଭାବରୂପର ସୌଧ ଗଢ଼ିଉଠେ ତାହାହିଁ ହେଲା ଆଧୁନିକ। (ଆଧୁନିକତାର ଦର୍ଶନ)

(ଖ) ମୂଲ୍ୟବୋଧର ଭୂମିକାରେ ସାହିତ୍ୟକୁ ମାପିବା କିମ୍ବା କବିଙ୍କୁ ଚିହ୍ନିବା ହେଉଛି ଚର୍ଚ୍ଚାର ମୌଳିକ ଧାରା। ଅନୁଭୂତିରେ ଚଉତରାରେ ବିକଶିତ କବିଙ୍କୁ ଅନିଷା କଲେ ତାଙ୍କ ପ୍ରତିପାଦ୍ୟ ଭାବମୂଲ୍ୟ ବେଶ୍ ବୁଝାପଡ଼େ। ସେଇ ଦୃଷ୍ଟିରୁ ବିଚାର କଲେ ଭଞ୍ଜଙ୍କର ଅନୁଭୂତି-ଜଗତ୍ ବିଚିତ୍ର ଭୁକ୍ ନୁହେଁ ବୋଲି ମନେହୁଏ। ତାଙ୍କ କାବ୍ୟ କବିତାରେ ମାନବ ରୂପ ବିଚିତ୍ର ଜିଜ୍ଞାସାର ପଥ ଯାତ୍ରୀ ହୋଇନାହିଁ। ତେଣୁ ମାନବର ବିଚିତ୍ର ଅନୁଭୂତିର ପରିପୂର୍ଣ୍ଣ ପ୍ରକାଶ ଛବି ଭଞ୍ଜଙ୍କ ସୃଷ୍ଟିରୁ ଖୋଜିପାଇବା କଷ୍ଟ।(ଭଞ୍ଜଙ୍କ କାବ୍ୟ କବିତାରେ ମାନବର ରୂପ)

(ଘ) ଆମେ ଦେଖୁଛୁ କବି ଆତ୍ମ-ସତ୍ତାକୁ କେତେବେଳେ ପରିବେଶ ଭିତରୁ ଖୋଜୁଛି ବା କେତେବେଳେ ପରମ୍ପରା, ଐତିହ୍ୟ ଭିତରୁ ଅନ୍ୱେଷଣ କରୁଛି। ଏ କ୍ଷେତ୍ରରେ ପରମ୍ପପରା ଓ ପରିବେଶର ଉଲ୍ଲେଖ କାବ୍ୟାନୁଭୂତିର ଉଭୟ ସ୍ତରକୁ ନେଇଘଟିଥିବା, ଓଡ଼ିଆ କବିତାରେ ଲକ୍ଷିତ ହେଉଛି। ଆଜିର କବି ପକ୍ଷରେ ପରମ୍ପରା ଭିତରୁ ଆତ୍ମସତ୍ତାକୁ ଖୋଜି ପାଇବା କଷ୍ଟ। (ଆଧୁନିକ ଓଡ଼ିଆ କବିତାରେ ବ୍ୟକ୍ତି-ବିଶ୍ୱ ଓ ବହିର୍ବିଶ୍ୱର ଅଭିବ୍ୟକ୍ତି)

'ଆଲୋଚନା ପତ୍ର'ର ପ୍ରତିଟି ଲେଖାର ସ୍ୱଚ୍ଛ ଅଭିବ୍ୟକ୍ତିରେ ମଧ୍ୟ ଲେଖକଙ୍କ ବିଚାର ନିହିତ ରହିଛି। ବିଭିନ୍ନ ସଭାସମିତିରେ ଏହି ପ୍ରବନ୍ଧଗୁଡ଼ିକ ଉପସ୍ଥାପନ କରାଯାଇଥିବାରୁ ଏଥିରେ ଶ୍ରୋତାମାନଙ୍କ ବୌଦ୍ଧିକ ଜଗତରେ ଆଲୋଡ଼ନ କରିବା ପାଇଁ ଅନେକ ଅବକାଶ ରହିଛି।

'ସାହିତ୍ୟ ଚର୍ଚ୍ଚା'(୧୯୮୧) ଆଲୋଚନା ସଂକଳନର ଭୂମିକାରେ ଡକ୍ଟର କ୍ଷେତ୍ରବାସୀ ନାୟକ 'ସାହିତ୍ୟ ଚର୍ଚ୍ଚା'କୁ ଏକ ଯୋଗ ଭାବେ ଅବିହିତ କରିଛନ୍ତି। ତାଙ୍କ ଭାଷାରେ, ''ସାହିତ୍ୟଚର୍ଚ୍ଚାର ଶେଷ ନାହିଁ, ଏହା କାଳକୁ କାଳ ନୂତନ ଶକ୍ତି ଘେନି ଉଭା ହୁଏ। ସାହିତ୍ୟ ସହିତ ମର୍ମଜ୍ଞର ଭାବାନୁଷଙ୍ଗ ଅଧିକରୁ ଅଧିକ ଘଟିଲେ ସାହିତ୍ୟର ଛଇ ଫୁଟି ବାହାରେ। ବ୍ରତନିଷ୍ଠସାଧକ ପାଇଁ ଏପରି ଅନୁଷଙ୍ଗ ଏକାନ୍ତ ପ୍ରୟୋଜନ। ବ୍ରତଚାରୀର ଆଖି ନିୟତ ଖୋଜୁଥାଏ ଅକ୍ଷର ମୂର୍ତ୍ତିଟିଏ, ତାହା ମିଳିଗଲେ ଭାବର ଦିଗ୍‌ବଳୟ କାହିଁ କୁଆଡ଼େ ଲମ୍ବିଯାଏ। ଅକ୍ଷର ମୂର୍ତ୍ତିକି ସାଥିକରି ଭାବର ସମୁଦ୍ରରେ ଅବଗାହନ କରେ ସାହିତ୍ୟ ବ୍ରତୀ ଯାଜ୍ଞିକ। ବେଳାଭୂମିରେ ଚିହ୍ନାଅଚିହ୍ନା କେତେ ମୁହଁ, କେତେ ଛବି, କେତେ ମାଟି, ପାଣି, ପବନ- ନାନା ଉପାଦାନର ମିଶ୍ରରାଗ ତାହାର ଧ୍ୟାନସ୍ଥ ଚିତ୍ତକୁ ବିଚଳିତ କରିପାରେ ନାହିଁ। ଏଇ ଅବସ୍ଥା ହିଁ ଯୋଗୀର ଅବସ୍ଥା, 'ସାହିତ୍ୟଚର୍ଚ୍ଚା' ଏକ ଯୋଗ।'' ପ୍ରକୃତରେ ସାହିତ୍ୟର ପ୍ରକୃତ ଚର୍ଚ୍ଚା ଏକ ନିରବଚ୍ଛିନ୍ନ ସାଧନା ଅପେକ୍ଷା ରଖେ।

'ସାହିତ୍ୟ ଚର୍ଚ୍ଚା'ରେ ସ୍ଥାନ ପାଇଛି ଡକ୍ଟର ନାୟକ ବିଭିନ୍ନ ପାଠଚକ୍ରରେ ଉପସ୍ଥାପନ ଓ ଆକାଶବାଣୀ ପକ୍ଷରୁ ପ୍ରସାରିତ ହୋଇଥିବା ଆଲୋଚନା। 'ଓଡ଼ିଆ କାବ୍ୟଧାରା ଓ ପାଶ୍ଚାତ୍ୟ କାବ୍ୟ-ତତ୍ତ୍ୱ', 'ମାଟିର ସାହିତ୍ୟ ଓ ଜାତିର ଦର୍ଶନ', 'ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟର ଧାରା', 'ଆଧୁନିକ ଓଡ଼ିଆ କାବ୍ୟ-କବିତାରେ ପାଶ୍ଚାତ୍ୟ ପ୍ରଭାବ', 'ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଭୂମିକା', 'ଓଡ଼ିଆ ଦୂତକାବ୍ୟ' ଓ 'ଓଡ଼ିଆ ସାହିତ୍ୟ ଗବେଷଣାର ନୂତନ ଆଭିମୁଖ୍ୟ' ଆଲୋଚନାରେ ଏ ସଂକଳନଟି ସମୃଦ୍ଧ। ସଂକଳନର ପ୍ରତିଟି ଲେଖାରେ ସ୍ରଷ୍ଟାଙ୍କ ଧୀ ଓ ଧିଷଣା ପ୍ରତିଭାତ ହୋଇଛି। ପ୍ରତିଟି ବିଷୟର ପୁଙ୍ଖାନୁପୁଙ୍ଖ ଆଲୋଚନା ଓ ତଥ୍ୟର ଅବତାରଣା ତାଙ୍କର ବହୁପାଠୀ ବ୍ୟକ୍ତିତ୍ୱର ପରିଚୟ ଦେଇଛି। 'ଓଡ଼ିଆ କାବ୍ୟଧାରା ଓ ପାଶ୍ଚାତ୍ୟ କାବ୍ୟ-ତତ୍ତ୍ୱ' ହେଉବା 'ଆଧୁନିକ ଓଡ଼ିଆ କାବ୍ୟ-କବିତାରେ ପାଶ୍ଚାତ୍ୟ ପ୍ରଭାବ' ତାଙ୍କ ଗବେଷଣା ବିଷୟକ ହୋଇଥିବାରୁ ଏ କ୍ଷେତ୍ରରେ ସେ ଅଧିକ ତଥ୍ୟନିଷ୍ଠ ହେବା ସ୍ୱାଭାବିକ। ମାତ୍ର ଅନ୍ୟ ସମସ୍ତ ଲେଖାରେ ମଧ୍ୟ ତାଙ୍କର ବିଷୟ ପ୍ରବେଶରେ ଯେପରି ସିଦ୍ଧି ପରିଲକ୍ଷିତ, ସେପରି ବିସ୍ତୃତ ଦୃଷ୍ଟିକୋଣକୁ ଲକ୍ଷ୍ୟ କରାଯାଇପାରେ। 'ମାଟି ସାହିତ୍ୟ ଓ ଜାତିର ଦର୍ଶନ', 'ଓଡ଼ିଆ ଦୂତକାବ୍ୟ' ପରି ଆଲୋଚନାରେ ଏହି ଲେଖକଙ୍କ ଜିଜ୍ଞାସୁ ମନୋବୃତ୍ତିକୁ ଲକ୍ଷ୍ୟ କରାଯାଇପାରେ।

ସାହିତ୍ୟ ଗବେଷଣାରେ ନିଜକୁ ନିଷ୍ଠାର ସହ ନିୟୋଜିତ କରିଥିବା ଡକ୍ଟର ନାୟକ ଗବେଷଣାରେ ପାରମ୍ପରିକ ଦୃଷ୍ଟିକୋଣ ପୋଷଣ କଲେ ସାହିତ୍ୟ ଗବେଷଣା ନୂତନ କଳେବର ଧାରଣ କରିପାରିବ ନାହିଁ ବୋଲି ଯେଉଁ ମତଟି ଦେଇଛନ୍ତି, ତାହାର ପ୍ରାସଙ୍ଗିତା ସାର୍ବଜନୀନ। ସାହିତ୍ୟକୁ ସମାଜତତ୍ତ୍ୱ, ନୃତତ୍ତ୍ୱ, ମନସ୍ତତ୍ତ୍ୱ, ଦର୍ଶନଶାସ୍ତ୍ର ଇତ୍ୟାଦି ଜ୍ଞାନବିଜ୍ଞାନର ବିବିଧ ପ୍ରକାଶ ସହିତ ସମନ୍ୱିତ କରି ସାହିତ୍ୟିକର ମାନ ଓ ସାହିତ୍ୟ-ବସ୍ତୁର ସ୍ଥିତିକୁ ବିଶ୍ଳେଷଣ କରିବାକୁ ଯେଉଁ ଆହ୍ୱାନ ସେ ଦେଇଛନ୍ତି, ତାହାର ପ୍ରାସଙ୍ଗିକତା ଏବେ ମଧ୍ୟ ଉପଲବ୍ଧ।

'ଭାରତୀୟ କାବ୍ୟତତ୍ତ୍ୱ'(୧୯୮୧)ରେ ଭାରତୀୟ କାବ୍ୟତତ୍ତ୍ୱ ସଂପର୍କରେ ସବିଶେଷ ଆଲୋଚନା ରହିଛି। ଭାରତୀୟ କାବ୍ୟତତ୍ତ୍ୱର ସମୃଦ୍ଧ ପରମ୍ପରା ଆମ ପ୍ରାଚୀନ କାବ୍ୟକବିତା ରଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଏଥିରେ କାବ୍ୟତତ୍ତ୍ୱ, ରସ ପ୍ରସଙ୍ଗ, ଧ୍ୱନି ପ୍ରସଙ୍ଗ, ବକ୍ରୋକ୍ତି ପ୍ରସଙ୍ଗ, ଔଚିତ୍ୟ ପ୍ରସଙ୍ଗ ସ୍ଥାନିତ ହୋଇଛି। କାବ୍ୟତତ୍ତ୍ୱର ସଂସ୍କୃତ ପରିଭାଷା ଓ ପରିସରକୁ ଇଂରାଜୀ ସାହିତ୍ୟ ସହ ମିଳାଇ ଦେଖିଥିଲେ ସେ। ସଂସ୍କୃତ ସାହିତ୍ୟାଦର୍ଶକୁ ଭିତ୍ତି କରି ସେ ରସ ଚର୍ଚ୍ଚା କରିଛନ୍ତି।

ସଂସ୍କୃତରେ ଯାହା କଠିନ ଓ ଅବୋଧ ଭଳି ପ୍ରତ୍ୟୟ ହେଉଥିଲା ତାହାକୁ ବେଶ ସହଜ ଓ ସରଳ ଭାଷାରେ ବୁଝାଇଦେଇଛନ୍ତି ।

'କବି ଓ କାମିନୀ'(୧୮୮୨) ସଂକଳନରେ ରହିଛି ପନ୍ଦରଟି ଆଲୋଚନା । କବି, କବିତା, ଗୀତିକବିତା, ଗାଥାକବିତା, ଦୃଶ୍ୟକାବ୍ୟ ଓ ସାରସ୍ୱତ ସ୍ରଷ୍ଟାଙ୍କ ସାଧନା ସଂପର୍କୀୟ ଏହି ଆଲୋଚନା ଗ୍ରନ୍ଥରେ ରହିଛି 'କବି ଓ କାମିନୀ', 'ଆଧୁନିକ କବି ଓ ତାର ନୂତନ ପୃଥିବୀ', 'କବି ମଧୁସୂଦନ', 'କବି ଫକୀରମୋହନ', 'ଲଳିତକବି ବଳଦେବ', 'କବି ଗଙ୍ଗାଧର', 'ଗଙ୍ଗାଧରଙ୍କ କାବ୍ୟକବିତାରେ ବିରହଚେତନା', 'ଗୀତିକବିତାର ଗାଥା', 'ଗାଥାକବିତା ଓ ଗୀତିକବିତା', 'ଗୀତିକବିତାର ବିକାଶ ଧାରା', 'ସାରସ୍ୱତ ସାଧକ ଶ୍ରଦ୍ଧାକର', 'ସଂସଦ ଓ ସାହିତ୍ୟ' ଓ 'ଦୃଶ୍ୟକାବ୍ୟ ଓ ବ୍ୟଙ୍ଗଦୃଷ୍ଟି' ଶୀର୍ଷକ ଲେଖା ରହିଛି । ଆଧୁନିକ ସାହିତ୍ୟର ବର୍ଣ୍ଣିଳବିଭା ଏହି ଲେଖାଗୁଡ଼ିକରେ ପରିଲକ୍ଷିତ ।

'ସାହିତ୍ୟର ସମାନ୍ୟକଥନ'(୧୯୭୦) ପରି 'କାବ୍ୟପୁରୁଷର କଥା' (୨୦୦୩)ରେ ରହିଥିବା ପ୍ରତିଟି ବିଷୟ ସାହିତ୍ୟ ପ୍ରତି ପ୍ରତିବଦ୍ଧ ଲେଖକ ପରିଚୟ ହିଁ ପ୍ରଦାନ କରେ । ଡକ୍ଟର ନାୟକଙ୍କ ଅବର୍ତ୍ତମାନରେ ଏହି ପ୍ରବନ୍ଧ ସଂକଳନଟି ପ୍ରକାଶିତ । ଏହି ପ୍ରବନ୍ଧଗୁଡ଼ିକ ପୂର୍ବରୁ ବିଭିନ୍ନ ପତ୍ରପତ୍ରିକାରେ ସ୍ଥାନ ପାଇଥିଲା । ପ୍ରବନ୍ଧଗୁଡ଼ିକର ବିଶେଷତ୍ୱ ସଂପର୍କରେ ପୁସ୍ତକର ଅଗ୍ରଲେଖରେ ଡକ୍ଟର ଲାବଣ୍ୟ ନାୟକ ସ୍ପଷ୍ଟ କରି କହିଛନ୍ତି, ''ଉକ୍ତ ପୁସ୍ତକରେ ସନ୍ନିବେଶିତ ପ୍ରବନ୍ଧଗୁଡ଼ିକ ମୁଖ୍ୟତଃ କାବ୍ୟତତ୍ତ୍ୱ ଉପରେ ଆଧାରିତ । ଏଥିରେ କବିତାର ଲକ୍ଷ୍ୟ କ'ଣ, କାବ୍ୟ ପୁରୁଷର ବକ୍ତବ୍ୟ କ'ଣ, ଜୀବନ-ସତ୍ୟ ସହିତ କାବ୍ୟ-ସତ୍ୟର ସମ୍ବନ୍ଧ କଣ, କାବ୍ୟର ଉଦ୍ଦେଶ୍ୟ ଆନନ୍ଦ ବିତରଣ ନା ସୌନ୍ଦର୍ଯ୍ୟାନୁଭୂତି, ଏପରି ବହୁ ପ୍ରଶ୍ନ ଉତ୍‌ଥାପନ କରିବା ସହିତ ସେ ଅତି ସ୍ୱଚ୍ଛ ଓ ପ୍ରାଞ୍ଜଳ ଭାବରେ ତାହାର ବିଚାର ଆଲୋଚନା କରିଛନ୍ତି ।'' ଏହି ପ୍ରବନ୍ଧ ସଂକଳନରେ 'କାବ୍ୟପୁରୁଷର କଥା', 'କବିତା କାହିଁକି ?', 'ପ୍ରାଚୀନ କବିଙ୍କ କାବ୍ୟତତ୍ତ୍ୱ', 'ଜୀବନସତ୍ୟ ଓ କାବ୍ୟସତ୍ୟ', 'କାବ୍ୟ-ପ୍ରୟୋଜନ ଓ ନନ୍ଦନତତ୍ତ୍ୱର କଥା', 'କବି-ଉକ୍ତି : ବକ୍ରୋକ୍ତି', 'କାବ୍ୟବିମ୍ବ ପ୍ରସଙ୍ଗ ଓ କବି ସାରଳା ଦାସ', 'ଆଧୁନିକତା ଓ ଆଧୁନିକ କବିତା ତତ୍ତ୍ୱ', 'ଫକୀରମୋହନଙ୍କ ସାରସ୍ୱତ ଦୃଷ୍ଟି', 'ଲେଖକର ସ୍ୱର୍ଗ ଓ ମର୍ତ୍ତ୍ୟ', 'ପ୍ରେମ : ଏକ ଚେତନା', 'ସାହିତ୍ୟ ଓ ଆମ ସାହିତ୍ୟ', 'ଆଧୁନିକତା ଓ ଓଡ଼ିଆ ସାହିତ୍ୟ', 'ସଂପାଦନା ପ୍ରସଙ୍ଗ' ଓ 'ଗବେଷଣାର ସରହଦ ଓ ବିଷୟ ପରିକଳ୍ପନା'- ଏହି ଷୋହଳ ଗୋଟି ସ୍ଥାନ ପାଇଛି । ପ୍ରତିଟି ପ୍ରବନ୍ଧରେ ଲେଖକୀୟ ମୌଳିକ ଦୃଷ୍ଟି

ନିହିତ। ଉଭୟ ପ୍ରାଚୀନ ଓ ଆଧୁନିକ ଯୁଗର ସାହିତ୍ୟ ସଂପର୍କରେ ବିଭିନ୍ନ ପ୍ରବନ୍ଧରେ ଆଲୋଚନା କରାଯାଇଥିବା ବେଳେ ଅନେକତ୍ର ଲେଖକଙ୍କ ସୌନ୍ଦର୍ଯ୍ୟ ଦୃଷ୍ଟିର ପରିଚୟ ମିଳେ। ବିଶେଷ କରି ତାଙ୍କର ବିଷୟ ବିଶ୍ଳେଷଣଜନିତ ନିଷ୍କର୍ଷ ବେଶ୍ ପ୍ରଭାବଶାଳୀ। 'ଜୀବନ ସତ୍ୟ ଓ କାବ୍ୟ ସତ୍ୟ'ରେ ଯଥାର୍ଥରେ ସେ ଲେଖିଛନ୍ତି, ''କାବ୍ୟରେ ଅଛି, ବାସ୍ତବର ସାଦୃଶ୍ୟ ସଙ୍କେତ, ଘଟଣାର ଚଳମାନ-ଶକ୍ତି, ପ୍ରବୃତ୍ତିର ପ୍ରତିଫଳନ। କାବ୍ୟର ଧର୍ମ ହେଲା, ସାଦୃଶ୍ୟର ସଙ୍କେତ ଦର୍ଶାଇ ଭିନ୍ନ ଉପାଦାନରେ ଜୀବନର ଉଦ୍‌ଘାଟନ କରିବା। ଏଥିରୁ ଏତିକି ମାତ୍ର ପ୍ରତୀତ ହୁଏ ଯେ, ବାସ୍ତବ ଘଟଣାର ଯଥାର୍ଥ ଅନୁକରଣ ନୁହେଁ, ସମ୍ଭାବ୍ୟ ଘଟଣାର ଅନୁକରଣ ହିଁ କାବ୍ୟର କାମ।'' ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ଏପରି ଗଭୀର ମନନଶୀଳ ଦୃଷ୍ଟିକୋଣ ଖୁବ୍ କ୍ୱଚିତ୍ ପରିଲକ୍ଷିତ ହୁଏ। ରମଣୀୟ ବର୍ଣ୍ଣନା, ସ୍ୱକୀୟ ଦୃଷ୍ଟିକୋଣର ସ୍ୱଚ୍ଛ ପରିପ୍ରକାଶ ଓ ବଳିଷ୍ଠ ବିଚାର ମାଧ୍ୟମରେ ନିଜକୁ ପ୍ରତିପାଦିତ କରିବାରେ ସେ ଅନନ୍ୟ। ମାତ୍ର ଓଡ଼ିଆ ପ୍ରବନ୍ଧ ସାହିତ୍ୟକୁ କ୍ଷେତ୍ରବାସୀଙ୍କ ଅବଦାନ ସଂପର୍କକୁ ଯେପରି ରେଖାଙ୍କିତ କରିବା କଥା, ତାହା ଏଯାବତ୍ ସମ୍ଭବପର ହୋଇନାହିଁ। 'ଗବେଷଣାର ସରହଦ ଓ ବିଷୟ ପରିକଳ୍ପନା' ଶୀର୍ଷକ ପ୍ରବନ୍ଧରେ ଡ଼କ୍ଟର ନାୟକ ଉଲ୍ଲେଖ କରିଛନ୍ତି, ''ସାହିତ୍ୟ ଗବେଷଣା, ଗଭୀର ଅନ୍ତର୍ନିରୀକ୍ଷା, ପ୍ରଶାନ୍ତ ଅବଗାହନ ଓ ପ୍ରଶସ୍ତ ବିଦ୍ୟାଧିକ୍ଷଣାର ସାଧନ-କର୍ମ। ସହଜ ପ୍ରାପ୍ତି ଓ ସ୍ୱଳ୍ପସିଦ୍ଧିସୂଚକ ଫଳଶ୍ରୁତି ଏହାର ଉଦ୍ଦେଶ୍ୟ ନୁହେଁ। ଅନ୍ଧାରିତ କକ୍ଷକୁ ଆଲୋକିତ କରିବା, ଅଲୋକିତ ଆୟତନରେ ତଥାପି ଲୁକ୍‌କାୟିତ ରତ୍ନର ସନ୍ଧାନ ନେବା, ଆଲୋକକୁ ଆଲୋକାଭ୍ୟନ୍ତରକୁ ପ୍ରବେଶ କରିବା, ଜ୍ଞାତ ବା ଅଜ୍ଞାତ-ଭୂମି ସହ ଭାବସମ୍ପର୍କ ସ୍ଥାପିବା ଇତ୍ୟାଦି ହେଉଛି ଗବେଷଣା ବୃତ୍ତିର ସ୍ୱଭାବ-ଧର୍ମ। ସୂର୍ଯ୍ୟରଶ୍ମି ସ୍ଫଟିକ ପିଣ୍ଡରେ ଜ୍ୟୋତିର ବିକିରଣ ଘଟାଇଲା ପରି, ଗବେଷକର ଆଖି ଓ ଚେତନା-ନିକଷ ବଳରେ ଜ୍ଞାନର ନୂତନ ଦିଗ୍‌ବଳୟ ଉନ୍ମୋଚିତ ହୋଇଥାଏ।'' ପ୍ରକୃତରେ ସାରସ୍ୱତ ଉପସକ କ୍ଷେତ୍ରବାସୀ ଏହି କର୍ମକୁ ଆପଣାଇ ନେଇ ସାରସ୍ୱତ କର୍ମରେ ଆଗୁସାର ହୋଇଥିଲେ ଏବଂ ଏଇଥିପାଇଁ ହିଁ ସବୁଦିନ ସ୍ମରଣୀୟ ହୋଇ ରହିବେ।

ଏ ସମସ୍ତ ପ୍ରବନ୍ଧ ଓ ଆଲୋଚନା ସଂକଳନକୁ ବାଦ୍ ଦେଲେ ଡକ୍ଟର ନାୟକ ଡକ୍ଟର ଲାବଣ୍ୟ ନାୟକଙ୍କ ସହ ମିଳିତ ଭାବେ ପ୍ରସ୍ତୁତ କରିଛନ୍ତି 'ପ୍ରବନ୍ଧ ଓ ପ୍ରାବନ୍ଧିକ'(୧୯୬୮), 'ଅଳଙ୍କାର ଓ ଅଳଙ୍କାର ତତ୍ତ୍ୱ'(୧୯୬୮), 'ପ୍ରବନ୍ଧ ବିଚିତ୍ରା'(୧୯୭୬), 'କବିତାର କଥା'(୧୯୮୪) ଓ 'ସାହିତ୍ୟର ସୂତ୍ର'(୨୦୦୮) ପୁସ୍ତକ ଏବଂ ଡକ୍ଟର ଶ୍ରୀନିବାସ ଉଦ୍‌ଗାତାଙ୍କ ସହ 'ସାଂପ୍ରତିକ ଓଡ଼ିଆ ସାହିତ୍ୟ

ସଂପର୍କରେ'(୧୯୭୩) ପୁସ୍ତକ। ଏ ସମସ୍ତ ସଂକଳନରେ ଓଡ଼ିଆ କବିତା ଓ ପ୍ରବନ୍ଧ ସାହିତ୍ୟ ଏବଂ ସାଂପ୍ରତିକ ଓଡ଼ିଆ ସାହିତ୍ୟ ସଂପର୍କରେ ସ୍ୱତନ୍ତ୍ର ଦୃଷ୍ଟି ରହିଛି।

ମନୋଗ୍ରାଫ୍ : ସାରସ୍ୱତ ବିଭବର ଦିଗ୍‌ବଳୟ

ଓଡ଼ିଆ ଜୀବନ ଚରିତ ରଚନା କ୍ଷେତ୍ରରେ କ୍ଷେତ୍ରବାସୀଙ୍କ ସିଦ୍ଧି ମଧ୍ୟ ସ୍ୱୀକୃତ। 'କବି ନୀଳକଣ୍ଠ'(୧୯୭୨), 'କବି ଚରିତ : ରାଧାନାଥ'(୧୯୭୫), 'କବି ଅର୍ଜ୍ଜୁନ ଦାସ'(୧୯୮୩) ଓ 'ନାରୀକବି ଅନ୍ନପୂର୍ଣ୍ଣା : କବି ଚରିତ ଓ କାବ୍ୟଚର୍ଚ୍ଚା'(୧୯୭୯)ରେ ଜୀବନୀକାର ଡକ୍ଟର ନାୟକ ଓଡ଼ିଶା ସାହିତ୍ୟର ଏହି ପ୍ରଣମ୍ୟ ସ୍ରଷ୍ଟାମାନଙ୍କ ସାରସ୍ୱତ ସାଧନାକୁ ଯେପରି ଲିପିବଦ୍ଧ କରିଛନ୍ତି, ତାହା ଦୃଷ୍ଟାନ୍ତମୂଳକ ହୋଇରହିଛି। ତାଙ୍କ ମନୋଗ୍ରାଫ୍ ଦୁଇଟି ଭାଗରେ ବିଭକ୍ତ। ଗୋଟିଏ ଭାଗରେ ରହିଛନ୍ତି 'କବି ନୀଳକଣ୍ଠ' ଓ 'କବି ଅର୍ଜ୍ଜୁନ ଦାସ' ଏବଂ ଅନ୍ୟ ଭାଗରେ 'କବିଚରିତ : ରାଧାନାଥ' ଓ 'ନାରୀକବି ଅନ୍ନପୂର୍ଣ୍ଣା : କବି ଚରିତ ଓ କାବ୍ୟଚର୍ଚ୍ଚା'। ପ୍ରଥମ ଦୁଇଟି ପୁସ୍ତକରେ କବିଙ୍କ କାବ୍ୟକବିତାକୁ ହିଁ ବିଚାର କରାଯାଇଛି। ଶେଷକ୍ତୋ ଦୁଇଟି ପୁସ୍ତକରେ କବି ଓ କବୟିତ୍ରୀଙ୍କ ଉଭୟ ଜୀବନ ଓ ସାଧନା ସଂପର୍କରେ ବିଚାର-ବିଶ୍ଲେଷଣ କରିଛନ୍ତି।ତେଣୁ ପ୍ରଥମ ଦୁଇଟି ପୁସ୍ତକ କବିଙ୍କ ମନୋଗ୍ରାଫ୍ ନହୋଇ ତାଙ୍କ କାବ୍ୟକବିତାର ମନୋଗ୍ରାଫ୍ ବୋଲି କୁହାଗଲେ ଅତ୍ୟୁକ୍ତି ହେବନାହିଁ।

'କବି ନୀଳକଣ୍ଠ'(୧୯୭୨) ଆରମ୍ଭରେ ସ୍ଥାନିତ 'ସଂଳାପ'ରେ ଡକ୍ଟର କ୍ଷେତ୍ରବାସୀ ନାୟକ ଲେଖିଛନ୍ତି, ''ମୋର ଏହି ଗ୍ରନ୍ଥ, ସୁପରିକଳ୍ପିତ ଗୋଟିଏ ବୃହତ୍ତର ଯୋଜନାର ପ୍ରଥମ ମନୋଗ୍ରାଫ୍। ସମୀକ୍ଷା ସଂସଦ ଏହି ପରିକଳ୍ପନାଟିର ପ୍ରସ୍ତୁତି-ଉତ୍ସ।

ସତ୍ୟବାଦୀ କବି-କୁଳଙ୍କ ମଧ୍ୟରୁ ଜଣେ ଦୁଇଜଣଙ୍କର କବିକୃତି ସଂପର୍କରେ ଅତୀତରେ ଆଲୋଚନା ହୋଇଛି। କିନ୍ତୁ ସେହି କାବ୍ୟ-ସ୍କୁଲର ଅନ୍ୟତମ କବି-କର୍ମ-ସାଧକ ପଣ୍ଡିତ ନୀଳକଣ୍ଠଙ୍କୁ ନେଇ ଏକକ କାବ୍ୟ-ଚର୍ଚ୍ଚାର ଅଭାବ ଥିଲା। ଏବେ ତାହା ଦୂର ହେଲା ଏବଂ ଏହା ଦ୍ୱାରା ସତ୍ୟବାଦୀ କାବ୍ୟ-ସ୍କୁଲର ପୂର୍ଣ୍ଣାଙ୍ଗ ଅଧ୍ୟୟନ ପାଇ ଅନୁସନ୍ଧିତ୍ସୁମାନେ ପ୍ରାଥମିକ ଅସୁବିଧାର ସମ୍ମୁଖୀନ ହେବେ ନାହିଁ।''

'କବି ନୀଳକଣ୍ଠ' ମନୋଗ୍ରାଫ୍‌ର 'କବି ଜୀବନର ଅଭ୍ୟୁଦୟ : ପ୍ରଥମ କବିତା', 'କାବ୍ୟ ପରିକ୍ରମା', 'ରାମଚଣ୍ଡୀରେ ମୁଁ ପଚାରି ବୁଝେ, କୋଣାର୍କ ଦଶା', 'କାବ୍ୟଚେତନା ଅନ୍ୱେଷଣ : ପ୍ରଣୟଚେତନା', 'ସୌନ୍ଦର୍ଯ୍ୟଦୃଷ୍ଟି : ରୂପବିଳାସ', 'ଇତିହାସ-ଉପାସନା : ସ୍ୱଦେଶାନୁରାଗ', 'କ୍ଲାସିକ ଓ ରୋମାଣ୍ଟିକ୍ କବି ଦୃଷ୍ଟି', 'କାବ୍ୟ-କବିତାରେ ପାଶ୍ଚାତ୍ୟ ପ୍ରଭାବ', 'କାବ୍ୟ-ଭାଷା : ଅଭିବ୍ୟକ୍ତିର ଧାରା', 'ଉତ୍ତରକାଳକୁ କବି ନୀଳକଂଠଙ୍କ

ପ୍ରେରଣା' ଓ 'କବିଙ୍କ ଅନ୍ତିମ ବକ୍ତବ୍ୟ' ଶୀର୍ଷକ ପରିଚ୍ଛଦରେ କବି ନୀଳକଣ୍ଠଙ୍କ କାବ୍ୟ-କବିତା ସଂପର୍କରେ ସବିଶେଷ ଆଲୋଚନା କରାଯାଇଛି । ଏହି ମନୋଗ୍ରାଫର ବିଶେଷତ୍ୱ ସଂପର୍କରେ ଡକ୍ଟର ବିଜୟ କୁମାର ଶତପଥୀ କହନ୍ତି, '' କବି ନୀଳକଣ୍ଠ' ଗ୍ରନ୍ଥରେ କବି ଚରିତ ଓ କାବ୍ୟ ଜିଜ୍ଞାସାର ଯଥାର୍ଥ ସମନ୍ୱୟ ସାଧିତ ହୋଇଛି ସମାଲୋଚକଙ୍କ ସୌନ୍ଦର୍ଯ୍ୟନିଷ୍ଠ ଦୃଷ୍ଟିକୋଣକୁ ଆଧାର କରି ।''(ମନୋଗ୍ରାଫ୍‌ର ସ୍ରଷ୍ଟା କ୍ଷେତ୍ରବାସୀ)

ଏହି ପୁସ୍ତକର ନାମ 'କବି ନୀଳକଣ୍ଠ' ଭିନ୍ନ ଅନ୍ୟ କିଛି ହୋଇଥିଲେ ଏଥିରେ ଆମେ ନୀଳକଣ୍ଠଙ୍କ ବ୍ୟକ୍ତିଗତ ଓ ସାଧନାନିଷ୍ଠ ଜୀବନ ସଂପର୍କରେ ଅନେକ ତଥ୍ୟ ପାଇପାରିଥାନ୍ତୁ । କିନ୍ତୁ ଶୀର୍ଷକ ଅନୁଯାୟୀ ଏହି ପୁସ୍ତକରେ ନୀଳକଣ୍ଠ କବି ଜୀବନ ଓ କାବ୍ୟକବିତାର ବିଶେଷତ୍ୱ ହିଁ ପ୍ରତିପାଦିତ ହୋଇଛି । ବିଶେଷ କରି ତାଙ୍କ କାବ୍ୟକବିତାର ଧାରା ଏବଂ ଏଥିରେ ରହିଥିବା ସମୟ ଓ ଜୀବନର ସ୍ୱରକୁ ଦର୍ଶାଇଛନ୍ତି । 'କବି ଅର୍ଜୁନ ଦାସ'(୧୯୮୩) ପୁସ୍ତକକୁ ଏହି ଭାବରେ ମଧ୍ୟ ସେ ପ୍ରସ୍ତୁତ କରିଛନ୍ତି । 'କବି ଓ କାବ୍ୟ', 'କାବ୍ୟ-କଥା ଓ କାବ୍ୟ-କୌଶଳ', 'ଅଭିବ୍ୟକ୍ତିର ଧାରା : କାବ୍ୟବିମ୍ବ', 'କାବ୍ୟ ସ୍ରଷ୍ଟା ଓ କାବ୍ୟ-ନିର୍ମାତା', 'କବିମନର ଭୂମିକା', 'କବିଙ୍କ କାବ୍ୟରେ ମାନବର ରୂପ', 'କବିଙ୍କ କାବ୍ୟ-ତତ୍ତ୍ୱ', 'କବିଙ୍କ କାବ୍ୟକୃତିରେ ଅପଭ୍ରଂଶ ସାହିତ୍ୟର ପ୍ରଭାବ' ଓ 'ଓଡ଼ିଆ କାବ୍ୟପରମ୍ପରା ଓ କବି ଅର୍ଜୁନ ଦାସ' ଶୀର୍ଷକରେ ଷୋଡ଼ଶ ଶତାବ୍ଦୀର ଏହି କବିଙ୍କ 'ରାମବିଭା' ଓ 'କଳ୍ପଲତା' କାବ୍ୟକୁ ସମାଲୋଚକ ଦୃଷ୍ଟି ନେଇ ବିଚାର କରିଛନ୍ତି । 'କବି ଅର୍ଜୁନ ଦାସ' ପୁସ୍ତକରୁ ଏହା ସ୍ରଷ୍ଟାଙ୍କ ଏକ ଉଲ୍ଲେଖନୀୟ ସାରସ୍ୱତ ଯୋଜନାର ପ୍ରଥମ ପଦକ୍ଷେପ ବୋଲି ବୁଝାପଡ଼େ । ଏହି ପୁସ୍ତକର ଆରମ୍ଭରେ ଏହି ପୁସ୍ତକକୁ 'ପ୍ରାଚୀନ କବି : ନୂତନ ନିରୀକ୍ଷା ଗ୍ରନ୍ଥମାଳା: ୧' ଭାବେ ସେ ସୂଚିତ କରିଛନ୍ତି । ପ୍ରାଚୀନ କବିମାନଙ୍କ ସାହିତ୍ୟର ବିଚାର ବିଶ୍ଳେଷଣର ଆବଶ୍ୟକତାକୁ ସେ ଗୁରୁତ୍ୱ ଦେଇଥିଲେ । କବି ଅର୍ଜୁନ ଦାସ ସଂପର୍କରେ ସେ କହନ୍ତି, ''ଉତ୍ତରାଧିକାର ସୂତ୍ରରେ ଯେଉଁ କବିଗଣ କାବ୍ୟ-କୁମାରୀଙ୍କ ଲାଳନପାଳନରେ ଆପଣାର ସାମର୍ଥ୍ୟ ବିନିଯୋଗ କରି ଇତିହାସରେ ସ୍ମରଣୀୟ ମର୍ଯ୍ୟାଦା ଘେନିଛନ୍ତି, ସେମାନଙ୍କର ଅଗ୍ରଜ ହେଉଛନ୍ତି, କବି ଅର୍ଜୁନ ଦାସ(୧୬ଶ ଶତାବ୍ଦୀ) ।''

ଡକ୍ଟର ନାୟକଙ୍କ ରଚିତ ଚାରୋଟି ମନୋଗ୍ରାଫ୍ ମଧ୍ୟରେ 'କବିଚରିତ : ରାଧାନାଥ'(୧୯୭୫) ଅନନ୍ୟ ଓ ଦୀପ୍ତିମାନ । ଏଥିରେ ରହିଛି କବିଙ୍କ ଜୀବନ ଓ ସାଧନାର କଳାତ୍ମକ ପରିପ୍ରକାଶ । ଏହି ପୁସ୍ତକର ଭୂମିକାରେ ଡକ୍ଟର ନାୟକ

କହିଛନ୍ତି, ''ଆଧୁନିକ ଓଡ଼ିଆ ସାହିତ୍ୟର ସାରଥି ରାଧାନାଥଙ୍କର କୃତିଅର୍ଚ୍ଚନା ପାଇଁ ଅତୀତରେ ଏ ଜାତିର କେତେଜଣ ସାହିତ୍ୟ ସାଧକ ଅପଣଙ୍କୁ କେତୋଟି ସମୀକ୍ଷା ଗ୍ରନ୍ଥ ଉପହାର ଦେଇଥିଲେ ।

କିନ୍ତୁ ରାଧାନାଥଙ୍କ ଭଳି ଜଣେ କୃତବିଦ୍ୟ କାବ୍ୟ-କାରଙ୍କର ପ୍ରତିଭାର ମୂଲ୍ୟାୟନ ଲାଗି ଏଇ କେତୋଟି ମୁଷ୍ଟିମେୟ ଗ୍ରନ୍ଥ ଜାତିର ବିଭବରେ ଯଥେଷ୍ଟ ନୁହେଁ । ତଥାପି ସେମାନଙ୍କର ଶ୍ରମ ଓ ସାଧନାର ଫଳଶ୍ରୁତି ସ୍ୱରୂପ ମିଳିଥିବା, ରାଧାନାଥ ଜୀବନୀ, ରାଧାନାଥ ପରିଚିତ, ଯୁଗପ୍ରବର୍ତ୍ତକ ସ୍ରଷ୍ଟା ରାଧାନାଥ, ଡଗରର ରାଧାନାଥ ବିଶେଷାଙ୍କ, କବିଲିପି, ରାଧାନାଥଙ୍କ ଅନନ୍ୟ ପ୍ରତିଭା, ରାଧାନାଥ ସାହିତ୍ୟ ସମୀକ୍ଷା ଓ ଯୁଗଜ୍ୟୋତି ରାଧାନାଥ ଇତ୍ୟାଦି ସମୀକ୍ଷା ଗ୍ରନ୍ଥଗୁଡ଼ିକ ଆମ ପାଇଁ ସ୍ମରଣୀୟ ।

ମୋ ଦୃଷ୍ଟିରେ ପଡ଼ିଥିବା ଏଇ ଆଠଖଣ୍ଡ ଗ୍ରନ୍ଥ ରାଧାନାଥଙ୍କର ପ୍ରତିଭା କଳନା ଲାଗି ଯେ ଏକ ପୂର୍ବତନ ପଦକ୍ଷେପ ଏଥିରେ କୌଣସି ସନ୍ଦେହ ନାହିଁ । ମୋର ଏଇ ଗ୍ରନ୍ଥଟି ସେଥିରେ ଏକ ନୂତନ ସଂଯୋଗ, ଆପଣମାନଙ୍କର ମାନସିକ ପ୍ରୀତି ନିମନ୍ତେ ନିବେଦିତ । ଏହାକୁ ନୂତନ ବୋଲି କହିବା ମୂଳରେ ଏକ ଧାରଣା ନିହିତ ଯେ, ମୋର ଅନୁଶୀଳନ ରାଧାନାଥଙ୍କର ବ୍ୟକ୍ତିତ୍ୱ ଓ ସାରସ୍ୱତ-କୃତିକୁ ଟିକିନିଖି ଚର୍ଚ୍ଚା କରିଛି । କବିଙ୍କ ବ୍ୟକ୍ତିଗତ ଜୀବନର ବିରାଗ-ଅନୁରାଗ ଯେଉଁ ପରିମାଣରେ କବି-ପୁରୁଷକୁ ପ୍ରଭାବିତ କରିଛି କିମ୍ବା କବି-ଶକ୍ତିର ଉନ୍ମେଷ-ଉତ୍ତରଣରେ ଏହା ଯେପରି ସହାୟକ ହୋଇଛି ତାହାର ବିସ୍ତୃତ ମୂଲ୍ୟାୟନ ଏଥିରେ କରାଯାଇଛି ।'' ଏହି ମନୋଗ୍ରାଫ୍‌ରେ ରହିଛି 'ଜନ୍ମ : ଶୈଶବ ଜୀବନ', 'କବି ପ୍ରତିଭା : ଉନ୍ମେଷ ଓ ଉତ୍ତରଣ', 'କବିକଳି', 'କବି ଓ ପ୍ରଶାସକ ରାଧାନାଥ', 'ଅଶ୍ରୁତର୍ପଣ ଓ ପ୍ରତିଭା ଅର୍ଚ୍ଚନା' ଓ 'ରାଧାନାଥଙ୍କ କାବ୍ୟ ଦର୍ଶନ' ଶୀର୍ଷକରେ ଛ'ଟି ଅଧ୍ୟାୟ । ପ୍ରତିଟି ଅଧ୍ୟାୟରେ ଭିନ୍ନ ଭିନ୍ନ ମନୋଜ୍ଞ ଉପଶୀର୍ଷକରେ ତଥ୍ୟନିଷ୍ଠ ତଥା ବିଶ୍ଳେଷଣଧର୍ମୀ ଆଲୋଚନା ବେଶ୍ ଆକର୍ଷଣୀୟ ।

ଏହି ମନୋଗ୍ରାଫ୍‌ର ପ୍ରଥମ ଅଧ୍ୟାୟରେ କବିଙ୍କ ଜନ୍ମ ଓ ବଂଶ ପରିଚୟ, ମାତୃବିୟୋଗ, ଶିକ୍ଷା/ଅଧ୍ୟୟନ ଜଗତ, ସାରସ୍ୱତ ସଙ୍ଗ/ପରିବେଶ ସଂପର୍କରେ ସବିଶେଷ ଉଲ୍ଲେଖ କରାଯାଇଥିବା ବେଳେ ଦ୍ୱିତୀୟ ଅଧ୍ୟାୟରେ କବି ରାଧାନାଥଙ୍କ ସାହିତ୍ୟ ସାଧନାର ପୃଷ୍ଠଭୂମି, କବି ପ୍ରତିଭାର ପ୍ରସ୍ତୁତିକାଳ, ପ୍ରତିଭାର ପ୍ରତିଶ୍ରୁତି, ପ୍ରତିଭାର ପ୍ରକର୍ଷ ଓ ପ୍ରତିକ୍ରିୟା, ପ୍ରତିଭାର ପ୍ରଶାନ୍ତି ଓ ଅବରୋହ ଓ କବିଙ୍କ ଅନ୍ତିମ ଅଭିଳାଷ । ତୃତୀୟ ଅଧ୍ୟାୟରେ କବି ରାଧାନାଥ ତାଙ୍କ ପ୍ରତିଭାର ଉନ୍ମେଷ ଓ ଉତ୍ତରଣ ପର୍ବରେ ସାମ୍ନା କରିଛନ୍ତି ତାଙ୍କୁ ଓ କବିସମ୍ରାଟ ଭଞ୍ଜଙ୍କୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ନବୀନ ଓ ପ୍ରାଚୀନ ଚେତନାର ସଂଘର୍ଷ ।

ଏହି ବାଦବିସମ୍ବାଦ ସଂପର୍କରେ ସବିଶେଷ ଆଲେଖ୍ୟ ପ୍ରକାଶ ପାଇଛି ଏହି ଅଧ୍ୟାୟରେ। ରାଧାନାଥଙ୍କ ଶିକ୍ଷକ ଓ ପ୍ରଶାସକର ଜୀବନ ସଂପର୍କରେ ଅଲୋଚନା ରହିଛି ଚତୁର୍ଥ ଅଧ୍ୟାୟରେ। ପଞ୍ଚମ ଅଧ୍ୟାୟରେ କବିଙ୍କ ମହାପ୍ରୟାଣରେ ସୃଷ୍ଟି ହୋଇଥିବା ଶୋକର ଉଚ୍ଛ୍ୱାସ ସଂପର୍କରେ ଉଲ୍ଲେଖ ରହିଛି। ଶେଷ ଅଧ୍ୟାୟରେ କବି କବିଙ୍କ କାବ୍ୟ-ଦର୍ଶନ ସଂପର୍କରେ ଆଲୋଚନା ବେଳେ ଭବଭୂତିଙ୍କ ପରି ଦୁଃଖବୋଧକୁ ନେଇ ବଞ୍ଚିଥିବା ରାଧାନାଥଙ୍କ କାବ୍ୟ ଦର୍ଶନ ସଂପର୍କରେ 'ମୁଁ ଭବଭୂତିଙ୍କର ଚେଲା, ଜୟଦେବଙ୍କର ନୁହେଁ' ଉପଶୀର୍ଷକରେ ଆଲୋଚନା କରିଛନ୍ତି ଡକ୍ଟର ନାୟକ। 'କବିଚରିତ : ରାଧାନାଥ'ରେ କବିବର ରାଧାନାଥଙ୍କ ଜୀବନ ଓ ସାଧନାର ପୂର୍ଣ୍ଣାଙ୍ଗ ଚିତ୍ରଟି ରହିଛି।

'ନାରୀକବି ଅନ୍ନପୂର୍ଣ୍ଣା : କବି ଚରିତ କାବ୍ୟଚର୍ଚ୍ଚା'(୧୯୮୩)ରେ 'ଜନ୍ମ/କୁଳ ପରିଚୟ', 'ଶିକ୍ଷା/ଶୈଶବ-ମାନସ', 'ପାରିବାରିକ ଜୀବନ/ପ୍ରବାସ ଯାତ୍ରା', 'କବିତ୍ୱର ସାଧନା/ ସାରସ୍ୱତ ପ୍ରେରଣା', 'ସଂପାଦିକାଙ୍କ ସାରସ୍ୱତ ସଂଗ୍ରାମ', 'କବି ଜୀବନର ଦିନାନ୍ତ', 'କବି ମନର ଭୂମିକା', 'ନାରୀକବିଙ୍କ ସମାଜ-ଚେତନା', 'ପ୍ରେମ ଚେତନା', 'ଈଶ୍ୱର ଭାବନା', 'କବିଙ୍କ ମୌଳିକ ଦର୍ଶନ'ରେ କବିଙ୍କ ଜୀବନର ବିଭିନ୍ନ ଦିଗ ରେଖାଙ୍କିତ ହୋଇଛି। କବି ଓ ସଂପାଦିକା ଅନ୍ନପୂର୍ଣ୍ଣାଙ୍କୁ ଲୋକଲୋଚନକୁ ଆଣିବାରେ ଡକ୍ଟର ନାୟକ ଯେଉଁ ଦାୟବଦ୍ଧ ଭୂମିକା ଗ୍ରହଣ କରିଛନ୍ତି, ତାହା ତାଙ୍କ ସାରସ୍ୱତ ସାଧନାର ଅନ୍ୟ ଏକ ଦିଗକୁ ଆଲୋକିତ କରେ। ଏହି ନାରୀକବିଙ୍କ ସଂପର୍କରେ ଡକ୍ଟର ନାୟକ କହନ୍ତି,'' କବି ଅନ୍ନପୂର୍ଣ୍ଣା ଅବସ୍ଥା ପୀଡ଼ିତ ହୋଇଥିବାରୁ ତାଙ୍କ କାବ୍ୟପ୍ରତିଭା ଲୋକଲୋଚନକୁ ଆସି ପାରିଲାନାହିଁ କିମ୍ବା ସେ ବିଦଗ୍ଧ ଆଲୋଚକମାନଙ୍କର ଦୃଷ୍ଟି ଅନ୍ତରାଳେ ରହିଗଲେ। ମାତ୍ର ତାଙ୍କର ସାରସ୍ୱତ ସଂଗ୍ରାମ ଓ ସାଧନାର ସମ୍ପଦ କ'ଣ କାଳବକ୍ଷରେ ଲିଭିଯାଇପାରେ ? ପୃଷ୍ଠପୋଷକତାର କୌଣସି ସୁଯୋଗ ନଥାଇ ନିଜ କଲମର ଶକ୍ତିବଳରେ ବହୁ ପତ୍ରପତ୍ରିକାରେ ଆତ୍ମପ୍ରକାଶ କରିଥିବା ଜଣେ ନାରୀକବି, ସେ କାଳର ସାରସ୍ୱତ ଗତିଧାରାରେ ମୌଳିକ ଚିନ୍ତନର ଯେଉଁ ଆଲେଖ୍ୟ ଆଙ୍କିପାରିଥିଲେ ତାହା ବିସ୍ମୃତ ହେବ କିପରି ? ସେ ଯେ ଅକ୍ଷୟକୀର୍ତ୍ତି ! ନାନାଦି ପ୍ରତିକୂଳ ଅଘଟଣ ସତ୍ତ୍ୱେ କାଳର ପରିଧିରେ କବି ଅନ୍ନପୂର୍ଣ୍ଣା ସାରସ୍ୱତ ଆକର୍ଷଣର ଯେଉଁ ସମ୍ଭାବନା ସୃଷ୍ଟି କରପାରିଥିଲେ, ତାହାର ଅପଚୟ ନାହିଁ। କାଳର ଇତିହାସରେ ଏହା ଚିର ଅମ୍ଳାନ।''

ଡକ୍ଟର କ୍ଷେତ୍ରବାସୀ ନାୟକ ତାଙ୍କର ମନୋଗ୍ରାଫ୍‌ରେ ସାରସ୍ୱତ ସ୍ରଷ୍ଟାଙ୍କ ସାରସ୍ୱତ ସୃଷ୍ଟିରେ ପରିଲକ୍ଷିତ ଦୃଷ୍ଟି-ଦର୍ଶନକୁ ସବିଶେଷ ଅନୁଶୀଳନ କରିଛନ୍ତି। ସେ ବୁଝିଛନ୍ତି ସ୍ରଷ୍ଟା ନିଜର ସାରସ୍ୱତ କର୍ମକୁ ନେଇ ପରିଚିତ ହେବ ଏବଂ ଏହି ସାରସ୍ୱତ କର୍ମରେ ପରିଲକ୍ଷିତ

ବିଶେଷ ଦିଗ ଉନ୍ମୋଚନ ହେବାର ଆବଶ୍ୟକତା ରହିଛି । ସେଥିପାଇଁ ଜଣେ ସମାଲୋଚକ ଓ ସମୀକ୍ଷକର ଦୃଷ୍ଟି ନେଇ ସେ ଚାରିଜଣ କବି/କବୟିତ୍ରୀଙ୍କ ସୃଷ୍ଟିକର୍ମକୁ ବିଚାର କରିଛନ୍ତି । ବିଚାର କରିଛନ୍ତି ସେହି ସୃଷ୍ଟିକର୍ମ ଓଡ଼ିଆ ସାହିତ୍ୟକୁ କିପରି ସମୃଦ୍ଧ କରିଛି ।

ସଂପାଦନା : ବିଭବ ଓ ବୈଭବ

ଡକ୍ଟର କ୍ଷେତ୍ରବାସୀ ନାୟକଙ୍କ ସୀମିତ ଜୀବନକାଳ ଭିତରେ ସେ ସୃଜନକର୍ମ ସହ ସାଂଗଠନିକ ଦକ୍ଷତାର ଯେପରି ପରିଚୟ ଦେଇଛନ୍ତି, ସଂପାଦନା କ୍ଷେତ୍ରରେ ମଧ୍ୟ ସେପରି ଯଶସ୍ୱୀ ହୋଇଛନ୍ତି । ସଂପାଦକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ 'ସଂପାଦକ କ୍ଷେତ୍ରବାସୀ' ଶୀର୍ଷକରେ ସୁଧୀରଚନ୍ଦ୍ର ବେହୁରା କହନ୍ତି, ''ସଂପାଦକ ଆପଣାର ସମକାଳ ଓ ଆଗାମୀ କାଳର ସାହିତ୍ୟ-ସତୀର୍ଥମାନଙ୍କ ପାଇଁ ସାଇତି ଯା'ନ୍ତି ସତ୍-ସାହିତ୍ୟର ମଣିମୁକ୍ତା ସ୍ୱସଂପାଦିତ ଗ୍ରନ୍ଥ ମାଧ୍ୟମରେ । ସୃଷ୍ଟିଶୀଳ, ସମୀକ୍ଷକ, ଶ୍ରଦ୍ଧାଯୁକ୍ତ ଚିହ୍ନରା ଗ୍ରାହକ ହୋଇ ସ୍ୱାର୍ଥତ୍ୟାଗୀ, ସ୍ନେହପ୍ରବଣ, ସାହିତ୍ୟପ୍ରାଣ 'ସାରସ୍ୱତ-ମଧ୍ୟସ୍ଥି'ର କାର୍ଯ୍ୟ ନିର୍ବାହର ସୁଯୋଗ ପ୍ରତି ଯୁଗରେ ଅଳ୍ପ କେତେଜଣଙ୍କ ଭାଗ୍ୟରେ ଜୁଟେ । ମଧ୍ୟସ୍ଥିର ଯେତେ ଅବିଗୁଣ ଥିଲେ ବି ତାହା ଯେ ଲେଖକୀୟ ଓ ପାଠକୀୟ ରୁଚି ସଂଘର୍ଷର ଶାନ୍ତିପୂର୍ଣ୍ଣ ସମାଧାନ କ୍ଷେତ୍ରରେ ଏକାନ୍ତ ଅପରିହାର୍ଯ୍ୟ ଭୂମିକା ଗ୍ରହଣ କରେ, ଏହା ଅସ୍ୱୀକାର କରାଯାଇ ନପାରେ । ପଦେ ପଦେ ଅପଯଶ ଅର୍ଜିବାର ସମ୍ଭାବନାକୁ ସାଦରେ ଗ୍ରହଣ କରି, ତୀକ୍ଷ୍ଣ ଅସିଧାରେ ପାଦ ଚାଲି, ବଡ଼ କଠିନ ସେ ସାହିତ୍ୟ-ପ୍ରୀତି ପାଳିବା ।''

ଛାତ୍ରଜୀବନରୁ ପତ୍ରିକା ସଂପାଦନା ସହ ସଂପୃକ୍ତ ହୋଇଥିଲେ ଡକ୍ଟର ନାୟକ । ସାହିତ୍ୟ ପ୍ରତି ରହିଥିବା ଅନୁରାଗକୁ ଲକ୍ଷ୍ୟ କରିଛନ୍ତି ଶିକ୍ଷକ । 'କଳିକା' ଓ 'ଛାତ୍ର ମଞ୍ଜୁଷା'(୧୯୫୪)ର ସଂପାଦନା କରିଛନ୍ତି ସେ । କ୍ଷେତ୍ରବାସୀଙ୍କ ସାରସ୍ୱତ ଜୀବନର ଏହି ଆଲୋକିତ ଦିଗ ସଂପର୍କରେ ସୂଚନା ମିଳେ ଭଦ୍ରକ ଲେଖକ ସମ୍ମେଳନ ପକ୍ଷରୁ ପ୍ରକାଶିତ ସ୍ମରଣିକାରୁ । ଭଦ୍ରକ ହାଇସ୍କୁଲର ଶିକ୍ଷକ ଏହି ଦୁଇ ପତ୍ରିକା ପାଇଁ ଲେଖା ଚୟନ ଓ ଏହାର ସଂପାଦନା କରୁଥିବା ବେଳେ ଲେଖା ସଂଗ୍ରହ କରିବା ଓ ଲେଖାକୁ ଗୋଲ ଗୋଲ ଅକ୍ଷରେ ଉତାରିବା କାମ ଥିଲା ଛାତ୍ର କ୍ଷେତ୍ରବାସୀଙ୍କ ଉପରେ । ଏହିଠାରୁ ଆରମ୍ଭ ହୋଇଥିବା ପତ୍ରିକା ସଂପାଦନାର କର୍ମ । ପରେ ଉତ୍କଳ ଛାତ୍ର ୟୁନିୟନ୍‌ର ମୁଖପତ୍ର 'ରଶ୍ମି'(୧୯୬୦)ତ୍ରୈମାସିକ ପତ୍ରିକା 'ଶତରୂପା'(୧୯୬୪), ସାହିତ୍ୟ ପତ୍ରିକା 'କୈବଲ୍ୟ'(୧୯୮୧-୮୩) ମଧ୍ୟ ଦେଇ ଓଡ଼ିଆ ଗବେଷଣା ପରିଷଦର ଷାଣ୍ମାସିକ ମୁଖପତ୍ର 'ଏଷଣା'ରେ ଅଧିକ ପରିବ୍ୟାପ୍ତ ହୋଇଛି ।

ଡକ୍ଟର ନାୟକ ଛାତ୍ର ଜୀବନରେ ସଂପାଦନା କରୁଥିବା ଦୁଇ ହାତଲେଖା ପତ୍ରିକା 'କଳିକା' ଓ 'ଛାତ୍ରମଞ୍ଜୁସା' ଦୁଷ୍ପ୍ରାପ୍ୟ ହୋଇଯାଇଥିଲେ ହେଁ ପତ୍ରିକା ସଂପାଦନାର ପ୍ରଥମ ଅଭିଜ୍ଞତା ମିଳିଥିଲା ଏହି ଦୁଇପତ୍ରିକାରୁ। ଯୁବମାନସ ଓ ଚିନ୍ତାଚେତନାର ପ୍ରକାଶ ମଧ୍ୟମ 'ରଶ୍ମି'ରେ ଅନେକ ନୂଆ ଲେଖକଙ୍କ ଲେଖା ସ୍ଥାନିତ ହୋଇଥିଲା। ଛାତ୍ର-ରାଜନୀତିର ପୃଷ୍ଠପୋଷକତା କରୁଥିବା ଉତ୍କଳ ଛାତ୍ର ୟୁନିୟନ ପକ୍ଷରୁ ପ୍ରକାଶିତ ଏହି ମୁଖପତ୍ର ପ୍ରଥମେ ଭଦ୍ରକ ଓ ପରେ କଟକରୁ ପ୍ରକାଶ ପାଇଥଲା। କ୍ଷେତ୍ରବାସୀଙ୍କ ସାହିତ୍ୟ-ଦୃଷ୍ଟିକୋଣକୁ ଅଧିକ ତୀକ୍ଷ୍ଣ କରିବାରେ ଏହି ପତ୍ରିକାର ଭୂମିକା ମଧ୍ୟ ଉଲ୍ଲେଖଯୋଗ୍ୟ।

୧୯୬୪ ମସିହାରେ ନିଜର ସମଧର୍ମା ବନ୍ଧୁଙ୍କ ପ୍ରୟାସରେ ଆରମ୍ଭ ହେଲା ତ୍ରୈମାସିକ ପତ୍ରିକା 'ଶତରୂପା'। ଏଥିରେ ଅଧାପକ ନବକିଶୋର ମହାନ୍ତି 'ପ୍ରବନ୍ଧ-ସମାଲୋଚନା' ବିଭାଗ', ଅଧପକ ରାମଚନ୍ଦ୍ର ରାଉତ 'କାବ୍ୟ-କବିତା ବିଭାଗ' ସଂପାଦନା କରୁଥିବା ବେଳେ 'ଗଳ୍ପ-ଏକାଙ୍କିକା' ସଂପାଦନା ପଡ଼ିଥିଲା ଡକ୍ଟର ନାୟକଙ୍କ ଉପରେ। ଡକ୍ଟର କୃଷ୍ଣଚନ୍ଦ୍ର ବେହେରାଙ୍କ ଗଳ୍ପ 'ଦେବୀ'କୁ ସେ 'ଶତରୂପାରେ ପ୍ରକାଶ କରିଥିଲେ, ଯାହା ଅନ୍ୟ କୌଣସି ସଂପାଦକ ପାଇଁ ଏତେ ସହଜସାଧ କଥା ନଥିଲା। ସେ ସମୟର ସାହିତ୍ୟର ପାଣିପାଗକୁ ଅଧିକ ଉଷ୍ମ କରି ଗଢ଼ିତୋଳିଥିଲା 'ଦେବୀ'। ସଂପାଦକର ଦୃଢ଼ମନୋବଳ ଥିଲା ତାଙ୍କର ଏବଂ ଯେକୌଣସି ପରିସ୍ଥିତିକୁ ସାମ୍ନା କରିବାର ସାହସ ଥିଲା। ଏହି ସାହିତ୍ୟ ପତ୍ରିକାର ମାତ୍ର ଚାରୋଟି ସଂଖ୍ୟା ପ୍ରକାଶ ପାଇଥିଲା। ମାତ୍ର ସାହିତ୍ୟ ପତ୍ରିକା ଇତିହାସରେ ଏହି ପତ୍ରିକା ସ୍ମରଣଯୋଗ୍ୟ।

ଓଡ଼ିଆ ଗବେଷଣା ପରିଷଦର ମୁଖପତ୍ର 'ଏଷଣା'(୧୯୮୦)ର ସଂପାଦକ ଭାବେ ଡକ୍ଟର ନାୟକ ନିଆରା ପରିଚୟ ସୃଷ୍ଟି କରିଛନ୍ତି। 'ଏଷଣା' ପରି ଏକ ଗବେଷଣାଧର୍ମୀ ପତ୍ରିକାରେ ଓଡ଼ିଆ ସାହିତ୍ୟର ଗୌରବମୟ ଐତିହ୍ୟକୁ ପ୍ରତିପାଦିତ କରାଯାଇଛି ଏବଂ ସାହିତ୍ୟର ଅଧୁନାତମ ପରୀକ୍ଷାନିରୀକ୍ଷାକୁ ମଧ୍ୟ ପ୍ରକାଶ କରିଛି। ୧୯୮୦ରୁ ୧୯୮୫ ମଧ୍ୟରେ ପ୍ରକାଶିତ 'ଏଷଣା'ର ୧୧ଟି ସଂଖ୍ୟା ମଧ୍ୟରୁ ପ୍ରଥମ ୧୦ଟି ସଂଖ୍ୟା ତାଙ୍କ ଏକନିଷ୍ଠ ଉଦ୍ୟମରେ ବେଶ୍ ପ୍ରଭାବଶାଳୀ ହୋଇପାରିଥିଲା। ଏହି ସମସ୍ତ ସଂଖ୍ୟାରେ ଆବେଗ, ତଥ୍ୟ ଓ ଚିନ୍ତାଦ୍ୟୋତକ ସଂପାଦକୀୟ ରଚନା କରିଛନ୍ତି ସେ।

ଓଡ଼ିଆ ଗବେଷଣା ପରିଷଦର ଏହି ମୁଖପତ୍ରର ପ୍ରଥମ ସଂଖ୍ୟାରୁ ଏହାର ଦୃଷ୍ଟିକୋଣ ହିଁ ସ୍ପଷ୍ଟ ହୋଇଯାଇଥଲା। ଓଡ଼ିଆ ଗବେଷଣା ପରିଷଦର ଆଭିମୁଖ୍ୟ ସଂପର୍କରେ ଏହି ପତ୍ରିକାର ପଛ ମଲାଟରେ ଉଲ୍ଲେଖ ରହିଛି- (୧) ଭାଷା-ସାହିତ୍ୟର ଗବେଷଣା ନିମନ୍ତେ

ଦେଶରେ ଅନୁକୂଳ ବାତାବାରଣ ସୃଷ୍ଟି, (୨) ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରକାଶଯୋଗ୍ୟ ନୂତନ ଓ ପୁରାତନ ଗ୍ରନ୍ଥ ସଂଗ୍ରହ ଓ ମୁଦ୍ରଣ, (୩) ସାରସ୍ୱତ ସାଧକମାନଙ୍କର ଚରିତ ଗ୍ରନ୍ଥ ପ୍ରଣୟନ ଓ (୪) ପ୍ରାଚୀନ ଓ ସମକାଳୀନ ସାହିତ୍ୟର ମୂଲ୍ୟାୟନ ଇତ୍ୟାଦି। 'ଓଡ଼ିଆ ଗବେଷଣା ପରିଷଦ' ଏ ସମସ୍ତ ଆଭିମୁଖ୍ୟ କାର୍ଯ୍ୟ କରିବାର ମାଧ୍ୟମ ହିଁ ଥିଲା 'ଏଷଣା'। 'ଏଷଣା'ର ସଂପାଦକ ଡକ୍ଟର କ୍ଷେତ୍ରବାସୀ ନାୟକ ଥିବାବେଳେ ସଂପାଦକ-ମଣ୍ଡଳୀରେ ଥିଲେ ଡକ୍ଟର କୃଷ୍ଣଚରଣ ବେହେରା, ଡକ୍ଟର ନରେନ୍ଦ୍ର ନାଥ ମିଶ୍ର ଓ ଡକ୍ଟର ହେମନ୍ତ କୁମାର ଦାସ। ଓଡ଼ିଆ ଗବେଷଣା ପରିଷଦର କାର୍ଯ୍ୟକାରୀ ସମିତିର ସଭାପତି ଡକ୍ଟର କୃଷ୍ଣଚରଣ ବେହେରା, ଉପ-ସଭାପତି ଶ୍ରୀ ଚିତ୍ତରଂଜନ ଦାସ, ସଂପାଦକ ଡକ୍ଟର କ୍ଷେତ୍ରବାସୀ ନାୟକ, ସହଯୋଗୀ ସଂପାଦକ ଡକ୍ଟର ମନୀନ୍ଦ୍ର ମହାନ୍ତି ଓ କୋଷାଧ୍ୟକ୍ଷା ଅଧ୍ୟାପିକା ଶ୍ରୀମତୀ ଶରତକୁମାରୀ ମିଶ୍ର ଥିଲା ବେଳେ ସଭ୍ୟମାନେ ଥିଲେ ଡକ୍ଟର ଗଗନେନ୍ଦ୍ର ନାଥ ଦାଶ, ଅଧ୍ୟାପିକା ଶ୍ରୀମତୀ ଲାବଣ୍ୟ ନାୟକ, ଡକ୍ଟର ପୂର୍ଣ୍ଣାନନ୍ଦ ଦାନୀ ଓ ଅଧ୍ୟାପକ ଶ୍ରୀ କୁଳମଣି ରାଉତ।

ଡକ୍ଟର ନାୟକଙ୍କ ସଂପାଦନାରେ ପ୍ରସ୍ତୁତ ପ୍ରଥମ ସଂଖ୍ୟାରେ ସ୍ଥାନ ପାଇଥିଲା ଡକ୍ଟର ଗଗନେନ୍ଦ୍ର ନାଥ ଦାଶଙ୍କ 'ଓଡ଼ିଆ ଭାଷା ଚର୍ଚ୍ଚାର ପରମ୍ପରା', 'ଡକ୍ଟର ମନୀନ୍ଦ୍ର ମହାନ୍ତିଙ୍କ ସଂପାଦିତ 'ଶ୍ରୀରୋଢ଼ା ବା 'ରକ୍ମଣୀ ବିବାହ ଲେଖନ', ଗ୍ରନ୍ଥ ସମୀକ୍ଷାରେ ଚିତ୍ତରଂଜନ ଦାସଙ୍କ 'ଶ୍ରୀଚୈତନ୍ୟ ଚର୍ଚ୍ଚା' ଓ ଲାବଣ୍ୟ ନାୟକଙ୍କ 'କବି-କାହାଣୀ'। ସାଂସ୍କୃତିକୀ: ମତ ଓ ମନ୍ତବ୍ୟରେ ସାହିତ୍ୟ ସ୍ରଷ୍ଟାଙ୍କ ସ୍ୱାଧୀନତା ବିଶ୍ୱବିଦ୍ୟାଳୟର ଭାବମୂର୍ତ୍ତି ସ୍ଥାନ ପାଇଛି। ଏହା ସାଂପାଦୀକୟ ଲେଖିଛନ୍ତି ଡକ୍ଟର ନାୟକ। କେବଳ ପ୍ରଥମ ସଂଖ୍ୟା ନୁହେଁ ତାଙ୍କ ସଂପାଦନାରେ ପ୍ରସ୍ତୁତ ଦଶଟି 'ଏଷଣା'ର ସଂପାଦକୀୟ ଲେଖିଛନ୍ତି ସେ। ଏହି ସଂପାଦକୀୟ 'କ୍ଷେତ୍ରବାସୀ ନାୟକ ସର୍ଜନାସମ୍ଭାର'ରେ 'ସାହିତ୍ୟବିଦ୍ୟା-ବିମର୍ଶ'ରେ ସ୍ଥାନିତ ହୋଇଛି। 'ସାହିତ୍ୟବିଦ୍ୟା ବିମର୍ଶ'ରେ ସ୍ଥାନିତ ହୋଇଛି, 'ସାହିତ୍ୟ ଓ ସାହିତ୍ୟବିଦ୍ୟା', 'ସାହିତ୍ୟ ବ୍ରତ ଓ ସାହିତ୍ୟ ବୃତ୍ତି', 'ସାହିତ୍ୟର ଇତିହାସ', 'ସାହିତ୍ୟ ଗବେଷକର ସମସ୍ୟା', 'ସାହିତ୍ୟ ସେବା-ଯଜ୍ଞର ଯାଜ୍ଞିକ', 'ସାହିତ୍ୟ ବିଦ୍ୟାର ଶବ୍ଦଜଗତ','ଶୈଳୀତାତ୍ତ୍ୱିକ ସାହିତ୍ୟ ସମୀକ୍ଷା', 'ସାହିତ୍ୟ ବିଦ୍ୟାର ଶବ୍ଦଜଗତ', 'ଶୈଳୀ ତାତ୍ତ୍ୱିକ ସାହିତ୍ୟ ସମୀକ୍ଷା','ସାହିତ୍ୟ ଓ ଅବବୋଧ', 'ସାହିତ୍ୟ-ଗବେଷଣା', 'ସାହିତ୍ୟ ଗବେଷଣା ଓ ନନ୍ଦନତତ୍ତ୍ୱ', 'ସାହିତ୍ୟ ଭାଷ୍ୟ', 'ଜାତୀୟ ସଂହତି ପାଇଁ ଭାଷା', 'ଓଡ଼ିଆ ସାହିତ୍ୟ ଓ ସଂଗଠନ' ଏବଂ 'ମାଟିର ସାହିତ୍ୟ ଓ ଜାତିର ଦର୍ଶନ'। ଆଧୁନିକ ସାହିତ୍ୟର

ସର୍ବାଧୁନିକ ବିଭିନ୍ନ ଦିଗ ସମ୍ପର୍କରେ ବେଶ୍ ସଚେତନ ଭାବେ ସେ ନିଜର ବିଚାର ବ୍ୟକ୍ତ କରିଛନ୍ତି। ଏ ବିଚାର ଯେପରି ମନନଶୀଳ, ସେହିପରି ମର୍ମସ୍ପର୍ଶୀ।

'ଏଷଣା' ବ୍ୟତୀତ ସୁଦର୍ଶନ ସାହୁଙ୍କ ସଂପାଦନାରେ ପ୍ରକାଶ ପାଉଥିବା ତ୍ରୈମାସିକ ସାହିତ୍ୟ ପତ୍ରିକା 'କୈବଲ୍ୟ'(୧୯୮୧-୮୩)ରେ ପୁରାତନୀ ବିଭାଗ ସଂପାଦନା କରୁଥିଲେ ଡକ୍ଟର ନାୟକ। ଆଧାତ୍ମିକତା ପ୍ରତି ଆକର୍ଷିତ ହୋଇଥିବା କ୍ଷେତ୍ରବାସୀଙ୍କ ବହୁ ଆଧାତ୍ମବାଦୀ ଉପାଦେୟ ପ୍ରବନ୍ଧ ଏହି ବିଭାଗରେ ପ୍ରକାଶ କରିଥିଲେ। ଡକ୍ଟର ନାୟକ ଯେତେବେଳେ ଯେଉଁ ପତ୍ରିକା ସଂପାଦନା ସହ ସଂପୃକ୍ତ ହୋଇଛନ୍ତି, ସେତେବେଳେ ସେ ନୂଆ ଦୃଷ୍ଟିକୋଣର ପରିଚୟ ପ୍ରଦାନ କରିଛନ୍ତି। 'କୈବଲ୍ୟ' ପତ୍ରିକା ସହ କ୍ଷେତ୍ରବାସୀଙ୍କ ସଂପର୍କ ବିଷୟରେ ଏହି ପତ୍ରିକା ପ୍ରକାଶ କରୁଥିବା ସୁଦର୍ଶନ ସାହୁ 'ଭ୍ରାତୃପ୍ରତିମ କ୍ଷେତ୍ରବାସୀ' ଲେଖାରେ ଉଲ୍ଲେଖ କରିଛନ୍ତି, ''ତାଙ୍କ ଉତ୍ସାହପୂର୍ଣ୍ଣ ପ୍ରେରଣା ଓ ଅକୁଣ୍ଠ ସାହାଯ୍ୟ ପାଇ 'କୈବଲ୍ୟ' ପ୍ରଥମ ସଂଖ୍ୟା ୧୯୮୧ ମସିହା ଫେବ୍ରୁଆରୀ ୯ ତାରିଖରେ ପ୍ରକାଶ ପାଇଲା। ସେ କେବଳ 'କୈବଲ୍ୟ'ର ପ୍ରେରଣାଦାତା ନଥିଲେ, ଏହାର ପ୍ରବନ୍ଧ ବିଭାଗର ସଂପାଦନା ଦାୟିତ୍ୱ ମଧ୍ୟ ବହନ କରିଥିଲେ। 'କୈବଲ୍ୟ' କିପରି ସର୍ବାଙ୍ଗ ସୁନ୍ଦର ହୋଇ ପାଠକ ସମାଜରେ ଆଦୃତ ହେବ, ତା'ର ଯତ୍ନ ସେ ସବୁବେଳେ ନେଉଥିଲେ। କେତେବେଳେ କେମିତି ନାନା ପ୍ରତିବନ୍ଧକର ସମ୍ମୁଖୀନ ହୋଇ କ୍ଷୁଣ୍ଣ ମନରେ ଧାଇଁ ଯାଉଥିଲି ତାଙ୍କ ନିକଟକୁ। ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ ଦ୍ୱାରା ବିଭିନ୍ନ ପରାମର୍ଶ ଦେଇ ଅସୁବିଧାର ସମ୍ମୁଖୀନ ହେବା ପାଇଁ ଉପାୟମାନ ବତାଇ ଦେଉଥିଲେ।''

ଓଡ଼ିଆ ଗବେଷଣା ପରିଷଦ ଗ୍ରନ୍ଥମାଳାର ସଂପାଦକ ଭାବେ କାର୍ଯ୍ୟ କରୁଥିବା ଡକ୍ଟର ନାୟକ, ଡକ୍ଟର କୃଷ୍ଣ ଚରଣ ବେହେରା ଓ ଚିତ୍ତରଂଜନ ଦାସଙ୍କ ସହ ମିଳିତ ଭାବେ 'କବି ବଳରାମ ଦାସଙ୍କ ବିରଚିତ ଶ୍ରୀ ରୋଢ଼ା ବା ରକ୍ମଣୀ ବିବାହ ଲେଖନ(୧୯୮୧), 'ସର୍ଜନାତ୍ମକ ସାହିତ୍ୟ-ସମୀକ୍ଷା'(୧୯୮୨), 'ଆଧୁନିକ ଅବବୋଧ'(୧୯୮୩), 'ଓଡ଼ିଆ ଭାଷାଚର୍ଚ୍ଚାର ପରମ୍ପରା'(୧୯୮୩) ଓ 'ତୁଳନାତ୍ମକ ସାହିତ୍ୟ'(୧୯୮୪) ଗ୍ରନ୍ଥ ସଂପାଦନା କରିଥିଲେ।

ଏକକ ସଂପାଦନାରେ ସେ 'ରାଧାନାଥ ଗ୍ରନ୍ଥାବଳୀ'(୧୯୭୫), 'ନାରୀକବି ଅନ୍ନପୂର୍ଣ୍ଣା ରଚନାଶ୍ରୀ'(୧୯୭୮),'ଶ୍ରୀଜଗନ୍ନାଥ ପଦ୍ୟାବଳୀ'(୧୯୭୭-୮୦), 'ଫକୀରମୋହନ କଥା ସାହିତ୍ୟ'(୧୯୮୦), 'ଶଶିଭୂଷଣ ରଚନାବଳୀ'(୨୦୦୮) ପରି ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ ପ୍ରସ୍ତୁତ କରିଛନ୍ତି। 'ରାଧାନାଥ ଗ୍ରନ୍ଥାବଳୀ' ସଂପାଦନାରେ ତାଙ୍କର

ସିଦ୍ଧି ସ୍ୱୀକାର୍ଯ୍ୟ। ନାରୀକବି ଅନ୍ନପୂର୍ଣ୍ଣାଙ୍କୁ ଓଡ଼ିଆ ସାହିତ୍ୟରେ ଯଥାର୍ଥ ଆସନ ଦେବା ପାଇଁ ସେ ପ୍ରଯତ୍ନ କରିଛନ୍ତି। ସେଥିପାଇଁ ସେ ପ୍ରକାଶ କରିନ୍ତି ତାଙ୍କର ଗ୍ରନ୍ଥ। ଜଗନ୍ନାଥପ୍ରାଣ ଡକ୍ଟର ନାୟକ 'ଶ୍ରୀଜଗନ୍ନାଥ ପଦ୍ୟାବଳୀ'ରେ ଜଗନ୍ନାଥଙ୍କୁ ନେଇ ଲେଖାଯାଇଥିବା ପଦ୍ୟାବଳୀକୁ ସଂଗ୍ରହ ଓ ସୁସଂଯୋଜନା କରିଛନ୍ତି।

ଏହି ସଂକଳନ ସଂପର୍କରେ ସେ କହନ୍ତି, ''ପ୍ରସ୍ତୁତ ସଂକଳନଟିରେ ଶ୍ରୀଜଗନ୍ନାଥଙ୍କ ପ୍ରତିନିବେଦିତ ଜଣାଣ ସମଗ୍ର ସଂଗୃହୀତ ହୋଇଛି। କାଳକ୍ରମେ କବିଗଣ ଜଗନ୍ନାଥଙ୍କୁ କିପରି ଗୁହାରି କରିଛନ୍ତି ତାହାର ନିଦର୍ଶନ ଏଥିରେ ନିହିତ। ସଂକଳିତ ଜଣାଣ ପଦ୍ୟାବଳୀରେ କବିମାନଙ୍କର ବ୍ୟକ୍ତିଗତ ଜୀବନର ଦୈନ୍ୟବୋଧ ଏବଂ ଅନତିକ୍ରମ୍ୟ ଅସହାୟତାର ଆତୁର ଉଚ୍ଚାରଣ ଅତ୍ୟନ୍ତ ସ୍ପଷ୍ଟ। କବିଙ୍କ ଜୀବନର ଚରିତର ଭଗ୍ନାଂଶ ମଧ୍ୟ ଏଇ ପଦ୍ୟାବଳୀର ଅନୁଶୀଳନରୁ ଉପଲବ୍ଧ ହୋଇଥାଏ।''

ଡକ୍ଟର କ୍ଷେତ୍ରବାସୀ ନାୟକ ଏହି ଗ୍ରନ୍ଥରେ ରହିଥିବା ସୌନ୍ଦର୍ଯ୍ୟବୋଧ ଦ୍ୱାରା ବେଶ୍ ପ୍ରଭାବିତ ଏ ଗ୍ରନ୍ଥର ସଂପାଦନା କାର୍ଯ୍ୟ ସଂପାଦନ କରିଛନ୍ତି। ଏହି ସଂପାଦନା କାର୍ଯ୍ୟ ହିଁ ତାଙ୍କ ସାରସ୍ୱତ ଜୀବନର ମହାନ୍ କର୍ତ୍ତବ୍ୟ।

❑❑❑

ଚତୁର୍ଥ ଅଧ୍ୟାୟ

ଜଗନ୍ନାଥ-ସମର୍ପିତ ଜୀବନ

ଡକ୍ଟର କ୍ଷେତ୍ରବାସୀ ନାୟକଙ୍କ ଜୀବନ ଥିଲା ଜଗନ୍ନାଥ-ସମର୍ପିତ ଜୀବନ। ପିଲାଟି ଦିନରୁ, ସେ କିଛି ବୁଝିବା ପୂର୍ବରୁ ପରିବାର ତାଙ୍କୁ ଜଗନ୍ନାଥଙ୍କୁ ଅର୍ପଣ କରିଦେଇଥିଲେ। ସେଥିପାଇଁ ନାମ ରଖିଲେ କ୍ଷେତ୍ରବାସୀ। ଏମିତି ସମୟ ଆସିଲା ଶ୍ରୀଜଗନ୍ନାଥ କ୍ଷେତ୍ରବାସୀଙ୍କର ହୋଇଯାଇଥିଲେ ସବୁକିଛି। ନିଷ୍ଠାର ସହ ଶ୍ରୀଜଗନ୍ନାଥଙ୍କ ଉପାସନା କରିବା, ଘରେ ଚତୁର୍ଦ୍ଧାମୂର୍ତ୍ତି ସ୍ଥାପନ କରିବା, ତାଙ୍କ ସହ ନିରାସକ୍ତ ଭାବେ ଯୋଡ଼ିହୋଇଥିବା ତାଙ୍କ ଜୀବନରେ ହୋଇଯାଇଥିଲା ସ୍ୱାଭାବିକ ପ୍ରକ୍ରିୟା। ସେଥିପାଇଁ ତ ସେ 'ଶ୍ରୀଜଗନ୍ନାଥ ପଦ୍ୟାବଳୀ' ଗ୍ରନ୍ଥ ସଂପାଦନା ନିଜ ଜୀବନର ପରମ ବ୍ରତ ଭାବେ ଗ୍ରହଣ କରିନେଇଥିଲେ। ଏକାଧିକ ସାରସ୍ୱତ କୃତିକୁ ସେ ଅର୍ପଣ କରିଛନ୍ତି ନିଜର ଆରାଧ୍ୟ ଦେବତାଙ୍କୁ। କେବଳ ଶ୍ରୀଜଗନ୍ନାଥ ନୁହଁନ୍ତି, ଶ୍ରୀଦୁର୍ଗାଙ୍କର ମଧ୍ୟ ଉପାସକ ଥିଲେ ସେ। ଲେଖାଟିଏ ଆରମ୍ଭ କଲା ବେଳେ ବାମପଟେ ଉପରକୁ ଛୋଟ ଛୋଟ ଅକ୍ଷରରେ ଲେଖୁଥିଲେ 'ଜୟ ଜଗନ୍ନାଥ, ଜୟ ମା ଦୁର୍ଗା'। ଏ ସଂପର୍କରେ 'କ୍ଷେତ୍ରବାସୀ ଇତିହାସ' ଶୀର୍ଷକ ଆଲେଖ୍ୟରେ ଅସିତ ମହାନ୍ତି ଓ ପ୍ରଦୀପ୍ତ ଶ୍ରୀଚନ୍ଦନ ଲେଖିଛନ୍ତି, ''କ୍ଷେତ୍ରବାସୀ ପ୍ରଥମେ ଥିଲେ ଶାକ୍ତ। ଦେବୀ ଭକ୍ତ। ସେ ପ୍ରଥମେ ଘରେ ଦୁର୍ଗା ବିଗ୍ରହ ପ୍ରତିଷ୍ଠା କରିବାକୁ ଚାହିଁଥିଲେ। କିନ୍ତୁ ଲାବଣ୍ୟ ଦେବୀ ତାଙ୍କୁ ସେଥିପାଇଁ ନିଷେଧ କରିଥିଲେ। କାରଣ ଉଭୟେ ଥିଲେ ସରକାରୀ ଚାକିରିଆ ଏବଂ ଚାକିରି ଓ ପିଲାଛୁଆଙ୍କ ଜଞ୍ଜାଳ ଓ ସାହିତ୍ୟିକ କାର୍ଯ୍ୟ ଭିତରେ ନିଷ୍ଠାପର ଭାବେ ଭଗବତୀ ଆରାଧନା କରିବା ହୁଏତ ସମ୍ଭବପର ନ ହୋଇପାରେ। ବିଧିବଦ୍ଧ ଭାବେ ଘରେ ଜଗନ୍ନାଥ ବିଗ୍ରହ ପ୍ରତିଷ୍ଠା କରିବାକୁ ସେମାନେ ମଧ୍ୟ ବିଶେଷ ଆଗ୍ରହୀ ନଥିଲେ। ତେବେ ଇଚ୍ଛାମୟଙ୍କ ଇଚ୍ଛା ତ ଆନ ହେବାର ନୁହେଁ। ତେଣୁ ପରିଶେଷରେ ଅଧିଷ୍ଠାତା ଦେବତା ରୂପେ ଘରେ ପ୍ରତିଷ୍ଠା ପାଇଲେ ଜଗନ୍ନାଥ। ଏଣିକି କ୍ଷେତ୍ରବାସୀ ଯଥାର୍ଥରେ ହେଲେ କ୍ଷେତ୍ରବାସୀ।''

ଭକ୍ତର କ୍ଷେତ୍ରବାସୀ ନାୟକଙ୍କ ଜୀବନରେ ଅନେକ ଅଲୌକିକ ଘଟଣା ଘଟିଛି, ଯାହାର ନାୟକ ହୋଇଛନ୍ତି ଶ୍ରୀଜଗନ୍ନାଥ। ତାଙ୍କ ଘରକୁ ଶ୍ରୀଜଗନ୍ନାଥଙ୍କ ଆଗମନ ସମୟରେ ନିଜର ପ୍ରିୟ କ୍ଷେତ୍ରବାସୀ, ତାଙ୍କ ପତ୍ନୀ ଲାବଣ୍ୟ ଓ ପାଖରେ ରହୁଥିବା ଲାବଣ୍ୟଙ୍କ ମା' ଠାକୁର ଆସି ପହଞ୍ଚିଯାଇଥିବା କଥା ସ୍ୱପ୍ନରେ ଦେଖିବା ଯେପରି ରୋମାଞ୍ଚକର, ତାଙ୍କ ଘରେ ବଡ଼ଠାକୁରଙ୍କ ଲୀଳା ମଧ୍ୟ ସେପରି ଆହ୍ଲାଦଦାୟକ। ୧୯୭୩ ମସିହାରେ ଭକ୍ତଙ୍କ ଘରକୁ ଭଗବାନ ଆସିବା ପରେ ସବୁ ଯେପରି ହୋଇଯାଇଥିଲା ଜଗନ୍ନାଥମୟ। ଜୀବନର ଶେଷ ଅବସ୍ଥାରେ ଯେତେବେଳେ ପୂଜା ବା ଦର୍ଶନ ପାଇଁ କ୍ଷେତ୍ରବାସୀ ଉପର ମହଲାକୁ ଯାଇପାରୁ ନଥିଲେ ସେତେବେଳେ ଚଉପାଶ ତୁଳସୀର ବାସ୍ନାରେ ଚହଟି ଯାଏ। ବିଭୁସତ୍ତା ଉପଲବ୍ଧି କରିହୁଏ।

ଶ୍ରୀଜଗନ୍ନାଥଙ୍କ ପ୍ରତି ସମର୍ପିତ ଥିଲା କ୍ଷେତ୍ରବାସୀଙ୍କ ଜୀବନ। 'କବି ନୀଳକଣ୍ଠ' ପୁସ୍ତକକୁ ଉତ୍ସର୍ଗ କରିଛନ୍ତି ମା' ଦୁର୍ଗାଙ୍କୁ। ଉତ୍ସର୍ଗପତ୍ରରେ ଲେଖିଛନ୍ତି, ''ଜଗନ୍ମାତା ଶକ୍ତିରୂପିଣୀ ଯକ୍ଷରୂପିଣୀ ପ୍ରଜ୍ଞାଦେବୀ ଶ୍ରୀ ଶ୍ରୀ ଶ୍ରୀ ଦୁର୍ଗାଙ୍କର ପାଦପଦ୍ମରେ ଭକ୍ତିପୂତ ନିବେଦନ ସ୍ୱରୂପ ଏହି ଗ୍ରଂଥ ସମର୍ପିତ ହେଲା। - କ୍ଷେତ୍ରବାସୀ।'' ତେବେ ତାଙ୍କ ଅନେକ କୃତିକୁ ସେ ଶ୍ରୀଜଗନ୍ନାଥଙ୍କୁ ଉତ୍ସର୍ଗ କରିଛନ୍ତି। ଏଥିରୁ ଶ୍ରୀଜଗନ୍ନାଥଙ୍କ ପ୍ରତି ତାଙ୍କ ଉତ୍ସର୍ଗ ଜୀବନ ହିଁ ରେଖାଙ୍କିତ ହୋଇଥାଏ। ଜୀବନରେ ସଦାସର୍ବଦା ସର୍ବୋପରି ପ୍ରତିଟି ସାରସ୍ୱତ କର୍ମରେ ସେ ସ୍ମରଣ କରିଛନ୍ତି ଶ୍ରୀଜଗନ୍ନାଥଙ୍କୁ। ଶେଷରେ ଏହି ସାରସ୍ୱତ କର୍ମକୁ ମଧ୍ୟ ଓଡ଼ିଆ ଜାତିର ମହାନାୟକ ଓ ଅସ୍ମିତାର ପ୍ରତୀକ ସେହି ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନିବେଦିତ କରିଛନ୍ତି।

'କବି ଚରିତ : ରାଧାନାଥରେ' ଉତ୍ସର୍ଗପତ୍ରରେ ସେ ଲେଖିଛନ୍ତି-

ମୋ ଜାତିର ଇଷ୍ଟଦେବ ପ୍ରଭୁ ଜଗନ୍ନାଥ !
ତୁମରି କୃପାରେ ଶକ୍ତି ଚରଣେ ଆଶ୍ରିତ-
ଆମେ ଯେ ପତିତ ଜନ, ତବ କରୁଣା ପିପାସୀ
ଚାତକ ପରାଏ ଲୋଡ଼ୁ ତୁମ, ଶକ୍ତିର ଝଲକ।
ତୁମରି ଶକ୍ତିର ଫୁଲ ଫଳ ଧରେ ଏଠି
ମଣିଷର ଶକ୍ତ କାହିଁ ସାଇତିବ ଅକ୍ଷର କୀରତି ?
ଯେତିକି ଦେଇଛ ପ୍ରଭୁ ! ମୂର୍ଖ ହାତରେ ଲେଖିବା ଶକତି
ତାହାରି ଅମୃତ ଫଳ ତୁମ ତୁଲେ ଆଜି ସମର୍ପୁଛି।

ପ୍ରଣତ
କ୍ଷେତ୍ରବାସୀ
ଦଶହରା, ୧୯୭୫

'ସାହିତ୍ୟ ଚର୍ଚ୍ଚା'ର ଉତ୍ସର୍ଗ ଲିପିରେ ଡକ୍ଟର ନାୟକ ଲେଖିଛନ୍ତି-

ଅନ୍ତ କରୁଣାର ଉତ୍ସ

ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣେ ନିବେଦିତ

ପ୍ରଣତ

କ୍ଷେତ୍ରବାସୀ

୧୯.୮.୮୧

'କବି ଅର୍ଜୁନ ଦାସ' ପୁସ୍ତକକୁ ସେ କାଳିଆଠାକୁରଙ୍କ ଶ୍ରୀଚରଣେ ସମର୍ପଣ କରି ଡକ୍ଟର କ୍ଷେତ୍ରବାସୀ ନାୟକ ଉତ୍ସର୍ଗରେ ଲେଖିଛନ୍ତି-

''ଆମ କଳା-କୃଷ୍ଟିର ନିତ୍ୟଉତ୍ସ ଲୀଳାମୟ ପ୍ରଭୁ ! କାଳିଆଠାକୁରଙ୍କ ଶ୍ରୀଚରଣରେ ସମର୍ପିତ.....

ପ୍ରଣିତ

କ୍ଷେତ୍ରବାସୀ''

ଉଭୟ ସାହିତ୍ୟ ସାଧନା ଓ ଶ୍ରୀଜଗନ୍ନାଥ ସେବାକୁ ନିଜ ଜୀବନର କର୍ତ୍ତବ୍ୟ ଭାବେ ଗ୍ରହଣ କରିନେଇଥିଲେ କ୍ଷେତ୍ରବାସୀ । ଡକ୍ଟର କୃଷ୍ଣଚରଣ ବେହେରାଙ୍କ ନିକଟକୁ ୨୫ ଅକ୍ଟୋବର ୧୯୭୫ ମସିହାରେ ଲେଖିଥିବା ଏକ ପତ୍ରରେ ସେ ଉଲ୍ଲେଖ କରିଥିଲେ, ''ଆପଣ ପରା କହନ୍ତି, ସବୁ ଦୁଃସ୍ଥିତି ଓ ଦୁର୍ଯୋଗକୁ ଭୁଲିବାର ଏକମାତ୍ର ମାଧ୍ୟମ ହେଉଛି ସାହିତ୍ୟ । ସେହି ସାହିତ୍ୟ ଓ ଜଗନ୍ନାଥଙ୍କ ସେବା ଏଇ ଦୁଇଟି ଭିତରେ ଏ ସବୁକୁ ଭୁଲିବାକୁ ଚେଷ୍ଟା କରୁଛି ।'' ସାହିତ୍ୟ ସାଧନାକୁ ନେଇ ଯେପରି ସେ ତୃପ୍ତି ଅନୁଭବ କରୁଥିଲେ, ଶ୍ରୀଜଗନ୍ନାଥଙ୍କ ଉପାସନାରେ ସେ ସନ୍ତୋଷ ଲାଭ କରୁଥିଲେ । 'ଶ୍ରୀଜଗନ୍ନାଥ ପଦ୍ୟାବଳୀ' ଏହି ପୃଷ୍ଠଭୂମିରେ ହିଁ ସେ ପ୍ରସ୍ତୁତ କରିଥିଲେ । ଶ୍ରୀଜଗନ୍ନାଥ ପଦ୍ୟାବଳୀ'ର ପ୍ରଥମ ଖଣ୍ଡ ପ୍ରକାଶ ପାଇଥିଲା ୧୯୭୭ ମସିହାରେ । ଚତୁର୍ଥ ଖଣ୍ଡ ପ୍ରକାଶ ପାଇଥିଲା ୧୯୮୦ ଶ୍ରୀଗୁଣ୍ଡିଚରେ । ସେଥିରେ ଥିଲା ମୋଟ ୨୨୫ଟି ପଦ୍ୟ କିନ୍ତୁ ଶାରଳା ଦାସଙ୍କଠାରୁ ସାଂପ୍ରତିକ କାଳ ପର୍ଯ୍ୟନ୍ତ କବିମାନେ ଶ୍ରୀଜଗନ୍ନାଥଙ୍କୁ ନେଇ ଲେଖିଥିବା ପଦ୍ୟକୁ ନେଇ ୧୦ ଖଣ୍ଡରେ ଏହି ସଂପାଦିତ କାବ୍ୟକୃତିର ଯୋଜନା ସେ କରିଥିଲେ । ଜର୍ମାନୀର ହାଇଡେଲ୍‌ବର୍ଗ ବିଶ୍ୱବିଦ୍ୟାଳୟର ପ୍ରାଚ୍ୟବିଦ୍ୟା ଅଧ୍ୟାପକ ବିଶିଷ୍ଟ ଗବେଷକ ଡକ୍ଟର ହରମାନ କୁଲ୍‌କେ ଏ ସଂପର୍କରେ ଅନୁକୂଳ ମତ ଦେଇଥିଲେ । ଏହିପରି ଏକ ଯୋଜନା ତାଙ୍କ ଜୀବଦ୍ଦଶାରେ ସଂପୂର୍ଣ୍ଣ ହୋଇପାରିନଥିଲା । 'କୈବଲ୍ୟ' ପତ୍ରିକା ସହିତ ସେ ସଂପୃକ୍ତ ରହିଥିବା ହେତୁ ଏଥିରେ ସେ ନିୟମିତ ଶ୍ରୀକ୍ଷେତ୍ର ଓ

ଶ୍ରୀଜଗନ୍ନାଥଙ୍କ ସଂପର୍କରେ ନିୟମିତ ଲେଖାମାନ ଲେଖିବା ସହିତ "ସୌମ୍ୟଶ୍ରୀ' ଛଦ୍ମନାମରେ ମଧ୍ୟ ସେ ଅନ୍ୟ ଲେଖାମାନ ଲେଖୁଥିଲେ ।

ସେମାନଙ୍କ ଦୃଷ୍ଟିରେ ସେ

ସାରସ୍ୱତ ଉପାସକ କ୍ଷେତ୍ରବାସୀଙ୍କ ସହ ଅଙ୍ଗେଲିଭେଇଥିବା ଅନେକ ଘଟଣା ଏବେ ବି ଅନେକ ସ୍ମୃତିରେ ସତେଜ ହୋଇରହିଛି । ସେ ତାଙ୍କ ସହକର୍ମୀ ବା ବନ୍ଧୁ ହୁଅନ୍ତୁ, ପରିବାରର ସଦସ୍ୟ ହୁଅନ୍ତୁ ପ୍ରିୟ ଛାତ୍ରଛାତ୍ରୀ ହୁଅନ୍ତୁ । ଜଣେ ମନନଶୀଳ ସାରସ୍ୱତ ସ୍ରଷ୍ଟା, ଛାତ୍ରବତ୍ସଳ ଜିଜ୍ଞାସୁ ଅଧ୍ୟାପକ, ଭକ୍ତିଭାବଧାରାର ବ୍ୟକ୍ତିତ୍ୱ ଓ ସାରସ୍ୱତ ସଂଗଠନରେ ଅଗ୍ରଣୀ ଅଧିନାୟକ ଭାବେ ତାଙ୍କର ପରିଚୟ ସୀମିତ ନ ଥିଲା; ପରିଚୟ ଥିଲା ସମସ୍ତଙ୍କୁ ଭଲ ପାଉଥିବା ମାନବବାଦରେ ବିଶ୍ୱାସୀ ଜଣେ ସଚ୍ଚୋଟ ବ୍ୟକ୍ତିଭାବରେ ।

ଡକ୍ଟର ଶ୍ରୀନିବାସ ଉଦ୍‌ଗାତାଙ୍କ ଦୃଷ୍ଟିରେ କ୍ଷେତ୍ରବାସୀ- ''ଯେତେ ବିଚିତ୍ର ଭଳି ମନେ ହେଉଥିବା ଅକଳ୍ପନୀୟ କଳ୍ପନା ଏବଂ ସେ କଳ୍ପନାର ସ୍ୱପ୍ନ ଅବଶ୍ୟ ସାକାର ରୂପବନ୍ତ ହେବ ବୋଲି ପ୍ରଗାଢ଼ ଆସ୍ଥା, ବିଶ୍ୱାସ, ଅଦମନୀୟ ଦମ୍ଭର ଗୋଟିଏ ମୂର୍ତ୍ତିମନ୍ତ ରୂପ ହେବେ କ୍ଷେତ୍ରବାସୀ ।''

ଡକ୍ଟର କୁଞ୍ଜବିହାରୀ ଦାଶ ଯଥାର୍ଥରେ କହିଛନ୍ତି, ''କ୍ଷେତ୍ରବାସୀ ଜୀବନ ମହତ ମହୀୟାନ୍‌ର ଜୀବନ; କର୍ମ ତା'ର ମାନଦଣ୍ଡ । ସେହି ଭାବରେ ସେ କଳ୍ପଜୀବୀ ।''

କୃଷ୍ଣଚରଣ ବେହେରା ନିଜର ଅତି ଆପଣାର ଏହି ମଣିଷ ସଂପର୍କରେ କହନ୍ତି, ''ଶ୍ରୀ କ୍ଷେତ୍ରବାସୀ ନାୟକ(ଜନ୍ମ-୧୯୩୯) ମୋ ପକ୍ଷରେ କେବଳ ଜଣେ ଛାତ୍ର ବା ସହକର୍ମୀ ନଥିଲେ, ଥିଲେ ଏକ ପ୍ରଚ୍ଛନ୍ନ ପ୍ରେରଣା । ଏହି ପ୍ରବଳପ୍ରାଣ ମଣିଷଟି ସାନ୍ନିଧ ଓ ସହଯୋଗ ପାଇ ନଥିଲେ, ମୋର ଉତ୍ତର ଜୀବନ ଉତ୍ତୀର୍ଣ୍ଣ ହୋଇପାରିନଥାନ୍ତି ।

ବୈଷ୍ଣବ ଚରଣ ସାମଲ କହନ୍ତି, ''କ୍ଷେତ୍ରବାସୀ ଅନନ୍ୟ ସାରସ୍ୱତ ପ୍ରତିଭାର ଅଧିକାରୀ । ସେ ବାଣୀ-ବରଦ ସନ୍ତାନ । ସାହିତ୍ୟକୁ ଜୀବନ ଓ ସଂସ୍କୃତି ସହିତ ମିଳେଇ ଦେଖିବାରେ ସେ ସିଦ୍ଧହସ୍ତ । ସାହିତ୍ୟ ବିଭିନ୍ନ ଭାଷାର ସମ୍ପତ୍ତି ହେଲେ ହେଁ ତାହାକୁ ତୁଳନାତ୍ମକ ଭାବରେ ବିଚାର କରି ପ୍ରତ୍ୟେକ ସାହିତ୍ୟର ବୈଶିଷ୍ଟ୍ୟ ଦେଖାଇ ଦେବାରେ ସେ ଦକ୍ଷ । କାହାର ନିନ୍ଦା ନୁହେଁ, ବରଂ ଗୁଣକୁ ଆବିଷ୍କାର କରି ମଧୁମକ୍ଷିକା ସଦୃଶ୍ୟ ମଧୁ ସଂଗ୍ରହ କରିବାରେ ସେ ବ୍ରତୀ ।''

ଆଦିକନ୍ଦ ସାହୁଙ୍କ ଦୃଷ୍ଟିରେ, ''ଅଧ୍ୟୟନ ଅଧ୍ୟାପନରେ ସେ ଅତ୍ୟନ୍ତ ସକ୍ରିୟ ଥିଲେ । ତାଙ୍କ ବ୍ୟକ୍ତିତ୍ୱର ଏହାଥିଲା ଗୋଟେ ବଡ଼ଗୁଣ । ବିସ୍ତୀର୍ଣ୍ଣ ପରିଧିରୁ ଯଥସମ୍ଭବ ବିଶ୍ୱଦୃଷ୍ଟି ଦେଇ ସାହିତ୍ୟ ପଢ଼ିବା ଥିଲା ତାଙ୍କର ଲକ୍ଷ୍ୟ ।''

ଅସିତ ମହାନ୍ତି କହନ୍ତି, ''ଆମୃତ୍ୟୁ ଯେତେଯେତେ ସଂଗଠନ ବା ସାରସ୍ୱତ ଯୋଜନାରେ କ୍ଷେତ୍ରବାସୀ ସଂପୃକ୍ତ ହୋଇଛନ୍ତି, ସେ ସବୁରେ ସେ ହିଁ ହୋଇଛନ୍ତି ପୁରୋଧା

ବା "ପୋତପାଳ' । ଅବଶ୍ୟ ସବୁଠି ସେ ନିଜ "ପୋତ'ରେ ଅନ୍ୟମାନଙ୍କୁ ନେଇ ହିଁ ସେଇ ସାରସ୍ୱତ-ଯାତ୍ରା କରିଛନ୍ତି, ମାତ୍ର ତାଙ୍କ ଅବର୍ତ୍ତମାନରେ ସେ ଯାତ୍ରା ପ୍ରାୟତଃ ଲକ୍ଷ୍ୟ ହରାଇ ବସିଛି ବା ଯେପରି ଅଭିଯାତ୍ରା କରିବା କଥା କରିପାରିନାହିଁ।''

ଜୀବନର ସେହି ସବୁ ଶେଷଦିନ

ଜୀବନର ଶେଷଦିନଗୁଡ଼ିକ ପାଇଁ ଅନେକ ଯୋଜନା ମଧ୍ୟ ପ୍ରସ୍ତୁତ କରିଥିଲେ ସେ । ବୃହତ୍ ସାହିତ୍ୟ କୋଷ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଥିଲା । ସାହିତ୍ୟ ସଂପର୍କରେ ସାରସ୍ୱତ ମନୀଷୀମାନେ ଯାହା ଚିନ୍ତା କରିଛନ୍ତି ଓ ଯେମିତି ବ୍ୟକ୍ତ କରିଛନ୍ତି, ତାହାର ସଂଗ୍ରହ ଓ ସଂକଳନ ତାଙ୍କର ଏହି ମହାନ୍ ଯୋଜନାର ଅନ୍ତର୍ଭୁକ୍ତ ଥିଲା । ନନ୍ଦକିଶୋରଙ୍କ ଉପରେ ଚରିତାତ୍ମକ ସମାଲୋଚନା ଗ୍ରନ୍ଥ ଲେଖିବାର ଇଚ୍ଛା ମଧ୍ୟ ଫଳବତୀ ହୋଇପାରିଲା ନାହିଁ । ସେ ଚାହିଁଥିଲେ ବୃତ୍ତିଗତ ଜୀବନରୁ ସ୍ୱେଚ୍ଛାରେ ଅବସର ଗ୍ରହଣ କରିବା ପରେ ସାହିତ୍ୟ ପାଇଁ ନିଜକୁ ସଂପୂର୍ଣ୍ଣ ନିୟୋଜିତ କରିବେ । ମାତ୍ର ଏଇ ଦୀର୍ଘପଥ ଅତିକ୍ରମ କରିବାର ଲକ୍ଷ୍ୟ ଅଧୁରା ରହିଗଲା ।

'ସିରୋସିସ୍ ଅଫ୍ ଲିଭର' ପରି ଦୁରାରୋଗରେ ଆକ୍ରାନ୍ତ ହୋଇଥିଲେ ସେ । କଟକରେ ରୋଗ ଚିହ୍ନଟ ହେବା ସମ୍ଭବପର ହୋଇନଥିଲା । ସେଥିପାଇଁ ଦିଲ୍ଲୀ ଯିବାକୁ ପଡ଼ିଥଲା । ଗୋଟିଏ ଦିଗରେ ପାରିବାରିକ ଜଞ୍ଜାଳ ଓ ଗୁପ୍ତଶତ୍ରୁଙ୍କ କାରସାଦି ତାଙ୍କ ପାଇଁ ମାନସିକ ଅଶାନ୍ତି ତ ଅନ୍ୟ ପଟେ ରୋଗର ଯନ୍ତ୍ରଣା । ରୋଗରେ ପୀଡ଼ିତ ହୋଇ ମଧ୍ୟ ନିଜ ସାରସ୍ୱତ କର୍ମ ଯଥାସମ୍ଭବ କରୁଥିଲେ । 'ସଂପାଦକ ଡକ୍ଟର କ୍ଷେତ୍ରବାସୀ ନାୟକ' ଶୀର୍ଷକ ଲେଖାରେ ସୁଧୀରଚନ୍ଦ୍ର ବେହୁରା ଲେଖିଛନ୍ତି, ''ଏକାଦଶ ଖଣ୍ଡ 'ଏଷଣା' ସଂପାଦନାରେ ଡକ୍ଟର କ୍ଷେତ୍ରବାସୀ ସକ୍ରିୟ ଅଂଶ ଗ୍ରହଣ କରିପାରିଲେ ନାହିଁ । ୧୯୮୫ ନଭେମ୍ବର ଆଦ୍ୟରୁ ସେ ଭୀଷଣ ଯକୃତ ବ୍ୟାଧିରେ ପୀଡ଼ିତ ହେଲେ । 'ଏଷଣା'ର ତତ୍ତ୍ୱାବଧାନ କଲେ ଡକ୍ଟର କୃଷ୍ଣଚରଣ ବେହେରା । ତାଙ୍କ ନିର୍ଦ୍ଦେଶରେ ମୋତେ ସଂପାଦନାର ବହିରଙ୍ଗ କାର୍ଯ୍ୟ ନିର୍ବାହ କରିବାକୁ ପଡୁଥିଲା । ଡକ୍ଟର ବେହେରା ସେତେବେଳେ ସୁଦୂର ଫୁଲବାଣୀର ସରକାରୀ କଲେଜରେ ଅଧ୍ୟାପନାରତ । ତାଙ୍କ ଅନୁପସ୍ଥିତିରେ କାଗଜ କିଣା, ପ୍ରୁଫ୍ ଦେଖା ଆଦି କାମ ସାଙ୍ଗକୁ ଆହୁରି କାମ ଜୁଟାଇ ଦିଅନ୍ତି କ୍ଷେତ୍ରବାସୀବାବୁ । ପ୍ରତି ପ୍ରବନ୍ଧ ରୋଗଶଯ୍ୟାରେ ମୋ ଦ୍ୱାରା ପଢ଼ାଇ ଶୁଣନ୍ତି । ଜଳ ଜଳ ହୋଇ ଦିଶିଯାଉଛି ସେ ଦିନ । ଲୋକନାଥ ନର୍ସିଂହୋମ୍‌ରେ ଭୀଷଣ ବାନ୍ତି ହେଉଥାଏ ତାଙ୍କୁ । ଶରୀର ଶୀର୍ଣ୍ଣ, ଚକ୍ଷୁ କୋଟରଗତ, ସ୍ୱରକ୍ଷୀଣ.. ତଥାପି ସେ ଦୃଷ୍ଟିର ତୀବ୍ରତା, ସ୍ୱରର ସାରଲ୍ୟଭରା ଅନୁରୋଧ ମୋତେ ବାଧ୍ୟକଲା ଚିତ୍ତଭାଇଙ୍କ ଲେଖା ରାଈବାବୁଙ୍କ 'ଚେତନାର ଉନ୍ମେଷ ଓ ଉତ୍ତରଣ' ଗ୍ରନ୍ଥସମୀକ୍ଷା ପାଣ୍ଡୁଲିପି ପଢ଼ି

ଶୁଣାଇବା ପାଇଁ । ଘଣ୍ଟାଏ କାଳ ପଢ଼ିଲି, ସେ ଶୁଣିଲେ ଧୈର୍ଯ୍ୟର ସହ। ଶିରୋନାମା ଦେଲେ 'ଚେତନାର ଅନୁସନ୍ଧାନ' । ସେହି ନାମରେ ଛପା ହେଲା। ଏହିଭଳି ଆମେ ଯେତେ ଚାପ ଦେବାକୁ ଚାହୁଁ ନଥାଉଁ, ସେ ସେତେ ସଂପୃକ୍ତ ହେବାକୁ ବ୍ୟାକୁଳ ହେଉଥାନ୍ତି। ରୋଗ ଆହୁରି ବଢ଼ିଲା। ସେ ଦିଲ୍ଲୀ ଗଲେ ଡିସେମ୍ବର ମଧ୍ୟ ଭାଗରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ରୋଗ ନିର୍ଦ୍ଧାରଣ ପାଇଁ। ଯିବା ପୂର୍ବରୁ ମାଗିଥିଲି ସଂପାଦକୀୟ... ଆସିବା ଆଗରୁ ଲୋଡ଼ା ପଡ଼ିପାରେ। ହସି ହସି ସେଦିନ କହିଲେ, ''ମୁଁ ଫେରି ଆସେ, ନିଶ୍ଚୟ ଲେଖିବି। ମୁଁ ଥାଉଁ ଥାଉଁ କ'ଣ 'ଏଷଣା' ସଂପାଦକୀୟ ନଥାଇ ବାହାରିବ ? ମୁଁ ମରିଗଲେ ତମେ ଶୋକ ପାଳି ବନ୍ଦ କରିବ ସିନା।'' ପ୍ରକୃତରେ ସେହି ସଂଖ୍ୟା ଏଷଣାର ସଂପାଦକୀୟ ଅଲେଖା ରହିଗଲା।

ଶେଷ ସଂଗୀତର ମୂର୍ଚ୍ଛନା

୨୫ ଜାନୁଆରୀ ୧୯୮୬ ମସିହା। ପୌଷ ପୂର୍ଣ୍ଣିମା। ବିଦାୟ ନେଲେ କ୍ଷେତ୍ରବାସୀ। ଯନ୍ତ୍ରଣା ଶେଷ ହେଲା। ସମାପ୍ତ ହେଲା ଏକ କର୍ମମୟ ଜୀବନ। ମୃତ୍ୟୁ କବିତାରେ କବି କ୍ଷେତ୍ରବାସୀ ଲେଖିଥିଲେ-

''ଦୂରେ କେଉଁ ଊର୍ଦ୍ଧ୍ୱଚେତା କଲ୍ୟାଣ ମୂରତି
କରୁଛି ସ୍ତବର ପାଠ ରାମ ନାମ ସତ୍ୟର ସଙ୍ଗୀତ
ଏଇ ଯେ ସବୁଜ ସୃଷ୍ଟି, ଦେହ ମୋର
କେତେଗୋଟି ଧବଳ ପାଖୁଡ଼ା
ଦେଇଛି ନୈବେଦ୍ୟ ମୋତେ ଚଲାପଥେ ସ୍ୱର୍ଗକୁ କଉଡ଼ି।

ଜୀବରୁ ଜୀବନ ଜନ୍ମେ
ସୃଷ୍ଟି ହୁଏ ଶୂନ୍ୟରୁ ଶୂନ୍ୟର
ସବୁ ମିଥ୍ୟା ମିଥ୍ୟା ଏଇ ଆତ୍ମାର ପ୍ରଚାର।
ସତ୍ୟ ଯେ ଘୋଷଣା କରେ ଆନଲାଗି ସତ୍ୟର ପ୍ରେରଣ
ମୃତ୍ୟୁରେ ଅଧିର ତନୁ ଲୋଡୁଥାଏ ମୁକ୍ତିର ସଡ଼କ।
ଜୀବ ଦେହେ ଉତ୍ତୀର୍ଣ୍ଣ ବୟସ ହୁଏ ଯେଣୁ ମୃତ୍ୟୁର ପାହାଚ
ଜନମୁ ଜନମ ଯାଏଁ ମଣିଷ ହିଁ ସାଜୁଥାଏ ମୃତ୍ୟୁର ଜନକ।''

ରାମନାମ ସତ୍ୟର ସଙ୍ଗୀତ ମୂର୍ଚ୍ଛନା ତୋଳୁଥିଲା। ସେ ଥିଲା ଶେଷ ସଙ୍ଗୀତର ମୂର୍ଚ୍ଛନା। ମଣିଷ ସାଜୁଥିଲା ମୃତ୍ୟୁର ଜନକ। ଶୋଭଯାତ୍ରା ଲମ୍ବିଥିଲା ସାରସ୍ୱତ ନିଳୟରୁ ସତୀଚଉରା। କର୍ମଚଞ୍ଚଳ ବର୍ତ୍ତମାନ ଓ ସମ୍ଭାବନାମୟ ଭବିଷ୍ୟତରେ ପୂର୍ଣ୍ଣଚ୍ଛେଦ ପଡ଼ିଲା। ସ୍ୱଳ୍ପ ବୟସରେ ସାଧନାରେ ସିଦ୍ଧି ଲାଭ କରିଥିବା ଏକ ମହାନ୍ ଜୀବନର ଅନ୍ତ ଘଟିଲା।

❑❑❑

ପଞ୍ଚମ ଅଧ୍ୟାୟ

ଓଡ଼ିଆ ସାହିତ୍ୟ ଓ କ୍ଷେତ୍ରବାସୀ

ଡକ୍ଟର କ୍ଷେତ୍ରବାସୀ ନାୟକଙ୍କ ସାଧନାଦୀପ୍ତ ସାରସ୍ୱତ ଜୀବନକୁ ଚର୍ଚ୍ଚା କରିବା ବେଳେ ସ୍ୱତଃ ପ୍ରଶ୍ନଟିଏ ଉଙ୍କିମାରେ- ଆଧୁନିକ ଓଡ଼ିଆ ସାହିତ୍ୟରେ କ୍ଷେତ୍ରବାସୀ ନାୟକଙ୍କ ସ୍ଥାନ କେଉଁଠି ? କ୍ଷେତ୍ରବାସୀ ସାହିତ୍ୟର ଭିନ୍ନ ଭିନ୍ନ ବିଭାଗରେ ଲେଖନୀ ଚାଳନା କରିଛନ୍ତି । ପ୍ରତିଟି ବିଭାଗରେ ନୂତନତାର ଆବାହନ କରିଛନ୍ତି; ସେ ଉପସ୍ଥାପନ ଶୈଳୀ ହେଉ ବା ଭାଷାବିନ୍ୟାସ ହେଉ । ସୂକ୍ଷ୍ମବିଚାରବୋଧ ଭିତରେ ସାରଲ୍ୟଭାବ ତାଙ୍କ ସୃଷ୍ଟିକୁ ଗୌରବମଣ୍ଡିତ କରିଛି । ସର୍ବତ୍ର କଳାଦୃଷ୍ଟିର ସମ୍ମୋହନୀ ରୂପଚିତ୍ର । ଏଇଥିପାଇଁ ବୋଧହୁଏ ସେ ଅନ୍ୟ ଅନେକଙ୍କଠାରୁ ସ୍ୱତନ୍ତ୍ର ବୋଧହୁଅନ୍ତି ।

ଜଣେ ସାହିତ୍ୟ ସମାଲୋଚକ ଓ ପ୍ରାବନ୍ଧିକ ଭାବେ ସେ ଅଧିକ ପରିଚିତ ଓ ଚର୍ଚ୍ଚିତ । ଗଳ୍ପ ଓ କବିତା କ୍ଷେତ୍ରରେ ଅନେକ ସମ୍ଭାବନା ରହିଥିଲେ ହେଁ ସେ ଏଥିପ୍ରତି ଅଧିକ କାଳ ବିଶ୍ୱସ୍ତ ହୋଇପାରିନଥିଲେ । ଗବେଷଣାଧର୍ମୀ ସାହିତ୍ୟ ଆଲେଚନା ଓ ଅନୁଭୂତିଲବ୍‌ଧ ପ୍ରବନ୍ଧ ସାହିତ୍ୟ ସହ ଅଧିକରୁ ଅଧିକ ନିବିଡ଼ ହୋଇ ଯାଇଥିଲେ । ଏ କ୍ଷେତ୍ରରେ ରହିଥିବା ଏକ ଅଭାବକୁ ପୂରଣ କରିବାରେ ସେ ସମର୍ଥ ହୋଇଥିଲେ । ତାଙ୍କ ସାହିତ୍ୟ ସମାଲୋଚନା ସଂପର୍କରେ ଓଡ଼ିଆ ସାମଲୋଚନା ସାହିତ୍ୟର ଅନ୍ୟତମ ଉଜ୍ଜ୍ୱଳ ନକ୍ଷତ୍ର ଡକ୍ଟର ନଟବର ସାମନ୍ତରାୟ ତାଙ୍କୁ ଏକ ପତ୍ର (ପରିଶିଷ୍ଟ ଦ୍ରଷ୍ଟବ୍ୟ)ରେ ଲେଖିଥିଲେ "ଦିନେ ମୁଁ ଯେଉଁ ବାଟରେ ଯାଇଥିଲି ଆପଣମାନଙ୍କ ପରି ପରବର୍ତ୍ତୀ ବାଟୋଇମାନଙ୍କ ସାଧନା ଦେଖିଲେ ଓଡ଼ିଶାରେ ମୋ ଅପେକ୍ଷା ଅଉ କେହି ଅଧିକ ଖୁସି ହେବ ବୋଲି ମୁଁ ଭାବୁନାହିଁ ।" ସାହିତ୍ୟ ଆଲୋଚନା କ୍ଷେତ୍ରରେ କ୍ଷେତ୍ରବାସୀଙ୍କ ସଫଳତାକୁ ଏହାଦ୍ୱାରା ସେ କେବଳ ସ୍ୱୀକୃତି ଦେଇନାହାଁନ୍ତି, ସାହିତ୍ୟ ସାଧନା ପାଇଁ ଲୋଡ଼ା ପଡୁଥିବା ନିଷ୍ଠାକୁ କ୍ଷେତ୍ରବାସୀଙ୍କଠାରେ ସେ ଲକ୍ଷ୍ୟ କରିଛନ୍ତି । ଅବଶ୍ୟ କ୍ଷେତ୍ରବାସୀଙ୍କ ସାହିତ୍ୟ-ଆଲୋଚନା ଡକ୍ଟର ନଟବର ସାମନ୍ତରାୟଙ୍କ ପରି କେବଳ ଯୁକ୍ତିନିଷ୍ଠ ଓ ତଥ୍ୟଭିତ୍ତିକ ନହୋଇ, ଡକ୍ଟର ନରେନ୍ଦ୍ର ନାଥ ମିଶ୍ରଙ୍କ ସାହିତ୍ୟ ଆଲୋଚନା

ପରି ମଧ୍ୟ ହୋଇଛି ରସବନ୍ତ । ଏଥିରେ ରହିଛି ତଥ୍ୟ ଓ ସୌନ୍ଦର୍ଯ୍ୟଚେତନାର ଚମତ୍କାର ସମନ୍ୱୟ । ସେ ହୋଇଛନ୍ତି ନାନ୍ଦନିକ ମୂଲ୍ୟର ସନ୍ଧାନୀ । ସୃଷ୍ଟିର ଭାବଧର୍ମକୁ ଉନ୍ମୋଚନ କରିବାବେଳେ ଏଥିରେ ନିହିତ ମୌଳିକତା ସମ୍ପର୍କରେ ବିଶଦ ବିଚାର ତାଙ୍କର ସାହିତ୍ୟ ଆଲୋଚନାର ବିଶେଷତ୍ୱ । ନବ ନବ ଉନ୍ମେଷଶାଳିନୀ ପ୍ରଜ୍ଞାର ପରିଚୟ ଏଥିରେ ସୁସ୍ପଷ୍ଟ । ଗଭୀର ଅଧ୍ୟୟନ ଓ ବିଷୟବସ୍ତୁ ସହ ନିବିଡ଼ ସଂପୃକ୍ତି ନ ରହିଲେ ଏପରି ବିଚାର-ବିଶ୍ଳେଷଣ ଅଦୌ ସମ୍ଭବପର ନୁହେଁ ।

ଡକ୍ଟର କ୍ଷେତ୍ରବାସୀ ନାୟକଙ୍କ ଗବେଷଣା ନିବନ୍ଧ 'ଆଧୁନିକ କାବ୍ୟ-ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ' ଗଭୀର ଚିନ୍ତନର ପ୍ରତିଭୂ । ଏଥିରେ ଅନେକ ମୌଳିକ ସିଦ୍ଧାନ୍ତକୁ ସେ ପ୍ରତିପାଦନ କରିଛନ୍ତି ।

(କ) ମଧ୍ୟଯୁଗୀୟ ପ୍ରତିଭା ଯେଉଁ ମାନବିକ ମୌଳିକ ପ୍ରବୃତ୍ତିର କାବ୍ୟିକ ପରିଚର୍ଯ୍ୟା କରିଥିଲା, ତାହାର ଧାରା ରେନାସାଁସ୍‌ର କବିକଳାରେ ବଦଳିଗଲା । ଏଇ ପରିବର୍ତ୍ତନ ପଶ୍ଚାତ୍‌ରେ ସ୍ୱଦେଶୀ ପ୍ରଭାବ ଅପେକ୍ଷା ବିଦେଶୀ ପ୍ରେରଣା ଓ ପ୍ରଭାବ ଅଧିକ । କବିଙ୍କ ସୃଜନୀ ଆତ୍ମା ଓ କାବ୍ୟମୁଖୀ ଅନୁଭୂତି ଥିଲେ ବି ତାହା ବହୁକାଳ ପର୍ଯ୍ୟନ୍ତ ପାରଂପରିକ ରାସ୍ତା ଅତିକ୍ରମ କରି ନୂତନ ପଥ ସୃଷ୍ଟି କରି ପାରିନଥିଲା । ପାଶ୍ଚାତ୍ୟ ସାହିତ୍ୟ ସହ ପରିଚୟ କବି-କବିତ୍ୱରେ ଜନ୍ମାନ୍ତର ଘଟାଇଲା ।

(ଖ) ଅନୁସନ୍ଧାନରୁ ଜଣାଯାଏ ଯେ, ରାଧାନାଥଙ୍କର ଉଷା, ଜନ୍ମ-ଯୌବନ, ପ୍ରତିଜ୍ଞା-ପରାଜୟ ଏବଂ ପ୍ରଣୟ-ପ୍ରୟାଣ ପ୍ରଭୃତି ପ୍ରସ୍ଥରେ ସାମାନ୍ୟ କେତୋଟି ବ୍ୟତିକ୍ରମକୁ ବାଦ୍ ଦେଲେ ପ୍ରାୟ ଆଟ୍‌ଲାଣ୍ଟାଙ୍କର ପ୍ରତିରୂପ ବହନ କରିଛି । ଏହି ବ୍ୟତିକ୍ରମଗୁଡ଼ିକ ଆହରଣପଟୁ ରାଧାନାଥଙ୍କ କଳ୍ପନାପ୍ରସୂତ ଏବଂ ତାଙ୍କ ନିର୍ମାଣ-ନିପୁଣତାର ପରିଚାୟକ ।

(ଗ) ଇଂରେଜ ସନେଟ୍ ପରି ମଧୁସୂଦନଙ୍କ ସନେଟ୍‌ଗୁଡ଼ିକର ବିଷୟ କ୍ଷେତ୍ର ବ୍ୟାପକ । କ୍ଲାସିକ୍ ବା ପୋଟ୍ରାର୍କାନ ସନେଟ୍ ତୁଲ୍ୟ ଏହା କେବଳ ମାନବିକ ପ୍ରେମଭାବ ସର୍ବସ୍ୱ ନୁହେଁ । ମଧୁସୂଦନଙ୍କ ସନେଟ୍‌ରେ କୌଣସି ନାରୀର ବେଦନାଘନ ସ୍ମରଣ କିମ୍ବା ପୋଟ୍ରାର୍କଙ୍କ ସନେଟ୍ ପରି ତାଙ୍କର ସେନେଟ୍‌ଗୁଡ଼ିକ ପ୍ରେମ ଓ ବେଦନାବୋଧରୁ ଜନ୍ମ ହୋଇନାହିଁ । ଅବଶ୍ୟ ଗୋଟିଏ ଦୁଇଟି କ୍ଷେତ୍ରରେ ଯେଉଁଠି (ଯୌବନ ସ୍ୱପ୍ନ, ପତିତାରମଣୀ, କୌଣସି ପରଲୋକବାସିନୀ ପ୍ରତି, କୌଣସି ମାନନୀୟ ବଂଧୁଙ୍କ ପ୍ରତି, ପରମ ପ୍ରଣାମ) ମାନବୀୟ ପ୍ରୀତିର ଆତ୍ମିକ ପରିଚୟ ଉତ୍କୀର୍ଣ୍ଣ, ତାହା ଏକାନ୍ତ ଭାବେ ଦୈହିକ ଅନୁଭୂତିର ସ୍ୱାକ୍ଷାକ୍ଷର ନୁହେଁ; ଏଥିରେ ବ୍ରହ୍ମ-ବୋଧ ମିଶ୍ରିତ ।

(ଘ) ରୋମାଣ୍ଟିକ୍ ମହାକାବ୍ୟ, ସ୍ୱତଃସ୍ଫୂର୍ତ୍ତ ଓ ସାହିତ୍ୟିକ ମହାକାବ୍ୟର ମଧ୍ୟବର୍ତ୍ତୀ ଅଙ୍ଗ । ଏହା ରୋମାଣ୍ଟିକ୍ କଥା-କାବ୍ୟଠାରୁ ଭିନ୍ନ । ମହାକାବ୍ୟ କୌଣସି ଉଦ୍ଦେଶ୍ୟ ଓ ମହତ୍ ଚରିତ୍ରର ଭାବରୂପ ଅଙ୍କନ କଲାବେଳେ ରୋମାଣ୍ଟିକ୍ କଥାକାବ୍ୟ ଅତିଶୟ କାଳ୍ପନିକତାର ଆଶ୍ରୟରେ ତରଳ ଭାବୁକତା ଓ ଲୋକରଂଜନର ସହଜ ସମ୍ଭାବନା ସୃଷ୍ଟି କରିଥାଏ । ପାରମ୍ପରିକ ଶୈଳୀକୁ ସେ ତ ଆପଣାଇ ନେଇନାହାଁନ୍ତି, ମାତ୍ର ସବୁବେଳେ ନିଜର ଏକ ସିଦ୍ଧାନ୍ତ ଦେବାକୁ ପ୍ରୟାସ କରିଛନ୍ତି । ଏହି ସିଦ୍ଧାନ୍ତ ତାଙ୍କ ସାହିତ୍ୟ ଅନୁଶୀଳନ ଓ ସୂକ୍ଷ୍ମବିଚାରର ଭିତ୍ତି ଉପରେ ପ୍ରତିଷ୍ଠା ପାଇଛି । ବିଶେଷ କରି ତୁଳନାତ୍ମକ ବିଚାର ହିଁ ତାଙ୍କ ଗବେଷଣା ରୀତିର ଅନ୍ୟତମ ଦିଗ । କେବଳ ଏହି ସନ୍ଦର୍ଭରେ ନୁହେଁ, ସମସ୍ତ ସାହିତ୍ୟ ଆଲୋଚନାରେ ତୁଳନାତ୍ମକ ଦିଗକୁ ଲକ୍ଷ୍ୟ କରାଯାଏ, ଯାହା ତାଙ୍କର ପରିବ୍ୟାପ୍ତ ଦୃଷ୍ଟିକୋଣକୁ ସ୍ପଷ୍ଟ କରୁଚି । ''ସେଲି ଓ ରାଧାନାଥଙ୍କ ଭଳି ମଧୁସୂଦନ ବିଷାଦବାଦୀ ନୁହନ୍ତି; କିମ୍ବା ମଧୁସୂଦନଙ୍କ ଭାଗ୍ୟ ପିହିତପାଷାଣ ନୁହେଁ । ଜୀବନ ଅନ୍ୟ ଉପାଦାନରେ ଗଢ଼ାନୁହେଁ । ମଧୁସୂଦନଙ୍କ ମଧୁଦୃଷ୍ଟି ଅମୃତନିଃସ୍ୟନ୍ଦିନୀ ।'' (ଏ ସୃଷ୍ଟି ଅମୃତମୟ ହେ- ସାହିତ୍ୟ ବୀକ୍ଷା ଓ ନିରୀକ୍ଷା, ୧୯୭୦) ।

ପରିବର୍ତ୍ତିତ ମୂଲ୍ୟବୋଧ, ଭିନ୍ନ ଭିନ୍ନ ଭୌଗୋଳିକ ଓ ସାମାଜିକ ପରିବେଶ ଭିତରେ ଅନେକତ୍ର ସମାନଧର୍ମୀ ସ୍ପନ୍ଦନକୁ ସେ ମଧ୍ୟ ସନ୍ଧାନ କରିବାରେ ସଫଳ ହୋଇଛନ୍ତି । ଯେପରିକି ଡକ୍ଟର ନାୟକ ତାଙ୍କ 'ଆଧୁନିକ କବି ଓ ତା'ର ନୂତନ ପୃଥିବୀ'ରେ ଯଥାର୍ଥରେ ଉଲ୍ଲେଖ କରିଛନ୍ତି, ''ଆଧୁନିକ କବିତାର ସ୍ୱରଲିପିରେ ନଗର-କୈନ୍ଦ୍ରିକ ଯନ୍ତ୍ର ସଭ୍ୟତାର ପିଶାଚ ରୂପ, ସାଂପ୍ରତିକ ଜୀବନର କ୍ଲାନ୍ତି ଓ ନୈରାଶ୍ୟବୋଧ, ଆତ୍ମବିରୋଧୀ ମନୋଭାବ ଏବଂ ବିଚ୍ଛିନ୍ନ ଅନୁଭୂତିର ଏକତ୍ରୀକରଣ, ବିଶ୍ୱ ସଂସ୍କୃତିର ଭାବ ପ୍ରତିବିମ୍ବନ, ଅବଚେତନ ଓ ଚେତନ ମନର ପ୍ରାଧାନ୍ୟ ସ୍ୱୀକୃତି ହେତୁ ଚିନ୍ତାସ୍ରୋତର ଅସଂପୃକ୍ତି, ବିଜ୍ଞାନ ଓ ନୃତତ୍ତ୍ୱର ପ୍ରଭାବ, ମାର୍କସୀୟ ସାମ୍ୟବାଦୀ ଚିନ୍ତାର ପ୍ରସାର ଫଳରେ ଭିନ୍ନ ଏକ ସମାଜ ଗଠନର ନୂତନ ଆଶା, ସମାଜ ଓ ଜୀବନରେ ପ୍ରବହମାନ ଚିରାଚରିତ ବିଭିନ୍ନ ସହଜାତ ପ୍ରବୃତ୍ତି ଓ ମୂଲ୍ୟବୋଧ ପ୍ରତି ସଂଶୟ ହେତୁ ଅନିଶ୍ଚିତାତ୍ମକ ଉଦ୍‌ବେଗ, ଜ୍ଞାନ ତୀକ୍ଷ୍ଣତା ହେତୁ ଦୁର୍ବୋଧତାର ସୃଷ୍ଟି, ପ୍ରେମର ଦେହଜ କ୍ଷୁଧା ପ୍ରତି ଆସକ୍ତି ଏବଂ ଭଗବାନ ଓ ନୀତିନିୟମରେ ଅବିଶ୍ୱାସ ଓ ଜୀବନ ପ୍ରତି ଏକ ବ୍ୟଙ୍ଗାତ୍ମକ ଦୃଷ୍ଟିଭଙ୍ଗୀ ଅନ୍ତତଃ କିଛି ସୁରୁଚିପୂର୍ଣ୍ଣ ଶାଳୀନତା ଥାଇ- ପ୍ରଭୃତି ବିଭିନ୍ନ ଆବେଗ ଓ ବିଚାରବୋଧର ଝଙ୍କାର ପ୍ରତିଧ୍ୱନିତ ।'' ଏଠି ସମାଲୋଚକଙ୍କ ତର୍ଜମାର ବିସ୍ତୃତିକୁ ଲକ୍ଷ୍ୟ କରିବାର କଥା ।

ପ୍ରବନ୍ଧରେ ମଧ୍ୟ ନୂଆ କଥା କହିବା ଭିତରେ ନିଜର ନିବିଡ଼ ଅନୁଭବକୁ ଡକ୍ଟର ନାୟକ ପ୍ରକାଶ କରିଛନ୍ତି। କଳା-ଶକ୍ତି ସଂପର୍କରେ କଥାଶିଳ୍ପୀ ଗୋପୀନାଥ ମହାନ୍ତିଙ୍କ ଗଭୀର ଅନ୍ତର୍ଦୃଷ୍ଟିକୁ ତାଙ୍କ ପ୍ରବନ୍ଧରେ ପ୍ରତ୍ୟକ୍ଷ କରିଥାଉ। ସେହି କଳାଶକ୍ତି ସଂପର୍କରେ ଡକ୍ଟର ନାୟକ କହନ୍ତି, ''କଳା-ଶକ୍ତି ବା କବିତ୍ୱ-ଶକ୍ତି ଅମୂର୍ତ୍ତ। ଏହା ସୁପ୍ରତ୍ୟକ୍ଷ ହେବା ପାଇଁ ବସ୍ତୁ ଅପେକ୍ଷା ଭାବ-ସତ୍ତାର ଦାୟ ବେଶୀ। କାରଣ ବର୍ଣ୍ଣମୟ ରୂପର ଜ୍ୟୋତି ଲିଭିଯାଇପାରେ, କୁହୁଡ଼ି ତାକୁ ଗ୍ରାସ କରିପାରେ, ଅନ୍ଧାର ତାକୁ ଆବୃତ୍ତ କରିପାରେ, ପ୍ଲାବନ ତାକୁ ଲୁଚେଇ ଦେଇପାରେ, ମାତ୍ର ଭାବ-ମୟ ସତ୍ତାର ଜ୍ୟୋତି ତ ଲିଭିବାର ନୁହେଁ କି ହଜିବାର ନୁହେଁ।'' ସବୁବେଳେ ଏହି ଭାବ-ମୟ ସତ୍ତା ପ୍ରତି ସମର୍ପିତ ଥିଲେ ଡକ୍ଟର କ୍ଷେତ୍ରବାସୀ ନାୟକ। ସେଥିପାଇଁ ସବୁଠି କବିତ୍ୱର ବର୍ଣ୍ଣିଳଆଭା। ସର୍ଜନ ସଂପର୍କ। କାବ୍ୟିକ ଅନୁଭବ ପ୍ରତି ପାଠକଙ୍କୁ ପରିଚିତ କରିବା ପାଇଁ ତାଙ୍କର ଏକନିଷ୍ଠ ଉଦ୍ୟମ ବାସ୍ତବରେ ପ୍ରଶଂସନୀୟ ଏବଂ ଏହା ହିଁ ଓଡ଼ିଆ ସାହିତ୍ୟରେ ତାଙ୍କର ସ୍ୱତନ୍ତ୍ର ସ୍ଥାନ ନିର୍ଣ୍ଣୟ କରିପାରିଛି। ସୃଜନ-ସାମ୍ରାଜ୍ୟକୁ ନିବିଡ଼ ଭାବେ ପ୍ରତ୍ୟକ୍ଷ କରିଛନ୍ତି ଡକ୍ଟର ନାୟକ ଏବଂ ସ୍ରଷ୍ଟା-ସୃଷ୍ଟି-ସୃଜନ ପ୍ରକ୍ରିୟା ସଂପର୍କରେ ତାଙ୍କର ଅବବୋଧ ତାଙ୍କ ପ୍ରବନ୍ଧରେ ଉତ୍‌କୀର୍ଣ୍ଣ ହୋଇଉଠିଛି। 'ସାହିତ୍ୟର ସାମାନ୍ୟକଥନ', 'ସାହିତ୍ୟବିଦ୍ୟା-ବିମର୍ଶ', 'କବି ଓ କାମିନୀ' ଓ 'କାବ୍ୟପୁରୁଷର କଥା' ତାଙ୍କ ମୌଳିକ ଦୃଷ୍ଟିର ପରିଚୟ ବହନ କରେ।

ଡକ୍ଟର ନାୟକଙ୍କ ରଚିତ ସାହିତ୍ୟ ସମାଲୋଚନା, ପ୍ରବନ୍ଧ, ଅଭିଭାଷଣ ବା ସଂପାଦକୀୟ ସବୁଠି ଭାବମୟତାର ସାନ୍ନିଧ ମିଳେ। 'ଶ୍ରୀଜଗନ୍ନାଥ ପଦ୍ୟାବଳୀ'(୧ମ ଭାଗ)ରେ ସନ୍ନିବିଷ୍ଟ ସଂପାଦକୀୟ ଏହି ଭାବମୟତାର ପ୍ରସଙ୍ଗରେ ସୂଚନାମାନ ରହିଛି। 'ପଦ୍ୟାବଳୀ' ସଂପର୍କରେ ଡକ୍ଟର କ୍ଷେତ୍ରବାସୀ ନାୟକ ଯାହା କହିଛନ୍ତି, ତାକୁ ଗଭୀରଭାବେ ବିଚାର କଲେ ତାହା ମଧ୍ୟ ଯେକୌଣସି ବିଦଗ୍ଧ ସାହିତ୍ୟ ପାଇଁ ପ୍ରଯୁଜ୍ୟ ବୋଲି ବୁଝାପଡ଼େ। ଏଠାରେ ସଂପାଦକ ଡକ୍ଟର ନାୟକ କହନ୍ତି, ''ପଦ୍ୟାବଳୀ ହେଉଛି ଅନ୍ତର୍ମୁଖୀ କବି ଆବେଗର ଆତ୍ମିକ ଉଚ୍ଚାରଣ। ବ୍ୟକ୍ତିଗତ ଅନୁଭୂତିରେ ଏହା ଉଚ୍ଛଳ। ଆତ୍ମନିଷ୍ଠ ଚିନ୍ତା ଓ ମନ୍ମୟ କଳ୍ପନାରେ ଏହାର ସ୍ୱ-ସତ୍ତା ପରିଗଠିତ।'' ପ୍ରକୃତରେ ଆତ୍ମନିଷ୍ଠ ଚିନ୍ତା ଓ ମନ୍ମୟ କଳ୍ପନା ହିଁ ଯେକୌଣସି ସାହିତ୍ୟକୁ ଶ୍ରେଷ୍ଠତ୍ୱ ପ୍ରଦାନ କରିଥାଏ।

'ଶ୍ରୀଜଗନ୍ନାଥ ପଦ୍ୟାବଳୀ'(୧ମରୁ ୪ର୍ଥ ଭାଗ)ର ସଂପାଦନା ମଧ୍ୟ ତାଙ୍କର ସାରସ୍ୱତ ସାଧନାର ଅନ୍ୟତମ ଉଲ୍ଲେଖନୀୟ ଦିଗ। ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାରସ୍ୱତ ପରମ୍ପରା କାବ୍ୟ ଓ ପଦ୍ୟାବଳୀରେ ସମୃଦ୍ଧ। ଆମ ଜୀବନ ସହ ଯୋଡ଼ି ହୋଇଯାଇଥିବା ପଦ୍ୟାବଳୀ ବିଶେଷ କରି ଶ୍ରୀଜଗନ୍ନାଥ କୈନ୍ଦ୍ରିକ ପଦ୍ୟାବଳୀକୁ ସଂଗ୍ରହ

ଓ ସଂକଳନ କରିବା ଶ୍ରୀଜଗନ୍ନାଥଙ୍କ ପ୍ରତି ତାଙ୍କର ଭକ୍ତିକୁ ତ ରେଖାଙ୍କିତ କରୁଛି, ମାତ୍ର ଆବେଗ ଐକ୍ୟ ଓ ଭାବର ଅଖଣ୍ଡତାକୁ ପ୍ରତିପାଦିତ କରୁଥିବା ଏହି ପଦ୍ୟାବଳୀ ଯେ ଓଡ଼ିଆ ସାହିତ୍ୟର ସମୃଦ୍ଧ ବିଭବ ଏବଂ ଏହା ମାଧ୍ୟମରେ ଏହି ଜାତିର ଅସ୍ମିତା ଯେ ପ୍ରତୀକିତ; ତାହା ମଧ୍ୟ ପ୍ରକାଶ ପାଇଛି। ଶ୍ରୀଜଗନ୍ନାଥଙ୍କ ପଦ୍ୟାବଳୀରେ ଆମ ସଂସ୍କୃତି ଓ ଜୀବନଧାରା ଆବେଗ ଓ ଅନୁରାଗ ସଂରକ୍ଷିତ। ଏହାର ସଂଗ୍ରହ ଓ ପ୍ରକାଶ ମାଧ୍ୟମରେ ମହାନ୍ କାର୍ଯ୍ୟ ସଂପାଦିତ କରିଛନ୍ତି ଡକ୍ଟର ନାୟକ।

ଓଡ଼ିଆ ମନୋଗ୍ରାଫ୍ ରଚନା କ୍ଷେତ୍ରରେ କ୍ଷେତ୍ରବାସୀଙ୍କ ବୈଶିଷ୍ଟ୍ୟ କେବଳ ଦୃଷ୍ଟାନ୍ତମୂଳକ ନୁହେଁ, ଏ କ୍ଷେତ୍ରରେ ମଧ୍ୟ ମାର୍ଗନିର୍ଦ୍ଦେଶକର ଭୂମିକା ନିର୍ବାହ କରିଛି। କବିଙ୍କ ଜୀବନୀ ଓ କବିକର୍ମକୁ ନିଖୁଣ ଭାବେ ଓ ବିଶ୍ଳେଷଣାତ୍ମକ ଦୃଷ୍ଟିକୋଣରୁ ବିଚାର କରିଛନ୍ତି। କବିବର ରାଧାନାଥ ରାୟଙ୍କ ପରି ଓଡ଼ିଆ ସାହିତ୍ୟର ଅଗ୍ରଦିଶାରୀଙ୍କ ମନୋଗ୍ରାଫ୍ ଲେଖିଛନ୍ତି, ଲେଖିଛନ୍ତି ସ୍ୱଳ୍ପଜ୍ଞାତ ନାରୀକବି ଅନ୍ନପୂର୍ଣ୍ଣା ଦେବୀଙ୍କ ସଂପର୍କରେ। ବିଷୟ ବିଶ୍ଳେଷଣ, ନୂତନ ତଥ୍ୟର ଉଦ୍‌ଘାଟନ ହୋଇଛି ତାଙ୍କର ସାହିତ୍ୟ ସାଧନାର ଅବିଚ୍ଛେଦ୍ୟ ଅଂଶ। ନାରୀକବିଙ୍କୁ ସେ ଆଣିଛନ୍ତି ଆଲୋକକୁ। ତାଙ୍କ ରଚନା ସମଗ୍ର ପ୍ରକାଶ କରିଛନ୍ତି। ତାଙ୍କ ମନୋଗ୍ରାଫ୍‌ରେ ଡକ୍ଟର ନାୟକ ଯଥାର୍ଥରେ ଉଲ୍ଲେଖ କରିଛନ୍ତି, ''ଅଚ୍ଛିନ୍ନ ସେହି ଜାତୀୟ-ଭାବ ସ୍ରୋତରେ ଏକ ପୁଣ୍ୟ ଫଲ୍‌ଗୁଧାରା ହେଉଛନ୍ତି ନାରୀକବି ଅନ୍ନପୂର୍ଣ୍ଣା; ଗଞ୍ଜାମର କୁଳବଧୂ, ଓଡ଼ିଶାର ନାରୀକବି। ସବୁ ଥାଇ କିଛି ନାହିଁ- ଏଇ ତାଙ୍କର ଜୀବନ। ପରିବାରର ପୂର୍ବଜଗଣ ସାହିତ୍ୟର ସର୍ଜନାକାଙ୍‌କ୍ଷାଠାରୁ ଥିଲେ ବହୁ ଦୂରରେ। ପାରିବାରିକ ପରଂପରାର ଭୂମିକା ଉପରେ ତାଙ୍କର ନୈତିକ ଜୀବନ ସିନା ଗଢ଼ା ହେଲା ମାତ୍ର ସାରସ୍ୱତ ଜୀବନର ସୃଷ୍ଟି ଓ ସମ୍ମୋହନର ଆଲୋକ ବର୍ତ୍ତିକା ହେଲେ ସେ ନିଜେ। ଜନ୍ମଭୂମିର ସାରସ୍ୱତ ପରିବେଶ ହୁଏତ କେବେ କେମିତି ତାଙ୍କୁ ଅନୁପ୍ରେରଣା ଯୋଗାଇଥିବ କିନ୍ତୁ ତଦପେକ୍ଷା ଅନ୍ତର୍ଶକ୍ତିର ମହିମା ହିଁ ତାଙ୍କ ପାଇଁ ପ୍ରେରଣାର ଅମୃତ ପାଦୋଦକ ରୂପେ କାର୍ଯ୍ୟ କରିଥିଲା।'' ସଂଘର୍ଷମୟ ଜୀବନରେ କବିପ୍ରତିଭା କିପରି ବିକଶିତ ହୋଇଛି ତାହାକୁ 'ନାରୀକବି ଅନ୍ନପୂର୍ଣ୍ଣା'ରେ ଉପସ୍ଥାପିତ କରିଛନ୍ତି ଡକ୍ଟର ନାୟକ। 'କବି ନୀଳକଣ୍ଠ' ଓ 'କବି ଅର୍ଜ୍ଜୁନ ଦାସ' ମନୋଗ୍ରାଫ୍‌ରେ ସମକାଳୀନ ସାହିତ୍ୟର ସ୍ୱର ଓ କବିଙ୍କର ସିଦ୍ଧି ପ୍ରକାଶ ପାଇଛି। ସବୁଥିରେ କବିଙ୍କ ମୌଳିକ ଦୃଷ୍ଟିକୋଣର ପରିପ୍ରକାଶ।

ସାହିତ୍ୟରେ ନୂଆ ପରୀକ୍ଷାନିରୀକ୍ଷା ପାଇଁ ଡକ୍ଟର କ୍ଷେତ୍ରବାସୀ ନାୟକ ଓଡ଼ିଆ ସାହିତ୍ୟର ଇତିହାସରେ ସ୍ମରଣୀୟ। ସାହିତ୍ୟର ଉଭୟ ଆତ୍ମିକ ଓ ଆଙ୍ଗିକରେ

ପରିବର୍ତ୍ତନର ସୂତ୍ରଧର ଭାବେ ବାର ବାର ଉଭା ହୋଇଛନ୍ତି । ସଂଗଠନ ମାଧ୍ୟମରେ ସାହିତ୍ୟର ବିକାଶ ପ୍ରତି ତାଙ୍କର ବିଶ୍ୱାସ ଥିଲା ଏବଂ ଯୌଥ ପ୍ରୟାସରେ ଓଡ଼ିଆ ସାହିତ୍ୟର ବିକାଶକୁ ସେ ପ୍ରାଧାନ୍ୟ ଦେଇଆସିଥିଲେ । 'ଓଡ଼ିଆ ସାହିତ୍ୟ ଓ ସଂଗଠନ' ଶୀର୍ଷକ ପ୍ରବନ୍ଧରେ ସେ ଉଲ୍ଲେଖ କରିଛନ୍ତି, ''ସୃଷ୍ଟି ଓ ସଂଗଠନ, ସ୍ୱରୂପରେ ଭିନ୍ନ ସତ, ପ୍ରୀତିରେ ଅଭିନ୍ନ। ଗୋଟିଏ ଆଧାରରେ ଦୁହିଁଙ୍କ ସ୍ଥିତି ମଧ ଦୁର୍ଲଭ ନୁହେଁ। ଅର୍ଦ୍ଧନାରୀଶ୍ୱର ପରି ଗୋଟିଏ ମୂର୍ତ୍ତିରେ ଦୁଇଟି ରୂପ ଦର୍ଶନ ସମ୍ଭବ।'' ସଂଗଠନ ମାଧ୍ୟମରେ ଓ ପତ୍ରିକା ସଂପାଦନା ମାଧ୍ୟମରେ ତାଙ୍କର ବାଣୀ ଆରାଧନା ତାଙ୍କ ସାର୍ଥକ ଜୀବନର କାହାଣୀ ଭିନ୍ନ ଅନ୍ୟ କିଛି ନୁହେଁ। ସାହିତ୍ୟ ଅନୁଷ୍ଠାନ 'ଓଡ଼ିଆ ଗବେଷଣା ପରିଷଦ' ପ୍ରତିଷ୍ଠା ଏବଂ ଏହାର ମୁଖପତ୍ର ରୂପେ 'ଏଷଣା' ପ୍ରକାଶ ଓଡ଼ିଆ ସାହିତ୍ୟକୁ ତାଙ୍କର ଅନନ୍ୟ ଅବଦାନ। 'ଏଷଣା' ମାଧ୍ୟମରେ ଭାଷା-ସାହିତ୍ୟର ଗବେଷଣା କ୍ଷେତ୍ରରେ ସେ ନୂଆ ନୂଆ ପ୍ରବିଧି ପ୍ରତି ନୂଆ ପିଢ଼ିର ଦୃଷ୍ଟି ଆକର୍ଷଣ କରି ମହତ୍ କର୍ତ୍ତବ୍ୟ ସଂପାଦନ କରିଛନ୍ତି।

ସାରସ୍ୱତ ଜୀବନରେ ଡକ୍ଟର କ୍ଷେତ୍ରବାସୀ ନାୟକ ଅଧିକ ଶୃଙ୍ଖଳିତ ବୋଧ ହୁଅନ୍ତି। ସେ ଯେଉଁ ସାରସ୍ୱତ ସାଧନା କରିଛନ୍ତି, ତାହାକୁ ପୁସ୍ତକାକାରରେ ପ୍ରକାଶ କରିଛନ୍ତି। ବିଭିନ୍ନ ଅବସରରେ ସେ ପ୍ରଦାନ କରିଥିବା ଅଭିଭାଷଣ 'ସାହିତ୍ୟ ଚର୍ଚ୍ଚା' ପୁସ୍ତକରେ ସ୍ଥାନିତ ହୋଇଛି। ଏ ସମସ୍ତ ଅଭିଭାଷଣରେ କେବଳ ତଥ୍ୟ ଓ ତତ୍ତ୍ୱର ସେ ଅବତାରଣା କରିନାହାଁନ୍ତି, ସାହିତ୍ୟ ସଂପର୍କରେ ତାଙ୍କର ବିଚାରବୋଧ ଓ ଅବବୋଧ ମଧ୍ୟ ରେଖାଙ୍କିତ ହୋଇଛି।

କବିତା ଓ ଗଳ୍ପ କ୍ଷେତ୍ରରେ ଯେଉଁ ଚମକ ଆମେ ଦେଖୁ ସେଥିରେ ଏକ ପ୍ରତିଶ୍ରୁତି ରହିଥିଲା ସିନା ଏହି ପ୍ରତିଶ୍ରୁତି ଫଳପ୍ରସୂ ହେବା ସମ୍ଭବ ହୋଇନଥିଲା। ଯେଉଁ ବିଭାଗ ଦ୍ୱୟ ନିଜର ଆତ୍ମିକ ଅନୁରଣନକୁ ଝଙ୍କୃତ କରିବାରେ ସଫଳ ହେଉଥିଲା ତାହା ଦୀର୍ଘକାଳ ତିଷ୍ଠି ରହିପାରିନଥିଲା। ସେ ଓଡ଼ିଆ ସୃଜନଶୀଳ ସାହିତ୍ୟରେ ପ୍ରତିଶ୍ରୁତିସଂପନ୍ନ ସଂଜ୍ଞା ଭିତରେ ହିଁ ସୀମିତ ରହିଗଲେ। ସୀମିତ ସାରସ୍ୱତ ଯାତ୍ରାପଥରେ ବିସ୍ମୟକର ପ୍ରତିଭାଙ୍କ ପ୍ରଭାରେ ଓଡ଼ିଆ ସାହିତ୍ୟ କେତେ ସମୃଦ୍ଧ ହୋଇପାରିଛି, ତାହା ଏ ପର୍ଯ୍ୟନ୍ତ ଯଥାର୍ଥ ଭାବେ ବିଚାରର ପରିସରଭୁକ୍ତ ହୋଇପାରିଲାନାହିଁ- ତାହା ହିଁ ବିଡ଼ମ୍ବନା ଭିନ୍ନ ଅନ୍ୟକିଛି ନୁହେଁ।

❑❑❑

ପରିଶିଷ୍ଟ

ଜୀବନ-ପଞ୍ଜି

୧୯୩୯ - ଅକ୍ଟୋବର ୪ ତାରିଖରେ ଭଦ୍ରକଠାରେ ଜନ୍ମ।

୧୯୫୬ - ଭଦ୍ରକ ହାଇସ୍କୁଲରୁ ଉଚ୍ଚ ବିଦ୍ୟାଳୟ ଶିକ୍ଷା ସମାପ୍ତ।

୧୯୬୦ - ଭଦ୍ରକ କଲେଜରେ ଅଧ୍ୟୟନ କରି ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଉପାଧି ଲାଭ। ଉତ୍କଳ ଛାତ୍ର ୟୁନିୟନର ମୁଖପତ୍ର 'ରଶ୍ମି' ସଂପାଦନା।

୧୯୬୩ - ରେଭେନ୍ସା କଲେଜରେ ଓଡ଼ିଆ ଏମ୍.ଏ ଶିକ୍ଷା ସମାପ୍ତ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ ସ୍ନାତକୋତ୍ତର ଉପାଧି ଲାଭ। 'ଭଦ୍ରକ ଲେଖକ ସମ୍ମେଳନ'ର ସଂପାଦକ ଦାୟିତ୍ୱ ସଂପାଦନ।

୧୯୬୪ - ସମ୍ବଲପୁର ଗଙ୍ଗାଧର ମେହେର କଲେଜ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଅଧ୍ୟାପନା। ଭଦ୍ରକରୁ ସାହିତ୍ୟ ପତ୍ରିକା 'ଶତରୂପା' ସଂପାଦନା। ଲାବଣ୍ୟ ଦାସଙ୍କ ସହ ବିବାହ।

୧୯୬୬ - ବଲାଙ୍ଗିର ରାଜେନ୍ଦ୍ର କଲେଜରେ ଅଧ୍ୟାପନା।

୧୯୬୭ - ବଲାଙ୍ଗିରରେ ସାହିତ୍ୟ ଅନୁଷ୍ଠାନ 'ଆତ୍ମପ୍ରକାଶନୀ' ଗଠନ। ଗଳ୍ପପୁସ୍ତକ 'ଫୁଲର କବର' ପ୍ରକାଶିତ।

୧୯୬୮ - ଆଲୋଚନା ପୁସ୍ତକ 'ଅଳଙ୍କାର ଓ ଅଳଙ୍କାର ତତ୍ତ୍ୱ', ମିଳିତ ରଚନା କବିତା ସଂକଳନ 'ବିଫଳତା ସପକ୍ଷରେ' ଓ ପ୍ରବନ୍ଧ ସଂକଳନ 'ପ୍ରବନ୍ଧ ଓ ପ୍ରାବନ୍ଧିକ' ପ୍ରକାଶ।

୧୯୬୯ - ସ୍ୱରଚିତ କବିତାର ସଂକଳନ 'ଉଚ୍ଚାରଣ' ପ୍ରକାଶ। କବିତା ପାଇଁ ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ବିଷୁବ ମିଳନରେ ପୁରସ୍କୃତ। ବଲାଙ୍ଗିରଠାରେ ଆୟୋଜିତ 'ଓଡ଼ିଆ ଯୁବଲେଖକ ସମ୍ମେଳନ'ର ଅଭ୍ୟର୍ଥନା ସମିତିର ସାଧାରଣ ସଂପାଦକ।

୧୯୭୦ - ଓଡ଼ିଶାର ସର୍ବପ୍ରଥମ 'ପୋଷ୍ଟର କବିତା' ସଂପାଦନା। 'ସାହିତ୍ୟ ସାମାନ୍ୟ କଥନ' ଓ 'ସାହିତ୍ୟିକ ବୀକ୍ଷା ଓ ନିରୀକ୍ଷା' ସମୀକ୍ଷାଗ୍ରନ୍ଥ ପ୍ରକାଶ। ଲାବଣ୍ୟ ଦେବୀଙ୍କ ସହ ରଚିତ 'ପ୍ରବନ୍ଧ-ବିଚିତ୍ରା' ପୁସ୍ତକ ଉନ୍ମୋଚନ।

୧୯୭୧ - ବ୍ରହ୍ମପୁରର ଖଲ୍ଲିକୋଟ କଲେଜରେ ଅଧ୍ୟାପନା।

୧୯୭୨ - 'କବି ନୀଳକଣ୍ଠ' ସମୀକ୍ଷା ପୁସ୍ତକ ପ୍ରକାଶ। ବ୍ରହ୍ମପୁରଠାରେ 'ସମୀକ୍ଷା ସଂସଦ' ସାହିତ୍ୟ ଅନୁଷ୍ଠାନ ପ୍ରତିଷ୍ଠା।

୧୯୭୩ - ଶ୍ରୀନିବାସ ଉଦ୍‌ଗାତାଙ୍କ ସହ 'ସାଂପ୍ରତିକ ଓଡ଼ିଆ ସାହିତ୍ୟ ସଂପର୍କରେ' ସମୀକ୍ଷା ଗ୍ରନ୍ଥ ସଂପାଦନା ଓ ପ୍ରକାଶ।

୧୯୭୪ - 'ରାଧାନାଥ ଗ୍ରନ୍ଥାବଳୀ', 'ଶ୍ରୀଜଗନ୍ନାଥ ପଦ୍ୟାବଳୀ'(୧ମଭାଗ) ସଂପାଦନା ଓ ପ୍ରକାଶ।

୧୯୭୬ - 'ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ' ସନ୍ଦର୍ଭ ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ପିଏଚ୍‌.ଡି. ଡିଗ୍ରୀ ଲାଭ।

୧୯୭୮ - ରେଭେନ୍ସା କଲେଜରେ ଅଧ୍ୟାପନା। 'ନାରୀକବି ଅନ୍ନପୂର୍ଣ୍ଣା ରଚନାଶ୍ରୀ', 'ଶ୍ରୀଜଗନ୍ନାଥ ପଦ୍ୟାବଳୀ'(୨ୟ ଓ ୩ୟ) ସଂପାଦନା ଓ ପ୍ରକାଶ।

୧୯୮୦ - ଅକ୍ଟୋବର ୨୫ରେ 'ଓଡ଼ିଆ ଗବେଷଣା ପରିଷଦ' ପ୍ରତିଷ୍ଠା ଓ 'ଏଷଣା' ପତ୍ରିକା ସଂପାଦନା

୧୯୮୧ - 'ଭାରତୀୟ କାବ୍ୟତତ୍ତ୍ୱ' ଓ 'ସାହିତ୍ୟ ଚର୍ଚ୍ଚା' ସମୀକ୍ଷା ପୁସ୍ତକ ପ୍ରକାଶ।

୧୯୮୨ - 'କବି ଓ କାମିନୀ' ସମୀକ୍ଷା ପୁସ୍ତକ ପ୍ରକାଶ।

୧୯୮୩ - 'କବି ଅର୍ଜୁନ ଦାସ' ସମୀକ୍ଷା ଗ୍ରନ୍ଥ ପ୍ରକାଶ।

୧୯୮୪ - ଲାବଣ୍ୟ ଦେବୀଙ୍କ ସହ 'କବିତାର କଥା' ପୁସ୍ତକ ରଚନା ଓ ପ୍ରକାଶ।

୧୯୮୬ - ଜାନୁଆରୀ ୨୫ ପୌଷ ପୂର୍ଣ୍ଣିମାରେ ପରଲୋକ।

❑❑❑

ଡକ୍ଟର କ୍ଷେତ୍ରବାସୀ ନାୟକଙ୍କ
ପ୍ରକାଶିତ କୃତି

୧. ଫୁଲର କବର (ଗଳ୍ପ ସଂକଳନ, ୧୯୬୭)- ଆତ୍ମପ୍ରକାଶନୀ, ବଲାଙ୍ଗିର
୨. ଉଚ୍ଚାରଣ (କବିତା ସଂକଳନ, ୧୯୬୯)- ଆତ୍ମପ୍ରକାଶନୀ, ବଲାଙ୍ଗିର
୩. ସାହିତ୍ୟର ସାମାନ୍ୟକଥନ (୧୯୭୦)- ସାଥୀମହଲ, କଟକ
୪. ସାହିତ୍ୟିକ ବୀକ୍ଷା ଓ ନିରୀକ୍ଷା (ଆଲୋଚନା,୧୯୭୦)- ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ
୫. କବି ନୀଳକଣ୍ଠ (ଜୀବନୀ, ୧୯୭୬)- ବିଜୟ ବୁକ୍ ଷ୍ଟୋର, ବ୍ରହ୍ମପୁର
୬. ଆଧୁନିକ ଓଡ଼ିଆ କାବ୍ୟସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ (ଗବେଷଣା ନିବନ୍ଧ,୧୯୭୭)-ପୁସ୍ତକ ଭଣ୍ଡାର, ବ୍ରହ୍ମପୁର
୭. ଆଲୋଚନା ପତ୍ର (ଆଲୋଚନା, ୧୯୭୯)- ସାଥୀ ମହଲ, କଟକ
୮. ଭାରତୀୟ କାବ୍ୟତତ୍ତ୍ୱ (ଆଲୋଚନା, ୧୯୮୧)- ପୁସ୍ତକ ଭଣ୍ଡାର, ବ୍ରହ୍ମପୁର
୯. ସାହିତ୍ୟ ଚର୍ଚ୍ଚା (ଆଲୋଚନା, ୧୯୮୨)- ବୁକ୍ସ୍ ଆଣ୍ଡ ବୁକ୍ସ୍, କଟକ
୧୦. କବି ଓ କାମିନୀ (ଆଲୋଚନା, ୧୯୮୨)- ଉତ୍କଳିକା, କଟକ
୧୧. କବି ଅର୍ଜୁନ ଦାସ (ମନୋଗ୍ରାଫ୍,୧୯୮୩)- ସାରସ୍ୱତ ପ୍ରକାଶନୀ, କଟକ
୧୨. ନାରୀକବି ଅନ୍ନପୂର୍ଣ୍ଣା : କବି ଚରିତ କାବ୍ୟଚର୍ଚ୍ଚା (ଜୀବନୀ,୧୯୮୩)- ପୁସ୍ତକ ଭଣ୍ଡାର, ବ୍ରହ୍ମପୁର।
୧୩. ଶଶିଭୂଷଣ ରଚନାବଳୀ (୧୯୯୭)- ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର।
୧୪. କାବ୍ୟପୁରୁଷର କଥା (୨୦୦୩)- ଓଡ଼ିଆ ଗବେଷଣା ପରିଷଦ, କଟକ।

ସହ-ଲେଖକ ଡକ୍ଟର ଲାବଣ୍ୟ ନାୟକଙ୍କ ସହ

୧. ପ୍ରବନ୍ଧ ଓ ପ୍ରାବନ୍ଧିକ (ଆଲୋଚନା, ୧୮୬୮)- ବିଶ୍ୱବିଦ୍ୟା ପ୍ରକାଶ, କଟକ
୨. ଅଳଙ୍କାର ଓ ଅଳଙ୍କାର ତତ୍ତ୍ୱ (ଆଲୋଚନା, ୧୯୬୮)- ଭାରତୀ ଟ୍ରେଡିଂ କମ୍ପାନୀ, ଟିଟିଲାଗଡ଼
୩. ପ୍ରବନ୍ଧ ବିଚିତ୍ରା (ପ୍ରବନ୍ଧ, ୧୯୭୬)- ପୁସ୍ତକ ଭଣ୍ଡାର, ବ୍ରହ୍ମପୁର
୪. କବିତାର କଥା (ଆଲୋଚନା, ୧୯୮୪)- ସାରସ୍ୱତ ପ୍ରକାଶନୀ, କଟକ।
୫. ସାହିତ୍ୟର ସୂତ୍ର(ଆଲୋଚନା, ୨୦୦୮)- ପାଦଟୀକା, କଟକ

ସଂପାଦନା (ପୁସ୍ତକ)

୧. ସାଂପ୍ରତିକ ଓଡ଼ିଆ ସାହିତ୍ୟ ସଂପର୍କରେ(ଅଲୋଚନା, ୧୯୭୩)- ଶ୍ରୀନିବାସ ଉଦ୍‌ଗାତାଙ୍କ ସହ, ପୁସ୍ତକ ଭଣ୍ଡାର, ବ୍ରହ୍ମପୁର
୨. ରାଧାନାଥ ଗ୍ରନ୍ଥାବଳୀ(୧୯୭୫)- ପୁସ୍ତକ ଭଣ୍ଡାର, ବ୍ରହ୍ମପୁର
୩. ଶ୍ରୀଜଗନ୍ନାଥ ପଦ୍ୟାବଳୀ(୧୯୭୭-୮୦)- ପୁସ୍ତକ ଭଣ୍ଡାର, ବ୍ରହ୍ମପୁର
୪. ନାରୀକବି ଅନ୍ନପୂର୍ଣ୍ଣା ରଚନାଶ୍ରୀ(୧୯୮୦)-ପୁସ୍ତକ ଭଣ୍ଡାର, ବ୍ରହ୍ମପୁର
୫. ଫକୀରମୋହନଙ୍କ କଥାସାହିତ୍ୟ(୧୯୮୦)- ପୁସ୍ତକ ଭଣ୍ଡାର, ବ୍ରହ୍ମପୁର
୬. ଚୟନିକା(୧୯୬୭)- ଡକ୍ଟର କୃଷ୍ଣଚରଣ ବେହେରାଙ୍କ ସହ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ
୭. ଓଡ଼ିଆ ଗବେଷଣା ପରିଷଦ ଗ୍ରନ୍ଥମାଳା(୧୯୮୦-୮୫)- ଡକ୍ଟର କୃଷ୍ଣଚରଣ ବେହେରା ଓ ଚିତ୍ତରଂଜନ ଦାସଙ୍କ ସହ ଓଡ଼ିଆ ଗବେଷଣା ପରିଷଦ, କଟକ

ସଂପାଦିତ ପତ୍ରିକା

୧. କଳିକା (୧୯୫୪) ହାତଲେଖା ପତ୍ରିକା
୨. ଛାତ୍ର ମଞ୍ଜୁସା (୧୯୫୪) ହାତଲେଖା ପତ୍ରିକା
୩. ରଶ୍ମି (୧୯୬୦) ଉତ୍କଳ ଛାତ୍ର ୟୁନିୟନର ମୁଖପତ୍ର
୪. ଶତରୂପା (୧୯୬୪) ତ୍ରୈମାସିକ ସାହିତ୍ୟ ପତ୍ରିକା, ଭଦ୍ରକ
୫. ପୋଷ୍ଟର କବିତା (୧୯୭୦), ବଲାଙ୍ଗିର
୬. କୈବଲ୍ୟ (୧୯୮୧-୮୩) ତ୍ରୈମାସିକ ସାହିତ୍ୟ ପତ୍ରିକା, କଟକ
୮. ଏଷଣା (୧୯୮୦-୮୫) ଓଡ଼ିଆ ଗବେଷଣା ପରିଷଦ ପ୍ରକାଶିତ ଷାଣ୍ମାସିକ ଜର୍ଣ୍ଣାଲ

❑❑❑

'ଏଷଣା'ର ପ୍ରଥମ ସଂପାଦକୀୟ
ସାହିତ୍ୟ ଓ ସାହିତ୍ୟବିଦ୍ୟା

ସାହିତ୍ୟ-ନଦୀ ବହି ଚାଲିଛି ତଟ ପରେ ତଟ ସୃଷ୍ଟିକରି, ଘାଟ ପରେ ଘାଟ ଥାପି, ଜନ୍ମଭୂଇଁର ଚୌହଦୀ ଡେଇଁ, ମାଡ଼ି ଯାଇଛି ରାଜ୍ୟରୁ ରାଜ୍ୟାନ୍ତର। ତେବେ ଏତେ ବିସ୍ତୃତ ଯେଉଁ ସାହିତ୍ୟର ସାମ୍ରାଜ୍ୟ, କିଏ ଏହାର କ୍ଷେତ୍ରପାଳ? ବାଲ୍ମୀକି ଓ କାଳିଦାସ ପ୍ରଭୃତି କବିଗଣ, ନା ଅଭିନବ ଗୁପ୍ତ ବା ବିଶ୍ୱନାଥ ଆଦି ଆଚାର୍ଯ୍ୟଗଣ ? ଅନେକ ସମୟରେ ପ୍ରଶ୍ନ ବି ଉଠିଛି, "ବାଲ୍ମୀକି ଓ କାଳିଦାସ ପ୍ରଭୃତି କବିମାନଙ୍କୁ ସମ୍ମୁଖରେ ନ ରଖି ଆମେ କ'ଣ କୌଣସି ଆନନ୍ଦବର୍ଦ୍ଧନଙ୍କୁ କଳ୍ପନା କରିପାରୁଁ?'' ସାହିତ୍ୟ ବ୍ୟାପାରରେ କାଳିଦାସ ଓ ଆନନ୍ଦବର୍ଦ୍ଧନଙ୍କୁ ସାନ ବଡ଼ ବିଚାରରେ ଭିନେ କରିବା ମୁସ୍କିଲ। ସାରସ୍ୱତ ସୃଷ୍ଟି କର୍ମରେ ଦୁହିଁଙ୍କ ଭିତରୁ କାହାରି ଭୂମିକା କୌଣସି ଗୁଣରେ ନ୍ୟୂନ ନୁହେଁ।

ସାହିତ୍ୟ ଓ ସାହିତ୍ୟାନୁଶୀଳନ, ପ୍ରକାଶ ବୃତ୍ତିର ଦୁଇଟି ଅଙ୍ଗ ମାତ୍ର। ସାହିତ୍ୟ ଏକ ସ୍ରୋତ ହେଲେ, ସାହିତ୍ୟାନୁଶୀଳନ ହେଉଛି ତାହାର ଶଯ୍ୟା। ଶଯ୍ୟା ବନ୍ଧୁର ଓ କଂକରିଳ ହୋଇଥିଲେ ସ୍ରୋତର ଗତି ସେତେ ସରଳ ଓ ସ୍ୱଚ୍ଛନ୍ଦ ହେବନାହିଁ। ସେହିପରି ସାହିତ୍ୟ-ସ୍ରୋତସ୍ୱିନୀର କଥା। ଶଯ୍ୟାର ଆଧାରରେ ଏହାର ବେଗ ଓ ବାଗ ଛନ୍ଦାୟିତ ହୋଇଥାଏ, ଏଥିରେ ସ୍ୱଚ୍ଛତା ଓ କମନୀୟତାର ଆକର୍ଷଣ ଫୁଟି ଉଠେ। ନଦୀ ଆପଣା ଶଯ୍ୟାକୁ ଭୁଲେ ନାହିଁ, ହୁଏତ କେତେବେଳେ କେମିତି ଗତିପଥ ପରିବର୍ତ୍ତନ କରିପାରେ। ସାହିତ୍ୟ ପ୍ରବାହରେ ମଧ୍ୟ ଗତି ପରିବର୍ତ୍ତନ ଘଟେ, ତହିଁରୁ ନୂଆ ଦିଗର ସଂକେତ ମିଳେ ଓ ନୂଆ କର୍ମକାକଳୀ ବି ଶୁଣାଯାଏ। ସାହିତ୍ୟରେ ଘଟିଥିବା ଯାବତୀୟ ଆନ୍ଦୋଳନ ଏହି ଗତି ପରିବର୍ତ୍ତନର ପରିଣାମ ବିନା ଅନ୍ୟ କିଛି ନୁହେଁ।

ସାହିତ୍ୟ ଯଦି ସୃଷ୍ଟିର ଅଣସର ଘରେ ଗୋପ୍ୟ ହୋଇରହୁଥାନ୍ତା, ଲୋକଙ୍କ ସଙ୍ଗତରେ ମିଶୁ ନଥାନ୍ତା, କି ସେବକ ଓ ସଂଭୋଗୀମାନଙ୍କୁ ପାଖ ମଡ଼େଇ ଦେଉ ନଥାନ୍ତା, ତାହେଲେ କେଉଁଠି ହେଲେ କିଛି ଆଲୋଡ଼ନ ଘଟନ୍ତା ନାହିଁ। ଗଛ, ପାଣି, ପବନ ଓ ମଣିଷର ମନ କେହି ଚହଲନ୍ତେ ନାହିଁ, ସାହିତ୍ୟ ଗମ୍ଭୀରାଟିର ଦୁଆର ଫିଟନ୍ତା

ନାହିଁ କି କାଳିଦାସ, ବାଲ୍ମୀକି ପ୍ରଭୃତିଙ୍କର ଅନନ୍ତଶୟନ ଭାଙ୍ଗନ୍ତା ନାହିଁ। ତେବେ ସାହିତ୍ୟ, ସାହିତ୍ୟ ବୋଲି ଚିନ୍ତା ପଡ଼ନ୍ତା କିପରି ?

ଏଣୁ ସାହିତ୍ୟର ମର୍ମ ଚିହ୍ନିବା ପାଇଁ ସହୃଦୟଙ୍କ ଲୀଳା, ଲାଳନପାଳନର ଦାୟ। କବି ଓ ସହୃଦୟ ଛନ୍ଦାଛନ୍ଦି ଏମାନଙ୍କର ସମ୍ପର୍କ। ଖିଅଟିଏ କେଉଁଠୁ ଖସିଗଲେ ଲାଳନ-ସୂତ୍ର ଛିଣ୍ଡି ଯାଏ। ସାହିତ୍ୟର ଅସଲ ମୂଳ ଦେଇ ମନର ଚଉତରା ଭିତରକୁ ବରଣ କରି ଘେନିଯିବା ସହଜ ହୁଏ ନାହିଁ। ମୂଲ୍ୟବୋଧ ସହ ପ୍ରତ୍ୟକ୍ଷ ପରିଚୟ ଘଟିଲା ଉତ୍ତାରୁ, ସାହିତ୍ୟ ଦେଉଥିବା ଅଙ୍ଗୀକାରକୁ ଜୀବନର ବଳ ବୋଲି ମାନି ନେବାକୁ ଭାରି ଇଚ୍ଛା ହୁଏ। ଏଇଠି ସାହିତ୍ୟ ସମସ୍ତଙ୍କ ପାଇଁ ହୋଇଯାଏ ଏକ ପ୍ରେରଣା, ଏକ ପ୍ରତ୍ୟୟ,ଏକ ଆଶ୍ରୟ ନିକେତନ। କିନ୍ତୁ ଅପର ପକ୍ଷରେ, 'ବିଳାରସ' ଅଭିଧାରେ ସାହିତ୍ୟକୁ ଚିହ୍ନୁଥିବା ଯାକେ ଭାବର ଅକ୍ଷରଗୁଡ଼ିକ ଫୁଲ ଶେଯର କୁସୁମଝରି ତୁଲ୍ୟ ମନେହୁଅନ୍ତି, ବିଳାସୀ-ବିନୋଦିଆଙ୍କୁ ଶିହରିତ କରୁଥିବା କେତେ ଶ୍ଳୋକ-ସଂପୁଟ ବୋଲି ଜଣା ପଡ଼ନ୍ତି।

ସାହିତ୍ୟ ଏକ ବିଳାସ ନା ଏକ ଅଙ୍ଗୀକାର- ଏଇ ମୌଳିକ ପ୍ରଶ୍ନ ଘେନି ନାନା ଦ୍ୱନ୍ଦ, ନାନା ମତର ଆଲୋଡ଼ନ କାଳେକାଳେ ସାହିତ୍ୟ ଭୂମିରେ ଦେଖାଦେଇଛି। ଅତୀତରୁ ଅଦ୍ୟାବଧି ଦେଶ ବିଦେଶର ବହୁ ମନୀଷୀ ଓ ତତ୍ତ୍ୱଜ୍ଞ ସ୍ରଷ୍ଟାକୁଳ ଏଇ ପ୍ରଶ୍ନଟିର ସମାଧାନ ପାଇଁ ଆପଣା ବାଟରେ ବିବିଧ ଉଦ୍ୟମ କରିଛନ୍ତି। ଅସଲରେ ସମସ୍ୟାଟିର ସମାଧାନ କରୁଁ କରୁଁ ସେମାନେ ପୁନଶ୍ଚ ନୂଆ ପ୍ରଶ୍ନ, ନୂଆ କୌତୂହଳର ଅଜ୍ଞାତ ଇଲାକାରେ ପ୍ରବେଶ କରିଛନ୍ତି ସିନା ମୂଳପ୍ରଶ୍ନର ସମାଧାନ ଏଯାଏଁ ଘଟି ନାହିଁ।

ପ୍ରାଚୀନ ଯୁଗରୁ ଅଦ୍ୟାବଧି ସାହିତ୍ୟକୁ ବିଳାସବୋଧର ଆକର୍ଷଣରେ ହେଉ ବା ଅଙ୍ଗୀକର-ପ୍ରବଣତା ପାଇଁ ହେଉ ଗ୍ରହଣ କରାଯାଉଥିଲେ ମଧ ସାହିତ୍ୟରୁ ବହିଃଅଙ୍ଗ-ବିଳାସର ଉପାଦାନ ଖୋଜିବା ପାଇଁ ଆଗ୍ରହ ହିଁ ମୂଲ୍ୟ-ସନ୍ଧାନୀ ମନୋବୃତ୍ତିରେ ବାଧା ଉପୁଜାଉଛି। ସାହିତ୍ୟର ବହିରଙ୍ଗ ପରିଧି ଭିତରେ ବିଚରଣ କରୁଥିଲେ; ସଭା-ସମିତିମାନଙ୍କରେ ଅପରିମିତ ଅତିକଥନ, ବା ସ୍ନାୟୁସିକ୍ତାରୀ ବିନ୍ୟାସ ପ୍ରତି ବିଶେଷ ଧ୍ୟାନ ଦେଉଥିଲେ, ବିଳାସ-ପ୍ରମତ୍ତତା ଆଗକୁ ଫୁଟି ଦିଶିବ ସିନା, ମୂଲ୍ୟବୋଧ ଅନୁସନ୍ଧାନୀ ମନୋବୃତ୍ତି ପ୍ରକାଶ ପାଇବ କି ?

ତେଣୁ ସାହିତ୍ୟରେ ପ୍ରତିଫଳିତ ଭାବର ଅକ୍ଷର ସମୂହ ମନ ଭିତରେ ପଶି, ଭିତର ମନକୁ ଚିଆଁଇବାରେ ଯେ ଖୁବ୍ ଦକ୍ଷ, ତାହାଙ୍କର ଶକ୍ତି "ରସ-ବିଳାସ କୌତୂହଳ'ଠାରୁ ଆହୁରି ଅଧିକ- ଏଇ ଆଭିମୁଖ୍ୟର ଆଭାସ ପ୍ରାଚୀନ ଓ ପାରମ୍ପରିକ 'ସାହିତ୍ୟ-ବିଦ୍ୟା'ରୁ ଆମେ ପାଉନାହିଁ। ବରଂ ଏହାର ସୂଚନା ମିଳେ ଆଧୁନିକ ସାହିତ୍ୟ-ବିଦ୍ୟାର ବୈଚିତ୍ର୍ୟମୟ କୃଷ୍ଟିରୁ- ଯାହାର ବିଶେଷ ଧ୍ୟେୟ ହେଉଛି- ସାହିତ୍ୟରୁ ମୂଲ୍ୟବୋଧର ଅନ୍ୱେଷଣ ଏବଂ

ତାହାର ପ୍ରୟୋଗାତ୍ମକ ଉପଯୋଗିତା ବିଚାର। ବସ୍ତୁତଃ ସହୃଦୟଙ୍କ ସାହିତ୍ୟ-ଚିହ୍ନାର ଏଇ ରୀତି ହିଁ ଯଥାର୍ଥରେ ସାହିତ୍ୟ ସମାଲୋଚନା। 'ସାହିତ୍ୟ-ଚିହ୍ନା' ଅର୍ଥ ସାହିତ୍ୟକୁ ସାହିତ୍ୟ ହିସାବରେ ଚିହ୍ନିବା, ଭଲ ପାଇବା, ବୁଝି ବୁଝାଇବାର ବୃତ୍ତି। ସାହିତ୍ୟ-ଚିହ୍ନା ପ୍ରବୃତ୍ତି ଯେଉଁଥିରେ ପ୍ରତିଫଳିତ, ସାହିତ୍ୟର ଜୀବକୋଷକୁ ସଞ୍ଜୀବିତ କରାଇବାରେ ଯିଏ ସମର୍ଥ, ସିଏ ହେଉଛି ସାହିତ୍ୟ-ବିଦ୍ୟା, ସାହିତ୍ୟ-ଏଷଣା ବା ସମାଲୋଚନାର ଅନ୍ୟନାମ।

ବିଭିନ୍ନ ଦିଗରୁ ସାହିତ୍ୟକୁ, ସାହିତ୍ୟ ହିସାବରେ ଚିହ୍ନା ଯାଇପାରେ। ସାହିତ୍ୟ-ତତ୍ତ୍ୱର ଭୂମିକାରେ ସାହିତ୍ୟକୁ ଚିହ୍ନିବା ହେଉଛି ତନ୍ମଧ୍ୟରୁ ଅନ୍ୟତମ। ଏହାଦ୍ୱାରା ସାହିତ୍ୟର କ୍ଷେତ୍ରବ୍ୟାପ୍ତି ଘଟେ, ସାହିତ୍ୟ-ବସ୍ତୁରୁ ସାହିତ୍ୟ ଗୁଣର ପ୍ରକାଶ ଚିହ୍ନଟ ହେବା ସଙ୍ଗେ ସଙ୍ଗେ ଦର୍ଶନର ଅବବୋଧ ମଧ୍ୟ ଜନ୍ମିଥାଏ। ସାହିତ୍ୟ-ତତ୍ତ୍ୱଜ୍ଞ ସମାଲୋଚକ ଏକାଧାରରେ ଜଣେ ଦାର୍ଶନିକ ଓ ଜଣେ ରସାମୋଦୀ ବିଦଗ୍ଧ ପାଠକ। ନିଃସଙ୍ଗ ଅବସ୍ଥାରେ ଥାଇ ସାହିତ୍ୟ-ସଂଭୋଗ କରୁଥିବା ସମାଲୋଚକ ମଧ୍ୟ ସାହିତ୍ୟକୁ ସାହିତ୍ୟ ହିସାବରେ ଦେଖିଥାଏ। ଏ କ୍ଷେତ୍ରରେ କୌଣସି ପ୍ରକାର ମାନବୀୟ ସଂପର୍କ ଜାଲ, ପ୍ରିୟ-ଅପ୍ରିୟ ଭାବନା, ଚିହ୍ନା-ପରିଚୟର ଭ୍ରାନ୍ତି, ସମାଲେଚାନାର ଚେତନ-ସତ୍ତାକୁ କବଳିତ କରିପାରେ ନାହିଁ। ସାହିତ୍ୟ-ବସ୍ତୁ ବିନା ତାହାର ଆଉ କେହି ନାହିଁ, ସବୁଥିରୁ ସେ ବିଚ୍ଛିନ୍ନ, ସତେ ଯେପରି ନିରାଲମ୍ବ ଏକ ମଗ୍ନ ବ୍ୟକ୍ତିତ୍ୱ।

ସମାଲୋଚନାର ଦୃଷ୍ଟି ଏଠି ଖୁବ୍ ଅନ୍ତର୍ଭେଦୀ, ଗଭୀର-ଗାମୀ ଅନୁଶୀଳନ ହେଉଛି ତାଙ୍କର ଲକ୍ଷ୍ୟ। କେବଳ ବ୍ୟାଖ୍ୟା ସାହାଯ୍ୟରେ ଅଶିକ୍ଷିତ ପାଠକଙ୍କୁ ଶିକ୍ଷିତ କରାଇବା, ଅଜ୍ଞାନଙ୍କୁ ଜ୍ଞାନ ଦେବା, ଉଦାସୀନଙ୍କୁ ଜାଗ୍ରତ କରିବା, ଅନାଗ୍ରହୀଙ୍କୁ ଅନୁରାଗୀ କରିବା ଲାଗି ଗୁରୁପଣିଆ-ଏଇ ଶ୍ରେଣୀର ସମାଲୋଚକଙ୍କୁ ଆଦୌ ରୁଚେ ନାହିଁ। କାରଣ ଶୁଦ୍ଧ ସମାଲୋଚନାର ଲକ୍ଷ୍ୟ, ପାଠକ ନୁହନ୍ତି; ଲକ୍ଷ୍ୟ ହେଉଛି ସାହିତ୍ୟ-ବସ୍ତୁ; ତାହାର ଉତ୍କର୍ଷ ଅପକର୍ଷ ଅନ୍ୱେଷଣ। ମୂଲ୍ୟ ଦୃଷ୍ଟିରୁ କୌଣସି ରଚନା ବିଶେଷକୁ ଅନ୍ୟ ମୂଲ୍ୟବାନ ସାହିତ୍ୟବସ୍ତୁ ସଙ୍ଗେ ମିଳେଇ ଦେଖିବା, ମାନବ ସଂସ୍କୃତି ଓ ଐତିହ୍ୟର ଭୂମିକାରେ ଏହାର ମାନ ନିର୍ଣ୍ଣୟ କରିବା, ତଦାତ୍ମ୍ୟବିଧି (Introspective Method) ବଳରେ ସାହିତ୍ୟ ବସ୍ତୁରୁ ସ୍ରଷ୍ଟା ମାନସ ପ୍ରତ୍ୟକ୍ଷ କରିବା, ଶିଳ୍ପଧର୍ମର ସୌନ୍ଦର୍ଯ୍ୟ ଖୋଜିବା, ଇତ୍ୟାଦି ହେଉଛି ଏଇ ସମାଲୋଚନାର ଲକ୍ଷ୍ୟ; ଏହାକୁ କୁହାଯାଏ ଶୁଦ୍ଧ ସମାଲୋଚନା। ବ୍ୟାଖ୍ୟାର ପ୍ରତିପତ୍ତିକି ଏଠି ସ୍ୱୀକାର କରାଯାଏ ନାହିଁ। ସମାଜତତ୍ତ୍ୱ, ମନସ୍ତତ୍ତ୍ୱ, ନନ୍ଦନତତ୍ତ୍ୱ ଓ ପୁରାତତ୍ତ୍ୱ ପ୍ରଭୃତି ବିଦ୍ୟାର ପ୍ରାସଙ୍ଗିକ ଭୂମିକାରେ ସାହିତ୍ୟର ମୂଲ୍ୟ ଚିହ୍ନିବା ଲାଗି ଏଠି ଯତ୍ନ କରାଯାଇଥାଏ।

ସବୁମନ୍ତେ ସାହିତ୍ୟକୁ ଚିହ୍ନିବା ଲାଗି ଲୋଡ଼ାହୁଏ "ସାହିତ୍ୟ-ବିଦ୍ୟା'। କାରଣ ସାହିତ୍ୟରେ ଯାହା ସବୁ କୁହାଯାଇଥାଏ, ସବୁ ଯେ ଲେଖକଙ୍କ ଜାଗ୍ରତ ଚେତନାର ପ୍ରକାଶ,

ତା' ନୁହେଁ। ଏଥିରୁ ଅନେକ କିଛି ଚରାଚର ସମଷ୍ଟି ମନର ଅବଚେତନ କ୍ରିୟା-ପ୍ରକ୍ରିୟାର (Collective Unconscious) ପ୍ରତିରୂପ ମଧ୍ୟ ହୋଇପାରେ। ପୁନଶ୍ଚ ସାହିତ୍ୟର ଭାଷା, କେବଳ ଅଭିଧାନର ଅନୁଗାମୀ ଭାଷା ନୁହେଁ। ଏଥିରେ ଜଣା ଯେତେ ଅଜଣା ତହିଁରୁ ବେଶୀ, ଯେତିକି ଉପରକୁ ଦୃଶ୍ୟ, ଅଦୃଶ୍ୟ ବେଶି, ଯେତିକି ଉକ୍ତ, ଅନୁକ୍ତ ଅଧିକ। ତେଣୁ ଅଭିଧାନ ଅଥବା ବ୍ୟାଖ୍ୟା ଜରିଆରେ ସାହିତ୍ୟକୁ ଗୋଟା ସୁଦ୍ଧା ଚିହ୍ନେଇ ହେବନାହିଁ। ଗୋପ୍ୟ-ଅଗୋପ୍ୟ କେତେ ଢଙ୍ଗରେ ଜୀବନର ଭାଷ୍ୟକାର ହୋଇଛି ସାହିତ୍ୟିକ, ସମାଲୋଚକ ସେହିପରି ସାହିତ୍ୟର ଭାଷ୍ୟକାର ହେବ ତ ?

ଦ୍ୱନ୍ଦ୍ୱଟିକୁ ଭାଙ୍ଗିଦେବା ଲାଗି ନାନା ଉପାୟ, ନାନା ଶୈଳୀର ସହାୟତା ନିଆଯାଇଛି। ପ୍ରୟୋଜନ ଅନୁଯାୟୀ ମନୋମତ ମାର୍ଗ ବି ପ୍ରସ୍ତୁତ ହୋଇଛି। ତଥାପି ଅଭାବ ମେଣ୍ଟିନାହିଁ। ପାଶ୍ଚାତ୍ୟରେ ଦଶ ପ୍ରକାର (Philosophical Criticism, Classical/authoritarian criticism, Historical/Scholarly criticism, Sociological, Biographical, Psychologicalo, Archetypal, Impressionistic, Moralistic Cultural : ଆପାତତଃ ଏଇ ବର୍ଗୀକରଣ ଭିତରୁ ମୋଟାମୋଟି ପାଶ୍ଚାତ୍ୟ ସମାଲୋଚନା ଶୈଳୀକୁ ପାଇପାରିବା, ହୁଏତ କେଉଁଠି କେମିତି ପ୍ରତିଶବ୍ଦର ଭିନ୍ନତା ଥାଇପାରେ) ସମାଲୋଚନା-ରୀତି ସାହାଯ୍ୟରେ ସାହିତ୍ୟକୁ ସବୁମନ୍ତେ ଚିହ୍ନିବାକୁ ଚେଷ୍ଟା କରାଯାଇଛି। ତାହା ମଧ୍ୟ ଯଥେଷ୍ଟ ହୋଇନାହିଁ। ଆଉ ପୁଣି ନୂତନ ସମୀକ୍ଷା ଶୈଳୀ (New criticism) ଲୋଡ଼ା ପଡ଼ିଛି। 'Criticism' ପରିସର ହୁଏତ ଛୋଟ ହେଲାରୁ ସେମାନେ 'Evaluation' ଖଞ୍ଜାକୁ ବାସ ବଦଳେଇଛନ୍ତି। ଭାରତରେ ସାତ ପ୍ରକାର (ଅଳଙ୍କାର, ଗୁଣ, ଦୋଷ, ରୀତି, ଧ୍ୱନି, ରସ ଓ ଅଭିବ୍ୟକ୍ତି ପ୍ରଧାନ ସମାଲୋଚନା ଶୈଳୀ-ମୋଟାମୋଟି ଏଇ ବର୍ଗୀକରଣ ଭିତରେ, ଆମେ ଭାରତୀୟ ସାହିତ୍ୟ-ବୀକ୍ଷାର ବିଭିନ୍ନ ରୂପ ଅନୁଭବ କରିପାରୁଁ) ସମୀକ୍ଷା-ଶୈଳୀର ପ୍ରଚଳନ ଥିବା ସତ୍ତ୍ୱେ ସାହିତ୍ୟ-ବୀକ୍ଷା ଆମକୁ ପୂର୍ଣ୍ଣାଙ୍ଗବୋଧ ହେଉନାହିଁ। ଭାରତୀୟ ସାହିତ୍ୟ ସମାଲୋଚନାରେ ପାଶ୍ଚାତ୍ୟ ଶୈଳୀର ଅନୁସରଣ ଘଟିଛି, ଉଭୟଙ୍କୁ ମିଶାଇ ସାହିତ୍ୟ ସମାଲୋଚନାର ଗତିପଥ ଚଉଡ଼ା ହୋଇଛି।

ଆମ ସାହିତ୍ୟ ସମାଲୋଚନାରେ ପ୍ରାଚ୍ୟ ପାଶ୍ଚାତ୍ୟ ଉଭୟ ଶୈଳୀର ବ୍ୟବହାର ହେଉଥିଲେ ମଧ୍ୟ ମନେହୁଏ ଏହାର ବେଶୀ ଭାଗ ପ୍ରାଚ୍ୟ ପଦ୍ଧତି ଅନୁଗତ ଓ ଭାରତୀୟ ସମୀକ୍ଷା ତତ୍ତ୍ୱର କ୍ଲାସିକ ପରଂପରା ଉପରେ ଏହା ବିଶେଷ ନିର୍ଭରଶୀଳ। ସାହିତ୍ୟ-ବସ୍ତୁରେ କଣ କୁହାଯାଇଛି ଓ କିପରି କୁହାଯାଇଛି- ଏହା ଏକ ପ୍ରକାର ବ୍ୟାଖ୍ୟାତ୍ମକ ପରିଚୟ ଦେବା ହେଉଛି ଆମ ସାହିତ୍ୟବିଦ୍ୟାର ସାଧାରଣ ମତ। ତଥାପି ବ୍ୟତିକ୍ରମ ବି ଅଛି, କିନ୍ତୁ ବ୍ୟତିକ୍ରମଟା ତ ଚଳଣି ନୁହେଁ। କ'ଣ କୁହାଯାଇଛି, କିପରି କୁହାଯାଇଛି ସହିତେ କାହିଁକି କୁହାଯାଇଛି

କଥାଟି ଯୋଡ଼ିଦେଲେ ଏବଂ ପ୍ରତ୍ୟେକ ପ୍ରଶ୍ନ ପ୍ରତି ପରିମିତ ଦୃଷ୍ଟି ଦେଇପାରିଲେ ସାହିତ୍ୟ ସମୀକ୍ଷାର ଶକ୍ତି ବଦଳିଯାଆନ୍ତା । ସାହିତ୍ୟ-ବସ୍ତୁର ମୂଲ୍ୟ ସନ୍ଧାନ ସ୍ୱଚ୍ଛ, ପ୍ରଶସ୍ତ ଓ ନିରାମୟ ହୋଇପାରନ୍ତି ।

ଊନବିଂଶ ଶତାବ୍ଦୀ 'ପ୍ରାଚୀ ସମିତି'(୧୯୨୫) ଏବଂ ପ୍ରାଚୀ ସମିତିରୁ ଅଦ୍ୟାବଧି ବିକଶିତ ଆମ ସାହିତ୍ୟ ସମାଲୋଚନାରେ ମୁଖ୍ୟତଃ ପ୍ରଥମ ପ୍ରଶ୍ନ ଦୁଇଟିର ଅନୁଶୀଳନ ବେଶୀ ପରିମାଣରେ କରାଯାଇଛି; ଖୁବ୍ ସ୍ୱଳ୍ପ ସଂଖ୍ୟକ ସଚେତନ ସମାଲୋଚକ ତୃତୀୟ ପ୍ରଶ୍ନ ଉପରେ ଧ୍ୟାନ ଦେଇଛନ୍ତି । ଅପର ପକ୍ଷରେ କେତେକ ପରଂପରାବାଦୀ ପ୍ରବୀଣ ସମାଲୋଚକ, ଆର୍ତ୍ତବଲ୍ଲଭ ଓ ନୀଳକଣ୍ଠଙ୍କ ଦୃଷ୍ଟିକୋଣର ମାର୍ଜିତ ଆଙ୍ଗିକରେ ଆପଣା ସାହିତ୍ୟ-ସମୀକ୍ଷାକୁ ପୁଷ୍ଟ କରିଛନ୍ତି ସିନା, ପୂରାପୂରି ପ୍ରବହମାନ ଧାରାର ବ୍ୟତିକ୍ରମ ହୋଇପାରି ନାହାନ୍ତି ।

ଓଡ଼ିଆ 'ସାହିତ୍ୟ-ବିଦ୍ୟା'ର ଶବ୍ଦ-ଜଗତ (Vocabulary of Oriya literary Criticism) ଭିତରକୁ ଅନୁବାଦ ଓ ଅନୁକରଣ ଜରିଆରେ ବହୁ ନୂତନ ଶବ୍ଦର ଅନୁପ୍ରବେଶ ଘଟିଛି, ଆହରଣ ବଳରେ ସାହିତ୍ୟ ସମୀକ୍ଷାର ଶବ୍ଦ ଭଣ୍ଡାର ପୁଷ୍ଟ ହେଉଛି, କିନ୍ତୁ କୌଣସି ମୌଳିକ Concept ବା ଭାବ ଧାରଣାର ପ୍ରକାଶ ଓ ପ୍ରତିଷ୍ଠା ଆମ ସମାଲୋଚକ ଓ ଗବେଷକମାନଙ୍କ ଦ୍ୱାରା ସମ୍ଭବ ହୋଇନାହିଁ । ପ୍ଲେଟୋଙ୍କ mimesis, ଆରିଷ୍ଟଟଲଙ୍କ Catharsis, କୋଲରିଜ୍ Fancy and Imagination, ଭରତଙ୍କ ରସବାଦ ପରି ଯେଉଁ ଓଡ଼ିଆ ସମାଲୋଚକ କେଉଁ ମୌଳିକ ଭାବ ଧାରଣାର ସ୍ରଷ୍ଟା ? ସାହିତ୍ୟ ହିସାବରେ କ୍ଲାସିକ୍ ଗୁଣର ସମାଲୋଚନା-କୃତିର ଅଭାବ ତ ସେ ଦେଶରେ ନାହିଁ; ଆର୍ସପୋଏଟିକା, ଲିଟରାରୀ ବାୟୋଗ୍ରାଫିଆ ପ୍ରଭୃତି ଗ୍ରନ୍ଥର ଦୃଷ୍ଟାନ୍ତ ପ୍ରଚୁର । ସେଇ ତୁଳନାରେ ଆମ ସାହିତ୍ୟରେ କେଉଁ ସମାଲୋଚନା-କୃତୀ କ୍ଲାସିକ୍ ସାହିତ୍ୟ ଗୁଣରେ ଗୁଣୀ ? ଆମ ଶକ୍ତିର ନମୁନା ଆମେ ନିଜେ । ଏଇ ପରିପ୍ରେକ୍ଷୀରେ ଆମେ ବିଚାରିବା କଥା, ଆମ ସାହିତ୍ୟ-ଗବେଷଣାରେ କିଛି ନୂତନତା, କିଛି ନୂତନ ପ୍ରତ୍ୟୟ, କିଛି ମୌଳିକ ମତବାଦ ଓ ଦୃଷ୍ଟିକୋଣର ସଂଯୋଗ ଆବଶ୍ୟକ କି ନୁହେଁ ? ଆମରି ଅବସ୍ଥା ଓ ଅଭାବବୋଧ ସମ୍ପର୍କରେ ଆମେ ସଚେତନ ହୋଇ ପାରିଲେ, ଆମ ଭାଷା-ସାହିତ୍ୟ ଗବେଷଣାର ଆଭିମୁଖ୍ୟ ବଦଳିଯିବ ।

ଭାଷାତତ୍ତ୍ୱ ଗବେଷଣା କ୍ଷେତ୍ରରେ ଅତୀତରେ ଯେତିକି ସ୍ମରଣୀୟ ଉଦ୍ୟମ ହୋଇଥିଲା, ତାହାକୁ ପୁଞ୍ଜିକରି ଆମେ ବଞ୍ଚିଛୁ, କହିଲେ ଚଳେ । ଅବଶ୍ୟ ଏହା ସତକଥା ଯେ, ପ୍ରାଚୀନ ଭାରତରେ ସଂସ୍କୃତ ଭାଷାତତ୍ତ୍ୱ ଗବେଷଣା ଖୁବ୍ ଉଚ୍ଚକୋଟୀର । ବିଦେଶୀ ବିଦ୍ୱାନମାନେ ଭାରତୀୟ ପଣ୍ଡିତମାନଙ୍କ ଗବେଷଣାଲବ୍ଧ ଜ୍ଞାନକୁ ବିନିଯୋଗ କରି ଉପକୃତ ହୋଇଛନ୍ତି,

ପରବର୍ତ୍ତୀ କାଳର ଭାରତୀୟ ବିଦ୍ୱାନମାନଙ୍କ ପାଇଁ ଭାଷା-ଗବେଷଣା ଲାଗି ନୂଆ ବାଟ ମଧ୍ୟ ଫିଟେଇ ଦେଇଛନ୍ତି । ଗ୍ରିୟରସନ, ବୀମସ୍ ପ୍ରଭୃତି ଗବେଷକଗଣ, ଭାରତୀୟମାନଙ୍କ ସହାୟତାରେ କାର୍ଯ୍ୟକରି ଆପଣା ଅଧ୍ୟବସାୟ, ପାଣ୍ଡିତ୍ୟ, ଏକାଗ୍ରତା ବଳରେ ଉତ୍ତରାଧିକାରୀମାନଙ୍କ ପାଇଁ ଦୃଷ୍ଟାନ୍ତ ହୋଇପାରିଛନ୍ତି । ଅନୁସନ୍ଧାନରୁ ଜଣାଯାଇଛି ଯେ, ଇଉରୋପୀୟ ପଣ୍ଡିତମାନେ ହିଁ ଓଡ଼ିଆ ଭାଷା ଗବେଷଣା କ୍ଷେତ୍ରରେ ପଥିକୃତ ଉଦ୍ୟମ କରିଥିଲେ । ପରେ ପରେ ବିଦେଶୀୟ ବିଦ୍ୱାନଗଣ ତହିଁରେ ମନୋନିବେଶ କଲେ । ଆମସ୍ ସଟନ୍, ଜନ୍ ବୀମସ୍, ବିଶ୍ୱମ୍ଭର ବିଦ୍ୟାଭୂଷଣ, ଗଦାଧର ତର୍କବାଗୀଶ, ମନମୋହନ ଚକ୍ରବର୍ତ୍ତୀ, ଶ୍ୟାମସୁନ୍ଦର ରାୟଗୁରୁ, ଗୋପୀନାଥ ନନ୍ଦଶର୍ମା, ନୀଳକଣ୍ଠ ଦାସ, ଗୋପାଳଚନ୍ଦ୍ର ପ୍ରହରାଜ(ସଂଗ୍ରାହକ), ବିନାୟକ ମିଶ୍ର, ଗୋଲୋକ ବିହାରୀ ଧଳ ପ୍ରଭୃତି ଏବଂ ଏକାଳର ମାନ୍ୟଗଣ୍ୟ ଓଡ଼ିଆ ଭାଷାବିଦ୍ ପଣ୍ଡିତଗଣ, ଭାଷାଗବେଷଣା କ୍ଷେତ୍ରରେ ଅଧ୍ୟୟନ ଅବ୍ୟାହତ ରଖିଥିଲେ ମଧ୍ୟ ଓଡ଼ିଆ ଭାଷାର ଏକ ବ୍ୟାକରଣ ଗ୍ରନ୍ଥ ହାତରେ ପଡ଼ିଲା ନାହିଁ । 'ଓଡ଼ିଆ ବ୍ୟାକରଣ' ନାମଧେୟ ଯେଉଁ ଗ୍ରନ୍ଥସବୁ ଶିକ୍ଷାର୍ଥୀମାନଙ୍କ ପାଇଁ ମିଳୁଛି, ତାହା ସଂସ୍କୃତ ଅନୁଗତ ବ୍ୟାକରଣ ନା ଓଡ଼ିଆ ଭାଷାର ଶୁଦ୍ଧ ବ୍ୟାକରଣ ? ସେହିପରି ଓଡ଼ିଆ ଭାଷାର ପୂର୍ଣ୍ଣାଙ୍ଗ ଆଞ୍ଚଳିକ ଶବ୍ଦ-କୋଷ, ଶବ୍ଦ ପ୍ରକରଣ ଅଭିଧାନ (Etymological Dictionary), ବ୍ୟବହାରିକ ଶବ୍ଦକୋଷ, ଆମର ଭାଷାରେ ପ୍ରଚଳିତ ବୈଦେଶିକ ଶବ୍ଦର ଅଭିଧାନ, କଥିତ ଭାଷାର ଛନ୍ଦ ସୂତ୍ର ଇତ୍ୟାଦି ବହୁ ମୌଳିକ ବିଷୟରେ ଭାଷାତତ୍ତ୍ୱ ଗବେଷଣା ଅତ୍ୟନ୍ତ ପ୍ରୟୋଜନବୋଧ ହେଉଛି । ଓଡ଼ିଶାରେ ପାରମ୍ପରିକ ଭାଷାତତ୍ତ୍ୱ (Philology)ର ଅଧ୍ୟୟନ ଓ ଗବେଷଣା ତ ଚାଲିଛି, ଏଥି ସହିତ ଭାଷା-ବିଜ୍ଞାନର (Linguistics) ଅଧୁନାତନ ବିକାଶ ଓ ଏହାର ପ୍ରୟୋଗାତ୍ମକ ଦିଗର ବିବିଧ ଉନ୍ମେଷ ସବୁ ଜାଣିବା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେଲେ ଭାଷା-ଗବେଷଣାରେ ନୂତନ ସ୍ଫୂର୍ତ୍ତି ଖେଳିଯାଆନ୍ତା ।

ଯେକୌଣସି ଭାଷା-ସାହିତ୍ୟର ବିକାଶଭୂମିରେ ସେହି ଦେଶ ଓ ଜାତିର ସାଂସ୍କୃତିକ ଐତିହ୍ୟର ଦେୟ କିଛି କମ୍ ନୁହେଁ । ସାଂସ୍କୃତିକ ଇତିହାସରୁ ଦେଶ, ମଣିଷ ଓ ଜୀବନଚର୍ଯ୍ୟାର ମୂଳରୂପ ହିଁ ଜାଣିହୁଏ । 'ଓଡ଼ିଆ ଜାତିର ସାଂସ୍କୃତିକ ଇତିହାସ' ପ୍ରଣୀତ ହୋଇଥିଲେ ସାହିତ୍ୟରୁ ମୂଲ୍ୟବୋଧ ସନ୍ଧାନର ଅନ୍ଧକାର ଅପସରି ଯାଇଥାନ୍ତା । ସଂସ୍କୃତିସଂପନ୍ନ ଗୋଟିଏ ପ୍ରାଚୀନ ଜାତି ହିସାବରେ ଆମର ଐଶ୍ୱର୍ଯ୍ୟ କେତେ, ଯଦି ହିସାବ ନେଇଥାଆନ୍ତୁ, ତେବେ ଆମ ଭିତରେ ଆତ୍ମ-ପରିଚୟବୋଧର ଏକ ପ୍ରକାର ସନ୍ତୋଷଜନକ ଛବି କେଉଁ କାଳରୁ ଅଙ୍କିତ ହୋଇ ସାରନ୍ତାଣି; ମାତ୍ର ସେପରି ସୁଖକର ଅବସ୍ଥାର ପଦଧ୍ୱନି ଆମେ ଶୁଣୁ ନାହୁଁ । କଳା ଓ କୃଷ୍ଟିର ଉନ୍ନତ ଭୂମି ବୋଲି ଉତ୍କଳର ସୁନାମ ଅଛି- ଶହ ଶହ ମନ୍ଦିର ଏବଂ ତାହାର ଶିଳ୍ପଭାସ୍କର୍ଯ୍ୟ, ଦର୍ଶକ ଓ ବିଦ୍ୟାନୁରାଗୀଙ୍କ ପାଇଁ ହୋଇଛି ବିସ୍ମୟର ବସ୍ତୁ । କିନ୍ତୁ

ଏହା ଏକ ବୌଦ୍ଧିକ ପ୍ରାଶ୍ନ ଯେ, ଏତେ ମହୀୟାନ ସ୍ଥାପତ୍ୟ ଗୌରବର ପ୍ରତିଷ୍ଠା ପଛରେ କ'ଣ କିଛି ପ୍ରେରଣା ନଥିଲା ? କିଛି ଶାସ୍ତ୍ରଜ୍ଞାନ, କିଛି ଶିଳ୍ପ-କଳାବିଦ୍ୟାର ନିର୍ଦ୍ଦେଶନା ନଥିଲା ? ଆମ ଶିଳ୍ପଶାସ୍ତ୍ରର ପରିଚୟ ଆମେ ପାଇ ନାହୁଁ। ତାହାଲେ ଓଡ଼ିଆ ଶିଳ୍ପୀମାନେ କ'ଣ ସଂସ୍କୃତ ଶିଳ୍ପ-ଶାସ୍ତ୍ର-ବିଷ୍ଣୁଧର୍ମୋତ୍ତର, ଅଭିଳାଷିତାର୍ଥ ଚିନ୍ତାମଣି, ଶିଳ୍ପରତ୍ନ, ନାରଦ ଶିଳ୍ପ, ସରସ୍ୱତୀ ଶିଳ୍ପ, ପ୍ରଜାପତି ଶିଳ୍ପ ଇତ୍ୟାଦିର ଅନୁଶାସନ ଉପରେ ନିର୍ଭର କରି ମନ୍ଦିର, ମୂର୍ତ୍ତି ଓ ଚିତ୍ରରୂପ ସବୁ ଅଙ୍କନ କରିଥିଲେ ?

ଚତୁର୍ଦ୍ଦଶ ଶତାବ୍ଦୀ ପରେ ପ୍ରାୟ ଓଡ଼ିଶାରେ ଉଲ୍ଲେଖଯୋଗ୍ୟ ମନ୍ଦିର ନିର୍ମାଣ ଆଉ ହୋଇନାହିଁ। ଯେତିକି ଆମର ସ୍ଥାପତ୍ୟ ସଂପତ୍ତି, ତାକୁ ବଞ୍ଚେଇ ରଖିବା ଆମକୁ ବଳି ପଡ଼ିଲାଣି। ସଂରକ୍ଷଣ ଓ ସଂସ୍କାର ପରିବର୍ତ୍ତେ କେତେ କ୍ଷେତ୍ରରେ ରୂପାନ୍ତରୀକରଣ ଘଟିଛି। ଧଉଳିକୁ ଶାନ୍ତିସ୍ତୂପରେ ରୂପାନ୍ତରିତ କରିଛୁଁ। ପୁରୁଣାକୁ ବଦଳେଇ ନୂଆ କରିବା ହେଉଛି ପ୍ରଗତି, ବୋଲି ଆମେ ବୁଝିଛୁଁ। ପ୍ରକୃତରେ ଏହା କ'ଣ ପ୍ରଗତି ? ଐତିହ୍ୟର ସଂରକ୍ଷଣ କରି, ତାହା ସହିତ ନୂଆ କିଛି ଯୋଗ କରିବା ହେଉଛି ପ୍ରଗତି। ପୁରୁଣାକୁ ବଦଳେଇ ନୂଆ ଗଢ଼ିବା ତ ପ୍ରଗତି ନୁହେଁ। ପ୍ରମାଦପୂର୍ଣ୍ଣ ପ୍ରଗତି ମୋହରେପଡ଼ି ଆମ ସ୍ଥାପତ୍ୟ-ଐତିହ୍ୟକୁ ଅତୀତରେ ବିକୃତ କରାଗଲା ବେଳେ କେତେକ ପ୍ରବୀଣ ବୁଦ୍ଧିଜୀବୀ ସେତେବେଳେ 'ମନ୍ଦିର ବଞ୍ଚାଅ' ଆହ୍ୱାନ ଦେଇଥିଲେ। ଉଦ୍ଦେଶ୍ୟ ଥିଲା, ନୂଆ ଯେତେ ନିର୍ମାଣ ହେଉଛି ହେଉ ପଛେ, ଐତିହ୍ୟର ବିନାଶ ନ ହେଉ। ଆମେ ଏପରି କିଛି ଅବସ୍ଥା ସୃଷ୍ଟି ନକରୁଁ ଯାହା ଫଳରେ କି ଆମର ଦାୟାଦଗଣ ଆଗାମୀ ଶତାବ୍ଦୀ ବେଳକୁ ଧଉଳି ପରିବର୍ତ୍ତେ କେବଳ ଶାନ୍ତିସ୍ତୂପକୁ ହିଁ ଚିହ୍ନିବେ। ଧଉଳି କେଉଁଥିପାଇଁ ପ୍ରସିଦ୍ଧ ବୋଲି ପ୍ରଶ୍ନ କଲେ ସେମାନେ ଉତ୍ତର ଦେଉଥିବେ ଶାନ୍ତିସ୍ତୂପ ପାଇଁ ପ୍ରସିଦ୍ଧ ଇତ୍ୟାଦି। ଏହା ଐତିହ୍ୟ-ବିସ୍ମରଣର ପରିଣାମ।

ଐତିହ୍ୟର ଐଶ୍ୱର୍ଯ୍ୟ କେତେ, ଟିକିନିଖି ବୁଝି ନବ-ନିର୍ମାଣରେ ପ୍ରବୃତ୍ତ ହେବା ହେଉଛି ଯେକୌଣସି ଅଗ୍ରଗାମୀ ଜାତିର ଲକ୍ଷଣ। ଉତ୍ତରାଧିକାର ସୂତ୍ରରେ ଆମର ସ୍ୱତ୍ୱ ଆମେ ନଜାଣିଲା ପର୍ଯ୍ୟନ୍ତ, ଅଭିବୃଦ୍ଧି ଲାଗି ଆଗ୍ରହ ବା କ୍ଷମତା ଆସିବ କେମିତି ? ତେଣୁ ଜାତିର ଉତ୍ତରାଧିକାରୀଗଣ ହିଁ ଭାଷା ସାହିତ୍ୟ ସଂସ୍କୃତିର ରକ୍ଷକ, ସେମାନଙ୍କୁ ଶକ୍ତିର ଝଲକରେ, ବୌଦ୍ଧିକ ବିଜୟରେ ସିନା ସଂସ୍କୃତିର ଶୁଭଯାତ୍ରା ଏବଂ ଏଷଣାର ପ୍ରତ୍ୟୟ ଶକ୍ତି କାଳଜୟୀ ହୋଇଥାଏ।

ଓଡ଼ିଆ ଗବେଷଣା ପରିଷଦର ମୁଖପତ୍ର 'ଏଷଣା' ୧ମ ଖଣ୍ଡ
(ସେପ୍ଟେମ୍ବର, ୧୯୮୦)ର ସଂପାଦକୀୟ

ଚିତ୍ରରେ ଚରିତ୍ର



୧୯୮୧ ମସିହାରେ ବ୍ୟାସ ବିହାର (ଉପର) ଓ ଖଡ଼ିଆଳ (ତଳ)ରେ ଡକ୍ଟର ନାୟକ





ରାଜେନ୍ଦ୍ର ନଗରର ବାସଭବନ 'ସାରସ୍ୱତ ନିଳୟ'



ଅଭ୍ୟୁଦୟ ସାହିତ୍ୟ ସମାଜର ସକ୍ରିୟ ସଦସ୍ୟ ଭାବେ କ୍ଷେତ୍ରବାସୀ (ପଛଧାଡ଼ି ବାମରୁ ଚତୁର୍ଥ) ଅନ୍ୟମାନଙ୍କ ମଧ୍ୟରେ ପଠାଣି ପଟ୍ଟନାୟକ, ଭୋଳାନାଥ ରାଉତ, ନବ କୁମାର ପୃଷ୍ଟି, ଶ୍ୟାମାପ୍ରସନ୍ନ ମିଶ୍ର ପ୍ରମୁଖ



ସତୀଚଉରାରେ ସ୍ମୃତି-ସମାଧି

ପ୍ରତୀକ-ପତ୍ର

CHITTA RANJAN DAS

Place .... [illegible]

Date .... [illegible]

[illegible],

[illegible]

[illegible] The Future Poetry [illegible]

[illegible]

[illegible]

[illegible]

[illegible]

'କଳକଣ୍ଠ : ଶୋଭାନାଥ' ଏକ ନୂତନ ଉପନ୍ୟାସ । ଓଡ଼ିଆ ସାହିତ୍ୟର
ସମାଲୋଚନା କ୍ଷେତ୍ରରେ ନିଶ୍ଚିତ ଭାବରେ ଏକ ନୂତନ ଓ ମୌଳିକ ଉପନ୍ୟାସ ।
ଏହି ଉପନ୍ୟାସର ଲେଖକ [illegible] ଏହାଦ୍ୱାରା [illegible] । [illegible]
କାବ୍ୟ ହେଉ ବା [illegible] ଓ [illegible] ହେଉ ବା
[illegible], - ସମାଲୋଚନାର ଏହି ଶୈଳୀରେ ଅନେକ ଅଧିକ
ଅନୁଶୀଳନ [illegible], [illegible] ଅନେକ ଅଧିକ ଗତି [illegible]
ହେବା [illegible] । [illegible] ଯଦି ଆମ [illegible] [illegible] [illegible]
ଆସିଥିଲେ ବା ଆମ [illegible] [illegible] ଅମୁକ [illegible] [illegible]
[illegible] ଆସିଥିଲେ ବୋଲି [illegible] କରି, ତେବେ ସେ ଆମର
[illegible] ଏକ [illegible] [illegible] [illegible] [illegible] [illegible]
[illegible] [illegible] [illegible] ଗତି [illegible], [illegible] [illegible] [illegible]
[illegible] [illegible] [illegible] ଅନେକ ଅଧିକ ଗତି [illegible],
ଅଧିକ [illegible] ଭାବରେ [illegible], [illegible] ଏକ [illegible] ଗତି
ହେବା [illegible] ।

[illegible] [illegible] [illegible] [illegible] ଭାବରେ [illegible] [illegible],
ଏହି [illegible] [illegible] । ଓଡ଼ିଆ- ସମାଲୋଚନା [illegible] [illegible]
[illegible] [illegible] [illegible] [illegible] [illegible] [illegible] 'କଳକଣ୍ଠ' [illegible]
[illegible] ଏକ [illegible] [illegible] ଓ [illegible] [illegible] [illegible] [illegible], ଏଥିରେ
କୌଣସି ସନ୍ଦେହ ନାହିଁ ।

ଡ. [illegible]

ଭୁବନେଶ୍ୱର
୪।୪।୯୭

[illegible] — ROURKELA POST
[illegible]

ଜଡଗା [illegible]

[illegible]

Phone-Jatni: 63

[illegible] ୧୯୮୦

ପ୍ରିୟ [illegible] ବାବୁ

ସର୍ବାଦୌ ମୋର ଧନ୍ୟବାଦ
ଗ୍ରହଣ କରିବେ ।

'[illegible]' ଗ୍ରନ୍ଥରେ ଆପଣଙ୍କ
ଆଲୋଚନା [illegible],
[illegible]
କରିପାରେ ।

[illegible]

[illegible]

[illegible]

P.T.O

[illegible] ଆପଣଙ୍କର [illegible]।

ଆପଣଙ୍କ ପିଲାମାନଙ୍କୁ ମୋର ସ୍ନେହାଶିଷ ଜଣାଇଦେବେ।

ଆପଣଙ୍କର

[illegible] ମହାନ୍ତି

To
Dr. Khetrabasi Nayak
Lecturer - Oriya Dept.
Ravenshaw College
Cuttack.

ସ୍ନେହର ଦେବୀ, କଟକ/୨୨.୧୧.୭୭

[illegible]

ପ୍ରେଷକ :— Dr. J. V. Boulton,
School of Oriental & African Studies,
London University, London, U.K.

ମୋର ଜଗନ୍ନାଥ ପଦ୍ମାବତୀଙ୍କ ଓଡ଼ିଆ ଭାଷାର ଜଣେ ଅନୁରାଗୀ
ସାଧକର କଥା । ତାଙ୍କ ନାମ ଶୁଣାଯାଏ । ମୋର ୧୯ ବର୍ଷ ବୟସ
ଠାରୁ ସାହିତ୍ୟ ସାଧନା କରୁଛନ୍ତି । ବହୁ ଗ୍ରନ୍ଥ ସମ୍ପାଦନରେ ସମାଲୋଚନା
କଲେ । ମୋର ମତ — ତାଙ୍କ ସାହିତ୍ୟ ଅଭ୍ୟାସ ଏବଂ ପାରଦର୍ଶିତା ଦେଖି
ପ୍ରାଚୀନ ଓଡ଼ିଆ କାବ୍ୟ ପଢ଼ି ନାହିଁ । ସେ ବହୁ ଗ୍ରନ୍ଥ ପ୍ରକାଶନ
କଲେ ନାହିଁ କି ? କେତେ ଗ୍ରନ୍ଥ ପ୍ରକାଶିତ ହେଲା
ସେହି ଧାରା ସେ ଧରିଲେ । କେତେ ମୋ ବହି ଅଛି, ତାଙ୍କ
ପ୍ରାଚୀନ ସାହିତ୍ୟ ପୋଥି ଗ୍ରନ୍ଥରେ ଅଧ୍ୟୟନ କରି ସେହି
ପ୍ରାଚୀନ/ସଂସ୍କୃତ ଗ୍ରନ୍ଥ ଅନୁବାଦ କରିଛନ୍ତି, ଯାହାକି ବାସ୍ତବରେ, ଓଡ଼ିଆ
ସାହିତ୍ୟର ଗୌରବ, ସେ ସମସ୍ତଙ୍କୁ ଶିକ୍ଷା ଦେଇ ଗଲେ । ସେଥିପାଇଁ
ଧନ୍ୟବାଦ । ମୁଁ ସେ ସମୟରେ ପ୍ରାଚୀନ ଗ୍ରନ୍ଥରେ ଲେଖିଥିଲି ।
ଏବେ ପ୍ରାଚୀନ ପୋଥିର ଗ୍ରନ୍ଥରେ ଗବେଷଣା କରିବାର ଆବଶ୍ୟକ
ଅଛି । ସେହି ମୋ ଓଡ଼ିଆ ଗ୍ରନ୍ଥ ସଂଗ୍ରହ କରିବାକୁ
ଆଗ୍ରହ ରହିଛି ଓଡ଼ିଆ ସାହିତ୍ୟ ଶିକ୍ଷାର୍ଥୀ ଶୁଣାଯାଏ ।
ମୋ ୧୯ ବର୍ଷ ବୟସ ସେଠାରେ ଦେଖିଥିଲି । ସେହି ଦିନ ଆଗ୍ରହ
ସହିତ ସାହିତ୍ୟ ଚର୍ଚ୍ଚା କରିଥିଲେ ।

ସେ ଜଣେ ମହାନ ସାଧକ ଥିଲେ । ମୋ ସହିତ ସେ
ଯୋଗାଯୋଗ ରଖିଥିଲେ ? ସେ ମୋତେ ପତ୍ର ଲେଖୁଥିଲେ ।
ଆଜି ମୋ ନିକଟରେ ସେଗୁଡ଼ିକ ସଯତ୍ନରେ ରଖିଛି ଏବଂ ମୁଁ
ସବୁ ଦିନ ମନେ ରଖିବି । ତାଙ୍କ ଅବଦାନ
ଭୁଲି ହେବ ନାହିଁ । ସେ ଥିଲେ ପ୍ରକୃତ ସାଧକ ।
ମୋର ଜଗନ୍ନାଥ ପଦ୍ମାବତୀ ଙ୍କ ପ୍ରତି ; ଶ୍ରଦ୍ଧାଞ୍ଜଳି ଦେଉଛି
ସେ ମୋତେ ସ୍ନେହ କରୁଥିଲେ । ଏହି ଶ୍ରଦ୍ଧାଞ୍ଜଳି ସହିତ
ତାଙ୍କ ଆତ୍ମାର ସଦ୍ଗତି କାମନା କରୁଛି ! ଇତି
ମୋର ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ।

ମହାଶୟ ଭବନ,
ସାମନ୍ତରାଜ
ଭୁବନେଶ୍ୱର-୨
୮.୪.୭୭.

ସ୍ନେହର କ୍ଷେତ୍ରବାସୀ ବାବୁ,

[illegible]

[illegible]



Dr. Kshetrabasi Nayak,
Dept. of Oriya
Khallikote College
Berhampur
Dt. Ganjam
(Orissa)
पिन PIN

The JHANKAR — 31ST VISUV-MILAN : 1980
A LEADING ORIYA MONTHLY



Chief Editor
Dr. HAREKRUSHNA MAHTAB
Managing Editors
SAROJ RANJAN MOHANTY
DR. JENAMANI NARENDRA KUMAR

PRAJATANTRA BUILDINGS
CUTTACK-753002

Ref. No. ୧୭୨/ବି/୮୦

Date ୨୧।୩।୮୦ 197

ମହାଶୟ,

ଆସନ୍ତା ଏପ୍ରିଲ ୧୧ ତାରିଖ ଠାରୁ ୧୩ ତାରିଖ ପର୍ଯ୍ୟନ୍ତ ପ୍ରଜାତନ୍ତ୍ର ପ୍ରାଙ୍ଗଣ ପରିସରରେ ଏକତ୍ରିଂଶତିତମ ବିଷୁବ ମିଳନ ଅନୁଷ୍ଠିତ ହେବ । ଏହି ଅବସରରେ ୧୧ ତାରିଖ ଶୁକ୍ରବାର ସଂଧ୍ୟା ୬।୩୦ ରେ ଏକ ସାହିତ୍ୟ ସଭାର ଆୟୋଜନ କରା ଯାଉଛି । ଏଥିରେ ଆଲୋଚନା ପାଇଁ ବିଷୟବସ୍ତୁ ରୂପେ 'ଓଡ଼ିଆ ଗଦ୍ୟ ସାହିତ୍ୟର ଧାରା' ନିଆ ଯାଇଛି ।

ଉକ୍ତ ସାହିତ୍ୟ ସଭାରେ ସମ୍ମାନିତ ବକ୍ତା ରୂପେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ପାଇଁ ଆପଣଙ୍କୁ ଅନୁରୋଧ କରୁଛୁ । ଆପଣଙ୍କ ଆଲୋଚନାଟି ଲିଖିତ ଆକାରରେ ପ୍ରସ୍ତୁତ କରିବାକୁ ଅନୁରୋଧ । ତାହା ୧୦ ମିନିଟ୍ ସମୟ ସୀମା ମଧ୍ୟରେ ଆବଦ୍ଧ ରହିବ ବୋଲି ଆଶା କରୁ ।

ଶୀଘ୍ର ଆପଣଙ୍କ ସମ୍ମତିସ୍ୱୀକୃତି ପାଇଲେ ପ୍ରୀତ ହେବୁ ।

ଶ୍ରଦ୍ଧା ସହ ।

ଆପଣଙ୍କର

(ସୁରେନ୍ଦ୍ର ମହାନ୍ତି)

ଡକ୍ଟର କ୍ଷେତ୍ରବାସୀ ନାୟକ
ଅଧ୍ୟାପକ, ଓଡ଼ିଆ ବିଭାଗ
ରେଭେନ୍ସା କଲେଜ
କଟକ-୩

[illegible]

ପୂଜନୀୟେଷୁ,

ପ୍ରଣାମ । ଆପଣଙ୍କର ପତ୍ର ପାଇଛି । ୪ ବର୍ଷର [illegible] କାଳିନ୍ଦୀ [illegible] ସାରସ୍ୱତର ସମ୍ମାନ ଦେଇଥିବା ମୋର ଏଥି ଲାଗି ଆପଣଙ୍କୁ [illegible] ସାଦର ଗ୍ରହଣ କରନ୍ତି । [illegible] 'ଜୀବନ [illegible] ନଦୀ ସାଗରର ଯାତ୍ରା' [illegible] ଲେଖା ପ୍ରେରଣ କରୁଛି ।

ଆପଣମାନେ ଆଶୀର୍ବାଦ [illegible] ଆପଣମାନେ ଏହି [illegible] ଆଦୃତ ଓ ସ୍ନେହ [illegible] ଆପଣଙ୍କ [illegible] ଆପଣମାନେ ଏହି ଶୁଭେଚ୍ଛା [illegible] ଆପଣଙ୍କୁ [illegible] ନାହିଁ । [illegible]

[illegible] ଶତାବ୍ଦୀ [illegible] ଲେଖା [illegible] ଆପଣ ମୋତେ [illegible] ସମ୍ପାଦକ [illegible] ୨୦/୨ [illegible] ହେବ,

ଆପଣଙ୍କର ସ୍ନେହାଧୀନ
[illegible]

[illegible]

Reply 8/8 ଜନ୍ମ ଜନ୍ମାନ୍ତ

ସାରସ୍ୱତ ନିକେତନ
ଶ୍ରୀ ଅରବିନ୍ଦ ମାର୍ଗ
କଟକ-୧୦
୭।୮।୯୪

ପୂଜନୀୟ ସାର, ପ୍ରଣତି ।

ଏବେ ନିକଟରେ ଆପଣ କଟକ ଆସିଥିଲେ ବୋଲି ପତ୍ରରେ ପଢ଼ିଲି; ମୋର ଭାଗ୍ୟରେ ଦେଖା ହୋଇପାରୁ ଆପଣ ତ 'ଚଷା' କବିଙ୍କୁ ଜାଣିଥିବେ । ତାଙ୍କ ଭଳି ସେଠିକା ଆଉ ଆମର ନାହିଁ । ଓଡ଼ିଆ ଲୋକ ଗାଳି ଆଜି ନାହାନ୍ତି, କାଳ ହୋଇଗଲେ । ଆମ ଯୋଗ ଜୀବନ, ମାନ ଆଉ ସମ୍ମାନ-ଶିଳ୍ପ ଦେଇ ଯାଇ ଯଶ-ଉପାଦାନ ଯୋଗାଇ ଦେଇ ଲୋକଙ୍କ ମଧ୍ୟ ବାସ ବିଦାୟ ନେଇଛନ୍ତି । ଏମାନ ଅବସ୍ଥାରେ ରହିଛି— ଚଷା କବି ଶୀଘ୍ର ଲେଖାନ୍ତୁ ।

'ନିବେଦନରେ' ସେମାନଙ୍କ ଯାହା ଲେଖନ ପ୍ରସ୍ତୁତ କରିଛି - ମୁହଁ ସମ୍ପାଦନ ହେଉଛି, ଜାଣୁଛି - ଆପଣ ଆସିଲେ ତାହା ଦେଖି କରି ସାହାଯ୍ୟ କରନ୍ତୁ ହାତ ଧରନ୍ତୁ - ଚଷା ବାହାରିଥିବ ଭଲ ହୁଅନ୍ତା ନାହିଁ କି !

ନିକଟରେ ହିନ୍ଦୁସ୍ତାନ ଟାଇମ୍ସରେ -
ସେଠି ... ସମ୍ପାଦନ ହେଲି-

ପ୍ରେମାନନ୍ଦ ଚକ୍ରବର୍ତ୍ତୀ ବାବୁଙ୍କୁ, ସେମାନେ ପ୍ରଭାତ
ଆରମ୍ଭ କଲେ ହେଲା । ୩୦.୬.୮୫ ବେଳକୁ
[illegible] ଚକ୍ରବର୍ତ୍ତୀ [illegible]
ବେଳକୁ [illegible] ସେମାନେ ପ୍ରଭାତ ବାଲି [illegible]
ବାହାରିଲେ – [illegible] ପ୍ରଭାତ
[illegible] । [illegible]
ବାହାରେ, [illegible] ପ୍ରଭାତ
ବାଲି [illegible] । [illegible]
ପ୍ରଭାତ ବାଲି [illegible] । [illegible]
[illegible] ନାହିଁ, [illegible]
[illegible] ହେଲା । [illegible]
[illegible] ପ୍ରଭାତ ବାଲି [illegible]
[illegible] –
[illegible] ; ପ୍ରଭାତ ବାଲି [illegible],
[illegible]
[illegible] ଚକ୍ରବର୍ତ୍ତୀ [illegible] – [illegible]
[illegible] ସେମାନେ ପ୍ରଭାତ ବାଲି [illegible]
[illegible] । [illegible]
[illegible] – [illegible]
[illegible]
[illegible] । [illegible]
[illegible] । [illegible]
[illegible] – [illegible] ।

ଛାତ୍ରମାନଙ୍କ ପ୍ରତି ଚିଠି

[illegible]

अन्तर्देशीय पत्र कार्ड
INLAND LETTER CARD



To

Dr. Krushna Charan Behera,
Reader And Head of the Dept. Orissa.
Govt. College, Phulbani
PHULABANI
Dist. Phulabani

पिन PIN 762001

तीसरा मोड़ THIRD FOLD

इस पत्र के भीतर कुछ न रखिए NO ENCLOSURES ALLOWED
पते में पिन कोड लिखें WRITE PIN CODE IN ADDRESS
प्रेषक का नाम और पता :— SENDER'S NAME AND ADDRESS :—

Dr K. B. Nayak.

पिन PIN 753010



अस्पृश्यता ईश्वर और मानवता
के प्रति अपराध है।
UNTOUCHABILITY IS A CRIME
AGAINST GOD AND MAN

ଆଲେଖ୍ୟର ହସ୍ତଲିପି

ଶାସ୍ତ୍ର ସମ୍ମତ କାବ୍ୟ-କଳାର ପ୍ରୟୋଗ କୌଶଳ ଷୋଡ଼ଶ ଶତାବ୍ଦୀର ଉତ୍ତରାର୍ଦ୍ଧରୁ ଓଡ଼ିଆ କାବ୍ୟ-ସୃଷ୍ଟିରେ ପରିଲକ୍ଷିତ ହୁଏ। ବହୁ କବି ସଂସ୍କୃତ କାବ୍ୟ-ତତ୍ତ୍ୱର ଆଦର୍ଶରେ ଆପଣା କାବ୍ୟ-କୃତିକି ଶବ୍ଦାର୍ଥ କୁଶଳ ପ୍ରୟୋଗ ପୋଷଣ କଲେ। ରସ ଓ ଅଳଙ୍କାର ବ୍ୟବହାରରେ ସେମାନଙ୍କର କବି-ଶକ୍ତି ଉଦ୍‌ବୁଦ୍ଧ ହୋଇଥିଲା।

କବିତ୍ୱ ସ୍ଫୂର୍ତ୍ତି ପାଇଁ କାବ୍ୟ-କଳା ସମ୍ବନ୍ଧୀୟ ଜ୍ଞାନ ଓ ନୈସର୍ଗିକ ପ୍ରେରଣା ଯେ ଅପରିହାର୍ଯ୍ୟ ତାହା ସେକାଳର କବିମାନଙ୍କୁ ଆକର୍ଷି ପାରିଥିଲା। ପଣ୍ଡିତ-ଗଣ ସହିତ କବି-ଗଣର ସହୋଦର ଯୋଗ ଘଟିଲେ ପ୍ରତ୍ୟେକ କାବ୍ୟ ଶକ୍ତିଶାଳୀ ଅଭିବ୍ୟକ୍ତି ଯେପରି ଉତ୍କର୍ଷମାନ ସଂପନ୍ନ ହୋଇପାରେ ଏହି ବିଶ୍ୱାସ କବିମାନଙ୍କୁ ଲେଖା ଅଧିକ ପରିମାର୍ଜିତ କରୁଥିଲା। ମୋଟ ଉପରେ, ପ୍ରଜ୍ଞା ଓ ପାଣ୍ଡିତ୍ୟର ସମନ୍ୱୟ, ଉପମାଦି ଅଳଙ୍କାର ସୁଷମାରେ କବି ପ୍ରତିଭାର ବିକାଶ— ଏହା ହିଁ ଥିଲା ପ୍ରାଚୀନ କବି ଶୈଳୀ।

ସମାଗତ କବିମାନେ ପରମ୍ପରାରୁ କାବ୍ୟ-କଳାର ବିଧି ବିଧାନ ଶିକ୍ଷା ଲାଭି ଯଶ ଲାଭ କରୁଥିଲେ। ରାଜ ଦରବାର ମାନଙ୍କରେ ପଣ୍ଡିତ ଓ କବିମାନଙ୍କୁ ଆଶ୍ରୟ ଦେଇ କାବ୍ୟ-ଶାସ୍ତ୍ର ବିଷୟ ବିଦ୍ୟାଚର୍ଚ୍ଚାର ସୁଯୋଗ ରାଜପୁରୁଷ ଗଣ ସୃଷ୍ଟି କରୁଥି ଶାସ୍ତ୍ରଜ୍ଞ କବିମାନେ, କାବ୍ୟ-ରଚନା-କଳାର ନାନା ପ୍ରସଙ୍ଗ ନେଇ ଦେଇ କାବ୍ୟ ଗୁରୁର ସମ୍ମାନ ପାଉଥିଲେ। ଗଣଗୁରୁ ସାମନ୍ତ ରଘୁନାଥ ହରିଚନ୍ଦନଙ୍କ ରାଜ ଦରବାରରେ କବି ବନ୍ଧୁଦାସ କର୍ଣ୍ଣ ଏବଂ ହରିଚନ୍ଦନଙ୍କର କବିତା ବନ୍ଧୁ ଗଡ଼ିଶୋଳମାରେ ଶନି

ଅବଧାନ, କାବ୍ୟ-କଳା ଶିକ୍ଷାର ପର୍ଯ୍ୟାୟ ସଂପର୍କରେ ସୂଚନା ଦେଇଥାନ୍ତି । ଯେପରି—

'ଏଣିକି ତୁ ମୁଁ କହୁ ଶିକ୍ଷା ବିଧି / ଯେଉଁ ପ୍ରକାରେ ଶିଖ ପଦ ସିଦ୍ଧି ।
ଅଳଙ୍କାରାଦି ଶିଖ ଦୋଷ ଗୁଣ, / ପଦ ସନ୍ଦର୍ଭାଦି ଯେତେ ଲକ୍ଷଣ ।
ଯେଉଁ ପ୍ରକାରେ କହୁ ଜ୍ଞାନ ଶିଖ / ଯେଉଁ ପ୍ରକାରେ ସୁଧୀର କବିତ୍ୱ ।
ପଦ ସମାସ ବାକ୍ୟ ଅର୍ଥ ସିଦ୍ଧି, / ତହିଁ ବାକ୍ୟର ଓ ଅର୍ଥ ପ୍ରସିଦ୍ଧି ।
ସାହିତ୍ୟର ଯେତେ ଅଛି ଭାଷଣ, / ସଂଗୀତେ ହେଁ ରାଗ ରସ ଗଣନ ।
ବାଦ୍ୟ ନୃତ୍ୟ କି କହୁ ଆଦ୍ୟନ୍ତ / ସ୍ୱର ପ୍ରବନ୍ଧ ଏତେ ସ୍ଥିର ମନ ।
ଏତେ ଛାନ୍ଦର ଅଛି ଯେତେ ପରି / ଶିଖ କରିଯା ବାଣୀ ରାଗ ଧରି ।
ବିଷ୍ଣୁଦାସ ବାକ୍ୟ ରଚନା ଏହୁ / ବଳଭଦ୍ରେ ମୁଁ କହୁ କବି ପ୍ରବର ।'*

ରଘୁନାଥ ହରିଚନ୍ଦନ ଆପଣା କାବ୍ୟ-ରଚନା ବ୍ୟାପାରରେ ସେ କାଳର ପ୍ରତିଷ୍ଠିତ କବି ବିଷ୍ଣୁଦାସ (୧୬ଶ ଶତକ) ଙ୍କଠାରୁ ରଚନା ବିଧି ଶିକ୍ଷା କରି ପରି ସେହି ଶୈଳୀ ନାନା ଗ୍ରନ୍ଥ ଦ୍ୱାରା କାବ୍ୟ-ରଚନାକୁ ଆଗେଇ ନେଇଥିବାର ସ୍ୱୀକାରୁକ୍ତି ଦେଇଛନ୍ତି । ଏପରି କବି-ଶିଷ୍ୟଙ୍କ କଳ୍ପନା ଯେଉଁ ପାରମ୍ପରିକ [ଅନୁକୃତ କବିତା] କାବ୍ୟ-ରଚନା କରିଯାଇଛି/ ତାହା ଲୋକପ୍ରିୟତାର ଦୃଷ୍ଟିରୁ ମଧ୍ୟ ଉଚ୍ଚାଙ୍ଗ ସମର୍ଥନ ~~କରିଥାନ୍ତି~~; ଯଥା—

'କବି ମାନେ କଳ୍ପନା କରୁ ଯୋଗ / କହିବି ମୁଁ ଶୁଣ ଆଦ୍ୟ ଉପର
କାମିନୀର ପ୍ରୀତେ ତନୁ ଛୋଟ / କାମ ଉଦ୍ଦୀପ୍ତ କି ରଙ୍ଗ ଲାଗେ
କିଶୋର ଓ ରସିକ ଉଦ୍ଧାର ମନ / କରୁ ଅଳଙ୍କାରରେ ଲୀଳା ସ୍ୱପ୍ନ
କୀର୍ତ୍ତି ଦେଉଁ ଯେ ଦେଶ ସଂସାରେ / କହି ଦାବ ହୁଏ କବିଜନରେ ।'‡

---

* ରଘୁନାଥ ହରିଚନ୍ଦନ – ଲୀଳାବତୀ (ପୋଥି - ପାଣ୍ଡୁଲିପି)

‡ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା – ଯୁଗଳ ରସାମୃତ ଲହରୀ - ପାଣ୍ଡୁଲିପି

ପ୍ରାଚୀନ କବିଙ୍କ ଦୃଷ୍ଟିରେ କାବ୍ୟରଚନା ଏକ ଶ୍ରମସାପେକ୍ଷ କଳା ହୋଇ ବିବେଚିତ ହେବାର କାରଣ ହେଉଛି ଏହି ଯେ, ଏଥିରେ ଅନୁଭୂତିର ସ୍ୱଚ୍ଛ ନିଃସରଣ ଅପେକ୍ଷା ବୁଦ୍ଧି, ଜ୍ଞାନର ଲୀଳାଖେଳା ବେଶି। କାବ୍ୟ ସୃଷ୍ଟିରେ ଶବ୍ଦ ଅଳଙ୍କାର ଓ ବହୁଶାସ୍ତ୍ରର ସୂତ୍ରଙ୍କ ବିଦ୍ୟମାନ। କବି ମଧ୍ୟ ସ୍ୱୀକାର କରନ୍ତି ଯେ, କାବ୍ୟ ନାନାବିଧ ଉପାଦାନରେ ଗଠିତ। ଏଥିରେ ବାକ୍ୟ ଶବ୍ଦସମ୍ଭାର କୋଷଗ୍ରନ୍ଥରୁ ଗୃହୀତ, ପଦ ସମୂହ ବ୍ୟାକରଣ ସମ୍ମତ। ଛନ୍ଦରେ ଚମତ୍କାରିତା ଓ କାବ୍ୟ-ସୌନ୍ଦର୍ଯ୍ୟ ଲାଗି ଲୋଡ଼ା ଅଳଙ୍କାର। ପୁଣି ଏହା କାବ୍ୟ ଶ୍ରୁତିମଧୁର, ରସପ୍ରଦ, ଜ୍ଞାନ-ସମୃଦ୍ଧ ଏବଂ ଉପାଖ୍ୟାନ-ସମାଶ୍ରୟ ହେବ, ସେଥିଲାଗି ଦରକାର ଶ୍ରୁତି, ପୁରାଣ, ସ୍ମୃତି, ନୀତିଶାସ୍ତ୍ର, ଭାଗବତ, ସଂଗୀତଶାସ୍ତ୍ର, ଛନ୍ଦଶାସ୍ତ୍ର, ଜ୍ୟୋତିଷ, ଆୟୁର୍ବେଦ, ପ୍ରଭୃତି ସମସ୍ତର ସମାହାର* ଏପରି ବହୁ ବିଧାନ ଓ ଶାସ୍ତ୍ରଜ୍ଞର ସଂଯୋଜନ ଘେନି ଯଦି କାବ୍ୟଟି ରଚିତ ହୋଇପାରେ, ତେବେ ତାହା ସଫଳ କାବ୍ୟର ଗୌରବ ଲାଭ କରେ। ତେଣୁ ଆମକୁ ପ୍ରାଚୀନ କାବ୍ୟ-ରଚନାର ପରମ୍ପରା ସଂପୃକ୍ତ ଜ୍ଞାନ-ଲୋଡ଼ା। ଏଣୁ କାବ୍ୟ-ରଚନା-କଳା ଏପରି ସୂକ୍ଷ୍ମ ଶ୍ରମସାପେକ୍ଷ କି ନ ହେବ କାହିଁକି?

---

* କୋଷାନ୍ତୁ ଶବ୍ଦ ବ୍ୟାକରଣ ପଦସିଦ୍ଧି / ଅଳଙ୍କାର ଅଳଙ୍କାର କାବ୍ୟମାର୍ଗ ଜ୍ୟୋତିଷ ଗ୍ରହଚକ୍ର ସଙ୍ଗୀତ ରାଗ / ଶାସ୍ତ୍ରେ ଭଗବଦ୍ଦ ସମ୍ପୂର୍ଣ୍ଣ ପର୍ବ ଭାଗ ସିଦ୍ଧି ହେ। ନୀତିଶାସ୍ତ୍ରେ ନୀତି ପୁରାଣରୁ କଥାବହୁଳ / ଶାଳୀହୋତ୍ରେ ଅଶ୍ୱଗତି କୋହଳ ବୈଦ୍ୟଶାସ୍ତ୍ରରୁ ଚିକିତ୍ସା ଗତିମାର୍ଗ ତନ୍ତ୍ର / ଜବତ୍ତୁବ ଗ୍ରହ ଗୁଣ ଗୋଲୋକ ହେ। ଦିଶାରେ ଛନ୍ଦ ଅଷ୍ଟାଦଶ ବିଦ୍ୟା ଶିକ୍ଷା / କରିଥିବାରୁ ବର୍ଣ୍ଣନା ଏଣିକି କରି କବାଟି (କୁଞ୍ଜବିହାରୀ ଭ୍ରମର ବରବର (ଉପୋଦ୍ଧାତ)) - ଶ୍ରମଶୀଳ କାବ୍ୟ - ଲେଖ୍ୟ-ଚିତ୍ର

କିନ୍ତୁ କାବ୍ୟ-ରଚନାରେ ଉଚ୍ଚକୋଟି ଅଳଙ୍କାର କିମ୍ବା ଅଭିବ୍ୟକ୍ତିର ଆଡ଼ମ୍ବର ଅନେକାଂଶରେ ସହଜ ଭାବ-ବିନିମୟର ପ୍ରତିବନ୍ଧକ ହୋଇଥିବା ପ୍ରାଚୀନ କାବ୍ୟ-ସମାଜ ତାହା ପ୍ରତି ବିଶେଷ ଧ୍ୟାନ ଦେଉଥିଲେ। ତେଣୁ ଭୂଷଣ କାବ୍ୟର ସୌନ୍ଦର୍ଯ୍ୟ ବର୍ଦ୍ଧକ ଲକ୍ଷଣ ହୋଇ ପରବର୍ତ୍ତୀ କାଳରେ କାବ୍ୟ-ଶାସ୍ତ୍ରୀ ମାନଙ୍କ ଦ୍ୱାରା ବିବେଚିତ ହେଲା ନାହିଁ। କାରଣ ସାହିତ୍ୟ-ସର୍ଜନାର ମୌଳିକ ଆଧାର ହେଉଛି ଅନୁଭୂତିର ସ୍ୱଚ୍ଛ-ସ୍ଫୂର୍ତ୍ତି ପରିପ୍ରକାଶ ହିଁ ବଡ଼ କଥା, ଅଳଙ୍କାର ଏକ ଉପକରଣ ମାତ୍ର।

ମଧ୍ୟଯୁଗୀୟ କାବ୍ୟ-ଜଗତରେ ଅଳଙ୍କାରକୁ ରସର ବିକାଶ ପାଇଁ କାବ୍ୟ-ସର୍ଜନାର ଉପଯୋଗିତା ଦୃଷ୍ଟିରୁ ଗୁରୁତ୍ୱ ଆରୋପିତ ହୋଇଥିଲା। କାବ୍ୟାଦି ରଚନାର ସାମଗ୍ରୀ ରୂପେ ଗ୍ରହଣ କରାଯାଉଥିଲା। 'କାମ ସାହିତ୍ୟ'ର ଧାତୁ ପୂରଣ କରି ତାହା ନବୋଦ୍ଭେଦ୍ୟ ହୋଇଛି, ସଙ୍କେତ [illegible] ନେଇ — ଯେପରି ପାଞ୍ଚଟି ମଧ୍ୟ କବି ମାନଙ୍କ କାବ୍ୟ [illegible] କବିମାନେ ସାହିତ୍ୟ ଆଦିରେ କାବ୍ୟାଦି ଗ୍ରହଣ କରିଥିଲେ, ଯେପରି— 'ସ୍ତ୍ରୋତ୍ର ପଦର ଯୋଗ ସାହିତ୍ୟର ରସ [illegible] ପ୍ରକାଶ ହେଉଥାଏ।*

ରସ ବା ରସଗୀତ ନାମରେ ମଧ୍ୟ କାବ୍ୟ / ସାହିତ୍ୟାଦି ପ୍ରଣୀତ ହୋଇ ଥିଲା [illegible]।

କବି ବିଷ୍ଣୁ ଦାସ (୧୫ଶ ଶତାବ୍ଦୀ) ଆପଣା କାବ୍ୟ 'ପ୍ରେମଲୋଚନା' କୁ 'ବିଳାସ ରସ' ନାମରେ ଆଖ୍ୟାୟିତ କରିଛନ୍ତି,—

---

* ବିଷ୍ଣୁ ଦାସ - ପ୍ରେମଲୋଚନା - [illegible]/୪ ପଦ

‘ଶୃଙ୍ଗାର ପଣ କି ମୁଁ କୃଷ୍ଣ ଦାସ / ପ୍ରେମ ଲୋଚନା ବିଳାସ ରସ
ବାହାରେ କଥା ଲଭୁଅ ଅନେକ ରସ / ଏକାଳେ ଭଜନ ନ ଥିଲେ ଦୋଷ ।xx:
ଭକ୍ତିକି ଭଜନ କି ସ୍ଥାନରେ ଆଗେ / କହିବି ଶୀଘ୍ର ଶ୍ରୀଲ ପ୍ରଧାନେ ।※

ଏଥିରୁ ସ୍ପଷ୍ଟ ହୁଏ, ‘ବିଳାସ ରସ’ ସଂପର୍କରେ ସେ ଦେଇଛନ୍ତି ‘ପ୍ରେମ ଲୋଚନା’ ନାମକ ଗ୍ରନ୍ଥରେ । ତେବେ କିଏ ‘ବିଳାସ ରସ’ ଅଭିଧାନରେ ସଂଜ୍ଞାସିଦ୍ଧ କି ? ନାମରୁ ଜଣା- ଯାଏ ଯେ, ଅନୁଭୂତ ହୁଏ ଯେ, ବିଳାସ ଏକ ଶୃଙ୍ଗାରି- ଅଭିଜ୍ଞତାର ପ୍ରତିପାଦକ; ଏହି ଶୃଙ୍ଗାର-ଭକ୍ତିର ଉତ୍ସାନ୍ତ ପାଦପୀଠ ରସଭୋଗ । ରସ ହେଉଛି ଆସ୍ୱାଦ୍ୟ ବସ୍ତୁ । ରସ-ବୀଜରୁ କାବ୍ୟର ସୃଷ୍ଟି; ପରିକଳ୍ପିତ ସୃଷ୍ଟିରେ ରସାନୁଭୂତିର ଉନ୍ମେଷ । କାବ୍ୟର ଆଦି ଅନ୍ତ — ସର୍ବତ୍ର ରସର ପ୍ରବାହ ଏବଂ ସ୍ୱାଭାବିକ ଓ ସ୍ୱଚ୍ଛଳ ହେଲେ ସିନା କାବ୍ୟର ମର୍ଯ୍ୟାଦା ।

ରସ ସୃଷ୍ଟି ଲାଗି [illegible] ଲେଖା କବି [illegible] ରହିଛି । କବି କୃଷ୍ଣଦାସ ଏହି ପରମ୍ପରାର ଅନୁଗାମୀ — [illegible] [illegible] ଏହି ସନ୍ଦେହ । [illegible] ‘[illegible] ବିନ୍ଦୁ [illegible] । [illegible]’ (ପ୍ରେମଲୋଚନା-୧ମ/୧୦ ପଦ) [illegible] [illegible] କୃଷ୍ଣଦାସଙ୍କ [illegible] ।

ଶ୍ରେଣୀ

ପଦ୍ୟ

※ କବି କୃଷ୍ଣ ଦାସ - ପ୍ରେମଲୋଚନା - ୧ମ ଛାନ୍ଦ/୨ ଓ ୪ ପଦ

ଏଷଣାର ପ୍ରଥମ ସଂଖ୍ୟାର ପ୍ରଚ୍ଛଦ





ଓଡ଼ିଆ
ଗବେଷଣା ପରିଷଦ ମୁଖପତ୍ର.

ସାରସ୍ୱତ ଉପାସକ କ୍ଷେତ୍ରବାସୀ ❑ ୧୪୧

ସହାୟକ ଗ୍ରନ୍ଥସୂଚୀ

୧. ନାୟକ, କ୍ଷେତ୍ରବାସୀ- ଫୁଲର କବର (ଗଳ୍ପ ସଂକଳନ, ୧୯୬୭), ଆତ୍ମପ୍ରକାଶନୀ, ବଲାଙ୍ଗିର

୨. ନାୟକ, କ୍ଷେତ୍ରବାସୀ- ଉଚ୍ଚାରଣ (କବିତା ସଂକଳନ, ୧୯୬୯), ଆତ୍ମପ୍ରକାଶନୀ, ବଲାଙ୍ଗିର

୩. ନାୟକ, କ୍ଷେତ୍ରବାସୀ- ସାହିତ୍ୟର ସାମାନ୍ୟକଥନ(୧୯୭୦), ସାଥୀମହଲ, କଟକ

୪. ନାୟକ, କ୍ଷେତ୍ରବାସୀ- ସାହିତ୍ୟିକ ବୀକ୍ଷା ଓ ନିରୀକ୍ଷା (ଆଲୋଚନା, ୧୯୭୦), ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

୫. ନାୟକ, କ୍ଷେତ୍ରବାସୀ- କବି ନୀଳକଣ୍ଠ(ଜୀବନୀ, ୧୯୭୬), ବିଜୟ ବୁକ୍ ଷ୍ଟୋର, ବ୍ରହ୍ମପୁର

୬. ନାୟକ, କ୍ଷେତ୍ରବାସୀ- ଆଧୁନିକ ଓଡ଼ିଆ କାବ୍ୟସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ (ଗବେଷଣା ନିବନ୍ଧ,୧୯୭୭), ପୁସ୍ତକ ଭଣ୍ଡାର, ବ୍ରହ୍ମପୁର

୭. ନାୟକ, କ୍ଷେତ୍ରବାସୀ- ଆଲୋଚନା ପତ୍ର (ଆଲୋଚନା, ୧୯୭୯), ସାଥୀ ମହଲ, କଟକ

୮. ନାୟକ, କ୍ଷେତ୍ରବାସୀ-ସାହିତ୍ୟ ଚର୍ଚ୍ଚା(ଆଲୋଚନା, ୧୯୮୨), ବୁକ୍ସ୍ ଆଣ୍ଡ ବୁକ୍ସ୍, କଟକ

୯. ନାୟକ, କ୍ଷେତ୍ରବାସୀ- କବି ଓ କାମିନୀ (ଆଲୋଚନା, ୧୯୮୨), ଉତ୍କଳିକା, କଟକ

୧୦. ନାୟକ, କ୍ଷେତ୍ରବାସୀ-କବି ଅର୍ଜୁନ ଦାସ(ମନୋଗ୍ରାଫ୍,୧୯୮୩),ସାରସ୍ୱତ ପ୍ରକାଶନୀ, କଟକ

୧୧. ନାୟକ, କ୍ଷେତ୍ରବାସୀ-ନାରୀକବି ଅନ୍ନପୂର୍ଣ୍ଣା : କବି ଚରିତ କାବ୍ୟଚର୍ଚ୍ଚା (ଜୀବନୀ, ୧୯୮୩), ପୁସ୍ତକ ଭଣ୍ଡାର, ବ୍ରହ୍ମପୁର।

୧୨. ନାୟକ, କ୍ଷେତ୍ରବାସୀ-କାବ୍ୟପୁରୁଷର କଥା (୨୦୦୩), ଓଡ଼ିଆ ଗବେଷଣା ପରିଷଦ, କଟକ।

୧୩. ପାତ୍ର, ଡକ୍ଟର ହରେକୃଷ୍ଣ, ବେହୁରା, ଶ୍ରୀ ସୁଧୀରଚନ୍ଦ୍ର, ନାୟକ, ଡକ୍ଟର ଲାବଣ୍ୟ-କ୍ଷେମଙ୍କର କ୍ଷେତ୍ରବାସୀ(କ୍ଷେତ୍ରବାସୀ ନାୟକ : ସୃଷ୍ଟି-ସମୀକ୍ଷା ଓ ସ୍ମୃତିଚିତ୍ର, ସଂପାଦନା, ୨୦୧୦), ଓଡ଼ିଆ ଗବେଷଣା ପରିଷଦ, କଟକ-୧୦

୧୪. ବେହୁରା, ଶ୍ରୀ ସୁଧୀରଚନ୍ଦ୍ର- କ୍ଷେତ୍ରବାସୀ ନାୟକ ସର୍ଜନା ସମ୍ଭାର(ଗ୍ରନ୍ଥାବଳୀ, ପ୍ରଥମ ପର୍ବ, ୨୦୧୩, ଦ୍ୱିତୀୟ ସଂସ୍କରଣ), ଅକ୍ଷର କଲ୍ୟାଣୀ ନଗର, କଟକ-୧୩

୧୫. ବେହୁରା, ଶ୍ରୀ ସୁଧୀର ଚନ୍ଦ୍ର- ସଂପାଦକ କ୍ଷେତ୍ରବାସୀ(ପ୍ରବନ୍ଧ ଓ ଆଲୋଚନା, ୧୯୯୦), ସାରସ୍ୱତ ପ୍ରକାଶନୀ, ଶ୍ରୀ ଅରବିନ୍ଦ ନଗର, କଟକ-୧୦

୧୬. ଏଷଣା- ପ୍ରଥମ ଖଣ୍ଡ, ୧୯୮୦- ସଂପାଦନା- ଡକ୍ଟର କ୍ଷେତ୍ରବାସୀ ନାୟକ- ଓଡ଼ିଆ ଗବେଷଣା ପରିଷଦ, ସାରସ୍ୱତ ନିଳୟ, କଟକ-୩.

୧୭. ଏଷଣା- ଦ୍ୱାଦଶ ଖଣ୍ଡ, ୧୯୮୬- ସଂପାଦନା - ଡକ୍ଟର ଲାବଣ୍ୟ ନାୟକ-ଓଡ଼ିଆ ଗବେଷଣା ପରିଷଦ, ସାରସ୍ୱତ ନିଳୟ, ଶ୍ରୀ ଅରବିନ୍ଦ ନଗର, କଟକ-୧୦

ଇତିହାସେ ମିଶେ ସବୁ,
ସମୟ ଓ ମଣିଷ ଆୟୁଷ ।
ଅତିକ୍ରମି ସମୟର କକ୍ଷ,
ଜୀବନେ ରଚିବା ଆମେ ନୂଆ
ଇତିହାସ ।



ପ୍ରବନ୍ଧ-ସମାଲୋଚନା-ଫିଚର
ଓ ଶିଶୁ ସାହିତ୍ୟ କ୍ଷେତ୍ରରେ
ନିଜର ସ୍ୱତନ୍ତ୍ର ସ୍ୱାକ୍ଷର ରଖିଥିବା
ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ(୪ ମଇ ୧୯୬୭)
'ଅମର ଶହୀଦ : ଅମର ସନ୍ତାନ(୧ମ ଓ ୨ୟ ଭାଗ)',
'ମହାନ୍ ମୁନିମନୀଷୀ', 'ସାଧନାଦୀପ୍ତ ସୃଜନଶିଳ୍ପୀ',
'୫୦ଶ୍ରେଷ୍ଠ କ୍ରୀଡ଼ାନାୟକ', 'ଗୌରୀଶଙ୍କର ରାୟ',
'ପ୍ରଜ୍ଞାପୁରୁଷ ପଠାଣି ପଟ୍ଟନାୟକ',
'ଭୁଲିହେବନି ସେମାନଙ୍କୁ' ଆଦି
ଜୀବନୀ ଓ ଜୀବନଭିତ୍ତିକ ପୁସ୍ତକର ରଚୟିତା ।
ଓଡ଼ିଆ ସାହିତ୍ୟର ଖ୍ୟାତିସଂପନ୍ନ ଗବେଷକ,
ସର୍ଜନଶୀଳ ସ୍ରଷ୍ଟା, ପତ୍ରିକା ସଂପାଦକ
ଓ ସାହିତ୍ୟ ସଂଗଠକ ଡକ୍ଟର କ୍ଷେତ୍ରବାସୀ ନାୟକଙ୍କ
ସାଧନାମୟ ଜୀବନକୁ ନେଇ
ଡକ୍ଟର ଚାନ୍ଦଙ୍କ ଲିଖିତ 'ସାରସ୍ୱତ ଉପାସକ କ୍ଷେତ୍ରବାସୀ'
ଓଡ଼ିଆ ଜୀବନୀ ସାହିତ୍ୟର ଇତିହାସରେ
ଏକ ଉଲ୍ଲେଖନୀୟ ସଂଯୋଗ ।



ଓଡ଼ିଆ ଗବେଷଣା ପରିଷଦ